ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜୁନ୍ ୨୮/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 28/2025 Page 20 ₹ 7.00
୫୧ଶ ଭାଗ ୨୧୩ ସଂଖ୍ୟା VOLUME 51 ISSUE 213 ମୂଲ୍ୟ ₹୭/-
www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul

# ବିଳମ୍ବରେ ଗଡ଼ିଲା ନନ୍ଦିଘୋଷ



ପୁରୀ ଶ୍ରୀମନ୍ଦିର ସମ୍ମୁଖ ବଡ଼ଦାଣ୍ଡରେ ଶୁକ୍ରବାର କିଛିବାଟ ଗଲା ପରେ ଅଟକି ରହିଥିବା ନନ୍ଦିଘୋଷ ।

## ବଡ଼ଦାଣ୍ଡରେ ଭକ୍ତ- ଭଗବାନ ଏକାକାର

**ପୁରୀ,୨୭।୬(ଅଜିତ୍ କୁମାର ମହାନ୍ତି)**

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଶୁକ୍ରବାର ବିଶ୍ୱନିୟନ୍ତାଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଭକ୍ତ ଓ ଭଗବାନଙ୍କ ମିଳନ ଘଟିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ଶ୍ରୀମନ୍ଦିରରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସି ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ନବଦିନାତ୍ମକ ଯାତ୍ରା କରିଛନ୍ତି। ଅନେକ ଲକ୍ଷ ଭକ୍ତଙ୍କ ଗହଣରେ ଗଡ଼ିଛି ଦାରୁବିଗ୍ରହଙ୍କ ତିନିରଥ। ଘଣ୍ଟଘଣ୍ଟା, ନୃତ୍ୟ ସଙ୍ଗୀତ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଓ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ବଡ଼ଦାଣ୍ଡ। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ୧୦ ମିନିଟ୍ ବିଳମ୍ବରେ ରଥଟଣା ଆରମ୍ଭ ହୋଇଥିଲା। ଆଧ୍ୟାତ୍ମିକ ପରିବେଶ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଦୁଇ ଦକ୍ଷ ଅଧିକାରୀ**









# କର୍ମଚାରୀଙ୍କ ପାରଦର୍ଶିତା ମାପିବେ ସରକାର

- ଆଇ-ଗଟ୍ କର୍ମଯୋଗୀ ସହ ଯୋଡ଼ାହେବ ବାର୍ଷିକ କାର୍ଯ୍ୟଦକ୍ଷତା
- ତ୍ୱରିତ୍ ପଦକ୍ଷେପ ଲାଗି ସବୁ ବିଭାଗକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୭।୬(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ଅଧୀନ ଅଧିକାରୀ ଓ କର୍ମଚାରୀମାନେ ଯେଭଳି କାର୍ଯ୍ୟକ୍ଷେତ୍ରରେ ଠକି ନ ପାରିବେ ତାହାକୁ ନେଇ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯିବାକୁ ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ କର୍ମଚାରୀଙ୍କ ପାରଦର୍ଶିତା ବଢ଼ାଇବା ପାଇଁ କାର୍ଯ୍ୟକାରୀ ହେଉଥିବା 'ଆଇ ଗଟ୍ କର୍ମଯୋଗୀ'କୁ କର୍ମଚାରୀଙ୍କ ବାର୍ଷିକ ପର୍ଫର୍ମାନ୍ସ ଆପ୍ରାଇଜାଲ ରିପୋର୍ଟ(ପିଏଆର୍) ସହିତ ଯୋଡ଼ାଯିବ; ଯାହାଫଳରେ ପ୍ରତ୍ୟେକ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା ସମ୍ପର୍କରେ ସରକାର ତ୍ୱରିତ୍ ଜାଣିପାରିବେ। ଏହାକୁ ତ୍ୱରାନ୍ୱିତ କରିବା ଲାଗି ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଚଳିତମାସ ୧୬ରେ ସମସ୍ତ ବିଭାଗ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ମୁଖ୍ୟସଚିବ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ,ଏଚ୍ଆର୍ଏମ୍ଏସ୍ ପୋର୍ଟାଲ ସହିତ ଆଇ ଗଟ୍ କର୍ମଯୋଗୀର ମିଶ୍ରଣ ହେବ। ଏହାପରେ ଏଚ୍ଆର୍ଏମ୍ଏସ୍ ପୋର୍ଟାଲର ଉନ୍ନତୀକରଣ କରାଯାଇ ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ପୂରଣ କରାଯିବା ସହିତ ବିକଶିତ ଭାରତ ଲକ୍ଷ୍ୟ ସାଧନ କରାଯିବ। ସବୁ ବିଭାଗ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀଙ୍କୁ ଟାର୍ଗେଟ ପୂର୍ବକ କାର୍ଯ୍ୟ ପ୍ରଦାନ କରିବେ। ଏହାସହିତ ଉକ୍ତ କାର୍ଯ୍ୟ ଦକ୍ଷତାକୁ ବାର୍ଷିକ କାର୍ଯ୍ୟଦକ୍ଷତା ରିପୋର୍ଟରେ ସଂଲଗ୍ନ କରାଯିବ।

ତିନୋଟି ପର୍ଯ୍ୟାୟରେ ଏହାକୁ କାର୍ଯ୍ୟକାରୀ କରାଯିବ। ପ୍ରଥମ ପର୍ଯ୍ୟାୟରେ ଆଇ ଗଟ୍ କର୍ମଯୋଗୀରେ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯିବ। ଅତି କମ୍‌ରେ ୨୦ ଘଣ୍ଟା ପର୍ଯ୍ୟନ୍ତ ଅନ୍‌ଲାଇନରେ ତାଲିମ ନେବା କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ରେକର୍ଡ ମଧ୍ୟ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ୨୦୩୬ ବିକଶିତ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତର ଥିବା ଲକ୍ଷ୍ୟ ହାସଲ ଲାଗି ବିଭାଗଗୁଡ଼ିକ କାର୍ଯ୍ୟ କରିବେ। ତୃତୀୟ ପର୍ଯ୍ୟାୟରେ ସମ୍ପୃକ୍ତ ଅଧିକାରୀଙ୍କୁ ପରୀକ୍ଷା କରାଯାଇ ରେକର୍ଡଭୁକ୍ତ କରାଯିବ। ଏହି ସମୟରେ ଅଧିକାରୀଙ୍କ ଜ୍ଞାନ, ଦକ୍ଷତା ମପାଯିବ। ଏହି କ୍ଷେତ୍ରରେ ଗୋପବନ୍ଧୁ ଏକାଡେମୀ ସମନ୍ୱୟ ରକ୍ଷାକରି କାର୍ଯ୍ୟ ସମ୍ପାଦନା କରିବେ। କେଉଁଠାରେ ଆଇ ଗଟ୍ କର୍ମଯୋଗୀ ପରୀକ୍ଷା ହେବ ତାହା ଗୋପବନ୍ଧୁ ଏକାଡେମୀ ନିର୍ଦ୍ଧାରଣ କରିବ। ଜୁଲାଇ ୩୧ ସୁଦ୍ଧା ଏହି କାର୍ଯ୍ୟକ୍ରମକୁ ସିଏମ୍‌ଜିଆଇ ପ୍ରତ୍ୟେକ ବିଭାଗରେ କାର୍ଯ୍ୟାନ୍ୱୟନ କରିବେ। ଅଗଷ୍ଟ ପହିଲାରୁ ସମସ୍ତ ପବ୍ଲିକ ସେକ୍ଟର ୟୁନିଟରେ କାର୍ଯ୍ୟକାରୀ ହେବ ଏବଂ ଅକ୍ଟୋବର ପହିଲା ସୁଦ୍ଧା ସମସ୍ତ କାର୍ଯ୍ୟ ଯେପରି ଶେଷ ହେବ ତାକୁ ଦୃଷ୍ଟିରେ ରଖି କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ମୁଖ୍ୟ ସଚିବ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ବଣ୍ଠପାଳ,୨୭।୬ (ସୁବାସ ସାହୁ):** ଅନୁଗୋଳ ଜିଲା ବଣ୍ଠପାଳ ବ୍ଲକ ଲଙ୍ଗୁଳିଆବେଡ଼ା ଗ୍ରାମ ନିକଟରେ ଶୁକ୍ରବାର ହାତୀ ଆକ୍ରମଣରେ ଖଳିପଦା ସାହିର ବ୍ରଜବନ୍ଧୁ ସାହୁ (୬୫)ଙ୍କ ମୃତ୍ୟୁ ହୋଇଛି। ସେ ଗ୍ରାମ ନିକଟ ତାସିରୀ ମଠ ଭାଗବତ ଟୁଙ୍ଗୀରୁ ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୭ଟା ୩୦ରେ ଏକ ଦନ୍ତା ହାତୀ ସମ୍ମୁଖରେ ପଡ଼ିଯାଇଥଲେ। ହାତୀଟି ବ୍ରଜବନ୍ଧୁଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଗ୍ରାମବାସୀ ଓ ପରିବାର ଲୋକେ କ୍ଷତିପୂରଣ ପାଇଁ ଦାବି କରିଥିବା ବେଳେ ବଣ୍ଠପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି।

DSPL - 152



ପବିତ୍ର ରଥଯାତ୍ରା ଅବସରରେ
ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ ଅବଲମ୍ବନ କରନ୍ତୁ
ଏବଂ ସୁରକ୍ଷିତ ରୁହନ୍ତୁ ।

ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ପବିତ୍ର ରଥଯାତ୍ରାର ଆୟୋଜକମାନଙ୍କୁ ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ଅନୁରୋଧ କରାଯାଉଛି ।

- ରଥକୁ ନିର୍ଦ୍ଧାରିତ ମାର୍ଗରେ ସୁରକ୍ଷିତ ଭାବରେ ନେବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାନ୍ତୁ ।
- ପୂଜାପେଣ୍ଡାଲ, ଯାତ୍ରାସ୍ଥଳୀ, ହୋଟେଲ, ଦୋକାନ ବଜାର ଅଧିକ ଜନସମାଗମ ସ୍ଥାନରେ ବୈଦ୍ୟୁତିକ ଉପକରଣର ସୁରକ୍ଷା ଯାଞ୍ଚ ପାଇଁ ସ୍ଥାନୀୟ ବିଦ୍ୟୁତ୍ ନିରୀକ୍ଷକଙ୍କୁ ଲିଖିତ ଭାବେ ଅବଗତ କରାନ୍ତୁ ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ (ବିଦ୍ୟୁତ୍) ନିରୀକ୍ଷକ

OIPR-04025/13/0010/2526

# ରଥଯାତ୍ରାର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାହୁଲ

## ଶାହା, ନଡ୍ଡା ମଧ୍ୟ ଶୁଭେଚ୍ଛା ବାର୍ତ୍ତା ଦେଲେ

**ଭୁବନେଶ୍ୱର,୨୭।୬(ସୁନିତ୍ ମିଶ୍ର)**

ପବିତ୍ର ରଥଯାତ୍ରା ଉପଲକ୍ଷେ ଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି କହିଛନ୍ତି, ମହାପ୍ରଭୁ ଆମ ପାଇଁ ଆରାଧ୍ୟ ଏବଂ ପ୍ରେରଣା ମଧ୍ୟ। ଜଗନ୍ନାଥ ଅଛନ୍ତି ତ ଜୀବନ ଅଛି। ଭଗବାନ୍ ଜଗନ୍ନାଥ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ନଗର ଭ୍ରମଣରେ ବାହାରିଛନ୍ତି। ରଥଯାତ୍ରାର ଏକ ସ୍ୱତନ୍ତ୍ର ପରିଚୟ ସାରା ଦୁନିଆରେ ରହିଛି। ଓଡ଼ିଶାର ପୁରୀରେ ରଥଯାତ୍ରା ଅଦ୍ଭୁତ। ଏହି ଯାତ୍ରା ଏକ ଭାରତ ଶ୍ରେଷ୍ଠ ଭାରତର ପ୍ରତିବିମ୍ବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି କହିଛନ୍ତି, ପବିତ୍ର ରଥଯାତ୍ରା ଉପଲକ୍ଷେ ଦେଶ ଓ ବିଦେଶରେ ରହୁଥିବା ଜଗନ୍ନାଥ ଭକ୍ତମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ରଥ ଉପରେ ବିଜେ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ଦର୍ଶନକରି ଲକ୍ଷାଧିକ ଭକ୍ତ ଦିବ୍ୟ ଅନୁଭୂତି ଲାଭ କରିଥାଆନ୍ତି। ଶ୍ରୀଜୀଉମାନଙ୍କ ମାନବୀୟ ଲୀଳା ହିଁ ରଥଯାତ୍ରାର ବିଶେଷତ୍ୱ। ସାରା ପୃଥିବୀରେ ଶାନ୍ତି, ମୈତ୍ରୀ ଓ ସମ୍ପ୍ରୀତି ଅବ୍ୟାହତ ରହୁ, ଏହି ପୁଣ୍ୟ ଅବସରରେ ଏହା ତାଙ୍କର ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ବୋଲି ରାଷ୍ଟ୍ରପତି କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଧ୍ୟ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି କହିଛନ୍ତି, ରଥଯାତ୍ରା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଆସ୍ଥା ଓ ବିଶ୍ୱାସର ଏକ ଅନନ୍ୟ ସଙ୍ଗମ, ଯାହା ଭକ୍ତି, ସଂସ୍କୃତି ଏବଂ ଐତିହ୍ୟକୁ ଏକାଠି ସଂରକ୍ଷଣ କରି ଆଗକୁ ବଢ଼ିବା ତାଙ୍କ ମୂଳତତ୍ତ୍ୱ ବୋଲି ଦର୍ଶାଏ। ସମସ୍ତଙ୍କ କଲ୍ୟାଣ ଏବଂ ପ୍ରଗତି ପାଇଁ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ମାତା ସୁଭଦ୍ରାଙ୍କ ନିକଟରେ ପ୍ରାର୍ଥନା ବୋଲି ସେ ଉଲ୍ଲେଖ କରିଛନ୍ତି।

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା। ଏହି ପବିତ୍ର ରଥଯାତ୍ରା ଲୋକଙ୍କ ମନରେ ଧାର୍ମିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଏହାକୁ ଏକ ନୂତନ ଉତ୍ସାହ ପ୍ରଦାନ ପାଇଁ ପ୍ରେରିତ କରୁଛି। ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା, ବିଶ୍ୱାସ ଏବଂ ଭକ୍ତିରେ ପରିପୂର୍ଣ୍ଣ ଏହି ଯାତ୍ରା ସମସ୍ତ ଦେଶବାସୀଙ୍କ ଜୀବନରେ ସୁଖ, ସୌଭାଗ୍ୟ ଏବଂ ସମୃଦ୍ଧି ଆଣିଦେଉ ବୋଲି ସେ କହିଛନ୍ତି।

ସେହିପରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତାଙ୍କ ଏକ୍ସ ହ୍ୟାଣ୍ଡେଲ ଜରିଆରେ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା। ଆଶା, ଏହି ଶୁଭ ପର୍ବ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆଣିଦେଉ ବୋଲି ସେ କହିଛନ୍ତି।

# ୩୦ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୭।୬(ସୁନିତ୍ ମିଶ୍ର):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୩୦ ତାରିଖ ସକାଳ ୧୦ଟା ୩୦ରୁ ୟୁନିଟ୍-୨ ଅଶୋକନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ(କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଶୁକ୍ରବାରଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରାଯିବା ପର୍ଯ୍ୟନ୍ତ ଖୋଲାରହିବ। ଏଥିଲାଗି ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ(https://janasunani.odisha.gov.in/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ମୋବାଇଲ ଫୋନ୍ ଦ୍ୱାରା ଉଦ୍ଦିଷ୍ଟ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରି ଗୁଗ୍‌ଲ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିବାର ସୁବିଧା ବ୍ୟବସ୍ଥା ମଧ୍ୟ ବିଭିନ୍ନ ଖବରକାଗଜରେ ପ୍ରକାଶନ ଦ୍ୱାରା କରାଯାଇଛି। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

DSPL-154



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶିଶୁ ଶ୍ରମ ମୁକ୍ତ ଓଡ଼ିଶା
ଆମ ସଂକଳ୍ପ

ଶିଶୁଙ୍କୁ ଶିକ୍ଷାର ଅଧିକାର ଦେବା,
ଶିଶୁ ଶ୍ରମ ମୁକ୍ତ ସମାଜ ଗଢ଼ିବା

୧୪ ବର୍ଷରୁ କମ୍ ଶିଶୁଙ୍କୁ କୌଣସି ପ୍ରକାରର ବୃତ୍ତି ଏବଂ ପ୍ରକ୍ରିୟାରେ ତଥା ୧୫ ରୁ ୧୮ ବର୍ଷର କିଶୋରଙ୍କୁ ବିପଦସଂକୁଳ ବୃତ୍ତି ଏବଂ ପ୍ରକ୍ରିୟାରେ ନିୟୋଜିତ ଥିବା ଦୃଷ୍ଟିକୁ ଆସିଲେ ତୁରନ୍ତ ନିକଟସ୍ଥ ଶ୍ରମ କାର୍ଯ୍ୟାଳୟ/ ଥାନା/ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ/ ଜିଲ୍ଲାପାଳ କିମ୍ବା ନିମ୍ନରେ ଥିବା ନିଃଶୁଳ୍କ ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ

୧୦୯୮
ଚାଇଲ୍ଡ୍ ହେଲ୍ପ ଲାଇନ୍

୧୮୦୦-୩୪୫୬୭-୦୩
ନିଃଶୁଳ୍କ ଶ୍ରମିକ ସହାୟତା ନମ୍ବର



"ଶିଶୁଙ୍କୁ କାମ ନୁହେଁ
ଶିକ୍ଷାରେ ସାମିଲ କରନ୍ତୁ,
ଦେଶର ଭବିଷ୍ୟତ
ଉଜ୍ଜ୍ୱଳ କରନ୍ତୁ"

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର

OIPR-17002/13/0019/2526

DSPL-151



odisha yatri | ଓଡ଼ିଶା ଯାତ୍ରୀ

ପବିତ୍ର ଘୋଷଯାତ୍ରାର ଅଭିନନ୍ଦନ ଓ ଶୁଭେଚ୍ଛା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ଉପଲକ୍ଷେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ଯାତ୍ରୀ ଆପ୍ ମାଧ୍ୟମରେ ନିଃଶୁଳ୍କ ଅଟୋ ସେବା ପୁରୀରେ ଉପଲବ୍ଧ ହେଉଛି । ଏହି ସେବାର ଲାଭ ନିଅନ୍ତୁ ଏବଂ ସୁରକ୍ଷିତ ଯାତ୍ରା କରନ୍ତୁ ।

ନିମ୍ନଲିଖିତ ପଥରେ ଏହି ନିଃଶୁଳ୍କ ଅଟୋ ସେବା ଉପଲବ୍ଧ

- ତାଳବଣିଆରୁ ଅର୍ବାନ ହାଟ ଭାୟା ରେଳଷ୍ଟେସନ
- ଷ୍ଟର୍ଲିଂ ଠାରୁ ମଙ୍ଗଳାହାଟ



ବି:ଦ୍ର: ନିଃଶୁଳ୍କ ଅଟୋ ସେବା କେବଳ ଉପରୋକ୍ତ ରୁଟ୍ ନିମନ୍ତେ ଉପଲବ୍ଧ ।
ଦେୟଯୁକ୍ତ ଅଟୋ ନିମନ୍ତେ ତାଳବଣିଆ ରୁଟରେ ୧୦୦ ଟଙ୍କା ଓ ଷ୍ଟର୍ଲିଂ ରୁଟ୍ ପାଇଁ ୨୫୦ ଟଙ୍କା ଧାର୍ଯ୍ୟ କରାଯାଇଛି ।

ସୁରକ୍ଷିତ ଭାବରେ ଘରକୁ ଫେରନ୍ତୁ | ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

OIPR-38003/13/0076/2526




# ଖୁବ୍‌ଶୀଘ୍ର ‘୧୦୯’ ମାଗଣା ଶବବାହନ ସେବା

## ୨ରେ ମୁଖ୍ୟସଚିବଙ୍କ ଅଧ୍ୟକ୍ଷତାରେ ଚୂଡ଼ାନ୍ତ ବୈଠକ

ଭୁବନେଶ୍ୱର,୨୭।୬ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ମାଗଣା ‘୧୦୯’ ଶବବାହନ ସେବା ଆରମ୍ଭ କରାଯିବ। ଏନେଇ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍‌ଙ୍କ ଅଧ୍ୟକ୍ଷତାରେ ପ୍ରାଥମିକ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଜୁଲାଇ ୨ରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏହାର ଚୂଡ଼ାନ୍ତ ରୂପରେଖ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ସ୍ମିତା ବିଶ୍ୱାଳ ଚଳିତ ମାସ ୨୪ରେ ଗୃହ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ଓ ଅର୍ଥ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେହି ପତ୍ରରେ ସେ ଦର୍ଶାଇଛନ୍ତି ଯେ, ବିଭାଗ ପକ୍ଷରୁ ମାଗଣା ଶବବାହନ ସେବା ଲାଗି ଏକ ଚିଠା ମାର୍ଗଦର୍ଶିକା ପ୍ରସ୍ତୁତ ହେବାକୁ ଯାଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗର ସମନ୍ୱୟରେ ଏହାର ନୀତି ନିର୍ଦ୍ଧାରଣ କରାଯିବ। ସେଥିଲାଗି ବୈଠକରେ ଉପସ୍ଥିତ ରହିବାକୁ ସେ ପତ୍ରରେ ଅନୁରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ମାଗଣା ଶବବାହନ ସେବା ରାଜ୍ୟବାସୀଙ୍କୁ ବିଶେଷକରି ଆର୍ଥିକ ଦୁର୍ବଳବର୍ଗଙ୍କୁ ସହାୟକ ହେବ। ରାଜ୍ୟରେ ପୂର୍ବରୁ ଦାନ ମାଝୀଙ୍କ କ୍ଷେତ୍ରରେ ଯେଭଳି ଅସମ୍ମାନଜନକ ସ୍ଥିତି ଦେଖିବାକୁ ମିଳିଥିଲା ତାହାର ଯେପରି ପୁନରାବୃତ୍ତି ନ ହେବ ତାହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ଏହି ସେବା ମାଧ୍ୟମରେ ମୃତ ବ୍ୟକ୍ତିଙ୍କ ଶବକୁ ସମ୍ମାନର ସହିତ ତାଙ୍କ ଗୃହ କିମ୍ବା ଶ୍ମଶାନକୁ ପରିବହନ କରାଯାଇପାରିବ, ଯାହା ପରିବାରଗୁଡ଼ିକ ଉପରେ ଆର୍ଥିକ ଓ ମାନସିକ ବୋଝକୁ ହ୍ରାସ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ତେବେ ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବଜେଟ ଅଧିବେଶନ ବେଳେ ବିଧାନସଭା ସମ୍ମିଳନୀ କକ୍ଷରେ ଗଣମାଧ୍ୟମକୁ କହିଥିଲେ। ସେ କହିଥିଲେ ଯେ, ରାଜ୍ୟ ସରକାର ଖୁବ୍‌ଶୀଘ୍ର ମାଗଣା ‘୧୦୯’ ଶବ ବାହନ ସେବା ଆରମ୍ଭ କରିବେ। ଏହି ସେବା ୧୦୮ ଆମ୍ବୁଲାନ୍ସ ସେବାର ଆଦର୍ଶରେ ପରିଚାଳିତ ହେବ ଏବଂ ଏହା ସମ୍ପୂର୍ଣ୍ଣ ମାଗଣା ହେବ। ମନ୍ତ୍ରୀ କହିଥିଲେ, ଏହି ସେବା ମାଧ୍ୟମରେ ହସ୍ପିଟାଲରୁ ମୃତ ବ୍ୟକ୍ତିଙ୍କ ଶବକୁ ତାଙ୍କ ଘର କିମ୍ବା ଶ୍ମଶାନ ପର୍ଯ୍ୟନ୍ତ ପରିବହନ ସୁବିଧା ଯୋଗାଇ ଦିଆଯିବ। ଏହି ସେବା ୨୦ରୁ ୩୦ ମିନିଟ୍ ମଧ୍ୟରେ ଆବଶ୍ୟକତା ଅନୁସାରେ ପହଞ୍ଚିବ। ପ୍ରଥମ ପର୍ଯ୍ୟାୟରେ ସମସ୍ତ ଜିଲା ମୁଖ୍ୟ ହସ୍ପିଟାଲ ଏବଂ ମେଡିକାଲ କଲେଜଗୁଡ଼ିକରେ ଉପଲବ୍ଧ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ସାରା ରାଜ୍ୟରେ ଲାଗୁ କରାଯିବ। ଏହି ଯୋଜନା ପାଇଁ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ।

# ବି.ଏଡ୍ ନାମଲେଖା ସ୍ଥଗିତ

## ପ୍ରବେଶିକା ପରୀକ୍ଷାରେ ଅନିୟମିତତା ଅଭିଯୋଗ

ଭୁବନେଶ୍ୱର,୨୭।୬ (ସୁଚିସ୍ମିତା ସାହୁ)

ଦୁଇବର୍ଷିଆ ବି.ଏଡ୍(କଳା ଓ ବିଜ୍ଞାନ), ବିଏଚ୍.ଏଡ୍ ଓ ଏମ୍.ଏଡ୍‌ରେ ନାମଲେଖାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଏଥିଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଓ ନାମଲେଖା ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିବା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ନାମଲେଖା ପାଇଁ ଅଫ୍‌ଲାଇନ୍‌ରେ ହୋଇଥିବା ପ୍ରବେଶିକା ପରୀକ୍ଷାରେ ବ୍ୟାପକ ଅନିୟମିତତା କରାଯାଇଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ ଆଣିଛନ୍ତି। ପ୍ରଶ୍ନପତ୍ର ଅନୁଯାୟୀ ଅଧିକ ମାର୍କ ପାଇବାକୁ ଆଶାବାଦୀ ଥିବାବେଳେ ସ୍କୋର୍ କାର୍ଡରେ କିନ୍ତୁ କମ୍ ମାର୍କ ରହିଛି। ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ପକ୍ଷରୁ ମେଧା ତାଲିକା ପ୍ରକାଶ କରା ନ ଯାଇ ସିଧାସଳଖ ସ୍କୋର କାର୍ଡ ପ୍ରକାଶ କରାଯାଇଥିବାରୁ ଉଚ୍ଚଶିକ୍ଷା ବିଭାଗର ଅଭିଯୋଗ ଶୁଣାଣିରେ ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ। ଏହାକୁ ବିଭାଗ ଗୁରୁତ୍ୱର ସହ ନେଇ ଅଭିଯୋଗର ସତ୍ୟତା ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଯାଞ୍ଚ ପରେ ୮ଜଣ ପରୀକ୍ଷାର୍ଥୀଙ୍କ କୋଡିଂରେ ଭୁଲ୍ ହୋଇଥିବା ନେଇ ଏସ୍‌ଏସ୍‌ବି ପକ୍ଷରୁ ବିଭାଗକୁ ଲିଖିତ ଭାବେ ଅବଗତ କରାଯାଇଛି। ଏହାପରେ ଉଚ୍ଚଶିକ୍ଷା ବିଭାଗ ବି.ଏଡ୍, ଏମ୍.ଏଡ୍, ବିଏଚ୍.ଏଡ୍ ନାମଲେଖାକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି। ଏଥିସହ ଏସ୍‌ଏସ୍‌ବି ପକ୍ଷରୁ ପରୀକ୍ଷା ଖାତା ଏବଂ ମାର୍କକୁ ପୁନଃ ଯାଞ୍ଚ ପାଇଁ ଏକ କମିଟି ଗଠନ କରାଯାଇଛି। ଘଟଣାର ସମସ୍ତ ତଦନ୍ତ ଶେଷ ହେବା ପରେ ପୁନଃ ନାମଲେଖା ପାଇଁ ତାଲିକା ପ୍ରକାଶ କରାଯିବ। ଏ ସମ୍ପର୍କରେ ସାମ୍ସ ପୋର୍ଟାଲରେ ନାମଲେଖା ତାରିଖ ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




# ୩୦ରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୨୭।୬ (ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଧରି ବର୍ଷା ଜାରି ରହିଥିବାବେଳେ ଶୁକ୍ରବାର ମଧ୍ୟ ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ତେବେ ୨୯ ତାରିଖ ବେଳକୁ ଉତ୍ତର-ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳସ୍ଥ ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଘନୀଭୂତ ହୋଇ ୩୦ ତାରିଖ ବେଳକୁ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଶୁକ୍ରବାର ଭଦ୍ରକରେ ୧୭.୨ ମିମି, ଭବାନୀ ପାଟଣାରେ ୧୩,୨ ମିମି, ଦାରିଙ୍ଗିବାଡ଼ିରେ ୧୨.୦ ମିମି, ଚାନ୍ଦବାଲିରେ ୮.୯ ମିମି ଏବଂ ଯାଜପୁରରେ ୮.୦ ମିମି ବର୍ଷା ରେକର୍ଡ ହୋଇଛି। ଶନିବାର ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ବଜ୍ରପାତ ଓ ଝଡ଼କା ପବନ ନେଇ ଏସବୁ ଜିଲା ସମେତ ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଯୁବତୀଙ୍କୁ ପ୍ରତାରଣା, ପ୍ରେମିକ ଗିରଫ

ଭୁବନେଶ୍ୱର,୨୭।୬ (ଅନୁରାଧା ମହାରଣା)

ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ଜଣେ ଯୁବକଙ୍କୁ ଲିଙ୍ଗରାଜ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଲାଙ୍ଗୀର ଜିଲା ସୁନାମୁଣ୍ଡି ଅଞ୍ଚଳର ଜିତେନ୍ଦ୍ର କୁମାର ସାହୁ। ଅଭିଯୋଗକାରିଣୀ ଯୁବତୀ ଜଣକ ମଧ୍ୟ ବଲାଙ୍ଗୀର ଜିଲାର ହୋଇଥିବାବେଳେ ଗତ ୨୦୨୨ ମସିହାରେ ଭୁବନେଶ୍ୱରରେ ରହି ପାଠ ପଢୁଥିବା ବେଳେ ଏଠାରେ ଏକ ଘରୋଇ କମ୍ପାନୀରେ ଚାକିରୀ କରୁଥିବା ଜିତେନ୍ଦ୍ରଙ୍କ ସହ ସମ୍ପର୍କ ହୋଇଥିଲା। ଉଭୟଙ୍କ ମଧ୍ୟରେ ପ୍ରଥମେ ଚିହ୍ନାପରିଚୟ ହୋଇଥିଲା ଏବଂ ପରେ ପରସ୍ପରର ଘନିଷ୍ଠ ବନ୍ଧୁ ହୋଇଯାଇଥିଲେ। ଅଭିଯୋଗକାରିଣୀ ଜଣକ ଚାକିରୀ ଅନ୍ୱେଷଣରେ ଥିବା ଜାଣିବା ପରେ ଅଭିଯୁକ୍ତ ଜିତେନ୍ଦ୍ର ତାଙ୍କୁ ଇଣ୍ଟରଭ୍ୟୁ ସମ୍ପର୍କରେ କିଛିଟା ପରାମର୍ଶ ଦେବା କଥା କହି ନିଜ ଭଡା ଘରକୁ ଡାକିଥିଲେ। ୨୦୨୪ ମାର୍ଚ୍ଚ ୨୨ରେ ପୁରୁଣାଭୁବନେଶ୍ୱରସ୍ଥିତ ଅଭିଯୁକ୍ତଙ୍କ ଭଡା ଘରକୁ ଯୁବତୀ ଜଣକ ଯାଇଥିଲେ। ସେଠାରେ ଅଭିଯୁକ୍ତ ଜଣକ ତାଙ୍କୁ ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ବିବାହ କରିବାକୁ ମନା କରିବାରୁ ପୀଡିତା ଯୁବତୀ ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ରଥ ଚକତଳେ ଯୁବକଙ୍କ ଜୀବନ ଗଲା

ବ୍ରହ୍ମପୁର, ୨୭।୬ (ସୁବାସ ପାଢ଼ୀ)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗ୍ରାମରେ ଶୁକ୍ରବାର ଅପରାହ୍ନରେ ରଥଟଣା ବେଳେ ଅଘଟଣ ଘଟିଛି। ରଥ ଚକ ମାଡ଼ିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଶିବରାମ ବେହେରା (୩୨)। ଶ୍ରଦ୍ଧାଳୁମାନେ ରଥ ଟାଣିବା ବେଳେ ଭିଡ ମଧ୍ୟରେ ଶିବରାମ ତଳେ ପଡ଼ି ଯାଇଥିଲେ। ତାଙ୍କ ଉପରେ ରଥ ଚକ ମାଡିଯିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ଗ୍ରାମବାସୀ ଶିବରାମଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ ମଧ୍ୟ ମୃତ୍ୟୁ ଘଟିଛି।

# ଜନଶତାବ୍ଦୀ ଏକ୍ସପ୍ରେସ୍‌କୁ ପଥର ଫିଙ୍ଗି ଜଣେ ଗିରଫ

ଭୁବନେଶ୍ୱର,୨୭।୬ (ଅନୁରାଧା ମହାରଣା)

ହାୱଡା ଯାଉଥିବା ୧୨୦୭୪ ଜନଶତାବ୍ଦୀ ଏକ୍ସପ୍ରେସ୍‌କୁ ପଥର ଫିଙ୍ଗିବା ଘଟଣାରେ ଭଦ୍ରକ ରେଳ ସୁରକ୍ଷା ବଳ (ଆରପିଏଫ୍) ଜଣକୁ ଗିରଫ କରିଛି। ଶୁକ୍ରବାର ୮ଟା ୧୫ରେ ଖୋର୍ଦ୍ଧାରୋଡ୍ ଡିଭିଜନାଲ ସିକ୍ୟୁରିଟି କଣ୍ଟ୍ରୋଲ ପକ୍ଷରୁ ରେଳ ମଦଦ ଆପ୍ ମାଧ୍ୟମରେ ଏକ ଅଭିଯୋଗ ଆସିଥିଲା, ଯେଉଁଥିରେ ରାନ୍ଦିଆ ବାଉଦପୁର ଏବଂ ଭଦ୍ରକ ଷ୍ଟେଶନ ମଧ୍ୟରେ କୋଚ୍ ନମ୍ବର ଡି/୧୩ରେ ପଥର ଫିଙ୍ଗାବା ଯୋଗୁ ଝରକା କାଚ ଫାଟିଯାଇଥିବା ସୂଚନା ଦିଆଯାଇଥିଲା। ଏହି ଘଟଣାରେ କେହି ଆହତ ହୋଇ ନ ଥିବା ସୂଚନା ରହିଛି। ଆର୍‌ପିଏଫ୍ ଭଦ୍ରକର ଭାରପ୍ରାପ୍ତ ଇନ୍ସପେକ୍ଟର ତାଙ୍କ ଦଳ ସହିତ ପ୍ରଭାବିତ ସେକ୍ସନରେ ଟ୍ରାକ୍-ସାଇଡ୍ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଘଟଣା ସମ୍ପର୍କରେ ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଥିଲା ଏବଂ ପରେ ତାଙ୍କୁ ଗିରଫ କରାଯାଇଛି। ରେଳ ଆଇନର ଧାରା ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଭଦ୍ରକ ଏସଡିଜେଏମ କୋର୍ଟରେ ହାଜର କରାଯିବ। ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ରେଳ ମଦଦ ଆପ୍ କିମ୍ବା ରେଳ ହେଲପ୍‌ଲାଇନ ନମ୍ବର ୧୩୯ ମାଧ୍ୟମରେ ରିପୋର୍ଟ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# ହସ୍ପିଟାଲ୍‌ରୁ ଟେଲିଭିଜନ ଜରିଆରେ ରଥଯାତ୍ରା ଦେଖିଲେ ନବୀନ

ଭୁବନେଶ୍ୱର, ୨୭।୬ (ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ରଥଯାତ୍ରା ଦେଖିବାକୁ ପୁରୀ ଗସ୍ତ କରିପାରିନାହାନ୍ତି। ସେ ଏବେ ମୁମ୍ବାଇସ୍ଥିତ କୋକିଳାବେନ୍ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଯୋଗୁ ସେ ପୁରୀ ଗସ୍ତ କରିପାରିନାହାନ୍ତି। ତେଣୁ ସେ ହସ୍ପିଟାଲ ରୁମ୍ ଭିତରୁ ଟେଲିଭିଜନ ଜରିଆରେ ରଥଯାତ୍ରାର ସିଧା ପ୍ରସାରଣ ଦେଖିଥିବାର ଏକ ଭିଡିଓ ତାଙ୍କ ଫେସ୍‌ବୁକ୍‌ରେ ଛାଡ଼ିଛନ୍ତି। ଜଗନ୍ନାଥ ସାରାବିଶ୍ୱର ପ୍ରଭୁ ବୋଲି ସେଥିରେ ସେ ଉଲ୍ଲେଖ କରିଛନ୍ତି।

# ଝାଡ଼ଖଣ୍ଡର ପ୍ରତି ଯୋଗ୍ୟ ପରିବାରକୁ ବର୍ଷକୁ ୧୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା

ରାଞ୍ଚି,୨୭।୬

ଝାଡ଼ଖଣ୍ଡ ଜନସାଧାରଣ ଚିକିତ୍ସା ସେବା ପାଇବାରେ ଆଉ ଅର୍ଥ ବାଧକ ହେବ ନାହିଁ। ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ‘ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା’ରେ ପ୍ରତିବର୍ଷ ଯୋଗ୍ୟ ପରିବାରକୁ ୧୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ଯୋଗାଇ ଦିଆଯିବ। ଏହି ଯୋଜନା ଝାଡ଼ଖଣ୍ଡ ଜନସାଧାରଣଙ୍କୁ ଗୁଣବତ୍ତାପୂର୍ଣ୍ଣ ଓ ସୁଲଭ ସ୍ୱାସ୍ଥ୍ୟସେବା ପ୍ରଦାନ କରିବ। ଏହାଦ୍ୱାରା ୬୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ପରିବାର ଉପକୃତ ହେବେ। ସେମାନେ ମାଗଣାରେ ସରକାରୀ ଏବଂ ଘରୋଇ ହସ୍ପିଟାଲରେ ସାଧାରଣରୁ ଗମ୍ଭୀର ରୋଗର ଚିକିତ୍ସା ସୁବିଧା ପାଇବେ। ଲାଲ୍, ହଳଦିଆ ଏବଂ ସବୁଜ ରାଶନ କାର୍ଡଧାରୀ ଏଥିପାଇଁ ଆବେଦନ କରିପାରିବେ। ଘରେ ବସି ସେମାନେ bis.jharkhand.gov.in ପୋର୍ଟାଲ ଲଗ୍‌ଅନ୍ କରି ସ୍ୱାସ୍ଥ୍ୟବୀମା କାର୍ଡ ହାସଲ କରିବାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ କହିଛନ୍ତି।

# ନିଶାମୁକ୍ତ ସମାଜ ସରକାରଙ୍କ ଲକ୍ଷ୍ୟ:ମନ୍ତ୍ରୀ ନିତ୍ୟାନନ୍ଦ

ଭୁବନେଶ୍ୱର,୨୭।୬ (ରବିନାରାୟଣ ଜେନା)

ନିଶାସେବନ ଯୋଗୁ ପାରିବାରିକ ଓ ସାମାଜିକ ଜୀବନରେ ନାନାଦି କ୍ଷତି ପହଞ୍ଚୁଛି। ବ୍ୟକ୍ତିଗତ ସ୍ତରରେ ଲୋକମାନେ ନିଶା ଦ୍ୱାରା କବଳିତ ହୋଇ ପାରିବାରିକ ଜୀବନରେ ଅଶାନ୍ତି ସୃଷ୍ଟି ସହ ଆର୍ଥିକ ଦୁରବସ୍ଥାର ସମ୍ମୁଖୀନ ହେଉଛନ୍ତି। ନିଶାଦ୍ରବ୍ୟର ଅବୈଧ କାରବାର ଏବଂ ସଙ୍ଗଠିତ ଅପରାଧ ଯୋଗୁ ସମାଜରେ ମଧ୍ୟ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ଏକ ନିଶାମୁକ୍ତ ସମାଜ ଲକ୍ଷ୍ୟ ହାସଲ କରିବା ସରକାରଙ୍କ ଲକ୍ଷ୍ୟ ବୋଲି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ଗୁରୁବାର ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ ୨୦୨୫ ପରିପ୍ରେକ୍ଷୀରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଏକ ରାଜ୍ୟସ୍ତରୀୟ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଗଣ୍ଡ କହିଥିଲେ, ନିଶା କାରବାରକୁ ରୋକିବା ଏବଂ ନିଶାଗ୍ରସ୍ତ ଲୋକମାନଙ୍କ ଥଇଥାନ ଓ ପୁନର୍ବାସକୁ ପ୍ରାଥମିକତା ଦେବା



## ମଦଦୋକାନରେ ଆଧାର ମଗାଯାଉ: ଡା. ଅମିତ

ପାଇଁ ବୈଜ୍ଞାନିକ ତଥ୍ୟଭିତ୍ତିକ ପଦ୍ଧତି ଦ୍ୱାରା ଏହି ଆହ୍ୱାନର ମୁକାବିଲା କରାଯାଇପାରିବ। ଏଥିପାଇଁ ପାରସ୍ପରିକ ସହଯୋଗକୁ ସୁଦୃଢ଼ କରିବା ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଏହି ଅବସରରେ ଏକ ଘରୋଇ ମେଡିକାଲ କଲେଜର ଡାକ୍ତର ଅମ୍ରିତ ପାଟଯୋଶୀ କହିଥିଲେ, ଦେଶର ପ୍ରଗତିରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କ ହାତରେ କେବଳ ଗୋଟିଏ ପରିବାର ବିକାଶ ଚାବି ନ ଥାଏ, ସେମାନେ ଗୋଟିଏ ଜାତିର ମୋଟିଭେଟର। ହେଲେ ସମ୍ପ୍ରତି ଅନେକ ମହିଳା ରାସ୍ତା ଘାଟରେ ଯେଭଳି ମଦ୍ୟପାନ କରୁଛନ୍ତି ଏବଂ ସିଗାରେଟ୍ ଟାଣୁଛନ୍ତି ତାହା ଚିନ୍ତାଜନକ। ଏବେ ସାମାଜିକ ଗଣମାଧ୍ୟମରେ ବହୁ ମହିଳା ଓ ଝିଅ ମଦ୍ୟପାନ ଏବଂ ନିଶା ସେବନ କରୁଥିବା ଫଟୋ ଦେଖିବାକୁ ମିଳୁଛି। ଏହାଦ୍ୱାରା ସେମାନେ ସମାଜକୁ କେଉଁ ଦିଗରେ ନେବାକୁ ଚାହୁଁଛନ୍ତି। ଆର୍ଥିକ ଦୁର୍ବଳ ବର୍ଗଙ୍କ କ୍ଷେତ୍ରରେ ନିଶା ଏକ ବଡ଼ ଆହ୍ୱାନ ହୋଇ ଛିଡା ହୋଇଛି। ହେଲେ ଆର୍ଥିକ ସ୍ୱଚ୍ଛଳ ବର୍ଗଙ୍କ କ୍ଷେତ୍ରରେ ‘ଇଜି ଆକ୍ସେସ୍’ ଥିବାରୁ ଏହାର କୁପ୍ରଭାବ ସମାଜ ଉପରେ ପଡୁଛି। ଯଦି ଏନେଇ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଆନ୍ତା, ଯେପରି କି ମଦ୍ୟପାନ ଦୋକାନରେ ଆଧାରକାର୍ଡ ଭଳି ବିଭିନ୍ନ ପରିଚୟପତ୍ରକୁ ଲୋଡ଼ା ଯାଆନ୍ତ ; ତେବେ ଏକ୍ଷେତ୍ରରେ ସୁଧାର ଆସିପାରନ୍ତା ବୋଲି ଡାକ୍ତର ଅମ୍ରିତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ସୋନିଆ ବେହେରା, ରଜନୀ ଜାନି, ଭାସ୍କର ରଇତ, ଦୀପକ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଦିନ ବନ୍ଧୁ ପରି ଜଣେ ସାମନ୍ତ ନାହିଁ’

## ୧୫ତମ ଶାସ୍ତ୍ରୀୟ ନୃତ୍ୟଉତ୍ସବ ‘ମାର୍ଗୀ’

ଭୁବନେଶ୍ୱର, ୨୭।୬ (ସୌମ୍ୟରଞ୍ଜନ ରାଉତ)

ଘୋଷଯାତ୍ରା ଅବସରରେ ନୃତ୍ୟଶାଳା ଅନୁଷ୍ଠାନ ଓ ମାସିକ ସାଂସ୍କୃତିକ ପତ୍ରିକା ‘କଳାକୃତି’ ପକ୍ଷରୁ ଶୁକ୍ରବାର ୧୫ତମ ଶାସ୍ତ୍ରୀୟ ନୃତ୍ୟଉତ୍ସବ ‘ମାର୍ଗୀ’ ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କୁ ସ୍ମରଣ କରି ଶିଳ୍ପୀ ‘ଦିନ ବନ୍ଧୁ ପରି ଜଣେ ସାମନ୍ତ ନାହିଁ ନାହିଁତ’ ପରିବେଷଣ କରିଥିଲେ, ଯାହା ଦର୍ଶକଙ୍କ ମନକୁ ଛୁଇଁ ପାରିଥିଲା। ଦୀନକୃଷ୍ଣ ଦାସଙ୍କ ରଚିତ ଏହି ଗୀତରେ ଜଗନ୍ନାଥଙ୍କ ମହିମା ଓ ଭକ୍ତବତ୍ସଳତାକୁ ନୃତ୍ୟରେ ଅତି ଚମତ୍କାର ଭାବରେ ପରିବେଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶିଳ୍ପୀ ଦୀପ୍ତିପ୍ରକାଶ ଚମ୍ପତି ଦୈତ ନୃତ୍ୟ ମାଧ୍ୟମରେ ଦେବୀଙ୍କ ୧୦ ମହାବିଦ୍ୟାକୁ ନୃତ୍ୟରେ ତୋଳି ଧରିଥିଲେ। ଶେଷରେ ଶିଳ୍ପୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା ନୃତ୍ୟ ନାଟିକା ‘ଯଶୋଧାରା’। କାର୍ଯ୍ୟକ୍ରମରେ ଅତିଥିଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ ଜେନା, ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସ, ଛଉନୃତ୍ୟ ଗୁରୁ ସଦାଶିବ ପ୍ରଧାନ, ନାଟ୍ୟଗୁରୁ ପ୍ରଦୀପ ମିଶ୍ର, ନୃତ୍ୟଶାଳା ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ଘୋଷାଲ ପ୍ରମୁଖ ଯୋଗ ଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


‘ନୃତ୍ୟଶାଳା’ ଓ ମାସିକ ସାଂସ୍କୃତିକ ପତ୍ରିକା ‘କଳାକୃତି’ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ୧୫ତମ ଶାସ୍ତ୍ରୀୟ ନୃତ୍ୟଉତ୍ସବ ‘ମାର୍ଗୀ’ ରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଖଟିଆରେ ଦେଢ଼ କି.ମି. ବୁହାହେଲେ ରୋଗୀ

## ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ

ଦଶମନ୍ତପୁର, ୨୭।୬ (ଅରବିନ୍ଦ ନାୟକ)

କାଦୁଅ ରାସ୍ତା ଯୋଗୁ ଗାଁକୁ ଆମ୍ବୁଲାନ୍ସ ନ ଆସିବାରୁ ରୋଗୀଙ୍କୁ ସମ୍ପର୍କୀୟମାନେ ଦେଢ଼ କି.ମି. ଦୂର ଖଟିଆରେ ବୋହି ନେଲେ। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ନନ୍ଦିଗାଁ ପଞ୍ଚାୟତ ଭେଜିପୁଟ ଗାଁର ପ୍ରଶାନ୍ତ ଖୋସଲା(୪୦)ଙ୍କୁ ଭାରରେ ବୋହି ଡାକ୍ତରଖାନା ନିଆଯାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ପ୍ରଶାନ୍ତ ଦୀର୍ଘଦିନରୁ କ୍ୟାନ୍ସରରେ ପୀଡ଼ିତ ଥିଲେ। ଶୁକ୍ରବାର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସ ଡକାଯାଇଥିଲା। କିନ୍ତୁ ଗାଁକୁ ପକ୍କାରାସ୍ତା ନ ଥିବାରୁ ବର୍ଷା ଯୋଗୁ ମାଟିରାସ୍ତା ଶୋଚନୀୟ ହୋଇପଡ଼ିଛି। ଆମ୍ବୁଲାନ୍ସ ଗାଁ ଭିତରକୁ ପ୍ରବେଶ କରିପାରିଲା ନାହିଁ। ଗାଁରୁ ଦେଢ଼ କି.ମି. ଦୂର ବାଣ୍ଡୁଆଗୁଡା ଛକ ନିକଟରେ ଆମ୍ବୁଲାନ୍ସ ଅପେକ୍ଷା କରିଥିଲା। ପ୍ରଶାନ୍ତଙ୍କ ସମ୍ପର୍କୀୟମାନେ ତାଙ୍କୁ ଦେଢ଼ କି.ମି. ଭାରରେ ବୋହି ଆମ୍ବୁଲାନ୍ସ ପାଖକୁ ନେଇଥିଲେ। ଏହାପରେ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ କଲେଜ ଓ ହସ୍ପିଟାଲକୁ ନିଆଯାଇଥିବା ନାରାୟଣ ଖୋସଲା, କାର୍ତ୍ତିକ ଖୋସଲା, ଭଗବାନ ଖୋସଲା, ଇଷାକ ଖୋସଲା ଓ ଆଦମ ଖୋସଲା ପ୍ରମୁଖ କହିଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶୀ ପ୍ରତିଭା ଉତ୍ସବ-୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର 'ସାହିତ୍ୟ ମାସିକୀ', ସ୍ଥାନ: ଗୀତଗୋବିନ୍ଦ ସଦନ ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ଗାନ୍ଧୀ ମଣିଷ ଦୋଳଗୋବିନ୍ଦଙ୍କ ୯୯ତମ ଜୟନ୍ତୀ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## କଟକ
- ମିଳିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ କନଭେନସନ, ସ୍ଥାନ: ଓଷ୍ଟା ହଲ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ଓଡ଼େଶା ଭବନ, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ସକାଳ ୯ଟା।
- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସ୍ଥାନ: ପୂର୍ବାହ୍ନ ୧୦ଟା ୩୦।
- ରଥଟଣା କାର୍ଯ୍ୟ ଶୁଭାରମ୍ଭ, ସ୍ଥାନ: ନୀଳଗିରି, ସମୟ: ଅପରାହ୍ନ ୩ଟା।
- କୀର୍ତ୍ତନ, ହରିନାମ ସଙ୍କୀର୍ତ୍ତନ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୩ଟା ୩୦।
- ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଭଜନ ମଣ୍ଡପ, ରେମୁଣା, ସମୟ: ଅପରାହ୍ନ ୩ଟା ୩୦।
- ଭଜନ ସନ୍ଧ୍ୟା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୫ଟା।
- ସୋଲୋ ଡ୍ୟାନ୍ସ କାର୍ଯ୍ୟକ୍ରମ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା।
- ରାସଲୀଳା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା ୩୦।
- ଶୟନ ଆରତି, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫।

## ଭଦ୍ରକ
- ଦିଅଁ ଦର୍ଶନ ଓ ଭଜନ ସନ୍ଧ୍ୟା, ସ୍ଥାନ: ମାଉସୀମା ମନ୍ଦିର, ଭଦ୍ରକ ବାଇପାସ୍, ସମୟ: ସନ୍ଧ୍ୟା ୬ଟା

## ମୟୂରଭଞ୍ଜ
- ହରିବଳଦେବଜୀଉ ମହାପ୍ରଭୁଙ୍କ ରଥଟଣା, ସ୍ଥାନ: ଦ୍ୱିତୀୟ ଶ୍ରୀକ୍ଷେତ୍ର, ବାରିପଦା, ସମୟ: ଅପରାହ୍ନ ୨ଟା ୩୦।
- ଧର୍ମକ୍ଷେତ୍ରରେ ରଥଟଣା, ସ୍ଥାନ: ଚିତ୍ରଡ଼ା ରଥଦାଣ୍ଡ, ମୋରଡ଼ା, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଶ୍ରୀରାଘବେଶ୍ୱର ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ମା' ତାରଣୀ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରାଜନଗର, ସମୟ: ସକାଳ ୭ଟା।
- ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥଟଣା, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।

## ନୟାଗଡ଼
- ମା'ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବଡବାଣପୁର, ସମୟ: ସକାଳ ୮ଟା ।
- ରଥ ଟଣାର ୨ୟ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର
- ବ୍ରହ୍ମପୁରା ଠାକୁରଙ୍କ ରଥଟଣା କାର୍ଯ୍ୟକ୍ରମ, ସ୍ଥାନ : ଦଲେଇପଡା ରାସ୍ତା, ସମୟ : ଅପରାହ୍ନ ୪ଟା ।
- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲା ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୩୦।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ ଟା ୩୦।

## ବଲାଙ୍ଗୀର
- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ।

## ରାଉରକେଲା
- ଭାରତୀୟ ଜନତା ଯୁବ ମୋର୍ଚ୍ଚା ପକ୍ଷରୁ ଯୁବ ସଂସଦ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ହକି ଭିଲେଜ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାସି ରଥଯାତ୍ରା ଉତ୍ସବ, ସ୍ଥାନ: ସେକ୍ଟର-୨, ସମୟ: ଅପରାହ୍ନ ୨ଟା।
- ବାସି ରଥଯାତ୍ରା ଉତ୍ସବ, ସ୍ଥାନ: ଝିରପାଣି, ସମୟ: ଅପରାହ୍ନ ୩ଟା।
- ଗୁଣ୍ଡିଚା ଯାତ୍ରା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ପବିତ୍ର ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ମାଉସୀ ମା' ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ଓ ମାଉସୀ ମା' ମନ୍ଦିର ଆଡ଼ପ ମଣ୍ଡପକୁ ବିଜେ, ସ୍ଥାନ: ଭବାନୀପାଟଣା ମାଉସୀ ମା' ମନ୍ଦିର, ସମୟ: ଅପରାହ୍ନ ୪ଟା।
-

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
.ସୁବର୍ଣ୍ଣପୁର ସହର ଗଡଭିତର ଜଗନ୍ନାଥ ମନ୍ଦିର ଶ୍ରୀଜୀଉଙ୍କ ରଥଟଣା, ସ୍ଥାନ:ମଝିପଡା ସ୍ଥିତ ରଥଖଳା, ସମୟ: ଅପରାହ୍ନ ୩ଟା।

# ହାତୀପଲ ଭାଙ୍ଗିଲେ ଘର, ନଷ୍ଟ କଲେ ନର୍ସରୀ


ନର୍ସରୀ ନଷ୍ଟ କରିଛନ୍ତି ହାତୀପଲ

ଭଞ୍ଜନଗର,୨୭/୬(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ଶୁକ୍ରବାର ସୁଦ୍ଧା ୬୭ଟି ହାତୀ ଥିବା ବେଳେ ଘୁମୁସର ଦକ୍ଷିଣ ବନଖଣ୍ଡ ରେ ୯ଟି ହାତୀ ରହିଛନ୍ତି। ଏହି ହାତୀପଲ ସନ୍ଧ୍ୟା ହେଲେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡିକରେ ପଶି ଫସଲ ସମେତ ଅନ୍ୟାନ୍ୟ କ୍ଷତି ଘଟାଉଛନ୍ତି। ପରେ ଜଙ୍ଗଲକୁ ଫେରି ଯାଉଛନ୍ତି।

ଶୁକ୍ରବାର ସକାଳେ ଏକ ୨୫ ଟିକିଆ ହାତୀପଲ ଜଙ୍ଗଲକୁ ଫେରିଯିବା ପୂର୍ବରୁ ଘୁମୁସର ଉତ୍ତର ବନଖଣ୍ଡ ଗାଲେରୀ ରେଞ୍ଜ ରାଣିକିଆରି ନର୍ସରୀ ଭିତରେ ପଶି ବହୁ ଚାରା ନଷ୍ଟ କରିଦେଇଛନ୍ତି। ଏଥିସହ ନର୍ସରୀ ନିକଟରେ ଥିବା ଏକ ଘରକୁ ମଧ୍ୟ ହାତୀପଲ ଭାଙ୍ଗି ଦେଇଛନ୍ତି। ଏହା ପୂର୍ବରୁ ବୁଧବାର ରାତିରେ ହାତୀପଲ ମୁଜାଗଡ଼ ରେଞ୍ଜ ଦଦରାଲୁଣ୍ଡାରେ ଥିବା ଏକ ଗୋଖାଦ୍ୟ ଗୋଦାମକୁ ଭାଙ୍ଗି ବ୍ୟାପକ ନଷ୍ଟ କରିଥିଲେ। ଏନେଇ ଗାଲେରୀ ରେଞ୍ଜର ଆଶାଲତା ଦିଗାଲଙ୍କୁ ପଚାରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ହାତୀକୁ ଘଉଡ଼ାଯାଉଛି। ଯେଉଁମାନଙ୍କ ଫସଲ କ୍ଷତି ହେଉଛି ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ବାବଦରେ ସହାୟତା ଦେବା ବ୍ୟବସ୍ଥା ହେଉଛି ବୋଲି କହିଥିଲେ।

**ଘୁମୁସର ବନଖଣ୍ଡରେ ୭୬ ହାତୀ**

# ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଗିରଫ

ଭୁବନେଶ୍ୱର,୨୭।୬(ଅନୁରାଧା ମହାରଣା)

ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାସହ ୫ରୁ ଅଧିକ ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ କଟକ ଜିଲା ମାହାଙ୍ଗା ଅଞ୍ଚଳ ନୃତଙ୍ଗ ଗାଁର ଜିତେନ୍ଦ୍ର କୁମାର ବାରିକ। ସ୍ତ୍ରୀ ମିନତି ବାରିକଙ୍କ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପୋଲିଚସ। ସୂଚନାନୁସାରେ, ଖୋର୍ଦ୍ଧା ବାଣପୁର ଅଞ୍ଚଳରେ ମିନତି ରହିଆସୁଥିବା ବେଳେ ସ୍ୱାମୀ ଜିତେନ୍ଦ୍ରଙ୍କ ସହିତ କୌଣସି କାରଣରୁ ବିବାଦ ଲାଗିରହିଥିଲା। ଏହାକୁ କେନ୍ଦ୍ର କରି ଜିତେନ୍ଦ୍ର ଘଟଣା ଦିନ ସ୍ତ୍ରୀଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ମିନତି ଗୁରୁତର ଆହତ ହୋଇଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରିବା ସହ ଅଭିଯୁକ୍ତ ସାମୀ ଜିତେନ୍ଦ୍ରଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ଗୋଟିଏ ବଡ ଛୁରୀ, ୪ଟି ଛୋଟ ଛୁରୀ ଏବଂ ଗୋଟିଏ ଫାର୍ସା ଜବତ କରିଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।


ମାରଣାସ୍ତ୍ର ଜବତ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଘରେ ଖାଇ ମାଗଣା ରୁଷା,**
**ଭିକ ମାଗି ଯାଇ ଖେଳିବା ପଶା**
**ବାସି ଧୋବ ଲୁଗା ପିନ୍ଧିବା ଚଷା**
**ସାହୁ ବା ପୁଅକୁ ତୁ'କାର ଭାଷା**
**ଏ ସବୁ ପଛକୁ ଫସରଫସା ।**

ପର ଘରେ ରୁଷା ଅଭିମାନ ଶୋଭାପାଇ ନ ଥାଏ। ମାଗି ଆଣିଥିବା ଧନରେ ପଶା ବା ଜୁଆ ଖେଳିବା ହୀନବୁଦ୍ଧି ଭଳି ମାଟି କାଦୁଅରେ କାମ କରୁଥିବା ବ୍ୟକ୍ତି ପକ୍ଷେ ସଫା ଲୁଗା ପରିଧାନ ନିରର୍ଥକ ହୋଇଥାଏ। ସେହିପରି ମହାଜନଙ୍କୁ ଗାଳି ମନ୍ଦ ଦେବା ଗରିବ ଖାତକ ପକ୍ଷେ ଗ୍ରହଣୀୟ ହୋଇ ନ ଥାଏ। ନିଜ ବଡ଼ିମା ଦେଖାଇବାକୁ ଯାଇ ଉପରୋକ୍ତ ଢଙ୍ଗ ଦେଖାଉଥିବା ବ୍ୟକ୍ତି ପରିଶେଷରେ ହଟହଟା ହୋଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ପରାଣେ ରଖି ଶତ୍ରୁକୁ ସାଧିବ**
**ଭୂଇଁକୁ ସାଧିବ ଚାଷେ।**

ଶତ୍ରୁକୁ ପ୍ରାଣ ବା ଜୀବନରେ ନ ମାରି ତା' ଉପରେ ପ୍ରତିଶୋଧ ନେବା ହିଁ ଅସଲ ବିଜୟ ହୋଇଥାଏ। ସେହିପରି ଜମିକୁ ହଳ ଲଙ୍ଗଳରେ ଚାଷ କଲେ ଜମି ଉର୍ବର ହୋଇଥାଏ ଓ ସେଥିରୁ ଭଲ ଫସଲ ମିଳିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍ସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆବାସିକ କଲେଜରୁ ଯୁକ୍ତ ୨ ଛାତ୍ର ନିଖୋଜ

## ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଆଣିଲେ

- ରେଳ ଲାଇନରୁ ମିଳିଥିବା ମୃତଦେହକୁ ନେଇ ଖୋଳତାଡ଼
- ଡିଏନ୍ଏ ପରୀକ୍ଷା ପାଇଁ ଯୋଜନା

ଛତ୍ରପୁର,୨୭।୬(ସନ୍ତୋଷ ପାଢ଼ୀ):

ଛତ୍ରପୁର ତାମ୍ପରା ନିକଟ ପ୍ରତିଭା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର କବିସୂର୍ଯ୍ୟନଗର ଥାନା ଝାଡ଼ବନ୍ଧର ଶୁଭମ ସ୍ୱାଇଁ (୧୭) ୩ ଦିନ ହେଲା ନିଖୋଜ ଅଛନ୍ତି । ଗୁରୁବାର ସନ୍ଧ୍ୟାରେ ତାଙ୍କ ବାପା ସୁଶାନ୍ତ ସ୍ୱାଇଁ ଏ ନେଇ ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି। ପୁଅ ନିଖୋଜ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ବୁଧବାର ସନ୍ଧ୍ୟାରେ ଜଣାଇଥିଲେ ବୋଲି ବାପା କହିଛନ୍ତି। ପୂର୍ବରୁ ଛତ୍ରପୁର ସହରରେ ଉକ୍ତ କଲେଜ ଚାଲୁଥିବା ବେଳେ ବର୍ତ୍ତମାନ ତାମ୍ପରା ନିକଟ ନିଜ କୋଠାକୁ ସ୍ଥାନାନ୍ତର ହୋଇଛି। ସେଠାରେ ସିସି କ୍ୟାମେରା ଲାଗି ନ ଥିବା, ପାଚେରି ନ ଥିବାରୁ ପିଲାମାନେ ସୁରକ୍ଷିତ ନ ଥିବା ନିଖୋଜ ଛାତ୍ରଙ୍କ ବାପା ସୁଶାନ୍ତ କହିଛନ୍ତି। ଏଥିପାଇଁ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାକୁ ସେ ଦାୟୀ କରିଛନ୍ତି। ଅପରପକ୍ଷରେ ଉକ୍ତ କଲେଜଠାରୁ ୩୦୦ ମିଟର ଦୂରରେ ରେଳ ଲାଇନରୁ ବୁଧବାର ରାତିରେ ଜଣଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ବ୍ରହ୍ମପୁର ଜିଆରପି ଥାନା ପୋଲିସ ଜବତ କରି ମାମଲା ରୁଜୁ କରିଛି। ଏ ସମ୍ପର୍କରେ ଖବରପାଇ ନିଖୋଜ ଶୁଭମଙ୍କ ପରିବାର ଲୋକେ ଯାଇ ମୃତଦେହ ଦେଖିଥିଲେ। ମୃତଦେହ ଏପରି ଅବସ୍ଥାରେ ଅଛି ଯେ ଚିହ୍ନଟ କରିବା କଷ୍ଟକର ବୋଲି ସୁଶାନ୍ତ କହିଛନ୍ତି। ମୃତଦେହ ଚିହ୍ନଟ କରିବାକୁ ଜିଆରପି ପୋଲିସ ଡିଏନଏ ପରୀକ୍ଷା ପାଇଁ ଯୋଜନା କରିଛି । ସେହିକ୍ରମରେ ମୃତକ ଏବଂ ଶୁଭମଙ୍କ ମା'ବାପାଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବ ବୋଲି ଜଣାପଡିଛି। ଅନ୍ୟପଟେ କଲେଜରେ ନୂଆ ସମସ୍ତ ବ୍ୟବସ୍ଥା କରାଯାଇଛି ଆହୁରି କରାଯିବ ବୋଲି କଲେଜ ମୁଖ୍ୟ ଚିନ୍ମୟ ଦାସ ସୂଚନା ଦେଇଛନ୍ତି।


ଶୁଭମ ସ୍ୱାଇଁ

## ପ୍ରଥମ ପୃଷ୍ଠାରୁ...

### ବିଳମ୍ବରେ ଗଡ଼ିଲା ...

ମଧ୍ୟରେ ଆନନ୍ଦ ଓ ଉତ୍ସାହର ସହ ତିନିରଥକୁ ଟାଣିନେଇଥିଲେ ଭକ୍ତ। ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଗଡ଼ିଥିଲା। ଶେଷରେ ବହୁ ବିଳମ୍ବରେ ଅର୍ଥାତ୍ ରାତି ୭.୪୫ରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇଥିଲା। ତେବେ ରାତି ପ୍ରାୟ ୮ଟାରେ ରଥଟଣା ଶେଷବେଳକୁ କୌଣସି ରଥ ଶରଧାବାଲିରେ ପହଞ୍ଚିପାରିନାହିଁ। ତାଳଧ୍ୱଜ ରଥ ବଳଗଣ୍ଡି ଛକ ପଛକୁ ଓ ଦର୍ପଦଳନ ରଥ ମାର୍କେଟ ଛକ ନିକଟରେ ପହଞ୍ଚିଥିବାବେଳେ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଅଳ୍ପ କିଛି ବାଟ ଗଡ଼ି ଅଟକି ରହିଛି। ଶନିବାର ସକାଳ ୯ଟା ୩୦ରେ ପୁଣି ରଥଟଣା ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ପାଗ ଅନୁକୂଳ ଥିବାରୁ ଶ୍ରୀକ୍ଷେତ୍ରରେ ପ୍ରାୟ ୧୨ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ସକାଳ ୬ଟା ୧୫ରେ ମଙ୍ଗଳ ଆଳତି, ମଇଲମ ଓ ତଡ଼ପଲାଗି ୬ଟା ୩୦, ଅବକାଶ ପୂଜା ୬ଟା ୫୫ରେ ସରିଥିଲା। ମଇଲମ ୮ଟା ୧୦, ରୋଷହୋମ ୭ଟା ୨୦, ସୂର୍ଯ୍ୟପୂଜା ୮ଟା ୩୦, ଦ୍ୱାରପାଳ ପୂଜା ୮ଟା ୪୦, ଗୋପାଳବଲ୍ଲଭ ଓ ସକାଳ ଧୂପ ୯ଟା ୪୫ରେ ସରିବା ପରେ ରଥ ପ୍ରତିଷ୍ଠା ହୋଇଥିଲା। ମଙ୍ଗଳାର୍ପଣ ୧୦ଟା ୧୫, ମଙ୍ଗଳାର୍ପଣ ପରେ ପୁଷ୍ପାଞ୍ଜଳି, ଡୋର ଲାଗିହୋଇ ୧୦ଟା ୨୦ ସୁଦ୍ଧା ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ରଥକୁ ବିଜେ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ୩୦ରେ ପହଣ୍ଡି ସରିଥିଲା। ପରେ ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀମଦନମୋହନ ପହଣ୍ଡି ହୋଇ ୧୨ଟା ୫୦ରେ ପହଣ୍ଡି ଶେଷ ହୋଇଥିଲା। ଠାକୁରମାନଙ୍କୁ ସୋଲଚିତା ଲାଗି କରାଯାଇଥିଲା। ମଇଲମ ପରେ ବେଶ ସରିଥିଲା। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ରଥକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ସୁନାଝାଡ଼ିକାରେ ଛେରାପହଁରା ପାଇଁ ତିନି ରଥ ନିକଟକୁ ତାମଜାନରେ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ, ସେ ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଓ ଶେଷରେ ଦର୍ପଦଳନ ରଥରେ ଛେରାପହଁରା କରିଥିଲେ। ଅପରାହ୍ନ ୩ଟା ୪୦ରେ ଛେରାପହଁରା ସରିବା ପରେ ଚାରମାଳ ଫିଟା ଓ ଘୋଡ଼ା ଲାଗିଥିଲା। ଅପରାହ୍ନ ୪ଟା ୧୦ରେ ପ୍ରଥମେ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ପରେ ଦର୍ପଦଳନ ଏବଂ ଶେଷରେ ନନ୍ଦିଘୋଷ ରଥ ଟଣାଯାଇଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ ରଥଟଣା ବନ୍ଦ କରାଯାଇଥିଲା। ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଅନ୍ୟ ମନ୍ତ୍ରୀ, ଏମ୍‌ପି ଏବଂ ବିଧାୟକ ରଥ ଟାଣିଥିଲେ। ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ୨୦୫ ପ୍ଲାଟୁନ ପୋଲିସ ଫୋର୍ସ ସହ ୮କମ୍ପାନୀ କେନ୍ଦ୍ରୀୟ ଫୋର୍ସ ମୁତୟନ ରହିଥିଲେ।

### ବାରମ୍ବାର ମୋଡ଼ ନେଲା ତାଳଧ୍ୱଜ: ଆଇନମନ୍ତ୍ରୀ

ପୁରୀ,୨୭।୬(ଅଜିତ୍ କୁମାର ମହାନ୍ତି): ଚଳିତବର୍ଷ କୌଣସି ରଥ ଶରଧାବାଲିରେ ପହଞ୍ଚି ପାରିନାହିଁ। ଏପରିକି ରାତି ୭ଟା ୪୫ରେ ନନ୍ଦିଘୋଷ ରଥ ଗଡ଼ିଥିଲା। ନନ୍ଦିଘୋଷ ରଥ ଟଣାଯିବା ବିଳମ୍ବକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଏ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ନିର୍ଦ୍ଧାରିତ ସମୟରେ ସବୁ ନୀତିକାନ୍ତି ସରି ଅପରାହ୍ନ ୪ଟା ପୂର୍ବରୁ ରଥଟଣା ଆରମ୍ଭ ହୋଇଥିଲା। ତେବେ ତାଳଧ୍ୱଜ ରଥ ବାରମ୍ବାର ମୋଡ଼ ନେବାରୁ ଏବଂ ଆଶାତୀତ ଭକ୍ତଙ୍କ ସମାଗମ ଯୋଗୁ ସମସ୍ୟା ଉପୁଜିଲା। ଆକଳନଠାରୁ ପ୍ରାୟ ଅଧିକ ଦେଢଗୁଣ ଲୋକଙ୍କ ସମାଗମ ହୋଇଥିଲା। ସେହିପରି କର୍ଡନ ଭିତରେ ଅନେକ ଲୋକ ପଶିଗଲେ। ଫଳରେ ରଥଟଣାରେ ବିଳମ୍ବ ଘଟିଲା। ତେବେ ଚଳିତବର୍ଷ ରଥଯାତ୍ରାରେ କୌଣସି ଅଘଟଣ ଘଟିନାହିଁ କି ଭକ୍ତଙ୍କର ଅସୁବିଧା ହୋଇନାହିଁ। ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଛି ବୋଲି ଆଇନ ମନ୍ତ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାରୁ ଆଶ୍ୱସ୍ତି ଅନୁଭବ କରିବେ। ସରକାରୀ ସହାୟତା ସମ୍ପର୍କୀୟ ଖବର ବନ୍ଧୁଙ୍କ ନିକଟରୁ ଶୁଣି ଉଲ୍ଲସିତ ହୋଇପାରନ୍ତି। ଅନ୍ୟମାନଙ୍କର କଥାରେ ପ୍ରଭାବିତ ହୋଇ କାମ କଲେ ସମସ୍ୟା ଭିତରକୁ ଟାଣିହୋଇ ପାରନ୍ତି। କର୍ମକ୍ଷେତ୍ର, ବାଣିଜ୍ୟ, ନିର୍ମାଣ କାମରେ ଅଗ୍ରଗତି ଘଟିବ।

**ବୃଷ** ଆଜି ଅର୍ଥଲାଭ ସାଙ୍ଗକୁ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଜନିତ ସମସ୍ୟା ବୃଦ୍ଧିର ଆଶଙ୍କା ରହିଛି। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। କୌଣସି ମୂଲ୍ୟବାନ ଜିନିଷ ହଜାଇବା କାରଣରୁ ବିରସ ମନରେ ସମୟ କଟାଇବାକୁ ପଡ଼ିପାରେ।

**ମିଥୁନ** ସ୍ଥଗିତ କାମ ସହଜ ଓ ସୁବିଧାରେ ସମ୍ପନ୍ନର ମାର୍ଗ ଉନ୍ମୁକ୍ତ ରହିବ। ଆକସ୍ମିକ ଭାବରେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, କଳ କାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ପାରିବାରିକ କ୍ଷେତ୍ର ଗତାନୁଗତିକ ରୀତିରେ ଚାଲିବା ଯୋଗୁ ଏକପ୍ରକାର ଶାନ୍ତି ଅନୁଭବ କରିବେ।

**କର୍କଟ** ଉଦାରତା ଓ ସହନଶୀଳତା ଗୁଣରୁ ସମସ୍ତଙ୍କର ଆଦରଣୀୟ ହେବେ। ତଥାପି ସାମୟିକ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ସ୍ନାୟବିକ ଦୁର୍ବଳତା କିମ୍ବା ଆଣ୍ଠୁ ଗଣ୍ଠିରେ ଦରଜ ଜନିତ ପୀଡ଼ା ଅନୁଭବ କରିପାରନ୍ତି।

**ସିଂହ** ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ପ୍ରତ୍ୟେକ କାମକୁ ଦକ୍ଷତାର ସହ ସମ୍ପାଦନ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମକୁ ଚଳାଇ ନେଇପାରନ୍ତି। ଅସୁବିଧା ଜନକ ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଲାଗି ରହିବାରୁ ମାନସିକ ଶାନ୍ତି ବ୍ୟାହତ ହେବ। ଆର୍ଥିକ ଅନଟନ ସାଙ୍ଗକୁ ପାରିବାରିକ ମତାନ୍ତର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ବ୍ୟବସାୟ ଓ ପରିବହନରେ ସନ୍ତୋଷଜନକ ଫଳ ହେତୁ ଖୁସି ହେବେ। ସନ୍ତାନଙ୍କ ବିବାହ କଥାବାର୍ତ୍ତାରେ ଅଗ୍ରଗତି ଘଟିପାରେ।

**ତୁଳା** ଆଜି କାର୍ଯ୍ୟବ୍ୟସ୍ତତା ଓ ମାନସିକ ଚାପ ବୃଦ୍ଧି ପାଇବା କାରଣରୁ ମନ ଅଶାନ୍ତ ରହିବ। ବନ୍ଧୁଙ୍କ ସହାୟତାରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଆକସ୍ମିକ ସୁଯୋଗ ଲାଭକରି ବହୁତ ଦିନର ଆଶା ପୂରଣ କରିବାର ସୁଯୋଗ ପାଇବେ। ନିଜ ଲୋକଙ୍କ ଅନାଦର ଭାବ ମନକୁ ସାମୟିକ ବ୍ୟଥିତ କରିପାରେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବାରୁ ଠିକ୍ ନିଷ୍ପତ୍ତି ନେବା ସହଜସାଧ୍ୟ ହୋଇ ନ ପାରେ। ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିବେ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ତଥା ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବାର ସୂଚନା ରହିଛି।

**ଧନୁ** ପାରିବାରିକ ସମସ୍ୟା ସମାଧାନର ରାସ୍ତା ଖୋଜିବାରେ ସମର୍ଥ ହେବେ। ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା କାରଣରୁ ଅଫିସ୍‌ରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। କାମ ହାସଲ ସକାଶେ ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ଭରସା କରିପାରିବେ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବନାହିଁ।

**ମକର** ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ଖୁସି ହେବେ। ପାରିବାରିକ ସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସି ଗପର ମଉକା ଜୁଟିବ। ପ୍ରକାଶନ, ସଂଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବ୍ୟବସାୟିକ ସଫଳତା ମିଳିବ କିନ୍ତୁ ପୂର୍ଣ୍ଣ ସନ୍ତୋଷଜନକ ହୋଇ ନପାରେ।

**କୁମ୍ଭ** ମନର ଅସନ୍ତୋଷକୁ ବନ୍ଧୁଙ୍କ ସମ୍ମୁଖରେ ବଖାଣିବା ଦ୍ୱାରା ଓଲଟା ଫଳ ଭୋଗିବାକୁ ପଡ଼ିବ। ପରିବାର ସଦସ୍ୟଙ୍କ କାର୍ଯ୍ୟ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ। ଅସୁବିଧା ନ ହେଲେ ମଧ୍ୟ କେତେକ କାମ ଅଧାରେ ଅଟକିଯିବାରୁ ଅଶାନ୍ତି ଅନୁଭବ କରିବେ। ଅନ୍ୟମନସ୍କତାରୁ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମୀନ** ସମସ୍ୟା ରହିଥିଲେ ମଧ୍ୟ ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବଢ଼ିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଜୁନ୍ ୨୮ ତାରିଖ, ଆଷାଢ଼ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ, ଶନିବାର। ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୧ ଗତେ ୧୨।୧୬ ମଧ୍ୟେ, ଘ.୦୩।୦୭ ଗତେ ଘ.୦୩।୪୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୨ ଗତେ ଘ.୧୦।୧୧ ମଧ୍ୟେ ରାହୁ କାଳ।

# ପ୍ରାଥମିକତା କ୍ଷେତ୍ରକୁ ୫୦୦୦ କୋଟିର ଋଣ ମଞ୍ଜୁର

ଭୁବନେଶ୍ୱର,୨୭।୬(ଅନୁରାଧା ମହାରଣା)



ପ୍ରତିବର୍ଷ ଜୁନ୍ ୨୭ ତାରିଖରେ ପାଳନ ହେଉଥିବା ବିଶ୍ୱ ଏମ୍ଏସ୍ଏମ୍ଇ ଦିବସ ଅବସରରେ ଭାରତର ପ୍ରମୁଖ ସରକାରୀ ବ୍ୟାଙ୍କଗୁଡ଼ିକ ମଧ୍ୟରୁ ଗୋଟିଏ, ବ୍ୟାଙ୍କ ଅଫ୍ ବରୋଦା ଏମ୍ଏସ୍ଏମଇ ଏବଂ କୃଷି ଭଳି ପ୍ରାଥମିକତା କ୍ଷେତ୍ର ଉପରେ ଧ୍ୟାନ ଦେଇ ଓଡ଼ିଶାର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ପୁଣି ଥରେ ଦୋହରାଇଛି। ଆର୍ଥିକ ବର୍ଷ ୨୦୨୪-୨୫ରେ ବ୍ୟାଙ୍କ ଓଡ଼ିଶାରେ ପ୍ରାଥମିକତା କ୍ଷେତ୍ର ଋଣ ଅଧୀନରେ ୫୦୦୦ କୋଟି ଟଙ୍କାର ଋଣ ମଞ୍ଜୁର କରିଛି। ଏଥିମଧ୍ୟରୁ ୪୩୦୦ କୋଟିରୁ ଅଧିକ ଟଙ୍କା ଏମ୍ଏସ୍ଏମ୍ଇ ଏବଂ କୃଷକମାନଙ୍କୁ ନୂତନ ଋଣ ଭାବରେ ପ୍ରଦାନ କରିଛି। ଏହି ପ୍ରୟାସ ରାଜ୍ୟରେ ନିଯୁକ୍ତି ସୃଷ୍ଟି, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ତୃଣମୂଳସ୍ତରରେ ବିକାଶର ଯୋଗଦାନ କରିଛି। ଏହି ଅବସରରେ ବ୍ୟାଙ୍କ ଅଫ୍ ବରୋଦାର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ କହିଛନ୍ତି, ଓଡ଼ିଶା ଏକ ଉଦୀୟମାନ ରାଜ୍ୟ ଯେଉଁଠି ଅପାର ଆର୍ଥିକ ଅଭିବୃଦ୍ଧିର ସମ୍ଭାବନା ରହିଛି। ରାଜ୍ୟର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ସର୍ବାଙ୍ଗୀନ ବିକାଶ ମୂଳରେ କ୍ଷୁଦ୍ର ବ୍ୟବସାୟୀ, ଉଦ୍ୟୋଗୀ, ଚାଷୀ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ପ୍ରୋତ୍ସାହିତ କରିବା ସହ ଦେଶର ପ୍ରଗତିରେ ଏମ୍ଏସ୍ଏମ୍ଇ ଏବଂ ଅନ୍ୟାନ୍ୟ ପ୍ରାଥମିକତା କ୍ଷେତ୍ରର ପରିବର୍ତ୍ତନକାରୀ ଭୂମିକାକୁ ସ୍ୱୀକାରକରି ଓଡ଼ିଶାର ସ୍ଥାୟୀ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ବ୍ୟାଙ୍କ ସର୍ବଦା ପ୍ରତିବଦ୍ଧ ବୋଲି ସେ କହିଥିଲେ। ବ୍ୟାଙ୍କ ଅଫ୍ ବରୋଦା ସ୍ଥାନୀୟ ଉଦ୍ୟୋଗୀ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଋଣ ଯୋଜନାରେ ବରୋଦା ମହିଳା ସ୍ୱାବଲମ୍ବନ, ମହିଳା ନେତୃତ୍ୱାଧୀନ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ କରାଯାଇଥିବା ଋଣ ଯୋଜନା ଏବଂ ବରୋଦା ସ୍ମାର୍ଟ ଓଡି ଯାହା ଡିଜିଟାଲ ଓଭରଡ୍ରାଫ୍ଟ ସୁବିଧା ଦ୍ୱାରା ଜିଏସ୍ଟି ପଞ୍ଜୀକୃତ ଏମ୍ଏସ୍ଏମ୍ଇ ପାଇଁ ସ୍ୱଳ୍ପକାଳୀନ କାର୍ଯ୍ୟକ୍ଷମ ପୁଞ୍ଜିକୁ ଶୀଘ୍ର ଏବଂ ସହଜରେ ପ୍ରଦାନ କରିଥାଏ। ଏହା ବ୍ୟତୀତ ବ୍ୟାଙ୍କ ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ପ୍ରଧାନମନ୍ତ୍ରୀ ସ୍ୱନିଧି, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ସୁଭଦ୍ରା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଭଳି ଅନେକ ଯୋଜନା ମାଧ୍ୟମରେ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ପ୍ରୟାସକୁ ସମର୍ଥନକରି ଆସୁଛି। ବ୍ୟାଙ୍କ ଅଫ୍ ବରୋଦା ଓଡ଼ିଶାରେ ୨୦୨ ଶାଖାର ବ୍ୟାପକ ଉପସ୍ଥିତି ରହିଛି ଯାହା ମଧ୍ୟରୁ ୭୨ ପ୍ରତିଶତ ଶାଖା ଅର୍ଦ୍ଧ ସହରୀ ଏବଂ ଗ୍ରାମାଞ୍ଚଳରେ ଅବସ୍ଥିତ।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୨୭।୬

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ)ର ସେନ୍ସେକ୍ସ ୩୦୩ (୩୦୩.୦୩) ପଏଣ୍ଟ ବୃଦ୍ଧି ଘଟି ୮୪,୦୫୯(୮୪,୦୫୮.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୮୯(୮୮.୮୦) ପଏଣ୍ଟ ବଢ଼ି ୨୫,୬୩୮(୨୫,୬୩୭.୮୦)ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡ୍କ୍ୟାପ୍ ଓ ସ୍ମଲ୍କ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡ୍କ୍ୟାପ, ସ୍ମଲ୍କ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଫୋନ୍ ପେ' ସହ ଏଚ୍ଡିଏଫ୍ସି ବ୍ୟାଙ୍କର ବୁଝାମଣା

ଭୁବନେଶ୍ୱର,୨୭।୬




ଫୋନ୍ପେ' ଏବଂ ଏଚ୍ଡିଏଫ୍ସି ବ୍ୟାଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ, ଫୋନ୍ପେ-ଏଚ୍ଡିଏଫ୍ସି ବ୍ୟାଙ୍କ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡର ଶୁଭାରମ୍ଭ କରାଯାଇଛି। ଏହା ଫୋନ୍ପେ'ର କୋ-ବ୍ରାଣ୍ଡେଡ୍ କାର୍ଡ ସେଗ୍ମେଣ୍ଟରେ ପ୍ରବେଶକୁ ଚିହ୍ନିତ କରିଛି। ଏଚ୍ଡିଏଫ୍ସି ବ୍ୟାଙ୍କର ସହଭାଗିତାରେ ଏହି ନୂତନ କୋ-ବ୍ରାଣ୍ଡେଡ୍ ରୂପେ କ୍ରେଡିଟ୍ କାର୍ଡଗୁଡ଼ିକର ଅୟମାରମ୍ଭ ହୋଇଛି। ଏହି ନୂଆ ଶୃଙ୍ଖଳ ଭାରତୀୟ ଗ୍ରାହକଙ୍କ ବିକଶିତ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଛି, ଏହା ବିଶେଷକରି ଫୋନ୍ପେ' ପ୍ଲାଟ୍ଫର୍ମର ୟୁପିଆଇ ଖର୍ଚ୍ଚ ଉପରେ ଲାଭ ପ୍ରଦାନ କରିଥାଏ। ଏଚ୍ଡିଏଫ୍ସି ବ୍ୟାଙ୍କ ଏବଂ ଫୋନ୍ପେ' ମଧ୍ୟରେ ଏହି ରଣନୈତିକ ସହଭାଗିତା(ବୁଝାମଣା) କ୍ରେଡିଟ୍ କାର୍ଡଗୁଡ଼ିକୁ ସୁଲଭ ଏବଂ ବ୍ୟବହାରକାରୀ-ଅନୁକୂଳ କରିବା ପାଇଁ ସେମାନଙ୍କର ବ୍ୟାଙ୍କିଂ ଏବଂ ଫିନ୍ଟେକ୍ ଶକ୍ତିକୁ ବ୍ୟବହାର କରୁଛନ୍ତି।

ସେହିଭଳି 'ଅଲ୍ଟିମୋ' ଏବଂ 'ୟୁନୋ' ଭାରିଆଣ୍ଟରେ ଏହି କାର୍ଡ ଉପଲବ୍ଧ। ଏହି କାର୍ଡଗୁଡ଼ିକ ରିଚାର୍ଜ, ବିଲ୍ ପେମେଣ୍ଟ, ଯାତ୍ରା, ଅନଲାଇନ୍ ଶପିଂ, କିରାଣା ଏବଂ କ୍ୟାବ୍ ଆଦି ଖର୍ଚ୍ଚବର୍ଗରେ ପୁରସ୍କାର ପ୍ରଦାନ କରିଥାଏ। ଏହାସହିତ କାର୍ଡଗୁଡ଼ିକ ୟୁପିଆଇ ସହିତ ସୁଗମ ଭାବେ ସଂଯୁକ୍ତ ହୁଏ, ଯାହା ବ୍ୟବହାରକାରୀଙ୍କୁ ୟୁପିଆଇ କ୍ୟୁଆର୍ରେ ସକ୍ଷମ ବ୍ୟାପକ ମର୍ଚ୍ଚାଣ୍ଟ ନେଟ୍ୱର୍କ ମାଧ୍ୟମରେ କାର୍ଡଗୁଡ଼ିକରେ ପ୍ରଦାନ କରାଯାଇଥିବା ପୁରସ୍କାର ଉପଭୋଗ କରିବା ସହିତ କ୍ରେଡିଟ୍ କାର୍ଡ ମାଧ୍ୟମରେ ସେମାନଙ୍କର ଦୈନନ୍ଦିନ ଖର୍ଚ୍ଚ ପାଇଁ ଦେୟ କରିବାକୁ ଅନୁମତି ଦେଇଥାଏ। ଏ ସମ୍ପର୍କରେ ଫୋନ୍ପେ'ର କଞ୍ଜ୍ୟୁମର ପେମେଣ୍ଟସ୍‌ର ମୁଖ୍ୟ ବ୍ୟବସାୟିକ ଅଧିକାରୀ ସୋନିକା ଚନ୍ଦ୍ରା କହିଛନ୍ତି, ଏଚ୍ଡିଏଫ୍ସି ବ୍ୟାଙ୍କ ସହଭାଗିତାରେ ଆମେ ଆମର ପ୍ରଥମ କୋ-ବ୍ରାଣ୍ଡେଡ୍ କ୍ରେଡିଟ କାର୍ଡ ଆରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏହି କାର୍ଡ ଫୋନ୍ପେ' ଗ୍ରାହକମାନଙ୍କୁ ସେମାନଙ୍କର ନିୟମିତ ଖର୍ଚ୍ଚ ଉପରେ ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି।

# ବଜାଜ୍ ଫିନ୍ସର୍ଭ ସ୍ମଲକ୍ୟାପ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର,୨୭।୬

ବଜାଜ୍ ଫିନ୍ସର୍ଭ ଏଏମ୍ସି ପକ୍ଷରୁ 'ବଜାଜ୍ ଫିନ୍ସର୍ଭ ସ୍ମଲକ୍ୟାପ୍ ଫଣ୍ଡ'ର ଶୁଭାରମ୍ଭ କରାଯାଇଛି। ଏହା ଏକ ଓପନ୍-ଏଣ୍ଡେଡ୍ ଇକ୍ୱିଟି ଯୋଜନା ହୋଇଥିଲାବେଳେ ଏହା ମୁଖ୍ୟତଃ ସ୍ମଲ୍-କ୍ୟାପ୍ ଷ୍ଟକ୍‌ରେ ନିବେଶ ସହ ଗୁଣବତ୍ତା, ଅଭିବୃଦ୍ଧି ଏବଂ ମୂଲ୍ୟ ପ୍ରଦାନ କରିଥାଏ। ଏହି ଫଣ୍ଡ ୨୦୨୫ ଜୁନ୍ ୨୭ରେ ସବ୍‌ସ୍କ୍ରିପସନ୍ ପାଇଁ ଖୋଲିଥିବାବେଳେ ଚଳିତବର୍ଷ ଜୁଲାଇ ୧୧ରେ ବନ୍ଦ ହେବ। ସ୍ମଲ କ୍ୟାପ୍‌ରେ ସାମ୍ପ୍ରତିକ ସଂଶୋଧନ ଦୀର୍ଘକାଳୀନ ନିବେଶକଙ୍କ ପାଇଁ ଏକ ଆକର୍ଷଣୀୟ ପ୍ରବେଶ ବିନ୍ଦୁ ଉପସ୍ଥାପନ କରୁଛି। ଏପରିକି ୮୦%ରୁ ଅଧିକ ସ୍ମଲ୍-କ୍ୟାପ୍ କମ୍ପାନୀ ୩୮% ର ଦୃଢ଼ ଲାଭ ବୃଦ୍ଧି ଏବଂ ଦୃଢ଼ ରିଟର୍ନ ଅନୁପାତ ଦେଖାଇଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବର୍ତ୍ତମାନ ବି ସେମାନଙ୍କ ୧୫-ସପ୍ତାହର ସର୍ବୋଚ୍ଚସ୍ତର ତଳେ ୪୫-୫୨% କାରବାର କରୁଛନ୍ତି। ସ୍ମଲକ୍ୟାପ୍ କମ୍ପାନୀଗୁଡ଼ିକ ପରବର୍ତ୍ତୀ ଅଭିବୃଦ୍ଧି ଚକ୍ରରେ ଅସମାନ ଭାବେ ଲାଭ ପାଇବା ପାଇଁ ଭଲ ସ୍ଥିତିରେ ଅଛନ୍ତି, ଯାହା ଏହାକୁ ଏକ ଆକର୍ଷଣୀୟ ନିବେଶ ସୁଯୋଗ କରୁଛି। ବଜାଜ୍ ଫିନ୍ସର୍ଭ ସ୍ମଲକ୍ୟାପ୍ ଫଣ୍ଡ ନିବେଶକମାନଙ୍କ ପାଇଁ ଡିଜାଇନ୍ କରାଯାଇଛି, ଏହାର ଉଦ୍ଦେଶ୍ୟ ହେଉଛି ସ୍ମଲ-କ୍ୟାପ୍ କମ୍ପାନୀଗୁଡ଼ିକର ଇକ୍ୱିଟି ଏବଂ ଇକ୍ୱିଟି-ସମ୍ବନ୍ଧୀୟ ଉପକରଣଗୁଡ଼ିକରେ ମୁଖ୍ୟତଃ ନିବେଶ କରି ଦୀର୍ଘକାଳୀନ ସମ୍ପତ୍ତି ନିର୍ମାଣ କରିବା।

ଏ ସମ୍ପର୍କରେ ବଜାଜ୍ ଫିନ୍ସର୍ଭ ଏଏମ୍ସିର ଏମ୍ଡି ଗଣେଶ ମୋହନ କହିଛନ୍ତି, ସ୍ମଲ୍ କ୍ୟାପ୍ ଫଣ୍ଡର ଶୁଭାରମ୍ଭ ଭାରତର ଗତିଶୀଳ ସ୍ମଲ୍ କ୍ୟାପ୍ ଜଗତର ଦୀର୍ଘକାଳୀନ ସମ୍ଭାବନା ପ୍ରତି ଆମର ଗଭୀର ବିଶ୍ୱାସକୁ ପ୍ରତିଫଳିତ କରିଛି। ସ୍ମଲ୍ କ୍ୟାପ୍ ସାଧାରଣତଃ ବ୍ୟାପକ ସୂଚକାଙ୍କ ତୁଳନାରେ ଅଧିକ ଅସ୍ଥିରତା ପ୍ରଦର୍ଶନ କରିଥାଏ, ଯାହା ବଜାରର ଉତ୍ଥାନ-ପତନକୁ ନେଭିଗେଟ୍ କରିବାରେ ଏବଂ ଗୁଣାତ୍ମକ ସୁଯୋଗ ଚିହ୍ନଟ କରିବାରେ ସକ୍ରିୟ ପରିଚାଳନାର ଗୁରୁତ୍ୱକୁ ଗୁରୁତ୍ୱ ଦେଇଥାଏ। ଏହି ରଣନୀତି ଅଭିବୃଦ୍ଧିର ପ୍ରାରମ୍ଭିକ ପର୍ଯ୍ୟାୟରେ ଉଚ୍ଚ-ଗୁଣବତ୍ତା କମ୍ପାନୀଗୁଡ଼ିକୁ ଆବିଷ୍କାର କରିବା ଉପରେ ନିର୍ଭରକରି ନିର୍ମିତ ହୋଇଛି, ଯାହା ସମୟ ସହିତ ଭଲ ପ୍ରଦର୍ଶନ କରିବା ପାଇଁ ସ୍ଥିତିରେ ଅଛି। ଏହି ଫଣ୍ଡଟି ବିଏସ୍ଇ ୨୫୦ ସ୍ମଲ୍ କ୍ୟାପ୍ ଇଣ୍ଡେକ୍ସ ଟିଆର୍ଆଇ ସହିତ ବେଞ୍ଚମାର୍କ କରାଯାଇଛି।

# ଏଏମ୍ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଭୂମି ପୂଜନ



ଭୁବନେଶ୍ୱର,୨୭।୬

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ବା ଏଏମ୍ଏନ୍ଏସ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ସାଗାସାହି ଖଣି ନିକଟରେ ଏକ ନୂତନ ରାସ୍ତା ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଭଞ୍ଜପାଲି ବାଇପାସ୍‌ଠାରୁ କଳମଙ୍ଗ ଛକ ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ଲମ୍ବ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଉଥିବା ଏହି ରାସ୍ତାଟି ସ୍ଥାନୀୟ କଳମଙ୍ଗ, ସାଗାସାହି ଏବଂ ଘୋରାଭୁରାଣୀ ଗ୍ରାମର ଗ୍ରାମବାସୀଙ୍କ ପାଇଁ ନିୟମିତ ରାସ୍ତା ତିଆରି କରାଯାଉଛି। ଏଏମ୍ଏନ୍ଏସ୍ ଇଣ୍ଡିଆ ସୁରକ୍ଷିତ ଏବଂ ଅଧିକ ଦକ୍ଷ ଯାତ୍ରା ସୁନିଶ୍ଚିତ କରିବା ନିମନ୍ତେ ବିଦ୍ୟମାନ ମାଟିରାସ୍ତାକୁ ଏକ ସ୍ଥାୟୀ କଂକ୍ରିଟ୍ ରାସ୍ତାରେ ପରିଣତ କରିବାକୁ ପଦକ୍ଷେପ ନେଇଛି। ଏହି ରାସ୍ତା ୬ ମାସ ମଧ୍ୟରେ ଶେଷହେବ ବୋଲି ଆଶା କରାଯାଉଛି। ଏହି ରାସ୍ତା ସମ୍ପୂର୍ଣ୍ଣ ହେଲେ ୩ ହଜାରରୁ ଅଧିକ ସ୍ଥାନୀୟ ଗ୍ରାମବାସୀ ଉପକୃତ ହେବେ।

ଏହି ପରିପ୍ରେକ୍ଷୀରେ ଏଏମ୍ଏନ୍ଏସ୍ ଇଣ୍ଡିଆର ଖଣି ମୁଖ୍ୟ ଶରଣପ୍ପା କାମ୍ବାଲି ଏହି ଭୂମିପୂଜନ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ, ଯାହା ସ୍ଥାନୀୟ ଗୋଷ୍ଠୀ ବାସିନ୍ଦା ଏବଂ କମ୍ପାନୀର ଅଧିକାରୀମାନଙ୍କ ଉପସ୍ଥିତିରେ ସମ୍ପନ୍ନ କରାଯାଇଥିଲା।

ଏ ନେଇ କାମ୍ବାଲି କହିଛନ୍ତି, ଏହି ପଦକ୍ଷେପ ଏଏମ୍ଏନ୍ଏସ୍ ଇଣ୍ଡିଆର କାର୍ଯ୍ୟକ୍ଷମ ସ୍ଥାନର ଆଖପାଖରେ ଥିବା ସମ୍ପ୍ରଦାୟର କଲ୍ୟାଣ ପ୍ରତି ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ଏକ କଂକ୍ରିଟ୍‌ରେ ପରିଣତ କରି କମ୍ପାନୀ ସଂଯୋଗୀକରଣ ବୃଦ୍ଧି କରିବା, ଯାତ୍ରାକାଳୀନ ବିପଦ ହ୍ରାସ କରିବା ଏବଂ ଅଞ୍ଚଳର ଆର୍ଥିକ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି।

# ପଲ୍ସ କାଣ୍ଡି କଞ୍ଜ୍ୟୁମର ବ୍ରାଣ୍ଡରେ ପରିଣତ

ଭୁବନେଶ୍ୱର,୨୭।୬

ଧରମ୍ପାଲ ସତ୍ୟପାଲ ଗ୍ରୁପ୍(ଡିଏସ୍ ଗ୍ରୁପ୍)ର ପ୍ରମୁଖ ବ୍ରାଣ୍ଡ ପଲ୍ସକୁ ନିକଟରେ ଏକ ଉଲ୍ଲେଖନୀୟ ସଫଳତା ସହ କଞ୍ଜ୍ୟୁମର ବ୍ରାଣ୍ଡରେ ପରିଣତ ହୋଇଛି। ଏପରିକି ଗତ ଆର୍ଥିକ ବର୍ଷରେ ପଲ୍ସ କାଣ୍ଡି ୭୫୦ କୋଟି ଟଙ୍କାର ଉପଭୋକ୍ତା ମୂଲ୍ୟ ହାସଲ କରିଛି, ଯାହାର ଅର୍ଥ ହେଉଛି ଏକବର୍ଷ ମଧ୍ୟରେ ୭୫୦ କୋଟି ପଲ୍ସ କାଣ୍ଡି ବିକ୍ରି ହୋଇଛି। ଯାହା ଏହାକୁ ଭାରତର ସର୍ବବୃହତ୍ ବିତରିତ ହାର୍ଡ ବଏଲ୍ଡ୍ କାଣ୍ଡିରେ ପରିଣତ କରୁଛି। ଗତ ୩ଟି ଆର୍ଥିକ ବର୍ଷରେ ପଲ୍ସ ହାର୍ଡ ବଏଲ୍ଡ କାଣ୍ଡି ସେଗ୍ମେଣ୍ଟ ଶିଳ୍ପରେ ୯%ର ସିଏଜିଆର ତୁଳନାରେ ୧୫%ର ସିଏଜିଆର ପଞ୍ଜୀକୃତ କରିଛି। ରାଜସ୍ୱରେ ଏହି ନିରନ୍ତର ଅଭିବୃଦ୍ଧି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବଜାରରେ ବ୍ରାଣ୍ଡର ମଜଭୁତ ଉପସ୍ଥିତିକୁ ହାଇଲାଇଟ୍ କରୁଛି। ବଜାର ତଥ୍ୟ ଅନୁଯାୟୀ, ପଲ୍ସ କାଣ୍ଡି ବର୍ତ୍ତମାନ ଭାରତର ହାର୍ଡ-ବଏଲ୍ଡ କାଣ୍ଡି ସେଗ୍ମେଣ୍ଟରେ ୧୯%ର ବଜାର ଅଂଶ ଧାରଣ କରିଛି ଏବଂ ନିରନ୍ତର ଭାବେ ବୃଦ୍ଧି ପାଉଛି। ଏ ସମ୍ପର୍କରେ ଡିଏସ୍ ଗ୍ରୁପ୍‌ର ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ଭାରତର ଏକ ଅଗ୍ରଣୀ ଭାରତୀୟ ଏଥ୍ନିକ କନ୍ଫେକ୍ସନାରି ବ୍ରାଣ୍ଡ ପଲ୍ସ ପାଇଁ ଡିଏସ୍ ଗ୍ରୁପ୍‌ର ଲକ୍ଷ୍ୟ ହେଉଛି ଏକ ମଲ୍ଟି-ଫର୍ମାଟ, ମଲ୍ଟି-ଅକେଜନ ପ୍ରଡକ୍ଟରେ ବିକଶିତ ହେବା। ଆମେ ସମ୍ପ୍ରସାରଣ ପାଇଁ ଆକ୍ରମଣାତ୍ମକ ଭାବେ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ବଜାରଗୁଡ଼ିକୁ ଅନୁସରଣ କରୁଛୁ। ଘରୋଇ କ୍ଷେତ୍ରରେ ଆମେ ଆମର ମଜଭୁତ ବିତରଣ ନେଟ୍ୱର୍କକୁ ଉପଯୋଗ କରୁଛୁ, ଯାହାର ଭାରତବ୍ୟାପୀ ୩୫ ଲକ୍ଷରୁ ଅଧିକ ଆଉଟ୍‌ଲେଟ୍ ରହିଛି। ଏହାର ସ୍ୱତନ୍ତ୍ର ଟ୍ୟାଙ୍ଗି ଟେଷ୍ଟ ପାଇଁ ଭାରତର ପସନ୍ଦକୁ ଆକର୍ଷିତ କରିଥିଲା, ଯାହାକି ସେତେବେଳେ ପ୍ରଚଳିତ ଥିବା ୱେଷ୍ଟର୍ନ-ଫର୍ମାଟ କାଣ୍ଡିରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନାନ୍ତରଣ ଥିଲା। ପଲ୍ସ କାଣ୍ଡି ଆଜି ଅଧିକ ମୂଲ୍ୟ ସଚେତନ ଥିବା ବିକଶିତ ଭାରତୀୟ ଉପଭୋକ୍ତାଙ୍କ ପାଇଁ ଏକ ପ୍ରମାଣ ଭାବେ ଉଭା ହୋଇଛି।

# ଡେଲିଭରି କ୍ଷେତ୍ରରେ ସମ୍ପ୍ରସାରଣକୁ ଗୁରୁତ୍ୱ

ଭୁବନେଶ୍ୱର,୨୭।୬

ବର୍ତ୍ତମାନ ସମୟରେ ସବୁବର୍ଗର ଗ୍ରାହକ ଅନ୍‌ଲାଇନ କାରବାରକୁ ଅଧିକ ପସନ୍ଦ କରୁଛନ୍ତି। ଅନ୍‌ଲାଇନ ଉତ୍ପାଦ ଡେଲିଭରି ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ ଲାଗି ଉତ୍ପାଦ ଠିକ୍ ସମୟରେ ଗ୍ରାହକଙ୍କ ନିକଟକୁ ଯାଇପାରୁନାହିଁ। ଏହାକୁ ଆଖିଆଗରେ ରଖି ଡେଲିଭରି କ୍ଷେତ୍ରରେ ସମ୍ପ୍ରସାରଣକୁ ଆମାଜନ ଇଣ୍ଡିଆ ଗୁରୁତ୍ୱ ଦେଇଛି। ଏପରିକି ଆସନ୍ତା ପ୍ରାଇମ ଡେ' ସେଲ୍ ୨୦୨୫ ଜୁଲାଇରୁ ଆରମ୍ଭ ହେବା ସହିତ ୫ଟି ନୂଆ ଫୁଲ୍‌ଫିଲ୍‌ମେଣ୍ଟ ସେଣ୍ଟର(ଏଫ୍ସି)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି, ଏହାକୁ ଭାରତରେ ପ୍ଲାଟ୍‌ଫର୍ମର ମଜଭୁତ ଅପରେଶନ ନେଟ୍ୱର୍କରେ ସାମିଲ କରାଯାଇଛି। ଏହି ସମ୍ପ୍ରସାରଣ ଇନ୍ଦୋର, ଭୁବନେଶ୍ୱର, କୋଚି ଓ ରାଜପୁରାଠାରେ ପ୍ରଥମ ଆମାଜନ ଏଫ୍ସିର ଶୁଭାରମ୍ଭ କରାଯାଇଛି। ଫଳରେ ଏହି ନୂଆ ଏଫ୍ସିଗୁଡ଼ିକୁ ରଣନୈତିକ ସହଯୋଗୀଙ୍କ ଦ୍ୱାରା ପରିଚାଳନା ଓ ନିୟନ୍ତ୍ରଣ କରାଯିବ, ଯେଉଁମାନେ ଲଜିଷ୍ଟିକ୍ସ ଶିଳ୍ପର ପ୍ରମୁଖ ଲିଡର ଏବଂ ଏହା ଦେଶବ୍ୟାପୀ ଗ୍ରାହକଙ୍କ ପାଇଁ ଡେଲିଭରି ବେଗକୁ ବହୁମାତ୍ରାରେ ବୃଦ୍ଧି କରିବ। ଏ ସମ୍ପର୍କରେ ଆମାଜନର ଭିପି, ଅପରେଶନ୍ସ ଇଣ୍ଡିଆ ଓ ଅଷ୍ଟ୍ରେଲିଆ ଅଭିନବ ସିଂହ କହିଛନ୍ତି, ଆମେ ଭାରତର ଦ୍ରୁତତମ, ସୁରକ୍ଷିତ ଓ ସବୁଠାରୁ ନିର୍ଭରଯୋଗ୍ୟ ଲଜିଷ୍ଟିକ୍ସ ନେଟ୍ୱର୍କର ନିର୍ମାଣ ଓ ପରିଚାଳନା ଉପରେ ଗୁରୁତ୍ୱ ଦେଉଛୁ, ଯାହା ଦେଶର ଗ୍ରାହକମାନଙ୍କୁ ସେବା ଯୋଗାଇବ। ଏହି ୫ଟି ନୂଆ ଫୁଲ୍‌ଫିଲମେଣ୍ଟ ସେଣ୍ଟର ଆମର ପରିଚାଳନା ଭିତ୍ତିଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶର ପ୍ରତିନିଧିତ୍ୱ କରୁଛି ଏବଂ ଭାରତବ୍ୟାପୀ ଆମର ଗ୍ରାହକ ଓ ସେଲରଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ପ୍ରାଇମ ଡେ' ୨୦୨୫ ପାଖେଇ ଆସିବା ସହିତ ପ୍ରାଇମ ମେମ୍ବରମାନେ ଏବେ ଅଧିକ ଦ୍ରୁତ ଡେଲିଭରି ପାଇଁ ଅପେକ୍ଷା କରିପାରିବେ। କାରଣ ଲକ୍ଷ ଲକ୍ଷ ସାମଗ୍ରୀ ଏବେ ସେମ୍-ଡେ' ଡେଲିଭରି କିମ୍ବା ନେକ୍ସଟ-ଡେ' ଡେଲିଭରି ପାଇଁ ଉପଲବ୍ଧ ରହିଛି। ଏହି ସମ୍ପ୍ରସାରଣ ସେଲରମାନଙ୍କୁ ସିଲେକ୍ସନକୁ ତାଙ୍କ ନିକଟତର ରଖି ଗ୍ରାହକଙ୍କୁ ଉତ୍ତମ ଭାବେ ସେବା ପ୍ରଦାନ କରିବା ଏବଂ ହଜାର ହଜାର ନୂଆ କାର୍ଯ୍ୟ ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିବ, ଯାହା ଅଂଚଳକୁ ଆର୍ଥିକ ଲାଭ ପ୍ରଦାନ କରିବ।

# ବାଲୁକାଶିଳ୍ପୀ ମାନସଙ୍କ ସହ ବେଦାନ୍ତର ସହଭାଗିତା

ଭୁବନେଶ୍ୱର,୨୭।୬ (ଅଭୟ ଦାଶ)




ବେଦାନ୍ତ ଆଲୁମିନିୟମ ଏବଂ ବାଲୁକାଶିଳ୍ପୀ ମାନସ କୁମାର ସାହୁଙ୍କ ମଧ୍ୟରେ ଏକ ସହଭାଗିତା ହୋଇଛି। ବିଶେଷକରି ମାନସଙ୍କ ଟିମ୍ ଦ୍ୱାରା ପୁରୀ ବେଳାଭୂମିରେ ଏକ ସର୍ବବୃହତ୍ ବାଲୁକାକଳାର ନିର୍ମାଣ ପାଇଁ ଏହି ସହଭାଗିତା ହୋଇଥିଲା। ଏହି ସହଭାଗିତା ଅନୁସାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ପୁରୀ ଅନ୍ତର୍ଜାତୀୟ ବେଳାଭୂମିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକ ଭବ୍ୟ ବାଲୁକା ମୂର୍ତ୍ତି କରାଯାଇଛି। ଏହି କଳାକୃତିଟି ବାଲୁକାଶିଳ୍ପୀ ମାନସ କୁମାର ସାହୁଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ୧୫ ଫୁଟ ଲମ୍ବ ଏବଂ ୬ ଫୁଟ ଉଚ୍ଚତାବିଶିଷ୍ଟ ଏହି ମୂର୍ତ୍ତିକୁ ୧୦ ଟନ୍ ବାଲି ବ୍ୟବହାର କରାଯାଇ ତିଆରି କରାଯାଇଥିଲାବେଳେ ଏହାକୁ ତିଆରି ପାଇଁ ଦୁଇଦିନ ସମୟ ଲାଗିଥିଲା। ଏହି ମୂର୍ତ୍ତିକୁ ବିଭିନ୍ନ ପ୍ରକାର ରଙ୍ଗ ଏବଂ ଫୁଲମାଳାରେ ସଜ୍ଜିତ କରାଯାଇଥିଲା। ଅପରପକ୍ଷରେ ଏହି ଆକର୍ଷଣୀୟ ମୂର୍ତ୍ତିଟି ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ରଥଯାତ୍ରାର ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି, ଯାହାଙ୍କର ଅନନ୍ୟ ସୃଷ୍ଟି ତାଙ୍କୁ ପୂର୍ବରୁ ବିଶ୍ୱସ୍ତରୀୟ ସ୍ୱୀକୃତି ଦେଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ରଥଯାତ୍ରା ଉପଲକ୍ଷେ ପୁରୀ ଅନ୍ତର୍ଜାତୀୟ ବେଳାଭୂମିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଭବ୍ୟ ବାଲୁକା ମୂର୍ତ୍ତିକୁ ଉନ୍ମୋଚନ କରାଯାଇଛି।

ସେହିଭଳି କୋଣାର୍କର ପ୍ରସିଦ୍ଧ ମୂର୍ତ୍ତିକାର ଏବଂ ଐତିହ୍ୟ ସଂରକ୍ଷଣକାରୀ ପଦ୍ମଶ୍ରୀ ପ୍ରଭାକର ମହାରଣା ଏହି କୃତିକୁ ପ୍ରଶଂସା କରିଥିଲେ, ଯାହା ଏହାର ସାଂସ୍କୃତିକ ଗୁରୁତ୍ୱକୁ ଆହୁରି ସୁଦୃଢ଼ କରିଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ; ଏହା ମହାପ୍ରଭୁ ଜଗନ୍ନାଥ ଏବଂ ଭକ୍ତଙ୍କ ମଧ୍ୟରେ ବିଶ୍ୱାସ, ସମ୍ପ୍ରଦାୟ ଏବଂ ଅନନ୍ତ ବନ୍ଧନର ଏକ ଉତ୍ସବ ବୋଲି କୁହାଯାଉଛି। ଆମେ ବାଲୁକାକଳା ମାଧ୍ୟମରେ ଏହି ପବିତ୍ର ପରମ୍ପରାକୁ ସମର୍ଥନ ଓ ପାଳନ କରି ବେଶ୍ ଉତ୍ସାହିତ ଅଛୁ, ଯାହାକି ଓଡ଼ିଶାର ସଂସ୍କୃତିରେ ଗଭୀର ଭାବେ ରୂପାୟିତ ହୋଇଛି। ବେଦାନ୍ତ ଆଲୁମିନିୟମ ପ୍ରତିବର୍ଷ ରଥଯାତ୍ରା ପାଳନକୁ ଗର୍ବର ସହିତ ସମର୍ଥନ କରିବା ସହ ଓଡ଼ିଶାର ଆଧ୍ୟାତ୍ମିକ ଏବଂ କଳାତ୍ମକ ପରିଚୟକୁ ସଂରକ୍ଷଣ ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥାଏ। ସବୁବର୍ଷ ଭଳି ଏବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନ କରିଛି, ଯେଉଁଥିରେ ଅନ୍ନଛତ୍ର (ଭଣ୍ଡାର ମାଧ୍ୟମରେ ଖାଦ୍ୟ ବଣ୍ଟନ), ପାନୀୟ ଜଳ ଏବଂ ଭକ୍ତଙ୍କ ପାଇଁ ଜଳଖିଆର ବ୍ୟବସ୍ଥା ସହିତ ଏକ ଶାନ୍ତିପୂର୍ଣ୍ଣ ଭଜନ ସନ୍ଧ୍ୟାର ମଧ୍ୟ ଆୟୋଜନ କରାଯାଇଛି, ଯେଉଁଥିରେ ମହାପ୍ରସାଦ ଏବଂ ନିର୍ମାଲ୍ୟ ବଣ୍ଟନ କରାଯାଉଛି।


## ଆସେଟ୍ ଆଲୋକେଶନ୍

## ବଜାର ଅସ୍ଥିରତାକୁ ସୁରୁଖରେ ଅତିକ୍ରମ କରିବାର ଏକ ଉପାୟ

ସମ୍ପ୍ରତି ଭାରତୀୟ ବିତ୍ତୀୟ ବଜାର ନିମ୍ନମୁଖୀ ଚାପର ସମ୍ମୁଖୀନ ହେଉଛି, ଯାହା ଲାର୍ଜ-କ୍ୟାପ୍, ଫ୍ଲେକ୍ସି-କ୍ୟାପ୍, ମିଡ୍-କ୍ୟାପ୍ ଓ ସ୍ମଲ୍-କ୍ୟାପ୍ ଭଳି ବିଭିନ୍ନ ବର୍ଗର ମ୍ୟୁଚୁଆଲ ଫଣ୍ଡର ମୂଲ୍ୟାୟନକୁ ପ୍ରଭାବିତ କରୁଛି। ଭୌଗୋଳିକ-ରାଜନୈତିକ ଉତ୍ତେଜନା ଏବଂ ଘରୋଇ ଅର୍ଥନୈତିକ ଆହ୍ୱାନ କାରଣରୁ କର୍ପୋରେଟ୍ ଆୟ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି, ଯାହାକୁ ନେଇ ମ୍ୟୁଚୁଆଲ ଫଣ୍ଡ ନିବେଶକ, ବିଶେଷକରି ବିଗତ ୭-୮ ମାସରେ ନିଜର ନିବେଶ ଯାତ୍ରା ଆରମ୍ଭ କରିଥିବା ଏସ୍ଆଇପି ନିବେଶକମାନେ ସନ୍ଦିହାନ ହୋଇପଡ଼ିଛନ୍ତି।

### ଆସେଟ୍ ଆଲୋକେଶନ୍ କ'ଣ?

ଆସେଟ୍ ଆଲୋକେଶନ ଇକ୍ୱିଟି, ଡେଟ୍, ସୁନା ଏବଂ ରିୟଲ ଇଷ୍ଟେଟ୍ ଭଳି ବିଭିନ୍ନ ଆସେଟ୍ ଶ୍ରେଣୀରେ ନିବେଶକୁ ବିଭାଜିତ କରିବାର ଏକ ରଣନୀତି ଅଟେ। କ୍ଷତିଭୟର ଆଶଙ୍କାକୁ ହ୍ରାସ କରିବା ଏବଂ ଅସ୍ଥିର ତଥା ସ୍ଥିର ଆସେଟ୍‌ଗୁଡ଼ିକ ମଧ୍ୟରେ ସଂଘର୍ଷକୁ ସନ୍ତୁଳିତ କରି ରିଟର୍ନକୁ ଅନୁକୂଳତମ କରିବା ଏହାର ପ୍ରାଥମିକ ଲକ୍ଷ୍ୟ ହୋଇଥାଏ।

### ଅତୀତରୁ ଆମେ ପାଇଥିବା ଶିକ୍ଷା

- ୨୦୦୮ରେ ଜାଗତିକ ବିତ୍ତୀୟ ସଙ୍କଟ ସମୟରେ ବଜାର ଧରାଶାୟୀ ହୋଇଥିଲା, କିନ୍ତୁ ଯେଉଁ ନିବେଶକମାନେ ଡେଟ୍ ଏବଂ ସୁନା ସହ ନିଜର ପୋର୍ଟଫୋଲିଓକୁ ପୁନଃସନ୍ତୁଳିତ କରିଥିଲେ ସେମାନେ ସମୟକ୍ରମେ ନିଜର କ୍ଷତିକୁ ପୁନରୁଦ୍ଧାର କରିପାରିଲେ।
- ୨୦୨୦ର ମହାମାରୀଜନିତ ସଙ୍କଟ – ପ୍ରାରମ୍ଭିକ ପତନ ପରେ ଇକ୍ୱିଟି ବଜାର ଦୃଢ଼ତାର ସହିତ ପ୍ରତ୍ୟାବର୍ତ୍ତନ କରିଥିଲା ଯାହାଫଳରେ ନିଜର ନିବେଶ ଗତିପଥରେ ନିଶ୍ଚଳ ରହିଥିବା ଶୃଙ୍ଖଳିତ ନିବେଶକମାନେ ଲାଭାନ୍ୱିତ ହୋଇଥିଲେ।

### କ୍ଷୁଦ୍ର ନିବେଶକଙ୍କ ପାଇଁ ପ୍ରମୁଖ ଶିକ୍ଷଣୀୟ ବିଷୟ

୧. ନିଜର ଲକ୍ଷ୍ୟ ଓ ଆଲୋକେଶନ୍ ମଧ୍ୟରେ ତାଳମେଳ ରକ୍ଷା କରନ୍ତୁ ତଥା ନିଜର ଆର୍ଥିକ ଲକ୍ଷ୍ୟ ଏବଂ ସମୟରେଖା ଅନୁଯାୟୀ ନିବେଶ କରନ୍ତୁ।
- **ଇକ୍ୱିଟି** – ଦୀର୍ଘମିଆଦୀ ଅଭିବୃଦ୍ଧି (୫+ ବର୍ଷ) ପାଇଁ ଆଦର୍ଶ।
- **ଡେଟ୍** – ସ୍ୱଳ୍ପରୁ ମଧ୍ୟମ ମିଆଦୀ (୧-୫ ବର୍ଷ) ଲକ୍ଷ୍ୟ ପାଇଁ ସ୍ଥିରତା ଯୋଗାଇଥାଏ।
- **ସୁନା** – ବଜାର ଅନିଶ୍ଚିତତା ସମୟରେ ଏକ ସୁରକ୍ଷା କବଚ ଭଳି କାର୍ଯ୍ୟ କରିଥାଏ।
- **ରିୟଲ ଇଷ୍ଟେଟ୍** – ବିବିଧକରଣ (ଡାଇଭର୍ସିଫିକେଶନ୍) ଏବଂ ଦୀର୍ଘ-ମିଆଦୀ ମୂଲ୍ୟ ବୃଦ୍ଧିର ଲାଭ ଦେଇଥାଏ।

୨. **ନିୟମିତ ଭାବେ ପୁନଃସନ୍ତୁଳନ କରନ୍ତୁ** – ବାଞ୍ଛିତ ଆଲୋକେଶନକୁ ବଜାୟ ରଖିବା ପାଇଁ ପୋର୍ଟଫୋଲିଓକୁ ନିୟମିତ ଭାବେ ଆଡଜଷ୍ଟ କରନ୍ତୁ, ବିଶେଷକରି ବଜାର ନିମ୍ନଗାମୀ ହେଉଥିବା ସମୟରେ।

୩. **ଶୃଙ୍ଖଳିତ ରୁହନ୍ତୁ** – ଭାବାବେଗର ବଶବର୍ତ୍ତୀ ହୋଇ ନିଷ୍ପତ୍ତି ନିଅନ୍ତୁ ନାହିଁ; ବଜାର ପତନଶୀଳ ରହିଥିବା ସମୟରେ ଇକ୍ୱିଟିରେ ଏସ୍ଆଇପି ମୂଲ୍ୟର ହାରାହାରିକରଣ କରିପାରିଥାଏ।

୪. **ହାଇବ୍ରିଡ୍ ଫଣ୍ଡଗୁଡ଼ିକୁ ବିଚାରକୁ ନିଅନ୍ତୁ** –
- ବାଲାନ୍ସଡ୍ ଆଡଭାଣ୍ଟେଜ୍ ଫଣ୍ଡସ (ବିଏଏଫ୍) – ବଜାରର ମୂଲ୍ୟାୟନ ଆଧାରରେ ସକ୍ରିୟ ରୂପେ ଇକ୍ୱିଟି ଓ ଡେଟ୍ ମଧ୍ୟରେ ଆଲୋକେଟ୍ କରନ୍ତୁ, ଯାହାଫଳରେ ମାନୁଆଲ ରିବାଲାନ୍ସିଂର ଆବଶ୍ୟକତା ହ୍ରାସ ପାଇଥାଏ।
- ମଲ୍ଟି-ଆସେଟ୍ ଫଣ୍ଡସ – ଇକ୍ୱିଟି, ଡେଟ୍, ସୁନା ଏବଂ ବେଳେବେଳେ ଅନ୍ତର୍ଜାତୀୟ ଆସେଟ୍‌ରେ ନିବେଶ କରନ୍ତୁ, ଯାହା ଅନ୍ତଃରଚିତ ବିବିଧକରଣ ସୁବିଧା ପ୍ରଦାନ କରିଥାଏ।
- ଆସେଟ୍ ଆଲୋକେଟର୍ ଫଣ୍ଡ ଅଫ୍ ଫଣ୍ଡସ (ଏଫ୍ଓଏଫ୍) – ଇକ୍ୱିଟି, ଡେଟ୍ ଏବଂ ସୁନା ଫଣ୍ଡର ମିଶ୍ରଣରେ ନିବେଶ କରନ୍ତୁ, ଆସେଟ୍ ଆଲୋକେଶନର କାର୍ଯ୍ୟକୁ ପେସାଦାର ଫଣ୍ଡ ମ୍ୟାନେଜରଙ୍କ ଉପରେ ନ୍ୟସ୍ତ କରନ୍ତୁ।

୫. **ଟିକସ ଦକ୍ଷତା** – ହାଇବ୍ରିଡ୍ ଫଣ୍ଡ ଏବଂ ଏଫ୍ଓଏଫ୍ ଆଭ୍ୟନ୍ତରୀଣ ଭାବେ ପୁନଃସନ୍ତୁଳନକୁ ସମ୍ଭାଳିପାରିଥାଏ, ଏହାଫଳରେ ପୃଥକ୍ ଆସେଟ୍‌ଗୁଡ଼ିକର ବାରମ୍ବାର କ୍ରୟ/ବିକ୍ରୟ କାରଣରୁ ଉପୁଜୁଥିବା ଟିକସ ଦାୟକୁ ଏଡ଼ାଇହୋଇଥାଏ।



ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ
ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଏଏମ୍ସି ଲିଃ

### ସାମ୍ପ୍ରତିକ ଦୃଶ୍ୟକ୍ରମ

ସମ୍ପ୍ରତି ବଜାର ପତନମୁଖୀ ହୋଇଥିବାରୁ, ଏସ୍ଆଇପି ନିବେଶକମାନେ ଦୀର୍ଘ-ମିଆଦୀ ଲକ୍ଷ୍ୟ ଉପରେ ଦୃଷ୍ଟିକେନ୍ଦ୍ରିତ କରିବା ଆବଶ୍ୟକ ଏବଂ ଆତଙ୍କିତ ହୋଇ ପୁଞ୍ଜି ପ୍ରତ୍ୟାହାରରୁ ବିରତ ରହିବା ଉଚିତ। ଆସେଟ୍ ଆଲୋକେଶନ୍ ଅସ୍ଥିରତା ମଧ୍ୟ ଦେଇ ଯାତ୍ରାକୁ ସୁଗମ କରିବା ସୁନିଶ୍ଚିତ କରିଥାଏ ଏବଂ ସ୍ୱଳ୍ପ-ମିଆଦୀ ବିଭ୍ରାଟ ସତ୍ତ୍ୱେ ନିବେଶକମାନଙ୍କୁ ଠିକ୍ ମାର୍ଗରେ ରହିବାରେ ସାହାଯ୍ୟ କରିଥାଏ। ବିଶେଷ କରି ହାଇବ୍ରିଡ୍ ଫଣ୍ଡଗୁଡ଼ିକ ଆସେଟ୍ ଆଲୋକେଶନ୍ ପାଇଁ ହସ୍ତକ୍ଷେପବିହୀନ ମାର୍ଗ ଉପଲବ୍ଧ କରାଇଥାଏ, ତେଣୁ ନିବେଶର ପେସାଦାର ପରିଚାଳନା ଏବଂ ଟିକସ ଦକ୍ଷତା ଚାହୁଁଥିବା ନିବେଶକ ପାଇଁ ସେଗୁଡ଼ିକ ଆଦର୍ଶ ଅଟେ।

*ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ*

Aditya Birla Sun Life Mutual Fund

ADITYA BIRLA CAPITAL
MUTUAL FUNDS

ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ। ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ। କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: **https://mutualfund.adityabirlacapital.com/Investor-Education/education/kyc-and-redressal**

ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜଗୁଡ଼ିକୁ ଧ୍ୟାନପୂର୍ବକ ପଢ଼ନ୍ତୁ

❝ ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –ଶ୍ରୀମା



# ଦୁଇ ଦକ୍ଷ ଅଧିକାରୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଥମଥର ପାଇଁ ଫେବୃଆରୀରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)ଦୁଇ ଜଣ ପୂର୍ଣ୍ଣକାଳୀନ ପ୍ରମୁଖ ସଚିବଙ୍କୁ ନେଇ ଚାଲିଆସୁଛି। ସେହି ଦୁଇ ଜଣ ହେଉଛନ୍ତି ପି. କେ. ମିଶ୍ର ଓ ଶକ୍ତିକାନ୍ତ ଦାସ । ଏଭଳି ବ୍ୟବସ୍ଥା ମୋଦିଙ୍କ ତୃତୀୟ ପାଳିରେ ଶୀଘ୍ର କାମ କରିବା, ମଜଭୁତ ସମନ୍ୱୟ ଏବଂ ୨୦୩୦ ଲକ୍ଷ୍ୟ ଉପରେ ସମ୍ପୂର୍ଣ୍ଣ ଧ୍ୟାନକେନ୍ଦ୍ରିତ କରିବାର ମହତ୍ତ୍ୱାକାଂକ୍ଷା ସ୍ତରକୁ ପ୍ରତିପାଦିତ କରୁଛି। ମିଶ୍ର ଅର୍ଥ ମନ୍ତ୍ରଣାଳୟ ସହ ଜଡ଼ିତ କାର୍ଯ୍ୟ, ଭିତ୍ତିଭୂମି ଏବଂ ନିଯୁକ୍ତି କଥା ବୁଝୁଥିବାବେଳେ ଦାସ ସ୍ୱାସ୍ଥ୍ୟ, କୃଷି ଓ ଶିକ୍ଷା ବିଷୟ ନିରୀକ୍ଷଣ କରୁଛନ୍ତି। ଦାୟିତ୍ୱକୁ ଏଭଳି ଭାଗ କରାଯିବା ଯୁକ୍ତିଯୁକ୍ତ ଏବଂ ଲକ୍ଷ୍ୟ ମଧ୍ୟ ତ୍ରୁଟିଶୂନ୍ୟ, ଯେଉଁଥିରେ ବାଧା ଦୂର ହେବା ସହ ନିଷ୍ପତ୍ତି ପ୍ରକ୍ରିୟାଗୁଡ଼ିକୁ ସଂକ୍ଷିପ୍ତ କରାଯାଇପାରୁଛି। କିନ୍ତୁ ପର୍ଯ୍ୟବେକ୍ଷକଙ୍କ ମତରେ, ଏବେ ଅଧିକ କ୍ଷମତା ଦୁଇଜଣ ଅଣ ନିର୍ବାଚିତ କର୍ମଚାରୀଙ୍କ ପାଖକୁ ଯାଉଛି। ତେବେ ମନ୍ତ୍ରଣାଳୟଗୁଡ଼ିକର କ'ଣ ହେବ? ମନ୍ତ୍ରଣାଳୟ ସବୁ କେବଳ ସଙ୍କେତକୁ ଅପେକ୍ଷା କରୁଛନ୍ତି। ଉଭୟ ମିଶ୍ର ଓ ଦାସ ଅଧିକ ଦକ୍ଷ, କିନ୍ତୁ ବ୍ୟକ୍ତିଗତ ଦକ୍ଷତା ଉପରେ କୌଣସି ଶାସନ ଢାଞ୍ଚା ନିର୍ଭର କରିବା ଉଚିତ ନୁହେଁ। ଚିନ୍ତାର ବିଷୟ ହେଉଛି କାମ କରିବାର ଗତି ଓ ଗମ୍ଭୀରତା। ଏକ କେନ୍ଦ୍ରୀକୃତ ଢାଞ୍ଚା ଅଧିକ କାମ କରିପାରେ, କିନ୍ତୁ ଏହା ଗଣତାନ୍ତ୍ରିକ ବ୍ୟବସ୍ଥାର ନିରୀକ୍ଷଣ ଓ ମୁକ୍ତ ବିତର୍କକୁ ସଙ୍କୁଚିତ କରିବ। ମନ୍ତ୍ରଣାଳୟଗୁଡ଼ିକର ଯୋଗାଯୋଗ ଭଲ ରହିଲେ ଏକ ଡବଲ ଇଞ୍ଜିନ ପିଏମ୍‌ଓ ଯୋଜନାର କାର୍ଯ୍ୟକାରିତାକୁ ଅଗ୍ରଗତି କରାଇପାରେ। ଅନ୍ୟଥା ଯାହା ଦକ୍ଷତା ଭଳି ଦେଖାଯାଉଛି, ସମୟକ୍ରମେ ସେଥିରେ ଦୁର୍ବଳତା ପ୍ରକାଶ ପାଇପାରେ। ସାଉଥ୍ ବ୍ଲକ ନେତୃତ୍ୱ ନେଇପାରେ ବା ପଥପ୍ରଦର୍ଶନ କରିପାରେ, କିନ୍ତୁ ଶାସନର ଇଞ୍ଜିନ ଚାହେଁ ତାହାର ସବୁ ଅଂଶ ଠିକ୍ ଭାବେ କାମ କରନ୍ତୁ ଏବଂ ଏଥିରେ ପ୍ରଧାନମନ୍ତ୍ରୀଙ୍କ ଅତି ନିକଟତର ଲୋକଙ୍କର ଦରକାର ନାହିଁ।

### ସତର୍କ ଘଣ୍ଟି

ନିକଟରେ ଉତ୍ତରାଖଣ୍ଡ ରାଜ୍ୟ ଫରେଷ୍ଟ ଫୋର୍ସର ମୁଖ୍ୟ ଡ. ଧନଞ୍ଜୟ ମୋହନ ଅଚାନକ ରହସ୍ୟମୟ ଭାବେ ପଦବୀ ଛାଡ଼ି ଦେଇଛନ୍ତି। ଡେରାଡୁନ୍ ନିବାସୀ ଡ. ମୋହନ ହେଉଛନ୍ତି ଜଣେ ଶୀର୍ଷ ବନ ଅଧିକାରୀ ତଥା ଆଇଆଇଟି କାନପୁରର ଗୋଲ୍ଡ ମେଡାଲିଷ୍ଟ ଏବଂ ଜଣେ ବୈଶ୍ୱିକ ଖ୍ୟାତିସମ୍ପନ୍ନ ପକ୍ଷୀ ବିଶେଷଜ୍ଞ । ସେ ୨୪ ଘଣ୍ଟା ମଧ୍ୟରେ ଅପସରି ଯିବେ ବୋଲି ଆଶା କରାଯାଇ ନ ପାରେ, କିନ୍ତୁ ସେ ତାହା ହିଁ କଲେ। ସେବା ନିବୃତ୍ତିର ମାତ୍ର ଦୁଇ ମାସ ପୂର୍ବରୁ ଅର୍ଥାତ୍ ଜୁନ୍ ୨୦ରେ ସେ ସ୍ୱେଚ୍ଛାକୃତ ଅବସର (ଭିଆର୍‌ଏସ୍) ପାଇଁ ଆବେଦନ କରିଥିଲେ, ଯାହାକୁ ଶୀଘ୍ର ଗ୍ରହଣ କରି ନିଆଗଲା। ଏହା ସମ୍ପର୍କରେ ସରକାରୀ ସ୍ତରରେ କିଛି କୁହାଯାଇନାହିଁ। କିନ୍ତୁ ବେସରକାରୀ ସ୍ତରରେ ଅନେକ କଥା ସାମ୍ନାକୁ ଆସୁଛି। କେତେକେ ବିଶ୍ୱାସ କରୁଛନ୍ତି ଯେ, ସେ ଅଧିକ ସୁବ୍ୟବସ୍ଥିତ ଧାରାରେ କାମ କରୁଥିଲେ ଓ ତାଙ୍କ ସଚ୍ଚୋଟତା ହିଁ କ୍ଷତିର କାରଣ ହେଲା। ମିୟାୱାକି ପ୍ରୋଜେକ୍ଟରେ ଟାରାଗଛ କିଣାରେ ହୋଇଥିବା ରାଜନୈତିକ ଦୁର୍ନୀତିକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଛି, ଯାହା ଏକ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିଥାଇପାରେ ; ଯେଉଁଥିରେ ସେ ବଦଳି ହେବାକୁ ଚାହିଁଥାଇ ପାରିଥାଆନ୍ତି। ଏହା ଏକ ବିଡ଼ମ୍ବନା ଓ ଚିନ୍ତାର ବିଷୟ ଯେ, ଯେଉଁ ବ୍ୟକ୍ତି ଜଙ୍ଗଲ ପାଇଁ ବଞ୍ଚୁଥିଲେ ଏବଂ ପରିସଂସ୍ଥାକୁ ସୁରକ୍ଷିତ ରଖିବାକୁ ଚାହୁଁଥିଲେ ତାଙ୍କୁ ବାହାର କରିଦିଆଯାଇଥିବା ଅନୁମାନ କରାଯାଉଛି। ତାହା ଯଦି ପ୍ରକୃତ କାରଣ ହୋଇଥାଏ, ତେବେ ଆମେ କେବଳ ଜଣେ ବାବୁଙ୍କୁ ହରାଇନୁ, ବରଂ ଏହା ସଚ୍ଚୋଟ ଲୋକସେବା ପାଇଁ ଏକ ସତର୍କ ଘଣ୍ଟି ବୋଲି କୁହାଯାଇପାରେ।

### ପରିବର୍ତ୍ତନ ଅପେକ୍ଷାରେ ସିବିଡିଟି

ଶୀର୍ଷ ସ୍ତରରେ ଆଉ ଏକ ପର୍ଯ୍ୟାୟ ଅଦଳବଦଳ ପାଇଁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍ (ସିବିଡିଟି) ପ୍ରସ୍ତୁତ ହେଉଛି କିମ୍ବା ପରିବର୍ତ୍ତନର ସମ୍ଭାବନା ଦେଖାଯାଇଛି। ସିବିଡିଟି ଚେୟାରମ୍ୟାନ ରବି ଅଗ୍ରୱାଲାଙ୍କର ବୃଦ୍ଧି କରାଯାଇଥିବା କାର୍ଯ୍ୟକାଳ ୩୦ ଜୁନ୍‌ରେ ଶେଷ ହେବ। ତାଙ୍କ ସହିତ ଅନ୍ୟ ଦୁଇ ବରିଷ୍ଠ ସଦସ୍ୟ ପ୍ରବୋଧ ସେଠ (ପ୍ରଶାସନ) ଏବଂ ଆର.ଏନ୍.ପର୍ବତ( ଆଇନ) ମଧ୍ୟ ଛାଡ଼ିବାକୁ ଯାଉଛନ୍ତି। ଯଦି ନର୍ଥ ବ୍ଲକର ଗୁଞ୍ଜରଣ ଉପରେ ବିଶ୍ୱାସ କରାଯାଏ, ତେବେ ଅଗ୍ରୱାଲଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇପାରେ, କିନ୍ତୁ ଏଥର ଚୁକ୍ତିଭିତ୍ତିକ ହୋଇପାରେ। କେତେଜଣ ପର୍ଯ୍ୟବେକ୍ଷକ ଯୁକ୍ତି କରନ୍ତି ଯେ, କାର୍ଯ୍ୟକାଳ ବୃଦ୍ଧି କରିବା ଟ୍ୟାକ୍ସ ଆଡମିନିଷ୍ଟ୍ରେଶନ ପାଇଁ ମହତ୍ତ୍ୱପୂର୍ଣ୍ଣ। ତେବେ ରାଜସ୍ୱ ସେବାରେ ଏକ ବଡ଼ ଗୋଷ୍ଠୀ ଅଛି ଯାହା ନୂଆ ଲୋକ ଯୋଗଦେବା ଲାଗି ଚାହୁଁଛି। ଏକ ନୂଆ ସିବିଡିଟି ଗଠନ ପାଇଁ ଡିଜି, ପିସିସିଆଇଟିମାନଙ୍କ ସହ ଅନ୍ୟସବୁ ପ୍ରମୁଖ ଆଞ୍ଚଳିକ ପଦବୀଗୁଡ଼ିକ ପରିବର୍ତ୍ତନ ହୋଇପାରେ। ଏହିସବୁ ପଦବୀଗୁଡ଼ିକ ମଧ୍ୟରୁ ଅନେକ ଏବେ ସୁଦ୍ଧା ଖାଲି ପଡ଼ିଛି କିମ୍ବା ଆଗକୁ ଖାଲି ହେବାକୁ ଯାଉଛି। ନିର୍ବାଚନ ପରେ ବରିଷ୍ଠ ସ୍ତରରେ ପ୍ରଥମେ ଏକ ପ୍ରମୁଖ ଅଦଳବଦଳ ହେବାକୁ ଯାଉଛି। ଜଣାଶୁଣା ଅଧିକାରୀଙ୍କୁ ନେଇ ସୁରକ୍ଷିତ ଭାବେ କେନ୍ଦ୍ର କାର୍ଯ୍ୟ କରିବ ନା କେବଳ ପୁନର୍ଗଠନ ଓ ନବୀକରଣର ସଙ୍କେତ ଦେଉଛି? ଏହି ପରିବର୍ତ୍ତନରେ କିଏ ପଦବୀରେ ବସିବେ ତାହା ବଡ଼ କଥା ନୁହେଁ, ବରଂ ଆଶା କରାଯାଏ, ସେମାନଙ୍କ ପାରିପାର୍ଶ୍ୱିକ ବ୍ୟବସ୍ଥା ଶୀଘ୍ର ଓ ସକ୍ରିୟତାର ସହ କାମ କରୁ ।

Email: dilipcherian@gmail.com

# ଗଣତନ୍ତ୍ର ସରକାର ଓ ଏହାର ସ୍ୱରୂପ



ହରେକୃଷ୍ଣ ପଣ୍ଡା

ଯେଉଁଠାରେ ରାଷ୍ଟ୍ର ବା ରାଜ୍ୟର ଶାସନ ଅଳ୍ପ ବ୍ୟକ୍ତିଙ୍କ ହାତରେ ନ୍ୟସ୍ତ ଥାଏ ଏବଂ ସେମାନେ ଶାସନ ପରିଚାଳନା କରିଥାଆନ୍ତି, ତାହାକୁ ଆଭିଜାତତନ୍ତ୍ର କୁହାଯାଏ । ଶାସନ କ୍ଷମତା ବହୁ ସଂଖ୍ୟକ ବ୍ୟକ୍ତିଙ୍କ ହାତରେ ରହିଲେ ତାହାକୁ ଜନତନ୍ତ୍ର କୁହାଯାଏ। ରାଜତନ୍ତ୍ର, ଜନତନ୍ତ୍ର ଓ ଆଭିଜାତତନ୍ତ୍ର ହେଉଛି ସରକାରଙ୍କ ସ୍ୱାଭାବିକ ରୂପ। ଏଗୁଡ଼ିକ ରାଷ୍ଟ୍ରର ମଙ୍ଗଳ ସାଧନ ପାଇଁ ଉଦ୍ଦିଷ୍ଟ ଓ ଏହା ସୁଶାସନ ପ୍ରତିଷ୍ଠା କରିଥାଏ। ଏଗୁଡ଼ିକ ଯେତେବେଳେ ଆଦର୍ଶଭ୍ରଷ୍ଟ ହୋଇ ବିକୃତ ରୂପ ଧାରଣ କରେ ସେତେବେଳେ ଏହା ସର୍ବସାଧାରଣଙ୍କ ମଙ୍ଗଳସାଧନ ନ କରି ଶାସକ ଗୋଷ୍ଠୀର ସ୍ୱାର୍ଥସାଧନରେ ବ୍ରତୀ ହୁଏ। ଆଭିଜାତତନ୍ତ୍ରର ଆଦର୍ଶ ଭ୍ରଷ୍ଟ ହେଲେ ତାହା ଗୋଷ୍ଠୀତନ୍ତ୍ରରେ ପରିଣତ ହୁଏ। ଏହି ଶାସନ ବ୍ୟବସ୍ଥାରେ ଶାସକ ଗୋଷ୍ଠୀ ନିଜର ସ୍ୱାର୍ଥସାଧନ ପାଇଁ ଶାସନକାର୍ଯ୍ୟ ପରିଚାଳନା କରିଥାଆନ୍ତି। ଆରିଷ୍ଟଟଲଙ୍କ ମତରେ ଜନତନ୍ତ୍ର ବିକୃତ ରୂପଧାରଣ କଲେ ଗଣତନ୍ତ୍ର ସୃଷ୍ଟି ହୋଇଥାଏ। ଏଥିରେ ବହୁବ୍ୟକ୍ତି ଶାସନରେ ଥିଲେ ମଧ୍ୟ ସେମାନେ ନିଜ ସ୍ୱାର୍ଥ ପାଇଁ କ୍ଷମତା ପ୍ରୟୋଗ କରିଥାଆନ୍ତି। ପୁଣି ଆରିଷ୍ଟଟଲ କହିଛନ୍ତି, କୌଣସି ଶାସନ ବ୍ୟବସ୍ଥା ସ୍ଥାୟୀ ନୁହେଁ। ଏହା ପରିବର୍ତ୍ତନଶୀଳ।

ଆମେ ଏବେ ଦେଖିବା ଭାରତୀୟ ରାଜନୀତିର ବହୁରୂପୀ ଆଭିମୁଖ୍ୟ କଥା। ଗଣତାନ୍ତ୍ରିକ ରାଷ୍ଟ୍ରରେ ରାଜନୈତିକ ଦଳଗୁଡ଼ିକ ନିର୍ବାଚନରେ ବିଜୟ ହାସଲ କରି କ୍ଷମତାସୀନ ହେଉଛନ୍ତି। କିନ୍ତୁ ଗଣତାନ୍ତ୍ରିକ ଶାସନ ଓ ବ୍ୟବସ୍ଥା ପରିବର୍ତ୍ତେ ନିଜକୁ, ନିଜ ଦଳକୁ ସୁହାଇଲା ଭଳି ଶାସନ ତଥା ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ବିଭିନ୍ନ ସମୟରେ ବିଭିନ୍ନ ସରକାର ଆସିଛନ୍ତି। କିନ୍ତୁ ଦେଖାଯାଇଛି ପ୍ରତି ସରକାରଙ୍କର ଶାସନ ପରିଚାଳନା ଢାଞ୍ଚା ଭିନ୍ନ ଭିନ୍ନ। ସେମାନେ ଶାସନ ପରିବର୍ତ୍ତନ ଆଳରେ ସମାଜ ସହ ତାଳ ଦେଇ ଗତି କରିଛନ୍ତି। କିନ୍ତୁ ଦେଖାଯାଇଛି ସାମାଜିକ ମଙ୍ଗଳ ବା ରାଷ୍ଟ୍ରୀୟ ପ୍ରଗତି ଆଳରେ ସନ୍ତୁଷ୍ଟୀକରଣ ନୀତିକୁ ଆପଣେଇ ନେଇଛନ୍ତି; ଯାହାଫଳରେ ମନୁଷ୍ୟକୁ ସାମାଜିକ ପରିବର୍ତ୍ତନର ଶକ୍ତି ବା ଆୟୁଧ ସହ ପରିଚିତି କରାଇ ପାରିନାହାନ୍ତି। ଆଧୁନିକ ଯୁଗର ପ୍ରସିଦ୍ଧ ରାଜନୀତି ବିଜ୍ଞାନୀ ଅଧ୍ୟାପକ ହାରଲ୍‌ଡ ଡି, ଲାସ୍ ଓେଲଙ୍କ ମତରେ ମନୁଷ୍ୟର ଚରିତ୍ର, ବ୍ୟବହାର, ଆଚରଣ ମନୋବୃତ୍ତି ଅନୁଶୀଳନ ପରେ ଯେଉଁ ତତ୍ତ୍ୱ ନିର୍ଦ୍ଧାରିତ ହେଉଛି, ତାହା ସମାଜ ତଥା ରାଜନୀତିକ ଜୀବନକୁ ପରିବର୍ତ୍ତନଶୀଳ ଓ ଗତିଶୀଳ କରିବାରେ ସାହାଯ୍ୟ କରିଥାଏ। କେତେକେ କୁହନ୍ତି, ବିବର୍ତ୍ତନ ଧାରାରେ ଗଣତନ୍ତ୍ର ହେଉ କିମ୍ବା ରାଜତନ୍ତ୍ର , ତାହା ପରିବର୍ତ୍ତନ ହେବାକୁ ବାଧ୍ୟ ହୋଇଥାଏ। ସେଥିପାଇଁ ଗଣତନ୍ତ୍ରପ୍ରେମୀ ଜନତାଙ୍କ ପ୍ରଶ୍ନ ଉଠେ, ଭାରତୀୟ ରାଜନୀତିର ଆଭିମୁଖ୍ୟ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ପଦ୍ଧତି ଆଡ଼କୁ ନା ଜନତନ୍ତ୍ର ଆଡ଼କୁ ନା ଆଭିଜାତତନ୍ତ୍ର ଆଡ଼କୁ ନା ସମାଜବାଦ ଆଡ଼କୁ? କିନ୍ତୁ କୌଣସି ରାଜନୀତିଜ୍ଞ କହି ପାରି ନାହାନ୍ତି କେଉଁ ସରକାରଙ୍କ ଆଭିମୁଖ୍ୟ କେଉଁ ଆଡ଼କୁ। ଯେଉଁମାନେ କହିଛନ୍ତି ତାହା କେବଳ ଅନ୍ଧାରୁଆ ବାଡ଼ି ବୁଲାଇଲାଭଳି। ବୁଦ୍ଧିଜୀବୀ ମହଲରେ ଆହୁରି ଏକ ପ୍ରଶ୍ନ ଏଯାବତ୍ ସମାଧାନ କରି କେହି କହିପାରିନାହାନ୍ତି। ରାଷ୍ଟ୍ର ବିଜ୍ଞାନବିତ୍‌ମାନେ ଆରିଷ୍ଟଟଲଙ୍କ ଥିଓରିକୁ ଅନୁସରଣ କରି ଆଧୁନିକ ରାଷ୍ଟ୍ରକୁ ରାଜତନ୍ତ୍ର, ଆଭିଜାତତନ୍ତ୍ର ଓ



ଗଣତନ୍ତ୍ର ଏହିପରି ତିନିଭାଗରେ ବିଭକ୍ତ କରିଛନ୍ତି। କେତେବେଳେ ଗଣତନ୍ତ୍ରକୁ ସାଧାରଣତନ୍ତ୍ର ରାଷ୍ଟ୍ର ବୋଲି କୁହାଯାଇଛି। ଅନ୍ୟ କେତେକ ରାଜନୀତି ବିଜ୍ଞାନୀ ଜନତନ୍ତ୍ର ବୋଲି କହିଛନ୍ତି। ଏହା ବ୍ୟତୀତ ଆଉ ଗୋଟିଏ ପ୍ରକାର ରାଷ୍ଟ୍ର ଅଛି ଯାହାକୁ ଏକଚ୍ଛତ୍ରବାଦ ରାଷ୍ଟ୍ର କୁହନ୍ତି। ସୁତରାଂ ଆଧୁନିକ ଯୁଗରେ ରାଷ୍ଟ୍ରକୁ ଗଣତନ୍ତ୍ର ବା ଏକଚ୍ଛତ୍ରବାଦ ଦୁଇଟିରୁ ଗୋଟିଏ ଶାସନ ବ୍ୟବସ୍ଥାକୁ ଗ୍ରହଣ କରିବାକୁ ପଡ଼ିଥାଏ। ଆଉ କେତେକ ରାଷ୍ଟ୍ରକୁ ରାଷ୍ଟ୍ର ସଂଘ ବା ସଂସଦୀୟ ସରକାର ବୋଲି କହିଥାଆନ୍ତି। ଆମ ଦେଶକୁ ସଂସଦୀୟ ସରକାରସବୁ ଶାସନ କରନ୍ତି। ଏମାନଙ୍କ ଆଭିମୁଖ୍ୟ ଗଣତନ୍ତ୍ର, ଜନତନ୍ତ୍ର, ଆଭିଜାତତନ୍ତ୍ର, ଏକଚ୍ଛତ୍ରବାଦ ଏଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ ଦିଗକୁ ଗତି କରିଥାଏ। ଆଜିକାଲି ଗୋଟିଏ ଅଦୃଶ୍ୟ ଶକ୍ତି କାର୍ଯ୍ୟ କରୁଛି; ଯେଉଁଥି ପାଇଁ ଶାସକମାନେ କହୁଥିବା କଥା ପ୍ରାୟତଃ ସତ ନୁହେଁ ବୋଲି ଯାହା ମାଡ୍ରାସ ହାଇକୋର୍ଟରେ ଜନସାଧାରଣଙ୍କ ପାଇଁ କୁହାଯାଉଛି ତାହାର ସତ୍ୟତା ଅଛି। ଯାହା ଫଳରେ ଅମଲାତନ୍ତ୍ରର ଶାସନ ପାଖରେ ଜନତନ୍ତ୍ର ଶାସନ ଗୌଣ ହୋଇଯାଇଥାଏ।

ଭାରତ ସ୍ୱାଧୀନ ହେବା ପରଠାରୁ ଏଯାବତ ଶାସନତନ୍ତ୍ରରେ ଅମଲାତନ୍ତ୍ର ସବୁବେଳେ ପ୍ରଭାବଶାଳୀ ହୋଇ ଆସିଛି। ସେମାନଙ୍କ ଚେର ଏତେ ଗଭୀର ଯେ ତାଙ୍କୁ ହଲେଇବା କଷ୍ଟକର । ସେମାନେ ଯେତେ ପ୍ରଭାବଶାଳୀ ହେବେ ଆଭିଜାତତନ୍ତ୍ର ଜନତନ୍ତ୍ରକୁ ଧୂଳିସାତ୍ କରିଦେବ। ଭାରତ ସ୍ୱାଧୀନତା ହେବା ପରେ ଆଭିଜାତ ତନ୍ତ୍ର ଶାସକ ପାଖରେ ପରିଦୃଶ୍ୟ ହୁଏ ନାହିଁ। ତାହା ଅମଲାତନ୍ତ୍ର ପାଖରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ ରହି ଯାଇଛି। ଆରିଷ୍ଟଟଲଙ୍କ ଥିଓରିର ମୌଳିକ ପରିବର୍ତ୍ତନ ଘଟିଛି। ଏହାର ବହୁତ କାରଣ ମଧ୍ୟ ଅଛି। ନିର୍ବାଚିତ ପ୍ରତିନିଧି ଅଜ୍ଞ, ଅନଭିଜ୍ଞ, ଅଦୂରଦୃଷ୍ଟିସମ୍ପନ୍ନ ହେଲେ ଗଣତନ୍ତ୍ର ରାଷ୍ଟ୍ରରେ ଅମଲାତନ୍ତ୍ର ବଳଶାଳୀ ହୋଇଯିବ। ଦେଖିବାକୁ ଗଲେ ଅମଲାତନ୍ତ୍ର ସବୁ ସରକାରଙ୍କ ଅମଳରେ ଶାସନକର୍ତ୍ତା ସାଜିଛନ୍ତି। ଏହାର ଢାଞ୍ଚା ପରିବର୍ତ୍ତନ ପାଇଁ ସରକାରମାନେ କେବେ ଚିନ୍ତା କରିବା ଦେଖା ଯାଏନାହିଁ।

ଆମ ଦେଶରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର ଘନିଷ୍ଠ ସମ୍ପର୍କ ରହିଛି। ଯେଉଁଠାରେ ବ୍ୟବସ୍ଥାପକ ଓ କାର୍ଯ୍ୟପାଳିକାର ପରସ୍ପର ସହଯୋଗ ଏବଂ ବୁଝାମଣା ଉପରେ ପର୍ଯ୍ୟବସିତ ତାହାକୁ ସଂସଦୀୟ ସରକାର କୁହାଯାଇଥାଏ। ଏହି ସରକାରରେ କାର୍ଯ୍ୟପାଳିକା ବ୍ୟବସ୍ଥାପିକାର ଅଂଶ ବିଶେଷ ହୋଇଥାଏ। କାର୍ଯ୍ୟପାଳିକା ତା'ର ସମସ୍ତ କାର୍ଯ୍ୟପାଇଁ ବ୍ୟବସ୍ଥାପିକା ପାଖରେ ଦାୟୀ ରହିବା କଥା। ବ୍ୟବସ୍ଥାପକମାନେ ଜନସାଧାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ପାଇଁ ନିର୍ବାଚିତ ହୋଇଥିବାରୁ ସେମାନେ ମଧ୍ୟ ସେମାନଙ୍କ କାମ ପାଇଁ ଜନସାଧାରଣଙ୍କ ପାଖରେ ଦାୟୀ ରହିଥାଆନ୍ତି। ତେଣୁ ଏହାକୁ ଉତ୍ତରଦାୟୀ ସରକାର କୁହାଯାଏ। କିନ୍ତୁ ଆମ ଦେଶର ଜନସାଧାରଣ କେବେ ହେଲେ ଏହି ଉତ୍ତରଦାୟିତ୍ୱ ସମ୍ପର୍କରେ ନିର୍ବାଚିତ ପ୍ରତିନିଧିଙ୍କୁ ପ୍ରଶ୍ନ କରନ୍ତି ନାହିଁ କିମ୍ବା ଏ ସମ୍ପର୍କରେ ଆଦୌ ସଚେତନ ହୋଇ ନାହାନ୍ତି ବୋଲି କୁହାଯିବ। ସରକାରଙ୍କ ପରେ ସରକାର ଆସୁଛନ୍ତି, ଯାଉଛନ୍ତି। ସେମାନେ ସମ୍ବିଧାନ ଓ ବ୍ୟବସ୍ଥାପିକାର ବିଧିକୁ ଉଲ୍ଲଂଘନ କରି ବହୁ କାର୍ଯ୍ୟ କରି ଯାଇଥିଲେ ହେଁ କେବେହେଲେ ପରବର୍ତ୍ତୀ ସମୟରେ ଉତ୍ତରଦାୟୀ ହୋଇପାରି ନାହାନ୍ତି। ସେମାନଙ୍କ ପାଇଁ ଏଭଳି ସୁଯୋଗ ସୃଷ୍ଟି ହୋଇଛି କେବଳ ସଂଘୀୟ ସରକାରଙ୍କ ପାଇଁ। ଗଣତନ୍ତ୍ରରେ ଅମଲା ନୁହନ୍ତି ବରଂ ନିର୍ବାଚିତ ସରକାର ଲୋକଙ୍କ ନିକଟରେ ଉତ୍ତରଦାୟୀ ହୋଇଥିବାରୁ ମନ୍ତ୍ରୀମାନଙ୍କୁ ସେମାନଙ୍କର କ୍ଷମତା ପ୍ରୟୋଗ କରିବାକୁ ସୁଯୋଗ ପ୍ରଦାନ କରାଯାଇଥାଏ। ଏଠାରେ ବିଚାର କରାଯାଇପାରେ ଯେ ଆଭିଜାତତନ୍ତ୍ରର ମୌଳିକ ସ୍ୱରୂପଟି ହେଉଛି ଅମଲାତନ୍ତ୍ର। ପ୍ରାୟତଃ ସେମାନଙ୍କ ଇଚ୍ଛାରେ ଶାସନ ଚଳେ। ନିଯୁକ୍ତି, ଉନ୍ନୟନ କାର୍ଯ୍ୟ, ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ରାଜକୋଷରୁ ଅର୍ଥ ଆଣିବା ଦାୟିତ୍ୱ ରହିଛି ସଚିବମାନଙ୍କ ଉପରେ। ଏପରିସ୍ଥଳେ ଦେଖିବାକୁ ଗଲେ ରାଷ୍ଟ୍ରସଂଘର ଆବଶ୍ୟକତା ରହିଛି। କାରଣ ରାଷ୍ଟ୍ରସଂଘ ଏକ ଶକ୍ତିଶାଳୀ ଓ ବୃହତ୍ ରାଷ୍ଟ୍ର ସୃଷ୍ଟି କରେ। ଏଠାରେ ଲିଖିତ ସମ୍ବିଧାନ ଓ ନିରପେକ୍ଷ ନ୍ୟାୟାଳୟ ଥିବାରୁ ଏକଚ୍ଛତ୍ରବାଦ ଶାସନ ପ୍ରତିଷ୍ଠା ହୋଇପାରେ ନାହିଁ। ଅପରପକ୍ଷରେ କ୍ଷମତା ବିକେନ୍ଦ୍ରୀକରଣ ଫଳରେ ଶାସନଗତ ଐକ୍ୟ ଓ ସଂହତି ବାଧାପ୍ରାପ୍ତ ହୁଏ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ପ୍ରଣୀତ ଆଇନ ମଧ୍ୟରେ ବେଳେ ବେଳେ ସଂଘର୍ଷ ଦେଖାଦିଏ। ତେଣୁ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ଦୁହେଁ ଯଦି ନିଜର ଉତ୍ତରଦାୟିତ୍ୱ ସମ୍ପର୍କରେ ସଚେତନ ରୁହନ୍ତେ ଏବଂ ଏମାନଙ୍କ ଉପରେ ରାଷ୍ଟ୍ରପତି ତଥା ରାଜ୍ୟପାଳଙ୍କୁ ସାମ୍ବିଧାନିକ ଲିଖିତ କ୍ଷମତା ଦିଆଯାଆନ୍ତା ତେବେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପୃଥିବୀରେ ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିପାରନ୍ତା।

–ସୟଦପୁର, ଯାଜପୁର,
ମୋ:୯୪୩୭୩୧୫୬୨୩

# ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧରେ ବିରଳ ଧାତୁ



ଇଂ. ମାୟାଧର ସ୍ୱାଇଁ

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ଶାସନ ଭାର ଗ୍ରହଣ କରିବା ପରେ ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଛି। ଏହି ଦୁଇ ଦେଶ ହେଉଛନ୍ତି ପୃଥିବୀର ଦୁଇ ବୃହତ୍ ଆର୍ଥିକ ଶକ୍ତିଶାଳୀ ରାଷ୍ଟ୍ର। ଗୋଟିଏ ଦେଶ ଆର୍ଥିକ ଭାବେ ଅନ୍ୟ ଦେଶକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଛି। ଆମେରିକା ଚାଇନାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଅଧିକ ଟାରିଫ ବା ଆମଦାନୀ ଶୁଳ୍କ ଲଗାଇଛି। ଏହାର ଜବାବରେ ଚାଇନା ଆମେରିକାରୁ ଆମଦାନୀ ସାମଗ୍ରୀ ଉପରେ ମଧ୍ୟ ଅଧିକ ଶୁଳ୍କ ଘୋଷଣା କରିଛି।

ଏହି ବାଣିଜ୍ୟ ଯୁଦ୍ଧରେ ଚାଇନା ହାତରେ ଅଛି ଗୋଟିଏ ଆମୋଘ ଅସ୍ତ୍ର। ତାହା ହେଉଛି ସାତଟି ବିରଳ ଧାତୁ। ମୌଳିକ ପଦାର୍ଥର ପର୍ଯ୍ୟାୟ ସାରଣୀରେ ସତରଟି ବିରଳ ଧାତୁ ଅଛି। ଏଗୁଡ଼ିକ ବିରଳ କହିବାର ତାତ୍ପର୍ଯ୍ୟ ହେଉଛି ଯେ, ଭୂଗର୍ଭରେ ଏହାର ପରିମାଣ ହେଉଛି ବହୁତ କମ୍ ଏବଂ ପୁନଶ୍ଚ ଏହା ନିର୍ଦ୍ଦିଷ୍ଟ କେତେକ ଦେଶରେ ଉଲବ୍ଧ ହୋଇଥାଏ। ଅବଶ୍ୟ ସତରଟି ବିରଳ ମୌଳିକ ପଦାର୍ଥ ମଧ୍ୟରୁ କେତୋଟି ବାସ୍ତବରେ ବିରଳ ନୁହେଁ ଏବଂ ଏଗୁଡ଼ିକ ଭୂଗର୍ଭରେ ବହୁଳ ପରିମାଣରେ ଥିବାର ଜଣାଯାଇଛି। ମାତ୍ର ଆବିଷ୍କାର ସମୟରେ ଏଗୁଡ଼ିକ ବିରଳ ଥିବାରୁ ଏଗୁଡ଼ିକର ନାମ ଆଜିପର୍ଯ୍ୟନ୍ତ ସେହିପରି ଅଛି।

ଚାଇନା ଯେଉଁ ସାତଟି ବିରଳ ଓ ମୂଲ୍ୟବାନ ଧାତୁକୁ ବାଣିଜ୍ୟ ଯୁଦ୍ଧରେ ଅସ୍ତ୍ର କରିଛି, ପ୍ରକୃତରେ ସେଗୁଡ଼ିକ ହେଉଛି ବିରଳ। ଏଥିରୁ ଅନେକ ଧାତୁ ମୁଖ୍ୟତଃ ଚାଇନାରେ ଉଲବ୍ଧ ଖଣିକୁ ନିଜ ଅକ୍ତିଆରରେ ରଖିଛି। ବର୍ତ୍ତମାନ ଚାଇନା ଏହି ସାତଟି ବିରଳ ଧାତୁକୁ ଆମେରିକାକୁ ରପ୍ତାନି ପାଇଁ ନିଷେଧ କରିଛି। ଏହାର ପ୍ରଭାବ କେବଳ ଆମେରିକାରେ ନୁହେଁ, ବରଂ ସମଗ୍ର ପୃଥିବୀରେ ଅନୁଭୂତ ହେବ। ଏହି ସାତଟି ବିରଳ ଧାତୁ ହେଉଛି ସମରିୟମ୍, ଗାଡୋଲିନିୟମ୍, ଟର୍ବିୟମ୍, ଡାଇସ୍ପ୍ରୋସିୟମ୍, ଲୁଟେଟିୟମ୍, ସ୍କାଣ୍ଡିୟମ୍ ଏବଂ ୟିଟ୍ରିୟମ୍।

ଏହି ଧାତୁଗୁଡ଼ିକ ଜେଟ୍ ଇଞ୍ଜିନ, ଲେଜର, କାର୍, ହେଡ୍‌ଲାଇଟ୍ ଏବଂ କେତେକ ସ୍ପାର୍କ ପ୍ଲଗ ଓ କାପାସିଟର ଉତ୍ପାଦନରେ ବ୍ୟବହୃତ ହୁଏ। ଏଗୁଡ଼ିକ ମଧ୍ୟ କମ୍ପ୍ୟୁଟର ଚିପ୍ ଓ ସ୍ମାର୍ଟଫୋନ୍ ପାଇଁ ଦରକାର ହେଉଛି। ଏଗୁଡ଼ିକ ଯାନବାହନ, ସେମିକଣ୍ଡକ୍ଟର, ଏରୋସ୍ପେସ୍, ରକେଟ, ବିଦ୍ୟୁତ୍ ଗାଡ଼ି, କୃତ୍ରିମ ବୁଦ୍ଧିମତ୍ତା ଆଦି ଶିଳ୍ପ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ଏହି ଧାତୁଗୁଡ଼ିକ ପାଇଁ ଚାଇନା ଉପରେ ଆମେରିକା ବହୁମାତ୍ରାରେ ନିର୍ଭରଶୀଳ। ଏହି ବିରଳ ଧାତୁଗୁଡ଼ିକ ହେଉଛି ଆମେରିକା ପ୍ରତିରକ୍ଷା ଶିଳ୍ପର ମେରୁଦଣ୍ଡ। ଏହା ବ୍ୟତୀତ କାର, ଡ୍ରୋନ, ରୋବୋଟ, କ୍ଷେପଣାସ୍ତ୍ର ଆଦିରେ ବ୍ୟବହୃତ ହେଉଥିବା ଚୁମ୍ବକ ମଧ୍ୟ ଚାଇନାରୁ ଆମେରିକା ଯାଇଥାଏ। ବର୍ତ୍ତମାନ ଚାଇନା ଏହି ଚୁମ୍ବକ ରପ୍ତାନି ଉପରେ ମଧ୍ୟ କଟକଣା କରିଛି।



ସୂଚନାଯୋଗ୍ୟ ଯେ, ଏହି ଶକ୍ତିଶାଳୀ ଚୁମ୍ବକଗୁଡ଼ିକ ବିରଳ ଧାତୁରେ ନିର୍ମିତ ହୋଇଥାଏ।

ବିରଳ ଧାତୁ ଗଚ୍ଛିତ ଥିବା ଦେଶଗୁଡ଼ିକ ଯଥା ଚାଇନା, ଭିଏଟ୍‌ନାମ, ବ୍ରାଜିଲ ଓ ରୁଷିଆ ପରେ ରହିଛି ଭାରତ । ଚାଇନାରେ ପୃଥିବୀର ମୋଟ ବିରଳ ଧାତୁର ୪୪ ପ୍ରତିଶତ ଥିବାବେଳେ ଭିଏଟ୍‌ନାମ, ବ୍ରାଜିଲ, ରୁଷିଆ ଓ ଭାରତରେ ଏହା ଯଥାକ୍ରମେ ହେଉଛି ୨୨, ୨୧, ୧୯ ଓ ୬.୯ ପ୍ରତିଶତ। ଏହା ବ୍ୟତୀତ ଅଷ୍ଟ୍ରେଲିଆରେ ୪.୨ ପ୍ରତିଶତ, ଆମେରିକାରେ ୨.୩ ପ୍ରତିଶତ ଏବଂ ଗ୍ରୀନଲାଣ୍ଡରେ ୧.୫ ପ୍ରତିଶତ ବିରଳ ଧାତୁ ଗଚ୍ଛିତ ଅଛି। ଆମେରିକାରେ କେବଳ ଗୋଟିଏ ବିରଳ ଧାତୁ ଖଣି ଅଛି ଏବଂ ଏହାର ଅବଶିଷ୍ଟ ଆବଶ୍ୟକତା ଚାଇନାରୁ ପୂରଣ ହୋଇଥାଏ। ଖଣିଜରୁ ଏହି ଧାତୁ ଗୁଡ଼ିକର ବିଶୋଧନ ପ୍ରକ୍ରିୟା ହେଉଛି ଅତି ଜଟିଳ ଓ ବ୍ୟୟବହୁଳ। ପୃଥିବୀରେ ଉତ୍ତୋଳିତ ମୋଟ ବିରଳ ଧାତୁର ୯୦ ପ୍ରତିଶତର ବିଶୋଧନ କ୍ଷମତା ଚାଇନା ନିୟନ୍ତ୍ରଣରେ ଅଛି। ଏପରିକି ଆମେରିକାରେ ଉତ୍ତୋଳିତ ବିରଳ ଧାତୁ ବିଶୋଧନ ପାଇଁ ଏହାକୁ ଚାଇନା ପଠାଯାଉଥିଲା। ଏହା ବ୍ୟତୀତ ମ୍ୟାନମାର ଓ ଲାଓସରେ ମଧ୍ୟ ଏହି ଧାତୁଗୁଡ଼ିକ ଅଳ୍ପ ପରିମାଣରେ ଉତ୍ତୋଳନ କରାଯାଉଛି। ମାତ୍ର ଏହାର ଉତ୍ତୋଳନ ଓ ବିଶୋଧନରେ ଚାଇନା ସଂଶ୍ଳିଷ୍ଟ ଅଛି।

ଆଉ ଦୁଇଟି ଅତି ବିରଳ ଧାତୁ ନିଓଡିମିୟମ ଓ ପ୍ରାସିଓଡିମିୟମ ସ୍ଥାୟୀ ଚୁମ୍ବକ ନିର୍ମାଣ ପାଇଁ ବ୍ୟବହୃତ ହେଉଛି, ଯାହା ମୋଟର ଗାଡ଼ିରେ ବ୍ୟବହୃତ ହୁଏ। ମାତ୍ର ଏହି ଦୁଇ ଧାତୁ ଚାଇନା ନିଷେଧ ତାଲିକାରେ ନାହିଁ।

ଆମେରିକା ଓ ଚାଇନା ମଧ୍ୟରେ ଅନେକ ବର୍ଷରୁ ବିଭିନ୍ନ ସ୍ତରରେ ବାଣିଜ୍ୟ ଯୁଦ୍ଧ ଲାଗି ରହିଛି। ଆମେରିକା ଚାଇନାରୁ ବିରଳ ଧାତୁର ଆମଦାନୀକୁ ୨୦୦୭ ମସିହାରେ ଥିବା ୮୦ ପ୍ରତିଶତ ବର୍ତ୍ତମାନ ୭୦ ପ୍ରତିଶତକୁ ହ୍ରାସ କରିଛି। ମାତ୍ର ଅନ୍ୟ ଦେଶରୁ ଆମଦାନୀ ଧାତୁଗୁଡ଼ିକର ପ୍ରକ୍ରିୟାକରଣ ଓ ବିଶୋଧନରେ ମଧ୍ୟ ଚାଇନା ସଂଶ୍ଳିଷ୍ଟ ଅଛି। ଦୁଇ ଦେଶ ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧରେ କେହି ପଛକୁ ହଟିବା ଜଣା ପଡୁନାହିଁ। ଏଣୁ ଆମେରିକା ବିରଳ ଧାତୁ ପାଇଁ ଗ୍ରୀନ୍‌ଲାଣ୍ଡଠାରୁ ଆରମ୍ଭ କରି ୟୁକ୍ରେନ ପର୍ଯ୍ୟନ୍ତ ଚେଷ୍ଟା ଚଳାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଧାତୁର ଗବେଷଣା ଓ ବିକାଶ ପାଇଁ ଆମେରିକା ଭାରତ ସହିତ ମଧ୍ୟ ଯୋଗାଯୋଗ କରିଛି।

ବର୍ତ୍ତମାନ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଚାଇନା ଆମେରିକାକୁ ଅନ୍ୟ ତିନୋଟି ବିରଳ ଧାତୁର ରପ୍ତାନି ଉପରେ ନିଷେଧ ଘୋଷଣା କରିଛି। ସେଗୁଡ଼ିକ ହେଉଛି ଗାଲିୟମ, ଜର୍ମାନିୟମ ଏବଂ ଏଣ୍ଟିମନ। ଏଗୁଡ଼ିକ ପ୍ରତିରକ୍ଷା ଶିଳ୍ପରେ ବ୍ୟବହୃତ ହୋଇଥାଏ। ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ଯୋଗୁ ବିରଳ ଧାତୁ ଗୁଡ଼ିକର ଆମଦାନୀ କଟକଣାର ପ୍ରଭାବ ସମଗ୍ର ପୃଥିବୀରେ ପଡ଼ିଲେ ଅନେକ ଶିଳ୍ପ ବନ୍ଦ ହୋଇଯିବ ଏବଂ ଅନେକ ଲୋକ ବେରୋଜଗାର ହୋଇଯିବାର ଆଶଙ୍କା ମଧ୍ୟ ଅଛି।

ଲକ୍ଷ୍ମୀବିହାର, ଫେଜ୧, ଭୁବନେଶ୍ୱର,
ମୋ:୯୪୩୮୬୯୩୭୨୪

## ଏଇ ଭାରତରେ

ପ୍ଲାଷ୍ଟିକ ବର୍ଜ୍ୟ ପରିବେଶ ପ୍ରଦୂଷଣର ବଡ଼ କାରଣ ପାଲଟିଛି। ଏଣୁ ପ୍ଲାଷ୍ଟିକ ପ୍ରଦୂଷଣ ଦୂର କରିବା ଲାଗି ବିଭିନ୍ନ ବର୍ଜ୍ୟରୁ ଏହାର ବିକଳ୍ପ ସାମଗ୍ରୀ ପ୍ରସ୍ତୁତ କରିବାରେ ସଫଳ ହୋଇଛନ୍ତି ହାଇଦ୍ରାବାଦର ରେହା କୋଠାରି ଓ ରିଶିକା ରେଡ୍ଡୀ। ଏହି ଦୁଇ ମହିଳା କଫି, ଛତୁ, କଦଳୀ ଚୋପା, ଟମାଟୋ ବର୍ଜ୍ୟରୁ ପରିବେଶ ଉପଯୋଗୀ ପ୍ୟାକେଜିଂ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ରେହା ଓ ରିଶିକା ୨୦୨୦ରେ 'ଦି ମେଣ୍ଟ ପ୍ୟାକେଜିଂ' କମ୍ପାନୀ ପ୍ରତିଷ୍ଠା କରି ଏଭଳି ସାମଗ୍ରୀ ତିଆରି କରୁଛନ୍ତି। ଏହିସବୁ ସାମଗ୍ରୀ ବିଘଟନ ପ୍ରକ୍ରିୟାରେ କମ୍ ସମୟରେ ମାଟିରେ ମିଶି ଯାଇପାରୁଛି। କମ୍ପାନୀ ଦ୍ୱାରା ୭୦ରୁ ଅଧିକ ପ୍ରକାର ଉତ୍ପାଦ ପ୍ରସ୍ତୁତ ହେଉଛି। କମ୍ପାନୀ ମୁମ୍ବାଇ, ଦିଲ୍ଲୀ ଓ ହାଇଦ୍ରାବାଦରେ ଏକ ମଜଭୁତ ଯୋଗାଣ ନେଟ୍‌ୱର୍କ ପ୍ରତିଷ୍ଠା କରିପାରିଛି। କୋଭିଡ୍ ମହାମାରୀର ଲକ୍‌ଡାଉନ ସମୟରେ ପ୍ୟାକେଜିଂ ବର୍ଜ୍ୟକୁ ଲକ୍ଷ୍ୟ କରି ରେହା ଓ ରିଶିକା ଏହାର ସମାଧାନ ପାଇଁ ଉପାୟ ଖୋଜିବା ଲାଗି ଗବେଷଣା ଆରମ୍ଭ କରିଥିଲେ। ପରେ ସେମାନେ ଗବେଷଣାରେ ସଫଳ ହୋଇ ପ୍ଲାଷ୍ଟିକ୍‌ର ବିକଳ୍ପ ପ୍ୟାକେଜିଂ ସାମଗ୍ରୀ ତିଆରି କରିବାରେ ସଫଳ ହୋଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଜୁନ୍ ୧୯୭୬

- ସମୁଦ୍ର ଗର୍ଭରେ ବୁଡ଼ିଯାଇଥିବା ଗ୍ରୀକ୍ ଜାହାଜ 'ଇଲାସିଆ'ର ୨୮ ଜଣଯାକ ନାବିକ କର୍ମଚାରୀଙ୍କୁ ଆଣ୍ଡାମାନ ଦ୍ୱୀପପୁଞ୍ଜର ଏକ ଦ୍ୱୀପରୁ ଉଦ୍ଧାର କରାଯାଇଛି।
- ଫିଲିପାଇନ୍ସର ବନ୍ୟା ପ୍ରପୀଡ଼ିତ ଲୋକଭାନଙ୍କୁ ସାହାଯ୍ୟ କରିବା ପାଇଁ ଭାରତ ୧୭୫୦ କିଲୋଗ୍ରାମ୍ ଓଜନର ୧୦୦୦ଟି କମ୍ବଳ ଦାନ କରିଛି।
- ବେରୁଟ୍‌ରେ ଅନିଶ୍ଚିତ ଅବସ୍ଥା ଲାଗି ରହିଥିବାରୁ ଭାରତୀୟ ଦୂତାବାସ ଓ କର୍ମଚାରୀମାନଙ୍କୁ ଅସ୍ଥାୟୀ ଭାବେ ପ୍ରତ୍ୟାହାର କରି ନିଆଯାଇଛି।

## ଚିରନ୍ତନୀ

ନିଷ୍କଣ୍ଟକ କରି ପଥ ପାଶେ ତା'ର
ରୋପିଗଲ ତରୁ
ଶାନ୍ତିର ଉଦକ ଢାଳି କୁସୁମିତ
କଲ ମହା ମରୁ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 5 | | 6 | 9 | | 8 | |
| | | | 1 | | | 4 | 3 | |
| 1 | | | 2 | 5 | | | | |
| | 5 | 4 | | | | | | |
| | 2 | | | | | 3 | 6 | |
| | | | 3 | | | | | 4 |
| | 8 | | | 3 | | | | 6 |
| | | | | | 7 | 2 | | |
| | | 9 | 6 | | 2 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 7 | 9 | 6 | 8 | 5 | 3 | 2 |
| 9 | 6 | 5 | 3 | 1 | 2 | 4 | 7 | 8 |
| 2 | 3 | 8 | 4 | 7 | 5 | 9 | 6 | 1 |
| 1 | 4 | 3 | 7 | 8 | 9 | 6 | 2 | 5 |
| 8 | 9 | 2 | 5 | 3 | 6 | 7 | 1 | 4 |
| 7 | 5 | 6 | 2 | 4 | 1 | 3 | 8 | 9 |
| 3 | 7 | 9 | 1 | 2 | 4 | 8 | 5 | 6 |
| 5 | 8 | 1 | 6 | 9 | 7 | 2 | 4 | 3 |
| 6 | 2 | 4 | 8 | 5 | 3 | 1 | 9 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ମା' ତାରିଣୀଙ୍କ ନଡ଼ିଆ ପଚୁଛି

ମହାଶୟ,

ଘଟଗାଁ ବାସିନୀ ମା' ତାରିଣୀଙ୍କ ପାଖକୁ ଭକ୍ତ ନଡ଼ିଆଟିଏ ପଠାଇବା ପାଇଁ ବସ୍ ମାଲିକ ସଂଘ କୁଣ୍ଡର ବ୍ୟବସ୍ଥା କରିଥାନ୍ତି । ଲୋକମାନେ ଏଥିରେ ନଡ଼ିଆ ରଖନ୍ତି। ଧୀରେ ଧୀରେ କୁଣ୍ଡ ଭର୍ତ୍ତି ହୋଇଯାଉଛି। କିନ୍ତୁ ବସ୍ ମାଲିକ ସଂଘ ନଡ଼ିଆ ପଠାଇବାର କୌଣସି ବ୍ୟବସ୍ଥା କରୁ ନ ଥିବାର ପରିଲକ୍ଷିତ ହୋଇଥାଏ । ଫଳରେ କୁଣ୍ଡରେ ଦୀର୍ଘଦିନ ଧରି ନଡ଼ିଆ ପଡ଼ିରହୁଥିବାରୁ ବହୁ ସଂଖ୍ୟାରେ ପଚି ନଷ୍ଟ ହୋଇଯାଉଛି ।ଏହା ଏକ ପ୍ରକାର ଆର୍ଥିକ କ୍ଷତି। ଯଦି କେଉଁଝର ଯାଉଥିବା ବସ୍‌ରେ ପ୍ରତିଦିନ ଗୋଟିଏ ଲେଖା ନଡ଼ିଆ ବସ୍ତା ପଠାଯିବାର ବ୍ୟବସ୍ଥା କରାଯାଆନ୍ତା ତେବେ ଭଲ ହୁଅନ୍ତା ।

–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୁକୁର ଆଶ୍ରୟ ସ୍ଥଳରେ ବିବାହ



ବେଜିଂ

ନିକଟରେ ଚାଇନାର ଏକ ପ୍ରେମୀଯୁଗଳ ଏପରି ଏକ ସ୍ଥାନରେ ବିବାହ କରିଛନ୍ତି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସାଉଥ୍ ଚାଇନା ମର୍ନିଂ ପୋଷ୍ଟର ରିପୋର୍ଟ ଅନୁଯାୟୀ, ଗତ ସପ୍ତାହରେ ୟାଙ୍ଗ୍ (୩୧) ନାମକ ଜଣେ ଯୁବକ ଏବଂ ଝାଓ (୨୫) ନାମ୍ନୀ ଜଣେ ଯୁବତୀ ଉତ୍ତର ଚାଇନାର ତିଆନ୍‌ଜିନ୍ ସହରରେ ଥିବା ଏକ କୁକୁର ଆଶ୍ରୟ ସ୍ଥଳରେ ବିବାହ କରିଥିଲେ। ଉକ୍ତ କୁକୁର ଆଶ୍ରୟ ସ୍ଥଳରେ ୨୦୦ରୁ ଅଧିକ ଉଦ୍ଧାର କରାଯାଇଥିବା କୁକୁରଙ୍କ ଉପସ୍ଥିତିରେ ଏହି ବିବାହ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା।

ୟାଙ୍ଗ୍ ଏବଂ ଝାଓ ଗତ ୩ ବର୍ଷ ଧରି ରିଲେଶନ୍‌ଶିପ୍‌ରେ ଥିଲେ। ତେବେ ଉକ୍ତ କୁକୁର ଆଶ୍ରୟ ସ୍ଥଳରେ ଉଭୟେ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଥିଲେ। ତେଣୁ ଏହାକୁ ମନେରଖିବା ପାଇଁ ଏହି ଯୋଡ଼ି କୁକୁର ଆଶ୍ରୟ ସ୍ଥଳରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ରିପୋର୍ଟ ଅନୁଯାୟୀ, ୟାଙ୍ଗ୍ ଜଣେ ବ୍ୟବସାୟୀ ଥିଲେ। ତେବେ ୨୦୨୦ରେ ନିଜ ବ୍ୟବସାୟରେ ଅନେକ କ୍ଷତି ସହିବା ପରେ ସେ ଅସହାୟ କୁକୁରମାନଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ନିଜ ସଞ୍ଚୟରୁ ସେ ପ୍ରଥମେ ଏକ କୁକୁର ଆଶ୍ରୟ ସ୍ଥଳ ନିର୍ମାଣ କରିଥିଲେ। ସେତେବେଳେ ସେ ବିଭିନ୍ନ ସ୍ଥାନରୁ ଉଦ୍ଧାର କରିଥିବା ୧୦ କୁକୁରଙ୍କୁ ଉକ୍ତ ଆଶ୍ରୟ ସ୍ଥଳରେ ରଖିଥିଲେ। ବର୍ତ୍ତମାନ ଏହି ସଂଖ୍ୟା ବଢ଼ି ୨୦୦ରେ ପହଞ୍ଚିଛି। ଅସହାୟ କୁକୁରଙ୍କ ସେବା କରୁଥିବାରୁ ଧୀରେ ଧୀରେ ୟାଙ୍ଗ୍‌ଙ୍କ ଏହି କାମକୁ ସହଯୋଗ ବଢ଼ିଥିଲା। ଅନେକ ସ୍ୱେଚ୍ଛାସେବୀ ତାଙ୍କର ଏହି କାର୍ଯ୍ୟରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଝାଓ ରହିଥିଲେ। ୨୦୨୨ରେ ବିଶ୍ୱବିଦ୍ୟାଳୟରେ ପଢ଼ୁଥିବା ସମୟରେ ସେ ଏହି କୁକୁର ଆଶ୍ରୟ ସ୍ଥଳ ସହ ଯୋଡ଼ି ହୋଇଥିଲେ। ଏହାପରେ ୟାଙ୍ଗ୍ ଏବଂ ଝାଓଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା, ଯାହା ପରେ ପ୍ରେମରେ ପରିଣତ ହୋଇଥିଲା। ଏହି ଦମ୍ପତି କୁକୁର ଆଶ୍ରୟ ସ୍ଥଳରେ ବିବାହ କରିଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିପାଇଁ ଅନେକ ୟୁଜର୍ସ ୟାଙ୍ଗ୍ ଏବଂ ଝାଓଙ୍କୁ ପ୍ରଶଂସା କରିଛନ୍ତି।

## ODISHA PUBLIC SERVICE COMMISSION CUTTACK

**NOTICE**

**No. 4429/PSC, Dt.26.06.25**
**(1R-01-24/25) (DR-V)**
**Assistant Professor (Stage-I) in Anthropology**
**(Advertisement No.27 of 2023-24)**

**No.D :-** It is for information of all concerned that, document verification of **90 (ninety)** candidates having **PPSAN** mentioned below for the post of **Assistant Professor (Stage-I) "Anthropology"**, pursuant to Advertisement No.27of 2023/24 shall be held on **from 07.07.2025 to 11.07.2025** as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 07.07.2025 | 10.30 AM | P240298062, P220082545, P240303560, P240305518, P240282401, P240286477, P240306951, P240307989, P240298208, P240304505 & P240308513 = **11 Candidates** |
| | 2.30 PM | P240309509, P230143375, P240302303, P220075447, P240304434, P240293119 & P240273752 = **07 Candidates** |
| 08.07.2025 | 10.30 AM | P240300769, P220079299, P230161931, P240292771, P240296688, P240298118, P240306161, P220082859, P220068092, P240283655 & P240304579 = **11 Candidates** |
| | 2.30 PM | P220055575, P240289964, P220075477, P240302287, P220003218, P240242604 & P240301539 = **07 Candidates** |
| 09.07.2025 | 10.30 AM | P220003224, P230097405, P240283451, P240298568, P220075069, P240308943, P22003 1551, P240256783, P240264309, P240280461 & P240292952 = **11 Candidates** |
| | 2.30 PM | P220069294, P240252387, P240296892, P240309587, P220048211, P220048224 & P220080908 = **07 Candidates** |
| 10.07.2025 | 10.30 AM | P240256415, P240273182, P240292859, P240295764, P240309190, P220055677, P220025075, P220046718, P240274958, P230163694 & P240262879 = **11 Candidates** |
| | 2.30 PM | P240285311, P240256664, P240269138, P230108710, P240295689, P220005517 & P220016016 = **07 Candidates** |
| 11.07.2025 | 10.30 AM | P230205361, P240270319, P240287638, P240304885, P230105378, P230132907, P240303099, P240270366, P240286437, P240296544 & P240256330= **11 Candidates** |
| | 2.30 PM | P230153111, P240309451, P230135744, P220022557, P220024290, P230142339 & P220050277 = **07 Candidates** |

The candidates are required to submit the documents as per this office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above.

Note: - It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfilment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0253/2526 **Sd./- Secretary**

# ‘ୱାର୍ ୨’ରେ କିଆରାଙ୍କ ଆକ୍ସନ ଅବତାର

**ମୁମ୍ବାଇ:** ଚଳିତବର୍ଷର ବହୁ ପ୍ରତୀକ୍ଷିତ ଫିଲ୍ମ ‘ୱାର୍ ୨’ ଆସନ୍ତା ଅଗଷ୍ଟ ୧୪ରେ ରିଲିଜ୍ ହେବ। ଆୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଏକ ନୂତନ ପୋଷ୍ଟର ଗୁରୁବାର ରିଲିଜ୍ ହୋଇଛି। ଏହି ପୋଷ୍ଟର ଦ୍ୱାରା ଫିଲ୍ମରେ ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କ ଲୁକ୍ ଉପରୁ ପରଦା ଉଠିଛି। ଏଥିରେ କିଆରାଙ୍କୁ ଆକ୍ସନ ଅବତାରରେ ଦେଖିବାକୁ ମିଳିଛି। କିଆରା ବ୍ଲାକ୍ ଆଉଟ୍‌ଫିଟ୍ ସହ ବନ୍ଧୁକ ଧରି ଜଣଙ୍କୁ ଟାର୍ଗେଟ କରୁଥିବାର ନଜରକୁ ଆସିଛନ୍ତି। କିଆରା ଏହି ପୋଷ୍ଟରକୁ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯାହାକୁ ଫିଲ୍ମର ଅଭିନେତା ହ୍ରିତିକ ରୋଷନ ଏବଂ ଜୁନିୟର୍ ଏନ୍‌ଟିଆର୍ ମଧ୍ୟ ରି-ଶେୟାର କରିଛନ୍ତି। ବନ୍ଧୁକ ସହ କିଆରାଙ୍କ ଦମଦାର ଲୁକ୍‌କୁ ସିନେପ୍ରେମୀ ଖୁବ୍ ପସନ୍ଦ କରିଛନ୍ତି। ପୂର୍ବରୁ ଫିଲ୍ମର ଟିଜର ରିଲିଜ୍ ହୋଇସାରିଛି, ଯେଉଁଥିରେ ହ୍ରିତିକ୍ ଏବଂ ଜୁନିୟର୍ ଏନ୍‌ଟିଆର୍‌ଙ୍କର ଅନେକ ଆକ୍ସନ ଦୃଶ୍ୟ ରହିଥିଲା। ଟିଜରରେ ଉଭୟେ ପରସ୍ପର ମଧ୍ୟରେ ଲଢ଼େଇ କରୁଥିବାର ନଜରକୁ ଆସିଥିଲେ। ପ୍ରକାଶ ଯେ, ‘ୱାର୍ ୨’ ହେଉଛି ୨୦୧୯ରେ ରିଲିଜ୍ ହୋଇଥିବା ‘ୱାର୍’ ଫିଲ୍ମର ସିକ୍ୱେଲ।




## କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା

କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ୍ କମ୍ପ୍ଲେକ୍ସ
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ**

No.TT-09:୨୮.୦୫.୨୦୨୫ରେ ପ୍ରକାଶିତ ବିଜ୍ଞାପନ ଅନୁଯାୟୀ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ୨୦୨୪ ବର୍ଷ ପାଇଁ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଆବେଦନର ସମୟ ସୀମା ତା.୨୦.୦୬.୨୦୨୫ ରିଖ ପରିବର୍ତ୍ତେ ତା.୦୫.୦୭.୨୦୨୫ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇଅଛି ।
ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ ଏବଂ ଆବେଦନ ପତ୍ର କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟ୍ www.sportsodisha.gov.in ରେ ଉପଲବ୍ଧ ଅଟେ ।

ନିର୍ଦ୍ଦେଶକ
OIPR-29001/11/0095/2526 କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା

## OFFICE OF THE MUNICIPAL COUNCIL: KHORDHA

At/Po/Dist.-Khordha, Phone No.06755-220674,
E-Mail:khurda_municipality@yahoo.co.in
No.2103 Date:26.06.25

**Corrigendum to e-Tender Call Notice No.1977, Dated 13.06.2025**

No.C-598:Due to unavoidable circumstance the above e-Tender Call Notice vide Tender Reference KMPLTY/01/2025-26 dated 17.06.2025 will be open on date 01.07.2025 from 11.00 AM instead of date 26.06.2025 at 11.00 AM, other Terms & Conditions are unchanged.

**Sd./- Executive Officer**
**Khordha Municipality**
OIPR-13082/11/0023/2526

## GOVERNMENT OF ODISHA
## CHIEF DISTRICT MEDICAL & PUBLIC HEALTH OFFICER, ANGUL

**TENDER CALL NOTICE NO-2OF 2025-26, ANGUL** No.E-197

1. Name of the work : Establishment DPMU Office Building at DHH, Angul
2. Period of Completion : One month
3. Date & time of Availability of Bid document : Dt.30.06.2025 at 10.00 A.M.
4. Last date/time for receipt of Bid in the portal : Dt.08.07.2025 at 5.00 P.M.
5. Date of opening Bid : Dt.09.07.2025 at 11.00 A.M.
6. Name and address of the Office inviting Bid : Chief District Medical & Public Health Officer, Angul

The detail tender call notice is available on the website : www.angul.nic.in

**Sd./ CDM & PHO-cum-District Mission Director Angul**
OIPR-10142/11/0011/2526

## OFFICE OF THE PROJECT MANAGER, NFSM, GANJAM

No.96 Agril./Dated: 25.06.2025

**EXPRESSION OF INTEREST (EOI)**

**For short listing of Firms/Sole Marketers for Video Documentation**

No. L-28: Expression of Interest (EOI) is invited by CDAO-cum-PM, NFSM, Ganjam from intending bidders/reputed firms for production of Video Documentation under NFSM/NMEO & Different Agricultural programmes 2025. The interested firms having experience in agricultural field may offer their sealed EOI latest by Dt.08.07.2025 upto 1.00 P.M. which will be opened by the committee on same day at 3.00 P.M. The bidder may remain present or send their authorized representatives while opening of quotations. The EOI in sealed cover are to be dropped in the box placed in the office of the PD, ATMA, Ganjam during office hours on working days only and the limit price fixed per minute programme is Rs.3000/- excluding GST. The authority reserves the right to cancel any or all the quotations in part or whole without assigning any reason thereof.

**List of Documents to be submitted:**
1. Self Certificate stating that the agency has not been blacklisted in the past.
2. GST Clearance and PAN
3. Registration Certificate for making video documentation.
4. Experience in Agriculture field.
5. Copy of Empanelment by I&PR Deptt.

**Sd./- Project Manager, NFSM, Ganjam**
OIPR-01500/11/0001/2526

## OFFICE OF THE NOTIFIED AREA COUNCIL G.UDAYAGIRI, KANDHAMAL

Email Id:orissagudnac@gmail.com
No.1648, Date 26.06.2025

**CORRIGENDUM**

**E Notice Inviting Tender No.1533/Dated 11.06.2025**
**Bid Identification No.GUDR-NAC-01/2025-26**

No.C-601: Due to some technical glitch, the opening of the above E tender is rescheduled to 30.06.2025 at 11.30 AM.
Other details are unchanged.

**Sd./- Executive Officer, NAC, G.Udayagiri**
OIPR-13202/11/0002/2526

## OFFICE OF THE DEPUTY DIRECTOR, SIMILIPAL SOUTH WILDLIFE DIVISION, BARIPADA

SIMILIPAL — ଆମ ଶିମିଳିପାଳ ଆମ ଗର୍ବ

Phone No- (06792) 252593, Fax- 256705,
Email Id: dfo.similipalsouthwl@odisha.gov.in
**Office Order No.146/1F-40/2025**
**Dated, Baripada the 24th June, 2025**

**Result of the Expression of Interest (EOI) for "Preparation of Detail Project Report (DPR) For Development of various Tourism Infrastructures at Sitakund Waterfall Site, Mayurbhanj, Odisha"**

**No.MM-102:**The following bidder/firm is selected through the transparent selection process held on dtd.23.06.25 & 24.06.25 in the conference hall of the O/o the Deputy Director, Similipal South WL Division, Bhanjpur, Baripada with reference to the Expression of Interest Called vide EOI-DD South-01/2025-26, dtd.23.05.25 with the following financial proposal as mentioned below;

| Name of the Firm | Project Value | DPR Only | DPR+ Supervision |
|---|---|---|---|
| M/s Malus Infratech, GGP Colony, Rasulgarh, Bhubaneswar-751010 | Upto Rs.1 Cr. | 02% | 05% |
| | Rs.1-2 Cr | 1.90% | 4.84% |
| | Rs.2-5 Cr | 1.80% | 4.68% |
| | Rs.5-10 Cr | 1.70% | 4.52% |
| | Rs.10-20 Cr | 1.60% | 4.36% |
| | Above Rs.20 | 1.50% | 4.20% |

**Sd./- Deputy Director Similipal (South) WL Division Baripada**
OIPR-08127/11/0031/2526

## Office of District Manager Odisha State Civil Supplies Corporation Ltd. (OSCSC), Angul

Phone :__________
District Website https://angul.odisha.gov.in
**Tender No. : 2427 to 2436** **Dt. : 23.06.2025**

**No.CAD-911** : District Manager, Odisha State Civil Supplies Corporation Ltd., Angul (District) invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of Level-II Transport Contractor for transportation of foodgrains from RRCs to Retail Centers (FPS) in Angul district of the State of Odisha |
| 2 | Availability of bid document in the portal | From 26.06.2025 |
| 3 | Last Date / Time for receipt of bids in the portal | Dt. 11.07.2025 up to 5.30 (P.M.) |
| 4 | Date/Time of Opening of Technical Bid | Dt. 15.07.2025 at 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Angul, At-O/o CSO-cum-DM, OSCSC Ltd, Angul, Near Rotary Public School, Biju Maidan, Angul |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

**Sd./- District Manager OSCSC Ltd. Angul**
OIPR-07064/11/0007/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR

No.B-234
Mail ID : sepwdsbp@rediffmail.com
**e-Procurement**
**BID IDENTIFICATION NO. CCENC (R AND B) / 02 / 2025-26**
**No. 2138 Dtd.19.06.2025**

| | | |
|---|---|---|
| 1 | The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the construction of **Building Works** as detailed in the DTCN from the eligible class of contractors. | |
| 2 | No. of works | : **03 (Three) (Buildings Work & Road Work)** |
| 3 | Tender Cost | : **Rs. 10,000/-** |
| 4 | Class of contractor | : **"B" Class and "A" Class** |
| 5 | Date & Time of available in website & receipt of Bids from **30.06.2025** to **17.00 hours of 15.07.2025.** | |
| 6 | Date of opening of Technical Bid **16.07.2025 at 11.00 hours** | |
| 7 | The Bidders have to participate in ONLINE bidding only. Further details can be seen from the website www.tendersodisha.gov.in. | |
| 8 | Any corrigendum / Addendum will be displayed in the website www.tendersodisha.gov.in. | |

**Sd./- Chief Construction Engineer Northern (R&B) Circle, Sambalpur**
OIPR-34035/11/0027/2526

## ODISHA HYDRO POWER CORPORATION LIMITED

OHPC
BALIMELA HYDRO ELECTRIC PROJECT: POST: BALIMELA
DIST:MALKANGIRI (ODISHA), PIN:764051
Phones:06861-232581(O)/ 232641 (R), Fax:06861-232541
E-Mail:unit.head_balimela@yahoo.com
**REGD.OFFICE: ODISHA HYDRO POWER CORPORATION LIMITED**
(A Govt. of Odisha Undertaking)
BHOI NAGAR, JANAPATH, BHUBANESWAR-751022, Tel:91-0674-2542983, 2542802, 2545526, Fax:2542102, GRAM HYDROPOWER,
E-MAIL: ohpc.co@gmail.com/ md@ohpcltd.com,Web: www.ohpcltd.com
CIN: U40101OR1995SGC003963, GSTIN- 21AAACO2575P1Z9

**TENDER CALL NOTICE No.BHEP/TECH/20/2025-26 Dtd.25.06.2025**

**No.CAD-905:** The Sealed tenders are invited in single part bid basis from the Registered agencies having valid certificate of recognition as competent person issued by Director of Factories & Boilers, Odisha, Bhubaneswar for the works as detailed below.

| Sl. No. | Description of Items | Cost of Tender Paper in Rs. |
|---|---|---|
| 1 | Safety Audit of Power Plant & other related installation of BHEP, Balimela | Rs.2360/- Inclusive of GST @ 18% |

**The Sale of Tender Paper will be from : 01.07.2025 to 15.07.2025 (upto 11.00 Hrs.)**
**The last date & time of receipt of tenders : Upto 12.00 hrs. of 15.07.2025**
**Date and time of opening of the Bid : 15.07.2025 at 12.30 Hrs.**
For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com**

**Sd./- C & P Head BHEP, Balimela**
OIPR-04019/11/0097/2526

## OFFICE OF THE DISTRICT MANAGER, OSRTC BHADRAK

**TENDER NOTICE**

**Letter No.473 Date. 18.06.2025**
**Selection of Agency for Providing Facility Management Services (FMS) at Atala Bus Stand, Aradi & Bhandaripokhari, Odisha**

**No.CAD-918** : Request for Proposal is invited from eligible Firm/Agency interested to provide different Manpower Services/Facility Management Services (FMS) at Type-B & Type-C Category of Atala Bus Stand on outsourcing basis for Aradi & Bhandaripokhari Bus Stand, Bhadrak. Details regarding the eligibility criteria, Terms & Conditions and formats of submission of tender may be downloaded from the website **https://bhadrak.odisha.gov.in/** and the tender should reach the office of the undersigned by 07.07.2025 (4:00 P.M.). The undersigned reserves the right to reject any or all the tenders without assigning any reason thereof.

**Sd./- Collector-Cum-Chairman District Level ABS Committee, Bhadrak**
OIPR-38040/11/0003/2526

## OFFICE OF THE BARIPADA MUNICIPAL COUNCIL, BARIPADA

Phone : 06792-252703, Fax : 06792-252703, Email : baripadam.hud@nic.in
Website : www.baripadamunicipality.in
**No. 945 Dated : 24.06.2025**

**DTCN PART-I (TECHNICAL BID) SECTION-II COMPETITIVE BIDDING THROUGH 'e' PROCUREMENT**

**No.C-595** : The Executive Officer on behalf of Baripada Municipality, Baripada invites percentage rate bids in **double** cover system in **ONLINE MODE** only in conformity with Detailed Tender Call Notice (DTCN).

Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

Tender Reference No. : **BPDM-8 of 2025-2026**
Tender I.D No. : **2025_ORULB**

| Sl. No. | Description | Critical Dates |
|---|---|---|
| 1 | Procurement Officer- Publisher/Tender Inviting Authority / Bids | Executive Officer, Baripada Municipality, Baripada |
| 2 | Name of the Work | As per DTCN |
| 3 | Nos. of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From Dt.30.06.2025 (01.00 P.M.) to Dt.21.07.2025 (5.00 P.M.) |
| (ii) | Last date and time of bidding on-line (Submission of Bids) | Dt.21.07.2025 (5.00 P.M.) |
| (iii) | Date and time of opening of the Bids received on-line | Dt.22.07.2025 (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

Detail Tender Call Notice (DTCN) may also be seen from the 'e' procurement portal i.e. www.tendersorissa.gov.in and Baripada Municipality Website i.e. www.baripadamunicipality.in

Corrigendum or Addendum if any will not be published in newspapers and can be seen in e-procurement portal as well as in Baripada Municipality website.

**Sd./- Executive Officer Baripada Municipality**
OIPR-13078/11/0055/2526

## DISTRICT PROJECT OFFICE SAMAGRA SHIKSHA, BALANGIR

At: College Chowk, P.O./Dist.: Balangir - 767001
Email ID: dpcbolangirssa.opepa@nic.in
No. XXIII/KGBV/01/2025/1880 Dt.25.06.2025

**ADVERTISEMENT FOR FILLING UP DIFFERENT VACANCIES UNDER KGBV HOSTELS (TYPE-III)**

No. n-85: In pursuance to OSEPA letter No. 5857/GE/dated 29.05.2025, applications are invited from eligible and interested female candidates only having requisite qualification, in prescribed application form, for engagement in different category of posts in Kasturaba Gandhi Balika Vidyalaya (KGBV) Hostels (Type-III) of Balangir district on contractual basis with consolidated remuneration as mentioned against each. The post wise vacancies in KGBV Hostels and format of Application Form along with other details, such as Educational Qualification, Age, Monthly Remuneration, required documents etc. can be downloaded from the official websites **www.balangir.odisha.gov.in** & **www.osepa.odisha.gov.in**.

The application duly filled up and signed by the candidate should be sent by **Speed Post/Registered Post only** to the District Project Office, SS, Balangir **(Address: District Project Office, Samagra Shiksha, Balangir, At: College Square, P.O.: Rajendra College, Dist.: Balangir - 767002)** and must reach on or before **19.07.2025 by 5.00P.M.** The application received after stipulated date & time or in other mode will not be entertained and the undersigned will not be responsible for any postal delay. The undersigned reserves the right to cancel any or all the applications without assigning any reason thereof. Vacancy may increase or decrease at the time of actual engagement or instructions received from Govt. to this effect in future.

**Sd./- Collector-cum-Chairman Samagra Shiksha, Balangir**
OIPR-27071/11/0009/2526

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଅତାବିରା
## OFFICE OF THE NOTIFIED AREA COUNCIL, ATTABIRA

DIST:- BARGARH (ODISHA) PIN-768027
Email- attabiranac.2013@gmail.com, Ph. 06682-221212
**No. 1641/ATTB,** **Dated: 26.06.2025**

**Bidding Through e-Procurement**
**Bid Identification No.- NAC-ATTB-01/2024-25**

No.C-599:- The Executive Officer, N.A.C. Attabira on behalf of NAC invites Percentage bid through e-procurement in single cover system according to norm of e-Procurment system in online mode.

| | | |
|---|---|---|
| 1. | Name of works | : Civil Works |
| 2. | No. of works | : 15 (Fifteen) Civil of Work |
| 3. | Estimated cost | : 2.16 Lakhs - 14.00 lakhs |
| 4. | Class of Contractor | : "C & D" Class Contractor |
| 5. | Period of completion | : As per DTCN |
| 6. | Date & time of availablity of bids documents in the portal | : From 3 PM hours of 26.06.2025 to 5 P.M. hours of Dt.08.07.2025 |
| 7. | Last Date & time of received of bids in portal | : 5 P.M. hours of Dt. 08.07.2025 |
| 8. | Date & time of opening of bids | : Dt.09.07.2025 at 11.00 AM |
| 9. | Name & Address of the Office | : Executive Officer, Attabira NAC |

The bidders have to participate in online bidding only. Further details can be seen from the e-procurement portal- www.tendersorissa.gov.in

**Sd./- Executive Officer Attabira NAC**
OIPR-13176/11/0012/2526

## OFFICE OF THE SUPERINTENDING ENGINEER, RWS&S DIVISION, BHUBANESWAR

E-Mail : eebbsrrwss@gmail.com

**Quotation Call Notice No. 11 of 2025-26**

**No.O-341** : Executive Engineer, RWS&S Division, Bhubaneswar Plot No.1214 (Part) At-Tapovan, PO-Khandagiri, Bhubaneswar-30 on behalf of the Governor of Odisha invites item rate price bids in offline mode from authorised dealer, distributor/supplier.

| | | |
|---|---|---|
| 1 | Nature of work | Procurement of Sundry materials for State Water Testing Laboratory, Khandagiri, Bhubaneswar |
| 2 | No. of Item | 28 (Twenty eight) |
| 3 | Time for completion | 15 (Fifteen) days |
| 4 | Cost of bidding document | Rs.600.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.30.06.2025 (10.00 A.M.) to Dt.08.07.2025 (1.00 P.M.) |
| 6 | Last date and time for submission of Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | 08.07.2025 up to 4.00 P.M. |
| 7 | Date & time of opening of Quotation | Dt.09.07.2025 at 11.00 A.M. in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appeared in office notice board of the undersigned.

**Sd./- Executive Engineer, RWS&S Division, Bhubaneswar**
OIPR-25011/11/0022/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆରିୟୁଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଛାତ୍ରଙ୍କ ଦ୍ୱାରା ସ୍କୁଲ ପାଣିଟାଙ୍କି ସଫେଇ ଅଭିଯୋଗ

**ବନ୍ତଲା,୨୭।୬ (ସୁଶିତ ସାହୁ)**

ଅନୁଗୋଳ ବ୍ଲକ ଅଙ୍ଗାରବନ୍ଧ ପଞ୍ଚାୟତ ଅଙ୍ଗାରବନ୍ଧ ଉଚ୍ଚ ବିଦ୍ୟାଳୟ ଛାତ ଉପରେ ଥିବା ପାଣିଟାଙ୍କିକୁ ୩ଜଣ ଛାତ୍ରଙ୍କ ଦ୍ୱାରା ସଫେଇ କରାଯାଇଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ଅପରାହ୍ନ ୩ଟା ବେଳେ ବିଦ୍ୟାଳୟ ଛାତ ଉପରେ ୬ଫୁଟ ଉଚ୍ଚତା ବିଶିଷ୍ଟ ପାଣିଟାଙ୍କିରେ ପଶି ୩ ଜଣ ଛାତ୍ର ସଫା କରିବା ଦେଖାଯାଇଥିଲା। ଏହି ସମୟରେ ଛାତ ତଳେ କେହି ଜଣେ ରହି ଛାତ୍ରଙ୍କୁ ନିର୍ଦ୍ଦେଶ ଦେଉଥିଲେ। ପାଠପଢ଼ା ଛାଡ଼ି ଛାତ୍ରମାନଙ୍କୁ ଏଭଳି ବିପଦପୂର୍ଣ୍ଣ କାର୍ଯ୍ୟରେ


୩ ଛାତ୍ର ସ୍କୁଲ ପାଣିଟାଙ୍କି ସଫା କରୁଛନ୍ତି।

ନିୟୋଜିତ କରାଯାଇଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣାକୁ ପ୍ରଧାନ ଶିକ୍ଷକ ଦୀପକ କୁମାର ସାହୁ ଚତୁରତାର ସହ ଏଡ଼ାଇ ଦେଇଛନ୍ତି। ସେ କହିଛନ୍ତି, ପିଲାମାନେ ଛାତ ଉପରକୁ ଚଢ଼ିଥିଲେ। ହେଲେ ଟାଙ୍କି ସଫା କରିବା କଥା ଜାଣିନାହିଁ।

# ଏକାଠି ଜଳିଲା ୩ ଭାଇଙ୍କ ଜୁଇ

**ଝରିଗାଁ,୨୭।୬(କିଶୋର ଚନ୍ଦ୍ର ମଣ୍ଡଳ)**

ନିସ୍ତବ୍ଧ ପରିବାର। ବନ୍ଧୁ, ପରିଜନ, ପଡ଼ୋଶୀ ସମସ୍ତଙ୍କ ଆଖିରେ ଲୁହ, ଯେତେବେଳେ ଗୋଟିଏ ଶ୍ମଶାନରେ ଜଳୁଥିଲା ୩ ଭାଇଙ୍କ ଜୁଇ। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଞ୍ଚଳରେ ଶୁକ୍ରବାର ଏପରି ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ମୃତକମାନେ ହେଲେ ଝରିଗାଁ ସିରାଗୁଡ଼ା ସାହିର ଚମ୍ପକଲାଲ ଜୈନଙ୍କ ପୁଅ ସାଗର(୨୦), ସ୍ୱର୍ଗତ ମହାବୀର ଜୈନଙ୍କ ପୁଅ ଅଙ୍କୁର(୩୦) ଏବଂ ମନମୋହନ ଜୈନଙ୍କ ପୁଅ କ୍ରିସ୍(୧୮)। ଗୁରୁବାର ରାତିରେ ଏକ ଦୁର୍ଘଟଣା ଘଟି ଘଟଣାସ୍ଥଳରେ ସାଗର ଓ ଅଙ୍କୁରଙ୍କ ମୃତ୍ୟୁ ହୋଇଥିଲା। ଚିକିତ୍ସା ପାଇଁ ଗୁରୁତର କ୍ରିସ୍‌ଙ୍କୁ ବିଶାଖାପାଟଣା ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

ସୂଚନାନୁଯାୟୀ, ଗୁରୁବାର ରାତି ପ୍ରାୟ ୯ଟା ୨୦ରେ ଏକ ଗାଡ଼ି(ଓଡି-୦୨ଏଇ-୮୦୭୩)ରେ ସାଗର, ଅଙ୍କୁର ଓ କ୍ରିସ୍ ଫୁପୁଗାଁ ରାସ୍ତାରେ ଯାଉଥିଲେ। ତେବେ ଡାଇନିଗୁଡ଼ା ଗ୍ରାମ ନିକଟରେ


କ୍ରିସ୍


ସାଗର


ଅଙ୍କୁର

ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ତେନ୍ତୁଳି ଗଛକୁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ସାଗର ଏବଂ ଅଙ୍କୁରଙ୍କ ମୃତ୍ୟୁ ହୋଇଥିଲା। ଏଥିରେ କ୍ରିସ୍ ଗୁରୁତର ହୋଇଥିଲେ। ଝରିଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ସାଗର ଏବଂ ଅଙ୍କୁରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କ୍ରିସ୍ ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସେଠାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ବିଶାଖାପାଟଣା ନେବା ବାଟରେ କ୍ରିସ୍‌ଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ଝରିଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ଝରିଗାଁ ଶ୍ମଶାନରେ ସମସ୍ତ ମୃତଦେହ ସତ୍କାର କରାଯାଇଥିଲା। ଏହି ସମୟରେ ନବରଙ୍ଗପୁରର ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝି, ପ୍ରଦୀପ ମାଝୀ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝୀ, ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଗିରଫ: ସୁନା, ଟଙ୍କା ଜବତ

**କଟକ,୨୭।୬(କାର୍ତ୍ତିକ ସାହୁ)**

ମାଲଗୋଦାମ ଥାନା ପୋଲିସ ସୁନାଗହଣା ଚୋରି ମାମଲାରେ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାଲେପୁର ଥାନା ଅନ୍ତର୍ଗତ ତିଳଦା ଗ୍ରାମର କିଟୁ ଓରଫ ଅମରେଶ ମହାପାତ୍ର (୩୫), ଶିଶୁଆ ଗ୍ରାମର ବିଜୟ ଓରଫ ଦୈତାରୀ ସାମଲ (୫୨) ଏବଂ ବାଦାମବାଡ଼ି ଥାନା ନିଉ ଏଲଆଇସି କଲୋନୀର ସୁରଜ ଶାହା(୩୦)। ସେମାନଙ୍କ ନିକଟରୁ ୮.୧ ଗ୍ରାମ ଓ ୯.୩ ଗ୍ରାମର ଦୁଇଟି ତରଳା ସୁନା, ହଳେ ସୁନା ଚୁଡ଼ି ଓ ନଗଦ ୪୦୦୦୦ ଟଙ୍କା ଜବତ କରାଯାଇଛି। ଏ ନେଇ ମାଲଗୋଦାମ ଥାନାରେ ଏକ ମାମଲା (ନଂ.୧୩୯/୨୦୨୫) ରୁଜୁ ହୋଇଛି। ସୂଚନା ଅନୁସାରେ, କଲେଜ ଛକ ଅଞ୍ଚଳର ସନ୍ତୋଷ କୁମାର ସାହୁ ଗତ ୨୨ ତାରିଖରେ ତାଙ୍କ ଉପର ମହଲାରେ ଥିବା ଠାକୁର ଘରୁ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ମାଲଗୋଦାମ ଥାନାରେ ଏତଲା

**ସୁନାଗହଣା ଚୋରି ମାମଲା**


ଗିରଫ ୩ ଅଭିଯୁକ୍ତ।

ଦେଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ମନ୍ଦିର କେୟାରଟେକର ଥିବା ଅଭିଯୁକ୍ତ ଅମରେଶ ଚୋରିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଅମରେଶଙ୍କ ସହ ଅନ୍ୟମାନେ ସାମିଲ ଥିବା ଜଣାଯିବା ପରେ ପୋଲିସ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଛି।

# କାହା ପାଇଁ ମହାପ୍ରଭୁଙ୍କୁ ଅପେକ୍ଷା କରିବାକୁ ପଡୁଛି: ଭକ୍ତ

**ଭୁବନେଶ୍ୱର,୨୭।୬ (ରବିନାରାୟଣ ଜେନା)**

ଚଳିତବର୍ଷ ରଥଯାତ୍ରାର ଆୟୋଜନ ଅନ୍ୟ ବର୍ଷ ଅପେକ୍ଷା ଅଧିକ ଭଲ ହୋଇଛି ବୋଲି ସରକାର ବାହୁସ୍ଫୋଟ ମାରୁଛନ୍ତି, ହେଲେ ନନ୍ଦିଘୋଷ ରଥ ଗଡ଼ିଲା ନାହିଁ। ଦେଶର କୋଣ ଅନୁକୋଣରୁ ଦର୍ଶନ ପାଇଁ ଆସିଥିବା ଲକ୍ଷାଧିକ ଭକ୍ତ ଏହାଦ୍ୱାରା ଗଭୀର ଭାବେ ମାନସିକ ଆଘାତ ପାଇଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେ କହିଛନ୍ତି ଯେ, ସବୁକିଛି ଠିକଠାକ୍ ଥିବାବେଳେ କେଉଁ କାରଣ ପାଇଁ ସରକାର ରାଜ୍ୟବାସୀଙ୍କ ଭାବାବେଗ ସହ ଖେଳିଲେ ? ଏନେଇ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବାର ଆବଶ୍ୟକ ରହିଛି। କେଉଁ ଭିଆଇପିଙ୍କ ପାଇଁ ସରକାର ମହାପ୍ରଭୁଙ୍କର ରଥକୁ ଆଗକୁ ନ ନେଇ ଅପେକ୍ଷା କରାଇଛନ୍ତି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି।


**୩୮ତମ ଜନ୍ମବାର୍ଷିକ ଶୁଭେଚ୍ଛା**



**ମାନସ ରଞ୍ଜନ ନାୟକ**

୩୮ତମ ଜନ୍ମଦିନ ଅବସରରେ ତୁମକୁ ଅନେକ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ। ଏ ବର୍ଷ ତୁମ ପାଇଁ ସବୁ ସୁଖ, ସମୃଦ୍ଧି ଆଣିଦେଉ। ତୁମ ଚଲାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଆଶୀର୍ବାଦ କରନ୍ତୁ। ତୁମେ ସବୁବେଳେ ସୁସ୍ଥ ରୁହ।

ଶୁଭେଚ୍ଛା ସହ: ସେନାପତି ପରିବାରବର୍ଗ

ଧ-୧୦୯୦


# ରଥଯାତ୍ରାରେ ସାମ୍ବାଦିକଙ୍କୁ ପୋଲିସର ଆକ୍ରମଣ, ୭ରୁ ଊର୍ଦ୍ଧ୍ୱ ଆହତ

**ଭୁବନେଶ୍ୱର,୨୭।୬(ବନ୍ଦନା ସେଠୀ)**

ରାଜ୍ୟ ସରକାରଙ୍କ ପକ୍ଷରୁ ନିମନ୍ତ୍ରଣ ପାଇ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଯାଇଥିବା କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପୋଲିସ ଦୁର୍ବ୍ୟବହାର କରିବା ସହ ମାଡ଼ମାରି ଆହତ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ୭ରୁ ଊର୍ଦ୍ଧ୍ୱ ଆହତ ହୋଇଥିବାବେଳେ ଜଣେ ମହିଳା ସାମ୍ବାଦିକାଙ୍କ ହାତରେ ୨୦ ଷ୍ଟିଚ୍ ପଡିଛି। ଏଭଳି ଘଟଣା ପ୍ରଥମଥର ଘଟିଥିବା ବେଳେ ବିଭିନ୍ନ ମହଲରୁ ଏହାକୁ ନିନ୍ଦା କରାଯାଉଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରିବା ସହିତ ସିସିଟିଭି କ୍ୟାମେରା ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ

**ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ**

କରିବାକୁ ସାମ୍ବାଦିକମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ରଥଯାତ୍ରାରେ ଯୋଗଦେବାକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସାମ୍ବାଦିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ସକାଳ ୮ଟାରୁ ଭୁବନେଶ୍ୱରସ୍ଥିତ ସୂଚନା ଭବନ ନିକଟରୁ ଓଟିଡିସି ବସ୍‌ରେ ୫୨ଜଣ ସାମ୍ବାଦିକ ପୁରୀ ବାହାରିଥିଲେ। ସେଠାରେ ପୂର୍ବାହ୍ନ ୧୦ଟାରେ ପହଞ୍ଚିବା ପରେ ସେମାନଙ୍କ ପାଇଁ କର୍ଡନ ପାସ୍ ବ୍ୟବସ୍ଥା କରାଯାଇଥିଲା। ସମସ୍ତ ସାମ୍ବାଦିକ ମୋଚି ସାହି ଦେଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ। ମାତ୍ର ପୋଲିସ ବ୍ୟାରିକେଡରେ ସେମାନଙ୍କୁ ଛାଡି ନ ଥିଲେ। ସାମ୍ବାଦିକମାନେ ପୋଲିସକୁ କର୍ଡନ ପାସ୍ ସହିତ ନିଜର ସାମ୍ବାଦିକ ପରିଚୟ ପତ୍ର ଦେଖାଇଥିଲେ ମଧ୍ୟ ସେଠାରେ ସେମାନଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। ଏପରିକି କେତେଜଣ ପୋଲିସ ସାମ୍ବାଦିକମାନଙ୍କୁ ଠେଲାପେଲା କରିବା ସହ ଆକ୍ରମଣ କରିଥିଲେ। ତେଣୁ ଘଟଣାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆହତ ସାମ୍ବାଦିକ ରମେଶ ମହାନ୍ତି, ପ୍ରଭୁ କଲ୍ୟାଣ ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସନତ ମିଶ୍ର ଓ ହର ପ୍ରସାଦ ଦାସ ପ୍ରମୁଖ ଦାବି କରିଛନ୍ତି।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ହସ୍ତକ୍ଷେପ କରନ୍ତୁ ମୁଖ୍ୟମନ୍ତ୍ରୀ: ବିଜେଡି

**ଭୁବନେଶ୍ୱର,୨୭।୬(ସୁନିତ୍ ମିଶ୍ର)**

ପୁରୀ ରଥଯାତ୍ରାରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ପୋଲିସର ଆକ୍ରମଣ ଘଟଣାକୁ ବିଜେଡି ନିନ୍ଦା କରିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି କରିଛି। ଦଳୀୟ ନେତା ଲେନିନ୍ ମହାନ୍ତି କହିଛନ୍ତି, ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟରତ ସ୍ୱୀକୃତିପ୍ରାପ୍ତ ଖବରଦାତାମାନଙ୍କୁ ଭୁବନେଶ୍ୱରର ସୂଚନା ଭବନ ନିକଟରୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ନେଇଥିଲା। ସେଠାରେ ପହଞ୍ଚିଲା ପରେ କର୍ଡନ ପାସ୍ ଓ ପରିଚୟପତ୍ର ଦେଖାଇଲେ ମଧ୍ୟ ପୋଲିସ ସେମାନଙ୍କୁ ଖବର ସଂଗ୍ରହ କରିବାକୁ ଦେଇ ନ ଥିଲା। ଓଲଟି ପୋଲିସର ଦୁର୍ବ୍ୟବହାର ଓ ମାଡ଼ରେ ଅନେକ ବରିଷ୍ଠ ଖବରଦାତା ଗୁରୁତର ହୋଇଥିଲେ। ବରିଷ୍ଠ ଖବରଦାତା ରମେଶ ମହାନ୍ତି ଗୁରୁତର ହୋଇଥିଲା ବେଳେ ପ୍ରଭୁ କଲ୍ୟାଣ ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସନତ୍ ମିଶ୍ର ଓ ହରପ୍ରସାଦ ଦାସଙ୍କ ଛାତିରେ ଆଘାତ ଲାଗିଥିଲା। ମହିଳା ଖବରଦାତା ବିଜୟିତା ତ୍ରିପାଠୀଙ୍କ ହାତରେ ବଡ଼ କ୍ଷତ ହୋଇ ସେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏମାନଙ୍କ ଛଡ଼ା ବହୁ ଖବରଦାତା ମଧ୍ୟ ପୋଲିସ ମାଡ଼ରେ ଆହତ ହୋଇ ନିଜ ଦାୟିତ୍ୱ ସମ୍ପାଦନ କରିପାରିନାହାନ୍ତି। ପ୍ରତ୍ୟେକ ବର୍ଷ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପବିତ୍ର ରଥଯାତ୍ରାର ଖବର ପ୍ରସାରଣ ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଏ। କିନ୍ତୁ ଚଳିତବର୍ଷ ରାଜ୍ୟ ସରକାରଙ୍କ ଅପାରଗତା ଲାଗି ଶ୍ରୀକ୍ଷେତ୍ରରେ ଖବରଦାତାମାନେ ପୋଲିସ ଠାରୁ ମାଡ଼ ଖାଇଲେ ବୋଲି ବିଜେଡି କହିଛି।


# Classified Everyday

**0674-2580101, 9692975378**


**REAL ESTATE**

**SALE**

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398




**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391

2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298 D-990

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits SPA by expert therapist. Contact- 8280961126. D-76924

Newly open Jyoti SPA positively health benefits (expert therapist). 8458067955. D-76923

**AFFIDAVIT**

By virtue of an affidavit sworn before Executive Magistrate, R. Naik, Vide C.F. No.- 11, dated- 25.06.2025, I, Prahallad Swain, S/o- Late Kunja Swain, permanent resident of At- Bhiruda, P.O.- Badagotha, P.S.- Nuagaon, Dist.- Nayagarh, Odisha, PIN- 752094, Currently residing at Plot No.- 147, Nuasahi, Rasulgarh, P.O.- Rasulgarh, P.S.- Mancheswar, Bhubaneswar, Dist.- Khordha, Odisha, PIN- 751010, declare that I have changed my son's name from Narayani Swain to Narayan Swain. Henceforth he shall be known as Narayan Swain for all purposes.
Prahallad Swain
D-1092

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

By virtue of an affidavit sworn before in the Court of Executive Magistrate, Nayagarh on dtd- 26.06.2025, I, Prakash Chandra Prusty, son of Madhu Sudan Prusty, At/ P.O.- Biruda, P.S.- Itamati, Dist.- Nayagarh, declare that I have changed my son's name from Chiranjib Prusty to Rudra Prasad Prusty. Henceforth he shall be known as Rudra Prasad Prusty for all purposes. D-1091

By virtue of an affidavit sworn before the Notary Public, Cuttack, date 30 September 2024, I, Ashamoni Sinku, Wife of Budam Singh Deogam At- Kochila Nuagaon, P.O.- Mangarajpur, P.S.- Choudwar, Dist.- Cuttack, UT have changed my surname from Deogam to Sinku. Henceforth, I shall be known as Ashamoni Sinku for all purposes.
Ashamoni Sinku
D-1089

By virtue of an affidavit sworn before Executive Magistrate, Bhubaneswar, C.F. No.-66, dated- 25.06.2025, I PANKAJ KUMAR MOLA, Address: Flat No-302, Balaji Complex, Sridhar Block, Jail Road, P.O.-Budheswari Colony, Bhubaneswar, Khordha, Odisha-751006, declare that I have changed my son's name from AARAV MOLA to ARAVH AGARWAL. Henceforth, he shall be known as ARAVH AGARWAL for all purposes.
PANKAJ KUMAR MOLA
D-1093

**LEGAL NOTICE**

IR No.- 954, Date- 10.06.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨(ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, IAS) , ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ
ମୋକଦ୍ଦମା ନମ୍ବର- ୩୪୪/୨୦୧୯
ନୋଟିସ୍
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

୧) ପ୍ରଦୀପ କୁମାର ନାୟକ, ପିତା- ପିତାମ୍ବର ନାୟକ, ୨) ତୁଳସୀ ଦାସ, ସ୍ୱାମୀ- ପ୍ରଦୀପ କୁମାର ନାୟକ, ସା/ପୋ- ବନ୍ଧପଡ଼ା, ଥାନା- ରାଜନଗର, ଜିଲ୍ଲା- କେନ୍ଦ୍ରାପଡ଼ା .......ବାଦୀମାନେ
ବନାମ
ତହସିଲଦାର ଭୁବନେଶ୍ୱର ଓଗେର .....ପ୍ରତିବାଦୀମାନେ

ପ୍ରାପ୍ତେଷୁ:
ପ୍ରତିବାଦୀ ନଂ.- ୨. (A) ସାହାବାଣୀ ପରିଡ଼ା, ସ୍ୱାମୀ- ମାଲ୍ୟବନ୍ତ ପରିଡ଼ା, (B) କଳ୍ପନା ପରିଡ଼ା, ସ୍ୱାମୀ- ବିଜୟ କୁମାର ପରିଡ଼ା, (C) ଅଜୟ କୁମାର ପରିଡ଼ା, ପିତା- ମାଲ୍ୟବନ୍ତ ପରିଡ଼ା, (D) ବୈଶାଖୀ ଜେନା, ସ୍ୱାମୀ- ନରେନ୍ଦ୍ର ଜେନା, (E) ରମେଶ କୁମାର ପରିଡ଼ା, ପିତା- ପ୍ରହ୍ଲାଦ ପରିଡ଼ା, (F) ମୋହିଲା ପରିଡ଼ା, ସ୍ୱାମୀ- ପ୍ରହ୍ଲାଦ ପରିଡ଼ା, ୪) କାମଦେବ ପରିଡ଼ା, ପି- ଭ୍ରମର ପରିଡ଼ା ସମସ୍ତଙ୍କ ଠିକଣା- ସା/ପୋ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀମାନେ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ ନିମନ୍ତେ ମାନ୍ୟବର ଅତିରିକ୍ତ ରିଭିଜନ ଅଦାଲତ ନମ୍ବର ୨ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜିଲାସରେ ଆସନ୍ତା ତା୨୨।୦୭।୨୦୨୫ରିଖ ୧୧.୧୫ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ
ଜି- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଅନ୍ଧାରୁଆ
ସାବକ
ଖାତା ନଂ.- ୨୨୦, ପ୍ଲଟ୍ ନଂ.- ୨୧୦୦, ରକବା- ଏ୧.୮୭୫ଡି. ସ୍ୱଧରୁ ଏ୦.୦୭୪ଡି., ସ୍ୱତ୍ୱ- ସ୍ଥିତିବାନ୍
ହାଲ୍
ଖାତା ନଂ.- ୧୮୯୫, ପ୍ଲଟ୍ ନଂ.- ୬୩୯୦, ରକବା- ଏ୦.୦୭୪ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ. ୨ A ଠାରୁ F ପର୍ଯ୍ୟନ୍ତ ଓ ୪ର ଉତ୍ତରାଧିକାରୀମାନେ ନିଜେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୦୯୪

In the Court of the Addl. Commissioner, Consolidation and Settlement, Odisha, Nayagarh
Notice Under Order-5, Rule-20 of the Code of Civil Procedure
Notice by paper publication
In the matter of:
Revision Petition Case No.- 30/2025

1. Alok Pani, S/o- Dasarathi Pani, 2. Sarat Chandra Pani, S/o- Udyanath Pani ... Petitioners
Vrs
1. Hati Pattanaik, S/o- Surendra Pattanaik, Village- Deuli, P.O.- Malisahi, P.S./ Dist.- Nayagarh ...Op

You are above named Opp. Parties take notice that the petitioners have filed above RP cases against you. Though notice sent to you in the above given address, but you did not receive the same which returned, therefore you are, hereby directed through this general publication to appear before this Hon'ble Court in person or through counsel on Dtd. 01.07.2025 at 10.30 am. Take Notice that in default of your appearance the above RP case will be heard and decided.

Given under my hand and seal on the Court of 19th day of June, 2025.
By order of the Court of Addl. Commissioner, Consolidation & Settlement, Nayagarh.
Sd./- Addl. Commissioner Consoildation & Settlement, Nayagarh
D-1087

**ମନେ ପଡ଼ନ୍ତି**

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



୯୯ ତମ ଜୟନ୍ତୀ
ତା: ୨୮.୦୬.୨୦୨୫
(ଶନିବାର)

ବାପା,
ଆପଣଙ୍କ ଶୁଭ ଜନ୍ମ ଦିନରେ, ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍କରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ଧ-୧୦୯୫

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ବଳରାମ ସାହୁ
ଗାଡ଼କଣ, ଉପରସାହି, ଭୁବନେଶ୍ୱର
ଧରାବତରଣ- ୨୮.୦୭.୧୯୪୬
ସ୍ୱର୍ଗାରୋହଣ- ୦୮.୦୭.୨୦୨୪

ସମୟ ସ୍ରୋତରେ ସବୁକିଛି ବଦଳି ଗଲେମଧ୍ୟ ତୁମର ସ୍ମୃତି ସତେଜ ରହିଛି ଆଜିବି । ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ ।

-ଶୋକସନ୍ତପ୍ତ-
ତୁମର ଧର୍ମପତ୍ନୀ- ସଞ୍ଜୁକ୍ତା, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଭଣଜା-ଭାଣିଜି, ଝିଆରୀ-ପୁତୁରା ଏବଂ ସମସ୍ତ ପଦ୍ମାଭବନ ପରିବାର ବର୍ଗ ଓ ଆତ୍ମୀୟସଜନ ।
ଧ-୭୬୯୨୬

# ବେଲୁଚିସ୍ତାନ: ପ୍ରତିବାଦୀ କବିତାର ସୃଜନଭୂମି

**ବେଲୁଚିସ୍ତାନ ୧୯୪୭ରୁ ପାକିସ୍ତାନର ଦଖଲରେ। କିନ୍ତୁ କ୍ରମେ କ୍ରମେ ଏଠାକାର କବି, ସାହିତ୍ୟିକମାନେ ସ୍ୱ-ଦେଶର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଦୈନ୍ୟକୁ ବୁଝିଲେଣି। ଜେଲଖାନା, ଫାଶୀଖୁଣ୍ଟର ଧମକକୁ ଖାତିର ନ କରି ପାକିସ୍ତାନୀ ଅତ୍ୟାଚାର ବିରୋଧରେ ମୁହଁ ଖୋଲିଲେଣି। ରାଶି ରାଶି ଅଗ୍ନିବର୍ଷୀ କବିତା ଯୁବପିଢ଼ିକୁ ସଂଗଠିତ କଲାଣି ଏକ ସ୍ୱାଧୀନ ରାଷ୍ଟ୍ର ନିର୍ମାଣ ସପକ୍ଷରେ। ବେଲୁଚି କବିତାର ସାଂପ୍ରତିକ ସ୍ଥିତି ସମ୍ପର୍କରେ ଏକ ଅନ୍ତରଙ୍ଗ ଅନୁଧ୍ୟାନ ଏଇ ଆଲେଖ୍ୟ...**

ବେଲୁଚିସ୍ତାନର ଭାଷା ବେଲୁଚି। ବେଲୁଚି କବିତା ଉପରେ ନଜର ଦେବା- ''ତୋଉ ପା ସରାନୀ ଗୁଡ଼ସା, ଜିନ୍ଦାଏ ହୟାଲନ କୁଶାଏ/ ପା ସିନ୍ଦଗା ବସ୍ତ କେନେ ଫୁଲନ, ଚାବୋ ଥଲାନିଆ।'' (ମୁଣ୍ଡକାଟ କରି କ'ଣ ଆପଣ ଜୀବନର ବିଚାର ଶକ୍ତିକୁ ମାରିଦେଇ ପାରିବେ? ଫୁଲ ଛିଣ୍ଡାଇ କ'ଣ ତା'ର ସୁଗନ୍ଧକୁ ଖରାପ କରିପାରିବେ?) ଏ କବିତା କବି ଅତ୍ତାଶାଦଙ୍କର। ନଭେମ୍ବର ୧୯୩୯ରେ ବେଲୁଚିସ୍ତାନର ତୁର୍ବତର ସିଂଗାନୀସରର ଗୋଟିଏ ବଢ଼େଇ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଅତ୍ତାଶାଦ। ସେ ତାଙ୍କର ଶାଣିତ ବ୍ୟଙ୍ଗ ପାଇଁ ଚର୍ଚ୍ଚାକୁ ଆସିଥାନ୍ତି।

୧୯୫୦ ଦଶକରେ ବେଲୁଚି ସାହିତ୍ୟର ପରିଦୃଶ୍ୟରେ ଦୁଇଜଣ

**ଦେଶେଦେଶେ**

**ପଞ୍ଚାନନ ଅଗ୍ରୱାଲ**

ପ୍ରସିଦ୍ଧ ଲେଖକ ଗୁଲଖାନ ନସୀର୍ ଆଉ ସୈୟଦ ଜହୁର ଶାହ ହାସମୀ ବିଶେଷ ଲୋକପ୍ରିୟ ହୋଇଥିଲେ। ଅତ୍ତାଶାଦଙ୍କ ଲୋକପ୍ରିୟତା ଏତେ ବୃଦ୍ଧି ପାଇଥିଲା ଯେ ଦିଲ୍ଲୀପ କୁମାରଙ୍କ ଭଳି ତୁଙ୍ଗ ଫିଲ୍ମ ଅଭିନେତାମାନେ ତାଙ୍କ ସାକ୍ଷାତ୍‌କାର ନେବାକୁ ବ୍ୟାକୁଳ ଥିଲେ। ଅତ୍ତାଙ୍କ ଆଧୁନିକତାର ଆଧାର ଏହା ହୋଇପାରେ ଯେ ସେ ମୀରାଜୀ, ନୁନମୀମ ରଶିଦ ଆଉ ୟୁରୋପୀୟ ପ୍ରତୀକବାଦୀ ଆନ୍ଦୋଳନ ଦ୍ୱାରା ଖୁବ୍ ପ୍ରଭାବିତ ହୋଇଥିଲେ। ଅତ୍ତାଶାଦ ବେଲୁଚିସ୍ତାନର ଜନଜାତି ଲୋକଙ୍କ ଉତ୍ପୀଡ଼ନ ତଥା ଏକଛତ୍ରବାଦ ବିରୋଧରେ ସ୍ୱର ଉତ୍ତୋଳନ କରି କ୍ରାନ୍ତିକାରୀ କବି ଭାବରେ ଗଣା ହୋଇଥିଲେ। କ୍ରାନ୍ତିଭୂମି ବେଲୁଚିସ୍ତାନ ଅତ୍ତାଶାଦ ଆଉ ସଇଦ ଜହରଶାହ ହାଶମୀଙ୍କ ଭଳି ପ୍ରସିଦ୍ଧ କବିମାନଙ୍କୁ ଜନ୍ମ ଦେଇଛି।

ନସୀର କୁବଦାନୀ ଆଉ ମୁରାଦ ଅବାରାଣୀଙ୍କ ଭଳି ନିଖୋଜ କବିମାନେ ବେଲୁଚିସ୍ତାନର ପାଠକଙ୍କ ଆଦର ଲାଭ କରିଛନ୍ତି। ଗୁଲଖାନ ନସୀର୍ ଆଉ ୟୁସୁଫ ଅଲ୍ଲୀ ଖାନ୍ ମଗସୀଙ୍କ ଭଳି କ୍ରାନ୍ତିକାରୀ କବିମାନେ ବେଲୁଚିସ୍ତାନର ଯୁବବର୍ଗଙ୍କ ମଧ୍ୟରେ ରାଜନୈତିକ



ମୁବାରକ କାଜୀ



ମୀର୍ ଗୁଲ୍ ଖାଁ ନାଜିର୍

ଚେତନା ଜାଗ୍ରତ କରିଥିଲେ।

ଆଜି ବେଲୁଚିସ୍ତାନର ସବୁଠାରୁ ବଡ଼ ସମସ୍ୟା କବି, ଲେଖକମାନଙ୍କ ସୁରକ୍ଷା। କବି ଲେଖକମାନଙ୍କ ଜୀବନ ସଙ୍କଟମୟ ରହିଛି, ପ୍ରତିଦିନ ସେମାନଙ୍କୁ ଧମକ ଦିଆଯାଉଛି, ତାଙ୍କ ବିରୋଧରେ ଗୁଣ୍ଡା ଲଗାଇ ଆକ୍ରମଣ କରାଯାଉଛି। ଥରେ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ କହିଥିଲେ- କବିତା ଇତିହାସ ତୁଳନାରେ ସତ୍ୟକୁ ଅଧିକ ନିକଟରୁ ଦେଖେ। ବୋଧହୁଏ ଏହି କାରଣରୁ ବେଲୁଚିସ୍ତାନରେ ସାୟରୀ ସୃଜନକୁ ରୋକାଯାଉଛି। ମୁବାରକ କାଜୀ, ଯାହାଙ୍କ ଜନ୍ମ ୨୪ ଡିସେମ୍ବର ୧୯୫୬ରେ ହୋଇଥିଲା, ସେ ବେଲୁଚିସ୍ତାନର ସବୁଠାରୁ ଲୋକପ୍ରିୟ କବି, ତାଙ୍କ କବିତା ଦମନ ବିରୋଧୀ ବିଷୟ ଆଧାରିତ। ତାଙ୍କୁ ବହୁ ମାସ ଧରି ଜେଲରେ ବନ୍ଦୀ ରଖାଯାଇଥିଲା। ହତ୍ୟା କରିବା ପାଇଁ ଦୁଇଥର ଷଡ଼ଯନ୍ତ୍ର କରାଯାଇଥିଲା। ସୌଭାଗ୍ୟକ୍ରମେ ସେ ବର୍ତ୍ତିଯାଇଥିଲେ। ପ୍ରଥମ ଥର ୨୦ ଜୁନ୍ ୨୦୧୩ରେ ତାଙ୍କ ଘର ଉପରେ ଗ୍ରେନେଡ୍ ଆକ୍ରମଣ କରାଯାଇଥିଲା, ଯହିଁରେ ତାଙ୍କ ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ତାଙ୍କ ପତ୍ନୀ ଗୁରୁତର ଆହତ ହୋଇଥିଲେ। ୯ ମାର୍ଚ୍ଚ ୨୦୧୪ରେ ଦ୍ୱିତୀୟ ଥର ଆକ୍ରମଣ କରାଯାଇଥିଲା। ଦୁଇଥରଯାକ ସେ ରକ୍ଷା ପାଇଥିଲେ।

ମୁବାରକ କାଜୀଙ୍କ ପୂର୍ବରୁ କବି ପ୍ରଫେସର ସବାଦସ୍ତିୟାରୀଙ୍କୁ ପ୍ରାନ୍ତୀୟ ରାଜଧାନୀ କ୍ୱେଟାରେ ଦିନ ଦ୍ୱିପ୍ରହରେ ହତ୍ୟା କରାଯାଇଥିଲା। ଆଉ ଜଣେ ପ୍ରଗତିଶୀଳ ଔପନ୍ୟାସିକ କବି ହନିଫ ସରିଫଙ୍କୁ ଅପହରଣ କରିନିଆଯାଇ ଏକାନ୍ତ କାରାବାସରେ ରଖାଯାଇଥିଲା। ବେଲୁଚି ଭାଷାର ଗଦ୍ୟ ସାହିତ୍ୟ ବର୍ତ୍ତମାନ ସମୟରେ ଗପ କାହାଣୀ ଭିତରେ ସୀମିତ ଅଛି, କିନ୍ତୁ ଏହାର ପଦ୍ୟ ସାହିତ୍ୟ ଅଧିକ ବିସ୍ତୃତ ଆଉ ଉନ୍ନତ। ଫରାସୀ ଭାଷା ପରିବାରର ସଦସ୍ୟ ବେଲୁଚିରେ ପ୍ରାଚୀନ ଅବସ୍ତାୟୀ ଭାଷାର ଝଲକ ନଜରକୁ ଆସୁଛି, ଯାହାକୁ ବୈଦିକ ସଂସ୍କୃତର ବହୁ ନିକଟତର ମନେକରାଯାଏ। ଉତ୍ତର-ପଶ୍ଚିମ ଇରାନ, ପୂର୍ବ-ତୁର୍କୀ ଆଉ ଉତ୍ତର-ଇରାକରେ କୁହାଯାଉଥିବା କୁର୍ଦ୍ଦଭାଷା ସହିତ ବେଲୁଚି ଭାଷାର ସାମ୍ୟ ରହିଛି। ପୂରା ବିଶ୍ୱରେ ପ୍ରାୟ ୮୮ ଲକ୍ଷ ଲୋକ ବେଲୁଚି ଭାଷାରେ କଥାବାର୍ତ୍ତା କରନ୍ତି। ଏଥିମଧ୍ୟରୁ ପ୍ରାୟ ୬୫ ଲକ୍ଷ ବେଲୁଚି ଭାଷାଭାଷୀ ପାକିସ୍ତାନରେ ଅଛନ୍ତି।

ପ୍ରାରମ୍ଭିକ କାଳରେ ବେଲୁଚି କବିତାର ସ୍ୱରୂପ ଥିଲା ଲୋକଗୀତ। ବେଲୁଚି ଇତିହାସର ସବୁଠାରୁ ବଡ଼ ବ୍ୟକ୍ତିତ୍ୱ ମୀର୍ ଚାକର ଖାଁ ରିଂଦନ୍ତ ୧୪୮୭ରେ



ଶାସନ କ୍ଷମତାକୁ ଆସିବା ପରେ ବେଲୁଚି କବିତାରେ ଯୁଦ୍ଧ ବିଷୟ ଅଧିକ ପ୍ରାଧାନ୍ୟ ପାଇଲା। ତାଙ୍କ ସମକାଳୀନ କବିଙ୍କ ମଧ୍ୟରେ ମୀର୍ ଗବାହିରାମ, ଲାଣାରୀ, ନୌଦ ବଂଦଗ, ବେବର୍ଗ, ଶହ ମୁରୀଦ, ହାନୀ, ଶାହଦାଦ, ମାହନାଜ, ଉମର ଖାଁ ନୋହାନୀ ପ୍ରମୁଖ କବିମାନେ ବେଲୁଚି ସାହିତ୍ୟକୁ ଅଧିକ ଋଦ୍ଧିମନ୍ତ କରିଥିଲେ। ୧୮ଶ ଶତାବ୍ଦୀରେ ବେଲୁଚି ଭାଷାରେ ଏପରି ପ୍ରେମ କବିତାର ସୃଜନ ହେଲା, ଯେଉଁ ସମୟରେ ସୌନ୍ଦର୍ଯ୍ୟ, କେଶ, କପୋଳ ଆଉ ଅଧର ବର୍ଣ୍ଣନା ସ୍ଥାନ ପାଇଲା। ଏହି କାଳର କବିତା ସୌନ୍ଦର୍ଯ୍ୟର ସ୍ୱଚ୍ଛ ଅନୁଭୂତି ତଥା ହିଜ୍ର-ଓ-ବିଶାଲ-ଏ-ୟାର ପ୍ରେମିକାଠାରୁ ଦୂରରେ ରହୁଥିବା ଦୁଃଖୀ ହୃଦୟର କାହାଣୀ ବେଲୁଚି ସାହିତ୍ୟକୁ ବଳିଷ୍ଠ କରିଛି।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଇଂରେଜମାନେ ବେଲୁଚିସ୍ତାନରେ ନୂଆ ସଭ୍ୟତା ଆରମ୍ଭ କଲେ। ବେଲୁଚି ସାହିତ୍ୟର ସ୍ୱରୂପ ବଦଳିଗଲା। ଜୈସୁର ଏଭଳି କବିତା ଲେଖିଲେ ଯେଉଁଥିରେ ନୂଆ ଶବ୍ଦ, ନୂଆ ଚେତନା ଥିଲା। ଆଜାଦ୍ ଜମାଲ ଦୀନୀ ଇଂରେଜ ଶାସନରେ ବେଲୁଚି ସଂସ୍କୃତିର ଅବନତିକୁ ଦେଖିଲେ। ସାୟର ମହମ୍ମଦ ହୁସେନ 'ଉନଟା' ଲକ୍ଷ୍ୟ କଲେ କାର୍ ଚକ ତଳେ ଗରିବ ଲୋକମାନଙ୍କ ଇଚ୍ଛାକୁ ଦମନ କରାଯାଉଛି। ରହମଅଲ୍ଲୀ ବଜଲାଜ ମଧ୍ୟ ଇଂରେଜମାନଙ୍କ ବେଲୁଚିସ୍ତାନ ଆଗମନକୁ ବିରୋଧ କରିଥିଲେ। ୧୯୪୭ରେ ପ୍ରତାରଣା କରି ବେଲୁଚିସ୍ତାନକୁ ପାକିସ୍ତାନରେ ମିଶାଇ ଦିଆଗଲା। ପରେ କ୍ୱେଟାରେ ରେଡିଓ ପାକିସ୍ତାନ ସ୍ଥାପନ କରାଗଲା। ୧୯୬୧ରେ କ୍ୱେଟାରେ ବେଲୁଚି ଏକାଡେମୀ ସ୍ଥାପନ କରାଗଲା। ଗୁଲଖାନ ନସୀରଙ୍କ ଭଳି କବିମାନଙ୍କ କୃତୀ ସଂସ୍କୃତି ଉତ୍ପୀଡ଼ନ ବିରୋଧରେ ଥିଲା। ଏଥିରେ ବହୁ ଲେଖକ ଉତ୍ସାହିତ ହେଲେ। ନୟାଲା କାହାରୀ ବେଲୁଚିସ୍ତାନର ଜଣେ ମହିଳା ସଂଗଠକ, କବି, ଲେଖିକା। ଅନ୍ତଃରାଷ୍ଟ୍ରୀୟ ବ୍ୟାଖ୍ୟାନ ପାଇଁ ସେ ବେଶ୍ ପରିଚିତ।

ଏବେ ନୂଆ ସୃଜନକାରୀ ଲେଖକମାନେ କବିତା ଲେଖିବାକୁ ଅଧିକ ଆଗ୍ରହୀ। କବି ମୀର୍ ୟାର ବେଲୁଚିଙ୍କ କବିତା ସୋସିଆଲ ମିଡିଆରେ ଭାଇରାଲ ହେଉଛି। ବେଲୁଚିସ୍ତାନକୁ ସ୍ୱତନ୍ତ୍ର ରାଷ୍ଟ୍ର ଘୋଷଣା କରି ଭାରତରେ ଦୂତାବାସ ଖୋଲିବା ପାଇଁ ସେ ଦାବି କରିଛନ୍ତି। ମୀର୍ ୟାର ସଂଯୁକ୍ତରାଷ୍ଟ୍ରକୁ ଶାନ୍ତିସେନା ପଠାଇବା ଓ ପାକିସ୍ତାନ ସେନା ହଟାଇବା ପାଇଁ ଆବେଦନ କରିଛନ୍ତି। ତାଙ୍କ ମତରେ ଦୁନିଆ ଆଉ ମୂକ ଦର୍ଶକ ହୋଇ ରହିପାରିବ ନାହିଁ। ଭାରତରେ ବେଲୁଚି ସାହିତ୍ୟ ଓ ସଂସ୍କୃତି ଉପରେ ବିଶେଷ କାମ ହୋଇନାହିଁ। ଏ ଦିଗରେ ଅଧିକରୁ ଅଧିକ କାମ ହେଲେ ଭାରତ ଓ ବେଲୁଚିସ୍ତାନ ମଧ୍ୟରେ ସାଂସ୍କୃତିକ ଭାବର ଆଦାନ ପ୍ରଦାନ ହୋଇପାରିବ। ବେଲୁଚିସ୍ତାନର ମାନବାଧିକାର କର୍ମୀ ମୀର୍ ୟାର ବେଲୁଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖିଛନ୍ତି। ଏହି ଚିଠିରେ ସେ ୧୯୯୮ରେ ପାକିସ୍ତାନ ଦ୍ୱାରା ବେଲୁଚିସ୍ତାନରେ କରାଯାଇଥିବା ପରମାଣୁ ପରୀକ୍ଷଣକୁ ନରସଂହାରର ଆରମ୍ଭ ବୋଲି ବର୍ଣ୍ଣନା କରିଛନ୍ତି ଏବଂ ପାକିସ୍ତାନ ସେନା ନୱାଜ ସରିଫ ସରକାରଙ୍କ ସହମତିରେ ବେଲୁଚିସ୍ତାନକୁ କ୍ଷତିଗ୍ରସ୍ତ କରିବାର ଉପକ୍ରମ କରିଛନ୍ତି ବୋଲି ସେ ଜଣାଇଛନ୍ତି। ସେ ଲେଖିଛନ୍ତି, ପରମାଣୁ ବିସ୍ଫୋରଣ ଯୋଗୁ ଚଗାଇ ଏବଂ ରାସକୋହ ପାହାଡ଼ରୁ ଏବେ ବି ବିସ୍ଫୋରକ ଗନ୍ଧ ଆସୁଛି। ଅନେକ ଫାର୍ମ ନଷ୍ଟ ହୋଇଛି, ଗାଈଗୋରୁ ମରିଛନ୍ତି, ପିଲାମାନେ ଭିନ୍ନକ୍ଷମ ହୋଇ ଜନ୍ମ ନେଉଛନ୍ତି। ସେ ଆହୁରି କହିଛନ୍ତି- ''ପାକିସ୍ତାନ ହେଉଛି ଆତଙ୍କବାଦର ଜନନୀ। ଏହାର ମୂଳ ନ ଉପାଡ଼ିବା ପର୍ଯ୍ୟନ୍ତ ଆତଙ୍କବାଦ ଶେଷ ହେବ ନାହିଁ।''

ମୋ: ୯୭୭୭୭୪୪୦୭୧

## ପୁସ୍ତକ ପରିଚୟ

### ଆକାଶ ସମୁଦ୍ର ଧରିତ୍ରୀ



**ଲେଖକ:** କୁମୁଦ ଚନ୍ଦ୍ର ଦାଶ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୬୦/-

ଆଲୋଚ୍ୟ କବିତା ସଂକଳନରେ ମୋଟ ୧୧୯ଟି କବିତା ସ୍ଥାନିତ। ତେର ନମ୍ବର କବିତାଟିକୁ କବି ବହିର ଶିରୋନାମ କରିଛନ୍ତି। ବହିରେ ଥିବା କବିତାଗୁଡ଼ିକ ଜୀବନର ବିଭିନ୍ନ ମୁହୂର୍ତ୍ତରେ ମନ ଓ ଚେତନାକୁ ଉଦ୍‌ବେଳିତ କରିଥିବା ଅନୁଭବସମୂହର ଉଚ୍ଛଳ ପରିପ୍ରକାଶ। ଶବ୍ଦ ଓ ଶବ୍ଦାନୁଷଙ୍ଗର ଦକ୍ଷ ପ୍ରୟୋଗ ଭାଷା ବ୍ୟବହାରରେ କବିଙ୍କ ଅଧିତ ଜ୍ଞାନ ଓ ପରିପକ୍ୱ ବିନ୍ୟାସର ପରିଚୟ ପ୍ରଦାନ କରେ, ପ୍ରାୟ ପ୍ରତ୍ୟେକ କବିତାରେ। କେତୋଟି ଦୃଷ୍ଟାନ୍ତ ନେବା: ୧. ''ଏଇ ଦେଖ ଦେଖ/ ଶରତ ଋତୁର ସାବଲୀଳ ସୂର୍ଯ୍ୟ/ ଅସ୍ତଯାଏ ପଶ୍ଚିମ ଶିଖରୀ ତଟେ'' (ଶରତ ଆକାଶ, ପୃ:୩୬), ୨. ''ମୋତେ ତ ଭୁଲାଇଦିଏ/ ସାତ ଜନ୍ମ ସହସ୍ର ମୃତ୍ୟୁର/ ନିଷ୍ଠୁର ଅନ୍ଧାର/ ସମୟର ହିଡ଼ ଟପି ହସୁଥାଅ ତୁମେ/ ବିସ୍ମିତ ସ୍ମିତରେ ତୁମ/ ଆଷାଢ଼ର ବର୍ଷାତୁର ମେଘ'' (ସୁହାସିନୀ, ପୃ:୫୬), ୩. ''ଭଲ ଲାଗେ/ ନୀଳ ନୀଳ ତୁମ ଆଖି ଓଦା ଓଦା ଆଖିର ଭୂଲତା/ ସେଠି ଲେଖାଅଛି/ ମଧ୍ୟାହ୍ନର ଇତିକଥା/ ଆରକ୍ତିମ ସମୟର ନିଖିଳ କବିତା'' (ଆଖି-୩, ପୃ:୩୨୨), ୪. ''ପୃଥିବୀ ପଢୁଛି ଆଜି/ ବସନ୍ତର ଚୋରା ପ୍ରେମ ଚିଠି/ ଶୀତର କଙ୍କାଳ ପରେ/ ଚେଇଁଉଠେ ଆବେଗର/ ଆଚ୍ଛନ୍ନ ଦରୋଟି'' (ବସନ୍ତ, ପୃ: ୨୩୮) ଓ ୫. ''ଆଲୁଅ ଲିଭାଇଦିଅ ଜଳୁ ତୁମ ମୁକ୍ତ ଦେହଶିଖା ନଗ୍ନ ନୈସର୍ଗିକ/ ତମିସ୍ରାର ନିଶ୍ଛିଦ୍ର ଆକାଶ'' (ଶୃଙ୍ଗ ଆରୋହଣ, ପୃ: ୨୧)। କୁମୁଦଙ୍କ କବିତାରେ ପସରା ମେଲି ବସେ ପ୍ରକୃତି, ପ୍ରେମ ବାହୁ ମେଲାଇ ମାଗେ ଆଲିଙ୍ଗନ, ବିରହ ଜଳୁଥାଏ ଦୂର କେଉଁ ମଶାଣିରେ ଲିଭି ଲିଭି ଜଳୁଥିବା ଜୁଇ ପରି। ପରମ୍ପରାର ଗଭୀର ଭୂତଳେ ଥାଏ ତାଙ୍କ କବିତ୍ୱର ସିକଡ଼, ପବନରେ ଦୋଳି ଖେଳୁଥାଏ କବିତା। 'ପ୍ରତି ଅକ୍ଷରରେ ମୋର ନିହିତ ଅସ୍ମିତା'- କବିଙ୍କର ଏ ଉଦ୍‌ଘୋଷଣା ମିଥ୍ୟା ନୁହେଁ। 'ଆପେକ୍ଷିକ ଭାବେ ମୌଳିକ' ହେବା ବି କବିଠୁଁ କମ୍ ପ୍ରସ୍ତୁତିର ଅପେକ୍ଷା ରଖେନାହିଁ। ପ୍ରତ୍ୟାଶିତ ସେ ପ୍ରସ୍ତୁତି କୁମୁଦଙ୍କ କବିତାରେ ଦୁର୍ଲକ୍ଷ୍ୟ ନୁହେଁ। ଗଦ୍ୟ ଓ ପଦ୍ୟର ଏକ ରଫାନାମା ତାଙ୍କ କବିତା। ଭାବ ଓ ଛନ୍ଦର ଏକ ନୂଆ ନିର୍ମାଣ। ଲାଗୁଥିବ କେଉଁଠି ପଢ଼ିଛି, ଅଥଚ 'ନୂଆ ପଢ଼ିବାର ଆନନ୍ଦ'ରେ ପୂରି ଉଠୁଥିବ ମନ- 'ଆକାଶ ସମୁଦ୍ର ଧରିତ୍ରୀ'ର ପ୍ରାୟ କବିତାରେ ଅଛି ସୃଜନର ଏ ଦୁର୍ଲଭ ନିର୍ମିତି।

### ପ୍ରଜ୍ଞା ପ୍ରବନ୍ଧ ପର୍ଯ୍ୟାଲୋଚନା



**ଲେଖକ:** ଡ. ଦୁର୍ଗାମାଧବ ପୃଷ୍ଟି
**ପ୍ରକାଶକ:** ଅଗ୍ନି, ରସୁଲଗଡ଼, ଭୁବନେଶ୍ୱର-୧୦
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/-

ସତରଟି ପ୍ରବନ୍ଧରେ ପୁଷ୍କଳ ଆଲୋଚ୍ୟ ନିବନ୍ଧଗ୍ରନ୍ଥ। 'ଅଗ୍ରଲେଖ'ରେ ଲେଖକ କହନ୍ତି: ''ପୁସ୍ତକରେ କେବଳ ଯେ ଗବେଷଣା ବା ବୌଦ୍ଧିକ ପ୍ରବନ୍ଧ ଉପସ୍ଥାପିତ ହୋଇଛି ତାହା ନୁହେଁ, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କେତେକ ପ୍ରଥିତଯଶା ସ୍ରଷ୍ଟାଙ୍କ ସମ୍ପର୍କରେ ଏଥିରେ ଆଲୋଚନା କରାଯାଇଛି। ସାହିତ୍ୟର ସମାଲୋଚନା ଦିଗ ପ୍ରତି ମଧ୍ୟ ଯତ୍‌ପରୋନାସ୍ତି ଦୃଷ୍ଟି ଦିଆଯାଇଛି। ସାମଗ୍ରିକ ଭାବେ ପୁସ୍ତକଟି 'ପ୍ରଜ୍ଞା-ପ୍ରତିଭା-ପ୍ରବନ୍ଧ'ର ସମାହାର x x।'' ଭକ୍ତ ଭକ୍ତି ଭଗବାନ, ଯା ଦେବୀ ସର୍ବଭୂତେଷୁ, ଆରାଧ୍ୟା ଦେବୀ ମା' ବାଣେଶ୍ୱରୀ ଭଳି ପ୍ରବନ୍ଧ ସାଙ୍ଗକୁ ରହିଛି ଭାଗବତରେ ତନ୍ତ୍ରର ପ୍ରଭାବ ଓ ବୌଦ୍ଧତନ୍ତ୍ରର ଉନ୍ମେଷ ତଥା ବିକାଶ ସମ୍ପର୍କରେ ଚର୍ଚ୍ଚା। କେତେକ ସାରସ୍ୱତ ସାଧକଙ୍କ କୃତି ଉପରେ ରହିଛି ଆଲୋଚନା, ଯହିଁରେ ଅନ୍ତର୍ଭୁକ୍ତ ଦୀନକୃଷ୍ଣ, ସୁଲକ୍ଷଣା ଦେବୀ ଓ ରବି ସିଂଙ୍କ ପରି ଯଶସ୍ୱୀ ସ୍ରଷ୍ଟା। ଓଡ଼ିଶାର ଲୋକକଳା ପାଲା, ଦଣ୍ଡନାଟ ଓ ଲୋକନାଟକର ପର୍ଯ୍ୟାଲୋଚନା ସହିତ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପ ସମ୍ବନ୍ଧରେ ମଧ୍ୟ ଆଲୋକପାତ କରାଯାଇଛି। ଗ୍ରନ୍ଥସ୍ଥ ନିବନ୍ଧଗୁଡ଼ିକ ନିବନ୍ଧକାରଙ୍କ ନିବିଡ଼ ଅଧ୍ୟୟନ ଓ ଗବେଷଣାର ସ୍ୱାରକୀ। 'ଶ୍ରୀମଦ୍‌ଭାଗବତରେ ତନ୍ତ୍ରର ପ୍ରଭାବ' ନିବନ୍ଧରେ ପ୍ରାବନ୍ଧିକ ଶ୍ରୀକ୍ଷେତ୍ରକୁ ଏକ ତାନ୍ତ୍ରିକପୀଠ ଭାବେ ନାନା ତଥ୍ୟ ଆଧାରରେ ପ୍ରମାଣ କରିଛନ୍ତି। କହିଛନ୍ତି- 'କୁଳାର୍ଣ୍ଣବ ତନ୍ତ୍ର'ରେ ଶ୍ରୀକ୍ଷେତ୍ର ହେଉଛି ଉଡ୍ଡୀୟାନ ପୀଠ। ଏହା ପୁଣି ଉଚ୍ଛିଷ୍ଟ ପୀଠ, ଜିହ୍ୱାପୀଠ ଓ ପାଦପୀଠ ଭାବେ ଗୃହୀତ। ଏଠାରେ ବିମଳା ଦେବୀଙ୍କୁ ଭୈରବରୂପୀ ଜଗନ୍ନାଥଙ୍କର ଉଚ୍ଛିଷ୍ଟ ସମର୍ପଣ କରାଯାଉଥିବାରୁ ଏହା ଉଚ୍ଛିଷ୍ଟ ପୀଠ ଏବଂ ସତୀଙ୍କର ପାଦ ପଡ଼ିଥିବାରୁ ଏହା ପାଦପୀଠ। ଦଣ୍ଡନାଟ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ପ୍ରାବନ୍ଧିକ 'ଶୋଭାଯାତ୍ରା ଦଣ୍ଡ', 'ଧୂଳି ଦଣ୍ଡ', 'ପାଣି ଦଣ୍ଡ', 'ବନ ଦଣ୍ଡ', 'ଅଗ୍ନି ଦଣ୍ଡ' ଓ 'ନୃତ୍ୟ ଦଣ୍ଡ' ଆଦି ଦଣ୍ଡର ବିଭିନ୍ନ ପ୍ରକାରଭେଦ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଆଶା କରାଯାଏ, ଆଲୋଚ୍ୟ ପ୍ରବନ୍ଧଗ୍ରନ୍ଥଟି ଲୋକାଦୃତି ଲାଭ କରିବ ଓ ଗବେଷକଙ୍କ ପ୍ରୟୋଜନରେ ଲାଗିବ।

## କାଳକାଳକୁ



**''ପରାଜୟ ପାଇଁ ମଣିଷର ଜନ୍ମ ନୁହେଁ;
ସେ ଭାଙ୍ଗିଯାଇପାରେ, କିନ୍ତୁ ହାରିଯିବ ନାହିଁ।''
-ଆର୍ନେଷ୍ଟ ହେମିଙ୍ଗ୍‌ୱେ**

**ଆର୍ନେଷ୍ଟ ହେମିଙ୍ଗ୍‌ୱେଙ୍କ** ଜନ୍ମ ୨୧ ଜୁଲାଇ ୧୮୯୯ରେ ଓ ପରଲୋକ ୨ ଜୁଲାଇ ୧୯୬୧ରେ। ସେ ଏକାଧାରରେ ଥିଲେ ଔପନ୍ୟାସିକ, କଥାଶିଳ୍ପୀ ଓ ପତ୍ରକାର। ତାଙ୍କର ପ୍ରାୟ ରଚନା ଆମେରିକୀୟ ସାହିତ୍ୟରେ କ୍ଲାସିକ୍ ଭାବେ ପରିଗଣିତ। 'ଇନ୍ ଆୱାର୍ ଟାଇମ୍', 'ମ୍ୟାନ୍ ଉଇଦାଉଟ୍ ଓମେନ୍', 'ଏ ଫେୟାର୍‌ୱେଲ୍ ଟୁ ଆର୍ମସ' ଓ 'ଦ ଓଲ୍ଡ ମ୍ୟାନ୍ ଆଣ୍ଡ ଦ ସି' ହେଉଛି ତାଙ୍କ ପ୍ରସିଦ୍ଧ କୃତି ମଧ୍ୟରୁ କତିପୟ। ୧୯୨୬ରେ ତାଙ୍କର ପ୍ରଥମ ଉପନ୍ୟାସ 'ଦ ସନ୍ ଅଲ୍‌ସୋ ରାଇଜେସ୍' ପ୍ରକାଶ ପାଇବା ପରେ ଆମେରିକୀୟ ଉପନ୍ୟାସର ଧାରା ବଦଳି ଯାଇଥିଲା। ନିଜର ପ୍ରଭାବଶାଳୀ ରଚନା, ବିଶେଷକରି 'ଦ ଓଲ୍ଡ ମ୍ୟାନ୍ ଆଣ୍ଡ୍ ଦ ସି' ଉପନ୍ୟାସ ପାଇଁ ସେ ୧୯୫୩ରେ 'ପୁଲିଜର୍ ପ୍ରାଇଜ୍' ଓ ୧୯୫୪ରେ 'ନୋବେଲ ପୁରସ୍କାର' ଲାଭ କରିଥିଲେ। ତାଙ୍କ ମତରେ ''ଲୋକଙ୍କୁ ବିଶ୍ୱସ୍ତ ବନାଇବାର ଅଛି ତ ଆଗ ତାଙ୍କୁ ବିଶ୍ୱାସ କର।''

## କ ବି ତା

### ନିର୍ଜନ ରାତିର ନାୟିକା

**ଶରତ କୁମାର ଦାସ**

କିଏ ସେ ଆଙ୍କିଛି ଝୋଟି
ଆକାଶର ନୀଳ ଅଗଣାରେ
ଚିକିମିକି ତାରା ଗହଣରେ।

କିଏ ସେ ବୋଳିଦେଇଛି ରଙ୍ଗ
ଭିଜା ଭିଜା ବାଦଲ ମୁହଁରେ
କେଉଁ ଏକ ସୁନେଲି ସୂର୍ଯ୍ୟାସ୍ତ ବେଳାରେ।

କାହାର କୋମଳ ହାତର ସ୍ପର୍ଶ
ମୋ' ଛାତିରେ ଖୁନ୍ଦାଖୁନ୍ଦି ହୋଇ ରହିଥିବା
ତମାମ ଦୁଃଖକୁ ଶୁଆଇଦେଉଛି
ରାତିର ଅନ୍ଧାରୀ ଶେଯରେ।

କାହାର ଗୁଣୁଗୁଣୁ ଗୁଞ୍ଜରଣ
ଭରିଦେଉଛି ମଧୁ କୋଳାହଳ
ମୋ' ଶୂନ୍ୟ, ନୀରବ ଓ ଶୋକାର୍ତ୍ତ ମନରେ।

କାହାର କଟିର ମେଖଳା
ରିମ୍‌ଝିମ୍ ସୁର ସୃଷ୍ଟି କରେ
ମୋ' ଉଦାସ ମନରେ
ଆଉ କାହା ପାଉଁଜିର ରୁଣୁଝୁଣୁ ଶବ୍ଦ
ସ୍ୱପ୍ନ ଭରିଦିଏ ମୋ' ଉନ୍ନିଦ୍ର ଆଖିରେ।

ତମେ କି ସତେ ମୋ' ଅମାବାସ୍ୟା ଆକାଶର
ପହିଲି ଚନ୍ଦ୍ରମା...!
ତମେ କି ସତେ ମୋ' କ୍ଷରିତ ରକ୍ତର
ସତେଜ ଲାଲିମା...!

ମୁଁ ଅବଶ୍ୟ ଜାଣିଛି ଏବେ ଏବେ
ଅବିଶ୍ରାନ୍ତ ବୈଶାଖର ଡହଡହ
ମରୁବାଲିରେ
ପାଦ ଥାପିଛି ମୁଁ ନୂଆ ନୂଆ,
ମଧ୍ୟାହ୍ନର ହୁତୁହୁତୁ ଜଳୁଥିବା ସୂର୍ଯ୍ୟଙ୍କୁ
ସାମ୍ନା କରିବାକୁ ହେବ ବାରମ୍ବାର।

ଏହା ବି ତ ଅକାଟ୍ୟ ସତ୍ୟ।
ହେଲେ ଭୟ ନାହିଁ ମୋର
କେବେ ବି ନଥିଲା
ଜଳିବାରେ କେବେ ଅବସୋସ ନାହିଁ ମୋର
ନା କିଛି ଅଭିଯୋଗ ନା ଅଭିମାନ।

ହାରିଗଲେ ବି ଜିତିବାର ଦୀପ ଜାଳୁଥିବି
ଯେତେ କଣ୍ଟା ଆସିଲେ ବି
ଗୋଲାପର ପରଶ ପାଇବି।

କାହିଁକି ନା ଜାଣିଛି ମୁଁ ନିଜର ଅସ୍ତିତ୍ୱ
ମୋ' ତମାମ ଅନ୍ଧାରର ଚୌହଦି ଭିତରେ
ତମେ ଏକ ଫର୍ଚ୍ଚା ଜହ୍ନରାତି
ମୋ' ହୃଦୟର ପ୍ରଥମ ଅକ୍ଷର
ମୁଁ ତମ ଶେଷ ପ୍ରତିଶ୍ରୁତି।

ମୋ: ୮୨୪୯୧୩୭୦୯୧

### ମନ

**ଦୀପ୍ତି ମିଶ୍ର**

ମନ...
କେବେ ଆହ୍ଲା ନ ଥିବା ଡଙ୍ଗାଟିଏ
ତ କେବେ ସ୍ୱଚ୍ଛ ଗଡ଼ିଆର ଗଙ୍ଗାଟିଏ...
କଳ୍ପନାରେ କୋଣାରକ ଗଢ଼ିଥାଏ,
ଅଧା ଛାଇ ଆଲୁଅରେ ଖେଳୁଥାଏ...
ଏକ ଦକ୍ଷ କାରିଗର ପରି ସିଏ,
ଯିଏ ସ୍ୱପ୍ନର ଇନ୍ଦ୍ରଜାଲ ବୁଣିଥାଏ...
ମନ...
କେବେ ବା ସୁନାର ହରିଣୀଟେ
ବାଟବଣା କରିବାକୁ ବାଟ କାଟେ,
ଚାନ୍ଦ ଛୁଇଁବାକୁ ସ୍ୱପ୍ନ ଦେଖୁଥାଏ
ଭିଜାମାଟିର ବାସ୍ନାକୁ ତୋଳିଥାଏ,
କେତେ ଆପଣାପଣରେ ବାନ୍ଧିନିଏ
ହୃଦ ବତୁରାଇ ଆକାଶର ଲୁହେ...
ମନ...
କେବେ ଶୂନ୍ୟତାର ବେଳାଭୂମି,
କେବେ ବିଶାଳ ଉତ୍ତପ୍ତ ମରୁଭୂମି...
କେବେ ସବୁଜ ସତେଜ ଉପବନ
କେବେ ଗୋଲାପର ଦଗ୍ଧ ଫୁଲବନ...
କେବେ ଚେତନାରେ ଭରା ପୂର୍ଣ୍ଣ ଜ୍ଞାନ
କେବେ ପ୍ରୀତିଝରା ମଧୁ ବ୍ୟାକରଣ।

ମୋ: ୯୪୩୮୪୦୪୩୦୮

### ବ୍ୟଙ୍ଗ କବିତା

### ଆଳୁ ରାଜାର କନିଆଁଖୋଜା

**ପ୍ରଶାନ୍ତ କୁମାର ସାହୁ**

ଆଳୁ ରାଜା ଦିନେ ବିଚାରିଲେ ମନେ
କିଏ ହେବ ମୋର ରାଣୀ,
ଦିନ ବାର ଦେଖି ବାହାରିଲେ ଥରେ
ବଜାରୁ ଆଣିବେ କିଣି।

ବାଟେ ବାଇଗଣ ସାଥେ ଦେଖା ହେଲା
ହେଲା ବାଇଗଣ ରାଜି,
କହିଲା ହେ ରାଜା ନିଅ ସାଥେ ମୋତେ
ଯିବି ସାଥେ ତୁମ ଆଜି।

ଆଳୁ କହେ ତୁମ ଆୟୁଷ ଦି'ଦିନ
ତିନି ଦିନେ ଯିବ ଶୁଖି,
କି ଲାଭ ପାଇବି ସାଥିରେ ନେଇକି
ଚାଲିଗଲେ ନାକ ଟେକି।

ଭେଣ୍ଡି କହେ ଆହେ ଆଳୁ ରାଜା ମୋତେ
ନିଅ ତୁମ ସାଥେ ଘର,
ଘରଣୀ ମୁଁ ହେବି ସେବା କରୁଥିବି
ନ କରିବି କେବେ ପର।

ଶୁଣି ଆଳୁ ରାଜା କହିଲେ ହେ ଶୁଣ
କାଲି କି ତୁମେ ତ ବୁଢ଼ୀ
କେଉଁ ସୁଖ ଦେବ କି ସେବା କରିବ
ତୁମ ଅନ୍ତେ ଯିବି ବୁଡ଼ି।

କଲରା ସଲରା ବିଲାତି ପୋଟଳ
ହୋଇଲେ ନିରାଶ ଶେଷେ,
ରାଜା କହିଗଲେ ଋତୁ ଅନୁସାରେ
ଆସୁଅଛ ମୋର ପାଶେ।

ପିଆଜ କହିଲା ମନର ମଣିଷ
ମୁହିଁ ହେବି ତୁମ ପାଇଁ,
ସାଥେ ରହିଥିବି ସବୁ ସମୟରେ
ଗରିବର କଂସା ଚାହିଁ।

ବିଚାରିଲେ ଆଳୁ ପିଆଜର କଥା
କହିଲା ଅବଶ୍ୟ ସତ,
ମାସ ମାସ ଧରି ରହି ସେ ପାରିବ
କରୁଥିବ ସେବା ନିତ୍ୟ।

ସଂସାରେ ଝିଅର ଅଭାବ ହେଲାଣି
ପିଆଜ ମହଙ୍ଗା ଆଜ,
କିଣି ନେବି ତାକୁ ସାଥିରେ ମୋହର
କାହିଁକି କରିବି ଲାଜ।

ମୋ: ୯୭୭୭୦୯୦୦୫୬

## କାଠମୁଣ୍ଡେଇ

**ଲଘୁଗଳ୍ପ**

**ଡ. ତ୍ରିନାଥ ପଟ୍ଟନାୟକ**

ପିଲାଦିନୁ ଆନମନା ବୋଲି ତା' ନାଁ ଦିଆଯାଇଥିଲା ଋଷି। ମା'ବାପା ସ୍ନେହରେ ଡାକନ୍ତି ଋଷିଆ। ତା'ର କଥାବାର୍ତ୍ତା, ଚାଲିଚଳଣ ସବୁ କିଛି ଭଲ। ସେଥିପାଇଁ ସ୍କୁଲ୍ କଲେଜ କ'ଣ, ଗାଁସାରା ଲୋକ ତାକୁ ବହୁତ ଭଲପାଆନ୍ତି। ସେ ଏକା ଏକା ଘରେ ଥାଏ। ସେଦିନ ସନ୍ଧ୍ୟାରେ ଚଇତାଳି ପବନ ଆଉ ମଧୁମାଳତି ଫୁଲର ବାସ୍ନା ତାକୁ ଉତଳା କରିଦେଲା। ମନ ତା'ର କେମିତି କେମିତି ଅନୁଭବ କଲା। ସେ କଥାକୁ ସେ ଭାଷାରେ କହିପାରୁନି।

ଆର ସାହିର ଝିଅ ସୀତା। ମା'ବାପା ତା'ର ଜଙ୍ଗଲରୁ କାଠ କାଟି ବଞ୍ଚନ୍ତି। ଜଙ୍ଗଲରୁ କାଠ କାଟି ଉପରବେଳା ଘରେ ପହଞ୍ଚନ୍ତି। ସୀତା କାଠକୁ ଛୋଟଛୋଟ ବିଡ଼ା କରେ। ଆଉ ଗାଁ ଭିତରକୁ ବିକିବା ପାଇଁ ଯାଏ। ପ୍ରାୟ ସବୁଦିନେ ଋଷି ଘରେ କିଛି କାଠବିଡ଼ା ଦେଇକରି ଆସେ। ଋଷିର ମାଆ ସୀତାକୁ ବହୁତ ସ୍ନେହ କରନ୍ତି।

ସୀତା କାଠଗୋଛା ମୁଣ୍ଡେଇ ଋଷିଘରେ ପହଞ୍ଚିଲା। ସୀତା ଗରିବ ଘରର ଝିଅ ହେଲେ ସୁଦ୍ଧା ଭାରି ସୁନ୍ଦରୀ। ମଥାରେ ଗୋଛାଏ କେଶ, ପୂରିଲା ପୂରିଲା ଦେହ। ଆଖି ତା'ର କଥା କୁହେ। ପାଟି ନ ଖୋଲିଲେ ବି ଓଠରେ ଓଠରେ କେତେ ଅକୁହା କଥା କହି ହୋଇଯାଏ। ସେ କହିଲା- ଋଷି ଭାଇ! କାଠବିଡ଼ାଗୁଡ଼ାକ ବହୁତ ଭାରି। ଖୁଡ଼ୀ ଥିଲେ ଓହ୍ଲାଇ ଦେଇଥା'ନ୍ତେ। ଏବେ ତୁମେ ଟିକିଏ କାଠବିଡ଼ା ଉପରେ ହାତ ପକାଇଦିଅ, ମୁଁ କାଠବିଡ଼ା ଓହ୍ଲାଇଦେବି।

ଋଷି ସୀତା ମୁଣ୍ଡରୁ କାଠବିଡ଼ା ଓହ୍ଲାଇବାକୁ ଗଲା। ଗୋଟିଏ ପାଖରୁ କାଠବିଡ଼ାକୁ ଧରୁଧରୁ ସୀତାର ଅତି ନିକଟତର ହୋଇଗଲା। ତା' ଦେହର ଗନ୍ଧ ଆଉ ମଲ୍ଲୀଫୁଲିଆ ଖୋଷା ଋଷିକୁ କେମିତି ବିମୁଗ୍ଧ କରିଦେଇଛି ଏବଂ ଆକୃଷ୍ଟ କରୁଛି। ଛାତିର ସ୍ପନ୍ଦନ ଆମନ୍ତ୍ରଣ କରୁଚି। ସେ ନିଜର ସତ୍ତାକୁ କ୍ରମେ କ୍ରମେ ହରାଇ ବସୁଛି। ଅଳ୍ପ ଅଳ୍ପ ବହୁଥିବା ଚଇତାଳି ଓ ମଧୁମାଳତୀ ଫୁଲର ବାସ୍ନା ତାକୁ ପାଗଳ କରିଦେଉଛି। ଏମିତି ଅନୁଭବ ଋଷି କେବେ କରି ନଥିଲା।

ଯାହା କରିବାର କଥା ନୁହେଁ, ତାହା ସେ କରିବାକୁ ଯାଉଛି। ଛାତି ଓ ଓଠ ଏକାଠି ହୋଇଯାଉଛି।

ସୀତା ବାଧା ଦେଇ କହିଲା- ଭାଇ, ଏ କ'ଣ ହେଉଛି? କେବଳ ଆଜି କାଠଗୋଛା ଓହ୍ଲାଇ ଦେଲେ ହେବନାହିଁ; ସାରା ଜୀବନ ପାଇଁ ମୋ' ମୁଣ୍ଡରୁ କାଠଗୋଛା ଓହ୍ଲାଇଦେବ କି? ତମେ ତ ବହୁତ ପାଠ ପଢିଛ; ମୁଁ ଅପାଠୁଆ ବାଉରି ଘରର ଝିଅ। ମୋ' ଭାର ଯଦି ମୁଣ୍ଡାଇ ନ ପାରିବ, ତେବେ ଆଉ ଆଗାଅନି।

ହଁ ଶୁଣ ଭାଇ, ମୁଁ କାଠଗୋଛା ମୁଣ୍ଡାଇ ପାରିବି। ଆଜିଠାରୁ ଯେଉଁ କଳଙ୍କର ବୋଝ ମୋ' ମୁଣ୍ଡ ଉପରେ ଥୁଆ ହୋଇଯିବ, ତାହା ମୁଁ ବୋହି ପାରିବି ନାହିଁ। ଆତ୍ମହତ୍ୟା କରିବା ହିଁ ସାର ହେବ। କାରଣ ତୁମେ ପୁଅ; ପାଠଶାଠ ପଢ଼ିଛ।



ସମସ୍ତେ ତୁମ କଥାକୁ ବିଶ୍ୱାସ ନ କରି ମୋ' କଥାକୁ କିଏ ବିଶ୍ୱାସ କରିବ? ଋଷିର ଦେହ ମନ କେମିତି କେମିତି ଶିଥିଳ ହୋଇ ଉଠୁଥିଲା। ସେ ସୀତାର କାଠଗୋଛାକୁ ତଳକୁ ଓହ୍ଲାଇବା ସହିତ ତା' ମନରେ ଉଙ୍କି ମାରୁଥିବା କାମନାକୁ ଦୂରକୁ ଠେଲିଦେଲା। ସେ ଏବେ ମୁକ୍ତ। ହଠାତ୍ ଦଲକାଏ ଚଇତାଳି ପବନ ପୁଣି ଋଷିକୁ ଧକ୍କା ଦେଲା; ମାତ୍ର ଏ ଥିଲା ମୁକ୍ତ ଓ ଆନନ୍ଦର ବାସ୍ନାଭରା ଚଇତାଳି, ଉତଳା ଚଇତାଳି ନୁହେଁ।

ମୋ: ୯୯୩୭୮୪୦୩୮୭

DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁନ୍ ୨୮/୨୦୨୫ Bhubaneswar, Saturday, June 28/ 2025

# ଜାତୀୟ ପଦକ ବିଜେତା ଟ୍ୱିଙ୍କଲ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୨୭।୬ (ପି.ଟି.)**

ଭାରତର ମିଡଲ ଡିଷ୍ଟାନ୍ସ ଧାବିକା ଟ୍ୱିଙ୍କଲ ଚୌଧାରୀ ନିଷିଦ୍ଧ ଷ୍ଟେରଏଡ୍ ବ୍ୟବହାର କରି ଡୋପ୍ ଟେଷ୍ଟରେ ଧରାପଡ଼ିବା ପରେ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍(ଏଆଇୟୁ) ଦ୍ୱାରା ସସ୍‌ପେଣ୍ଡ ହୋଇଛନ୍ତି। ୨୮ବର୍ଷୀୟା ଚୌଧାରୀ ଜାତୀୟ ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ଜାତୀୟ କ୍ରୀଡ଼ାର ଉତ୍ତରାଖଣ୍ଡ ସଂସ୍କରଣରେ ସେ ୪X୪୦୦ ମିଟର ମହିଳା ରିଲେ ରେସ୍‌ରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସେ ଆହୁରି ମଧ୍ୟ ୮୦୦ ମିଟର ରେସ୍‌ରେ ରୌପ୍ୟ ଏବଂ ୪X-୪୦୦ ମିଟର ମିକ୍ସଡ ରିଲେରେ ଏକ ବ୍ରୋଞ୍ଜ ପଦକ ପାଇଛନ୍ତି। ଚୌଧାରୀ ଏକ ନିଷିଦ୍ଧ ଆନାବୋଲିକ୍ ଷ୍ଟେରଏଡ୍ ମିଥାଇଲ ଟେଷ୍ଟୋଷ୍ଟେରନ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ଏଆଇୟୁ କହିଛି, ଏହି ଧାବିକାଙ୍କୁ ଅଭିଯୋଗ ନୋଟିସ ପଠାଯାଇଛି। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଚୌଧାରୀଙ୍କର ଏକ ଶୁଣାଣି ହେବ। ଏଥିରେ ତାଙ୍କୁ ସଫେଇ ଦେବା ଲାଗି ଏକ ସୁଯୋଗ ମିଳିବ। ଜଳନ୍ଧରର ଚୌଧାରୀ ଏପ୍ରିଲରେ କୋଚିଠାରେ ଅନୁଷ୍ଠିତ ୨୮ତମ ନ୍ୟାଶନାଲ ଫେଡେରେଶନ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ୮୦୦ମିଟର ଇଭେଣ୍ଟ ୨:୦୦.୭୧ ସେକେଣ୍ଡ ଟାଇମିଂରେ ଶେଷ କରି ଏକ ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା କରିଥିଲେ। ପୂର୍ବରୁ ଚଳିତ ମାସ ପ୍ରାରମ୍ଭରେ ତାଇୱାନ ଓପନ ୮୦୦ ମିଟର ରେସ୍‌ରେ ସେ ୨:୦୬.୯୬ ସେକେଣ୍ଡ ଟାଇମିଂରେ ଏକ ରୌପ୍ୟ ପଦକ ହାସଲ କରିଥିଲେ। ମେ ମାସରେ ଦକ୍ଷିଣ କୋରିଆର ଗୁମିଠାରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସମାନ ଇଭେଣ୍ଟରେ ସେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ଦେଶର ଖରାପ ଡୋପିଙ୍ଗ ରେକର୍ଡ ରହିଥିବାରୁ ସଦ୍ୟତମ ସସ୍‌ପେଣ୍ଡ ଘଟଣା ଦେଶର ଚିନ୍ତାକୁ ବଢ଼ାଇଦେଇଛି। ମେ ମାସରେ କ୍ୱାର୍ଟରମାଇଲର ସ୍ନେହ କୋଲେରି ଏକ ପ୍ରକାର ଆନାବୋଲିକ୍ ଷ୍ଟେରଏଡ୍ ଷ୍ଟାନାଜୋଲୋଲ ପାଇଁ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। କୋଲେରି ଏସିଆନ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳର ଜଣେ ସଦସ୍ୟା ଥିଲେ। ମାତ୍ର ଡୋପ୍ ଟେଷ୍ଟରେ ବିଫଳ ହେବାପରେ ତାଙ୍କୁ ଏଥିରୁ ଓହରିଯିବାକୁ ହୋଇଥିଲା। ନିକଟରେ ୨୦୨୩ ବର୍ଷର ଟେଷ୍ଟିଂ ରିପୋର୍ଟ ପ୍ରକାଶ ପାଇଥିଲା। ବିଶ୍ୱର ୨୦୪,୮୦୯ ଆଥ୍‌ଲେଟଙ୍କ ଡୋପ୍ ଟେଷ୍ଟ ବାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡ଼ା) ଦ୍ୱାରା କରାଯାଇଥିଲା। ତନ୍ମଧ୍ୟରୁ ନିଷିଦ୍ଧ ଡ୍ରଗ୍ସ ବ୍ୟବହାର କରିଥିବା ୧,୮୨୦ ଜଣଙ୍କର ପଜିଟିଭ ଆସିଥିଲା। ଦେଶର ୫,୦୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା। ଏଥିରେ ଭାରତୀୟ ହାର ୩.୮ ରହିଥିଲା, ଯାହା କି ଅତ୍ୟନ୍ତ ଖରାପ ବୋଲି କୁହାଯାଉଛି।

### ଡୋପ୍ ଟେଷ୍ଟ



## ଅଲ୍‌କାରାଜ-ଫଗ୍‌ନିନି ପ୍ରଥମ ରାଉଣ୍ଡ ଭେଟ
### ୱିମ୍ବଲଡନ ଡ୍ର

**ଲଣ୍ଡନ, ୨୭।୬ (ଏପି):** ଆସନ୍ତା ଜୁନ୍ ୩୦ରୁ ଜୁଲାଇ ୧୩ ପର୍ଯ୍ୟନ୍ତ ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ଅନୁଷ୍ଠିତ ହେବ। କ୍ରମାଗତ ତୃତୀୟ ଟାଇଟଲ ଜିତିବା ଲକ୍ଷ୍ୟରେ ଥିବା କାର୍ଲୋସ ଅଲ୍‌କାରାଜ ସେଣ୍ଟର କୋର୍ଟରେ ସୋମବାର ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ଫାବିଓ ଫଗ୍‌ନିନିଙ୍କୁ ଭେଟିବେ। ଟୁର୍ନାମେଣ୍ଟ ପାଇଁ ଶୁକ୍ରବାର ଅନୁଷ୍ଠିତ ଡ୍ର'ରେ ଏହା ସ୍ପଷ୍ଟ ହୋଇଯାଇଛି। ସେହିପରି ମହିଳା ବିଭାଗର ପ୍ରଥମ ରାଉଣ୍ଡରେ ଆମେରିକାର କୋକୋ ଗଫ୍ ୟୁକ୍ରେନର ଦୟାନା ୟାସ୍ତ୍ରେମସ୍କାଙ୍କୁ ଭେଟିବେ। ପୂର୍ବାନୁମାନ ଯଦି ଠିକ ପ୍ରମାଣିତ ହୁଏ ତେବେ ଏହି ଗ୍ରାସ୍‌କୋର୍ଟ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ନମ୍ବର-୧ ଜାନିକ୍ ସିନର ନମ୍ବର-୭ ଓ ଲୋରେଞ୍ଜୋ ମୁସେଟି, ନମ୍ବର ୪ ଜ୍ୟାକ୍ ଡ୍ରାପର ଓ ନମ୍ବର ୬ ନୋଭାକ୍ ଜୋକୋଭିଚ୍ (୭ଥର ୱିମ୍ବଲଡନ ଓପନ ବିଜେତା), ନମ୍ବର-୨ ଅଲ୍‌କାରାଜ ଓ ନମ୍ବର ୮ ହୋଲ୍‌ଗର ରୁନ୍ ଏବଂ ନମ୍ବର ୩ ଆଲେକ୍‌ଜାଣ୍ଡର ଜେଭରେଭ୍ ଓ ନମ୍ବର ୫ ଟେଲର ଫ୍ରିଜ୍‌ଙ୍କ ମଧ୍ୟରେ ହେବା ସମ୍ଭାବନା ରହିଛି। ସେହିପରି ମହିଳା କ୍ୱାର୍ଟରଫାଇନାଲ ନମ୍ବର-୧ ଆରିନା ସାବାଲେଙ୍କା ବନାମ ନମ୍ବର ୬ ମାଡିସନ କିଜ୍, ନମ୍ବର-୪ ଜସ୍ମିନ ପାଓଲିନ୍ ବନାମ ନମ୍ବର ୫ ଝେଙ୍ଗ୍ କ୍ୱିନୱେନ, ନମ୍ବର ୨ କୋକୋ ଗଫ୍ ବନାମ ନମ୍ବର ୮ ଇଗା ସ୍ୱିଟେକ୍ କିମ୍ବା ୨୦୨୨ ଚାମ୍ପିୟନ ଏଲିନା ରିବାକିନା ଏବଂ ନମ୍ବର ୩ ଜେସିକା ପେଗୁଲା ବନାମ ନମ୍ବର ୭ ମୀରା ଆନ୍ଦ୍ରିଭାଙ୍କ ମଧ୍ୟରେ ଖେଳାଯିବା ସମ୍ଭାବନା ରହିଛି।

## କୋଚ୍ ଲୁଇସଙ୍କ ସହ ସମ୍ପର୍କ ତୁଟାଇଲା ୟୁପି ୱାରିୟର୍ଜ
### ଓମେନ୍ସ ପ୍ରିମିୟର ଲିଗ୍

ନୂଆଦିଲ୍ଲୀ, ୨୭।୬ (ପି.ଟି.): ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ଦଳ ୟୁ.ପି. ୱାରିଅର୍ଜ ଏହାର ମୁଖ୍ୟ କୋଚ୍ ଜନ୍ ଲୁଇସ୍‌ଙ୍କ ସହିତ ସମ୍ପର୍କ ଛିନ୍ନ କରିଛି। ଡବ୍ଲ୍ୟୁପିଏଲ୍ ୨୦୨୫ ଷ୍ଟାଣ୍ଡିଂର ସର୍ବନିମ୍ନ ସ୍ଥାନରେ ଥିବା ୱାରିୟର୍ଜ ସେମାନଙ୍କ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ ଜରିଆରେ ଏକଥା ଜଣାଇଛି। ଲିୱିସ ୨୦୨୩ରୁ ୱାରିୟର୍ଜର ମୁଖ୍ୟ କୋଚ୍ ଦାୟିତ୍ୱ ନେବାପରେ ଦଳ ୨୦୨୩ରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସିଜନରେ ଡବ୍ଲ୍ୟୁପିଏଲ୍‌ର ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇଥିଲା। ଦଳ କେବଳ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସଠାରୁ ପରାଜିତ ହୋଇଥିଲା। ୨୦୨୪ରେ ୮ଟି ମ୍ୟାଚରୁ ୩ ବିଜୟ ସହ ଦଳ ୪ର୍ଥ ସ୍ଥାନରେ ରହିଥିଲା। ୟୁପି ୱାରିଅର୍ଜ ଲିୱିସଙ୍କ ତତ୍ତ୍ୱାବଧାନରେ ୩ଟି ସିଜନରେ ୨୫ଟି ମ୍ୟାଚ ଖେଳି ୯ଟିରେ ବିଜୟ ଲାଭ କରିଥିଲା। ୟୁପି ୱାରିଅର୍ଜର ମୁଖ୍ୟ କୋଚ୍ ବ୍ୟତୀତ ଲୁଇସ୍ ୨୦୨୨ ନଭେମ୍ବରରୁ ଇଂଲଣ୍ଡ ମହିଳା ଦଳର କୋଚ୍ ଭାବେ କାର୍ଯ୍ୟ କରି ଆସୁଥିଲେ। ସେ ଚଳିତବର୍ଷ ମାର୍ଚ୍ଚରେ ତାଙ୍କ ପଦବୀରୁ ଓହରି ଯାଇଥିଲେ। ଲୁଇସ ତାଙ୍କ କ୍ରିକେଟ କ୍ୟାରିୟରରେ ଗ୍ଲୋସେଷ୍ଟରଶାୟାର, ସରେ ଓ ସସେକ୍ସ ପାଇଁ କାଉଣ୍ଟି କ୍ରିକେଟ ଖେଳିଥିବା ବେଳେ ଇଂଲଣ୍ଡ ତରଫରୁ ଗୋଟିଏ ଟେଷ୍ଟ, ୧୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ଦୁଇଟି ଅନ୍ତର୍ଜାତୀୟ ଟି୨୦ ଖେଳିଥିଲେ।







*T&C apply. Creative Visualization. Accessories and features shown may not be part of standard fitment. Car colour may vary due to printing on paper. Images are used for illustration purposes. Maruti Suzuki reserves the right to withdraw offers at any point in time without any advance notice. Offer valid till stocks last. Offer valid for limited models and in select states only. Offer may vary subject to the city, model and variant purchased. Financing is at sole discretion of the financiers.

**BHUBANESWAR:** SKY AUTOMOBILES: 7440011607 | JYOTE MOTORS: 7064499354, 7064499352 | NARAYANI MOTORS: 7381000168, 9583022097 | **PURI:** NARAYANI MOTORS: 7381000168 | **PARADEEP:** NARAYANI MOTORS: 7381000168, 9583022097, 9583022047 | **KEONJHAR/NAYAGARH/BALUGAON:** JYOTE MOTORS: 9776615006 | **CUTTACK:** TUSHI MOTORS PVT LTD: 9078073430, SKY AUTOMOBILES: 9078080819 | **JAJPUR :** SKY AUTOMOBILES: 7440011607.




*ସର୍ତ୍ତାବଳୀ ଲାଗୁ। କେବଳ ପ୍ରତିବଦଳରେ ଅଫର୍ ପ୍ରଯୁଜ୍ୟ। ଡିସ୍‌କାଉଣ୍ଟ କେବଳ ସ.ଖୁ.ମୂ. ଉପରେ। ସମସ୍ତ ରିହାତି ସମ୍ପୂର୍ଣ୍ଣ ଉତ୍ପାଦ ବର୍ଗ ପାଇଁ ଲାଗୁ ହେବ, ଉପରେ ଦର୍ଶାଯାଇଥିବା ଉତ୍ପାଦ ଉପରେ ନୁହେଁ। ଅଫର କେବଳ ବଛାବଛା ଡିଲର୍ ଆଉଟଲେଟ୍‌ରେ ଷ୍ଟକ ରହିଥିବା ପର୍ଯ୍ୟନ୍ତ ଉପଲବ୍ଧ। କ୍ରୟ କରାଯାଇଥିବା ସାମଗ୍ରୀ ଏବଂ ଫେରସ୍ତ ଦିଆଯାଇଥିବା ସାମଗ୍ରୀ ଉପରେ ଏକ୍ସଚେଞ୍ଜ ମୂଲ୍ୟ ନିର୍ଭର କରେ। ଯେକୌଣସି ବ୍ରାଣ୍ଡର ପୁରୁଣା ଉତ୍ପାଦ ଗ୍ରହଣ କରାଯାଏ। ପ୍ରକୃତ ଏକ୍ସଚେଞ୍ଜ ଅଫର୍ ମୂଲ୍ୟ ଜାଣିବା ସକାଶେ ଦୟାକରି ନିର୍ଦ୍ଦିଷ୍ଟ ଡିଲର୍ ଆଉଟଲେଟ୍‌ରେ ଉପଲବ୍ଧ ଯେକୌଣସି ବଦଳରେ ଯେକୌଣସି ଏକ୍ସଚେଞ୍ଜ ଅଫର୍ ମୂଲ୍ୟ ସୂଚୀ ଦେଖି ନିଅନ୍ତୁ। ବଦଳା ଯାଉଥିବା ପୁରୁଣା ସାମଗ୍ରୀ ମଧ୍ୟରେ ଆଲୁମିନିଅମ୍ / ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ରେସର କୁକର୍ସ, ଆଲୁମିନିଅମ୍/ଷ୍ଟେନ୍‌ଲେସ୍ ଷ୍ଟିଲ୍ କୁକ୍‌ୱେୟାର (ବାସନ ଅତିକମ୍‌ରେ 400 ଗ୍ରାମ୍ ଓଜନ ହେବା ଜରୁରୀ), ଗ୍ୟାସ୍ ଷ୍ଟୋଭ୍‌ସ, (ଅତିକମ୍‌ରେ 2ଟି ବର୍ଣ୍ଣର ଯୁକ୍ତ), ମିକ୍ସର୍ ଗ୍ରାଇଣ୍ଡର୍ସ (ମୋଟର ଏବଂ ଦୁଇଟି ଷ୍ଟେନଲେସ୍ ଷ୍ଟିଲ୍‌ର ପାତ୍ର ସହିତ ବଡି ରହିବା ଉଚିତ୍), ଇଣ୍ଡକ୍ସନ କୁକ୍‌ଟପ୍, ରାଇସ୍ କୁକର, ଚିମ୍‌ନି, ହବଟପ୍‌ସ, ୱେଟ୍ ଗ୍ରାଇଣ୍ଡର୍ସ, ଓଟିଜିଏସ୍, କେଟିଲ୍, ଟୋଷ୍ଟର୍, ଆୟରନ, ମାଇକ୍ରୋୱେଭ୍ ଓଭନ, କୁଲର୍, ହେୟାର୍ସ, ୱାଟର ପ୍ୟୁରିଫାୟର ଏବଂ ଭେକ୍ୟୁମ କ୍ଲିନର ସାମିଲ ଅଟେ। ପ୍ରେଷ୍ଟିଜ୍® ଲୋଗୋ ହେଉଛି ଭାରତରେ ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡ୍‌ର ପଞ୍ଜୀକୃତ ଟ୍ରେଡ୍‌ମାର୍କ। ବିସ୍ତୃତ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଆପଣଙ୍କ ନିକଟତମ ପ୍ରେଷ୍ଟିଜ୍ ଏକ୍ସକ୍ଲୁସିଭ୍ / ଡିଲର୍ ଆଉଟଲେଟ୍‌କୁ ଯାଆନ୍ତୁ କିମ୍ବା ଆମ ୱେବସାଇଟ୍ https://shop.ttkprestige.com/anything-for-anything-offer ଭିଜିଟ୍ କରନ୍ତୁ।

**For Franchise Enquiry, please contact Mob - 7978985580 ■ For Distributor & Institutional enquiries Call +91 7008309169**

Prestige® Xclusive

**BHUBANESWAR, Rabi Takies Chhak:** opposite to Kedar Gouri Resort Mob: 7750925223 **Bapuji Nagar**: 105 Bapuji Nagar, Behind Yes Bank(Old Post Office Lane) Lane No 08, 0674-2597141/9937138998 **Bapuji Nagar**: 237,Pani Tanki Lane,Bapuji Nagar Ph: 0674 2597685 Mob: 9777744071, **Sunderpada** :Shop No. 11, Vinayak Enclave, , 7008463572 **Satyangar:** 10, Janpath, Satyangar, Mob: 8280056821, **ID Market:** Shop No FG 3, I.D. Market, Near Reliance Fresh, IRC Village Mob: 9861404879, **Damana:** 248, Sailashree Vihar Road, Damana Mob : 7327902258, **Baramunda:** A/37, Ruchika Market, Baramunda, Mob : 9937073674, **CUTTACK, Dolmundai:** Hotel Akbari complex, Dolomundai, Haripur Road, Ph: 0671 2910337; Mob: 9348222581, **CDA:** Plot No.CM/3 (In front of Police Station), Markat Nagar, Sector - 7, Mob: 8917442506, 8280079702 , **Rourkela:** Daily Market, Near Reliance Trends, Rourkela, Mob: 9777457774 , **BALUGAON**: Chilika Road, Balugaon, Mob: 8984858783 **KENDRAPARA**: Kakat Chhak, Ph: 06727 221241; Mob: 9040562233, **DHENKANAL:** I.G. Super Market, near SBI ATM; Mob: 9337477279/ 9348178750 **BOLANGIR:** A.B.S.S. Road, Near Samaleswari Temple, Ph: 06652 232419; Mob : 9437241863, **SEMILIGUDA:** Infront of RAM Mandir Gate,Main Road, Mob: 8328800974, **BARGARH:** C/o: New patra needs, infront of Gopal Goshala,NH-6, Main Road, Mob: 9776323188 . **Berhampur:**Plot No 1865/2608, Khata No 833/395, Aska Road, opposite Chaturbhuj Petrol Pump- 08144661809,**Khordha:** Shop No- 140 & 145, Municipality Complex, New Bus Stand, in front of Bajaj Showroom,9552614450

**BHUBANESWAR:-REETA-9938677424, Crockery Plaza-9938399889,BNM Enterprises-7008480152, Lingaraj Store-7978209549,Sulochana Enterprises-9338067682,Spectra Vision, Ph.-9937722277, Pratap Sewing Machine-9937138544, Utkal Light house-9937019272, Tammana Trading-7004248554 -Utkal Sales-9853150619,** Triveni Agency-9937612806, Ghar Sansar Mart-7205377126,Bharat Electronics-9556760383, Balaji Electonics-9938469841, Sai Traders-7008298692-Bhubaneswar, S B Enterprises-9437310480, **B S Enterprises, Ph 9861155551, ,Sai Associate-9937065641,Pursty Home appliances-8249694212,Sreeji Enterprises-9040533801, Jatni**-D B enterprises-9078919100,**Khordha**-Maharana enterprises-7978018288,Kitchen Plaza-9337756820,**Balipatna- Tarini Aluminum Stores-9438568797, CUTTACK- Patra Electonics-7008312282,Union Sales Emporium-9338461472,Nigam store-8249064237, Janata General Store-9937966355, Arbinda Plastic- 8763923528,** Arbinda home Appliances-9438480346,**Puspak Agency-7205016581, Balaji Distributor-8763153928 ,Chowdar**-Prince Electronics-986110122, **Salepur**- Sanjaya electronics-9777777529, **Rahama** -Maa Padmavati Bastralaya-8908194534,**PARADEEP:- Krishna Enterprise, Kujanga- Satapathy Enterprises-9437088525,ROURKELA:- Prestige-7064584070.Kitchen Accessories-7008058146 , Sundergarh-Laxmi Steel-8895443777 , Sambalpur-Samuka Steel Center-9437331074, Bhadrak-Sako Sales-9777988814,Radhika Furniture-9437991876, Baripada-Aerovision-9861828643, ,Angul**-Saralia Trading-9439471222,**Nayagarh**-Ganapati Home Appliances-9583281930,**Balasore**-United Sales Agency-9583519516, **Pattamundei**-Nalini & Sons-9938175761 PRASA-2025


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜୁନ୍ ୨୮/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 28/2025 Page 20 ₹ 7.00
୫୧ଶ ଭାଗ ୨୧୩ ସଂଖ୍ୟା VOLUME 51 ISSUE 213 ମୂଲ୍ୟ ₹୭/-
www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul

# ଆଇନ ଛାତ୍ରୀଙ୍କୁ ଗଣବଳାତ୍କାର: ୩ ଗିରଫ

- ବିବାହ ପାଇଁ ମନା କରିବାରୁ ବର୍ବରତା
- ମୁଖ୍ୟ ଅଭିଯୁକ୍ତ ଟିଏମ୍‌ସି ଛାତ୍ର ଶାଖାର
- ମମତାଙ୍କୁ ଭାଜପା, ବାମପନ୍ଥୀଙ୍କ ଟାର୍ଗେଟ

**କୋଲକାତା,୨୭।୬**

କୋଲକାତାରେ ଜଣେ ଆଇନ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ଏହି ଘଟଣାରେ ଆଇନ କଲେଜର ଜଣେ ପୂର୍ବତନ ଛାତ୍ରଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କୁ ଏକ ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ୪ ଦିନିଆ ରିମାଣ୍ଡରେ ନେଇଥିବା ଶୁକ୍ରବାର ପୋଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ହୋଇଥିବାରୁ ଏହି ମାମଲାକୁ ନେଇ ରାଜନୀତି ସରଗରମ ହୋଇଛି।

ଗତବର୍ଷ ଅଗଷ୍ଟରେ କୋଲକତାସ୍ଥିତ ଆର୍‌.ଜି. କର ମେଡିକାଲ କଲେଜରେ ଜଣେ ଇନ୍‌ଟର୍ନଙ୍କୁ ବଳାତ୍କାର ଓ ହତ୍ୟା କରାଯିବା ଘଟଣାର ସ୍ମୃତି ମନରୁ ନ ଲିଭୁଣୁ ସାଉଥ୍ କାଲକାଟା ଲ' କଲେଜରେ ଗତ ବୁଧବାର ଆଉ ଏକ ଗଣବଳାତ୍କାର ଘଟଣା ଘଟିଛି। ୩୧ ବର୍ଷୀୟ ମୁଖ୍ୟ ଅଭିଯୁକ୍ତ ମୋନୋଜିତ୍ ମିଶ୍ରା ୨୪ ବର୍ଷୀୟା ଛାତ୍ରୀ ଜଣଙ୍କୁ ବିବାହ କରିବାକୁ ଚାପ ପକାଉଥିଲେ। ଛାତ୍ରୀ ପୂର୍ବରୁ ଜଣଙ୍କ ସମ୍ପର୍କରେ ଥିବା କହି ବିବାହ କରିବାକୁ ମନା କରିଦେଇଥିଲେ। ତେଣୁ ମୋନୋଜିତ୍ ତାଙ୍କୁ ବଳାତ୍କାର କରିବାକୁ ଯୋଜନା ଚଳାଇଥିଲେ। ବୁଧବାର ଅପରାହ୍ନ ୪ଟାରେ ଛାତ୍ରୀ କୌଣସି କାମରେ ଲ' କଲେଜକୁ ଯାଇଥିଲେ। ମୋନୋଜିତ୍ ତାଙ୍କୁ ସେଠାରେ ଅଟକାଇ ରଖି ପ୍ରଥମେ ଯୌନ ସମ୍ବନ୍ଧ ରଖିବାକୁ କହିଥିଲେ। ସେ ବିରୋଧ କରିବାରୁ ସନ୍ଧ୍ୟା ୭ଟା ୩୦ରେ ମୋନୋଜିତ୍ ଓ ଅନ୍ୟ ୨ ଜଣ ଛାତ୍ର ସମ୍ପୃକ୍ତ ଛାତ୍ରୀଙ୍କୁ କଲେଜର ଗାର୍ଡ ରୁମ୍‌କୁ ନେଇ ଗଣବଳାତ୍କାର କରିଥିଲେ। ରାତି ୧୦ଟା ୫୦ ମିନିଟ୍ ପର୍ଯ୍ୟନ୍ତ ଥମି ନ ଥିଲା ସେମାନଙ୍କ ବର୍ବରତା। ଥାନାରେ ଛାତ୍ରୀ ଜଣକ ଦେଇଥିବା ଏତଲା ଅନୁସାରେ ବଳାତ୍କାର ନ କରିବାକୁ ସେ ଅଭିଯୁକ୍ତମାନଙ୍କ ଗୋଡ଼ ଧରି ନେହୁରା ହୋଇଥିଲେ। କିନ୍ତୁ ସେମାନେ ତାଙ୍କ କଥା ଆଦୌ ଶୁଣି ନ ଥିଲେ। ସେମାନେ ପୀଡ଼ିତାଙ୍କୁ ବଳାତ୍କାର କରିବା ପୂର୍ବରୁ କଲେଜର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଏପରି କି ସେଠାରେ ମୁତୟନ ହୋଇଥିବା ସୁରକ୍ଷା କର୍ମୀ ମଧ୍ୟ ସେମାନଙ୍କ ଭୟରେ ପୀଡ଼ିତାଙ୍କୁ ସାହାଯ୍ୟ କରିପାରି ନ ଥିଲେ। ବଳାତ୍କାର ସମୟରେ ସେମାନେ ମୋବାଇଲରେ ସେହି ଦୃଶ୍ୟର ଭିଡିଓ ଶୁଟିଂ କରିଥିଲେ ଏବଂ ତାଙ୍କ ମୁହଁ ବନ୍ଦ ପାଇଁ ବ୍ଲାକ୍‌ମେଲିଂ କରିଥିଲେ। ବଳାତ୍କାର ଶିକାର ହେବା ପରେ ସେମାନେ ଛାତ୍ରୀଙ୍କୁ ହକି ଷ୍ଟିକ୍‌ରେ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ କାହାକୁ କିଛି କହିଲେ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଗୁରୁବାର ମାମଲା ରୁଜୁ ପରେ କସ୍‌ବା ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତ ମୋନୋଜିତ୍ ମିଶ୍ରା ଓ ଅନ୍ୟ ୨ ଜଣଙ୍କୁ ଗିରଫ କରିଛି। ମୋନୋଜିତ୍ ଉକ୍ତ କଲେଜର ଜଣେ ପୂର୍ବତନ ଛାତ୍ର। ସେ ଟିଏମ୍‌ସି ଛାତ୍ର ପରିଷଦ ଦକ୍ଷିଣ କୋଲକାତା ଜିଲା ୟୁନିଟ୍‌ର ସାଧାରଣ ସମ୍ପାଦକ। ମୋନୋଜିତ୍ ସେସନ୍ସ କୋର୍ଟରେ ଓକିଲାତି କରିବା ସହ ଉକ୍ତ କଲେଜରେ ଅସ୍ଥାୟୀ ଭାବେ ନିଯୁକ୍ତି ମଧ୍ୟ ପାଇଥିଲେ। ଅନ୍ୟ ୨ ଅଭିଯୁକ୍ତ ହେଲେ ଉକ୍ତ କଲେଜର ୧୯ ବର୍ଷୀୟ ଛାତ୍ର ଜଇବ ଅହମଦ ଏବଂ ୨୦ ବର୍ଷୀୟ ପ୍ରମିତ୍ ମୁଖାର୍ଜୀ। ଇତିମଧ୍ୟରେ ପୋଲିସ ଓ ଫୋରେନ୍ସିକ୍ ବିଶେଷଜ୍ଞମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତମାନଙ୍କ ୩ ମୋବାଇଲ ଫୋନ୍‌କୁ ଜବତକରି ଫୋରେନ୍ସିକ୍ ଟେଷ୍ଟ ପାଇଁ ପଠାଯାଇଛି।


ମୋନୋଜିତ୍ ମିଶ୍ରା

ଅନ୍ୟପକ୍ଷେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ସାମ୍ନାକୁ ଆସିବା ପରେ ଭାଜପା ଓ ବାମପନ୍ଥୀ ଦଳ ଶାସକ ଟିଏମ୍‌ସିକୁ ଟାର୍ଗେଟ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତାଙ୍କ ପୁତୁରା ତଥା ଦଳର ଦ୍ୱିତୀୟ ନେତା ଅଭିଷେକ ବାନାର୍ଜୀଙ୍କ ସହ ମୋନୋଜିତ୍‌ଙ୍କ ଫଟୋକୁ ଭାଜପା ପକ୍ଷରୁ ଶେୟାର କରାଯାଇଛି। ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ ଓ ଜାତୀୟ ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଆର୍‌.ଜି. କର ମାମଲା ସହ ସଦ୍ୟ ଘଟଣାର ଅବତାରଣା କରି ମମତାଙ୍କୁ ସମାଲୋଚନା କରିଛନ୍ତି। ଟିଏମ୍‌ସି ପକ୍ଷରୁ କୁହାଯାଇଛି ଯେ, ମୋନୋଜିତ୍‌ଙ୍କୁ ଦଣ୍ଡିତ କରିବାରେ ଆଇନ ନିଜ କାର୍ଯ୍ୟ କରିବ। ଏହି ଘଟଣାକୁ ନେଇ ବାମପନ୍ଥୀ ଛାତ୍ର ସଂଘ ଏସ୍‌ଏଫ୍‌ଆଇ ଏବଂ ଡିୱାଇଏଫ୍‌ଆଇ ପକ୍ଷରୁ କସ୍‌ବା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ବେଳେ ପୋଲିସ ସହ ସଂଘର୍ଷ ହୋଇଛି। ସଂଘର୍ଷରେ ଅନେକ ବିକ୍ଷୋଭକାରୀ ଆହତ ହୋଇଛନ୍ତି। ଅନେକଙ୍କୁ ସିଟି ପୋଲିସର ଲାଲବଜାର ମୁଖ୍ୟାଳୟରେ ଅଟକ ରଖାଯାଇଛି।






# ସୁଭଦ୍ରା କ୍ଷେତ୍ରରେ ନିଆରା ପରମ୍ପରା


ଗଡ଼କୁଜଙ୍ଗ ସୁଭଦ୍ରା କ୍ଷେତ୍ର

ତତ୍କାଳୀନ କୁଜଙ୍ଗ ରାଜ୍ୟର କୁଜଙ୍ଗଗଡ଼ ବର୍ତ୍ତମାନ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଗଡ଼କୁଜଙ୍ଗ, ସୁଭଦ୍ରା କ୍ଷେତ୍ର ନାମରେ ପରିଚିତ। ଏଠାରେ ଶ୍ରୀଗୁଣ୍ଡିଚା ପରଦିନ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହାକୁ ବାସି ରଥ କୁହାଯାଏ, ଯାହାକି ଏକ ନିଆରା ପରମ୍ପରା। ଶ୍ରୀକ୍ଷେତ୍ର ସହିତ ଏହି କ୍ଷେତ୍ରର ଆବେଗିକ ସମ୍ପର୍କ ରହିଛି। କିମ୍ବଦନ୍ତୀ କୁହେ, ୧୫୬୮ ମସିହାରେ କଳାପାହାଡ଼ ଶ୍ରୀମନ୍ଦିର ଉପରେ ଆକ୍ରମଣ କରି କିଛି ଅଂଶ ଭାଙ୍ଗି ଚୂରମାର କରିବା ସାଙ୍ଗକୁ ମନ୍ଦିର ମଧ୍ୟରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହକୁ ଆଣି ବଡ଼ଦାଣ୍ଡରେ କଚାଡ଼ିଥିଲେ। ତା'ପରେ ଚର୍ମ ଦଉଡ଼ିରେ ବାନ୍ଧି ହାତୀପିଠିରେ ନେଇ କଲିକତା ଗଙ୍ଗାନଦୀ କୂଳରେ ତାଙ୍କ ଦେହରେ ଅଗ୍ନି ସଂଯୋଗ କରିଦେଇଥିଲେ। ବିଗ୍ରହମାନେ ହୁତୁ ହୁତୁ ହୋଇ ଜଳିବା ପରେ କଳାପାହାଡ଼ ଅସୁସ୍ଥ ହୋଇ ପଡ଼ିଲେ। ଲୋକ କଥା ଅନୁସାରେ ସେଠାରେ କଳାପାହାଡ଼ର ପୁଅ ତାଙ୍କୁ କହିଥିଲେ, ତୁମେ ହିନ୍ଦୁଙ୍କ ଆଲ୍ଲାଙ୍କୁ ଆଣି ପୋଡ଼ିଛ। ତୁମକୁ ରକ୍ଷା ନାହିଁ। ଫଳରେ ତିନି ଅର୍ଦ୍ଧଦଗ୍ଧ ବିଗ୍ରହକୁ କଳାପାହାଡ଼ ଗଙ୍ଗାନଦୀରେ ଫିଙ୍ଗି ଦେଇଥିଲେ। ସେଠାରେ ବିଶର ମହାନ୍ତି ନାମକ ଜନୈକ ବ୍ୟକ୍ତି ଯାହାଙ୍କ ପ୍ରକୃତ ପରିଚୟ ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ (କେହି କେହି ତାଙ୍କୁ ବୈଷ୍ଣବ, କବିରାଜ କୁହନ୍ତି ତ କେହି କେହି ତାଙ୍କୁ ଯାଜପୁର ବା ବାଲେଶ୍ୱର ଲୋକ ବା କେହି ଖିଦିରପୁର ବନ୍ଦର ଡକ୍ ଶ୍ରମିକ କୁହନ୍ତି), ସେ ଅର୍ଦ୍ଧଦଗ୍ଧ ବିଗ୍ରହମାନଙ୍କ ଭାସମାନ ଅବସ୍ଥାକୁ ଲକ୍ଷ୍ୟ କରି ପିଛା କରିଥିଲେ। ବିଗ୍ରହମାନେ ଯେତେବେଳେ କୂଳରେ ଲାଗିଲେ, ବିଶର ମହାନ୍ତି ସେମାନଙ୍କୁ ଆଣି ସେମାନଙ୍କଠାରୁ ବ୍ରହ୍ମମଣି ସଂଗ୍ରହ କରି ତାକୁ ମୃଦଙ୍ଗ ଭିତରେ ରଖିଲେ। ତା'ପରେ ବଙ୍ଗୋପସାଗର କୂଳେ କୂଳେ କୀର୍ତ୍ତନ କରି କରି ଘଞ୍ଚ ଜଙ୍ଗଲଘେରା କୁଜଙ୍ଗଗଡ଼ ବା ଏବର ଗଡ଼କୁଜଙ୍ଗରେ ପହଞ୍ଚିଥିଲେ। ସେଠାରେ ମହାପ୍ରଭୁ ଜଗନ୍ନାଥ ବିଶର ମହାନ୍ତିଙ୍କୁ ସ୍ୱପ୍ନାଦେଶ କଲେ, ତାଙ୍କର ଯେହେତୁ କଳେବର ନଷ୍ଟ ହୋଇଯାଇଛି, ସେମାନଙ୍କୁ ଅନ୍ୟ କେଉଁଠିକୁ ନ ନେଇ ସେଠାରେ ପର୍ଣ୍ଣକୁଟୀର କରି ରଖି ପୂଜାର୍ଚ୍ଚନା କରିବାକୁ। ସେହି ଦିନଠାରୁ ୧୫୭୫ ମସିହା ପର୍ଯ୍ୟନ୍ତ ସେଠାରେ ପୂଜା ପାଇଥିଲେ। କଳାପାହାଡ଼ ଦ୍ୱାରା ଭଙ୍ଗା ଯାଇଥିବା ଶ୍ରୀମନ୍ଦିର ୧୫୭୫ ମସିହାରେ ମରାମତି ପରେ ତତ୍କାଳୀନ ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବ ଚିନ୍ତା କଲେ ବଡ଼ଦେଉଳରେ ତ ବିଗ୍ରହ ନାହାନ୍ତି, ପୂଜା ପାଇବେ କିଏ ? ଶୁଣିବାକୁ ମିଳେ, ଦ୍ୱିତୀୟ ରାମଚନ୍ଦ୍ର ଦେବ ଶ୍ରୀମନ୍ଦିର ଭିତରେ ଅଧିଆ ପଡ଼ିଥିଲେ। ପ୍ରଭୁ ସ୍ୱପ୍ନାଦେଶ କଲେ ଯେ, ସେ ଗଡ଼କୁଜଙ୍ଗରେ ଜଙ୍ଗଲ ମଧ୍ୟରେ ପର୍ଣ୍ଣକୁଟୀରରେ ପୂଜା ପାଉଛନ୍ତି। ଗଡ଼କୁଜଙ୍ଗ କେଉଁଠି ସେ ବିଷୟରେ ବିଚାରବିମର୍ଶ ପାଇଁ ରାଜା ପଞ୍ଚସଖାଙ୍କ ନିକଟରେ ପହଞ୍ଚି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ରାଜାଙ୍କୁ ବ୍ୟସ୍ତ ନ ହେବା ପାଇଁ କହି ସେମାନେ ଗଡ଼କୁଜଙ୍ଗ କେଉଁଠି ଯାଇ ଠାବ କରିବେ ବୋଲି କହିଥିଲେ। ସେମାନେ ପାଦରେ ଚାଲି ଚାଲି ଆସି ଆଧୁନିକ କୁଜଙ୍ଗ ତଥା ସେତେବେଳର ଅନନ୍ତପୁରରେ ପହଞ୍ଚିଥିଲେ। ଅନନ୍ତପୁରରୁ ଗଡ଼କୁଜଙ୍ଗ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ପାଞ୍ଚ କୋଶ ଦୂର। ସେଠାକୁ ଯିବା ସମ୍ଭବ ହୋଇନଥିଲା। ପଞ୍ଚସଖା ଏ ସମ୍ପର୍କରେ ରାଜାଙ୍କୁ ଜଣାଇଲେ। ପଦ୍ମନାଭ ପଟ୍ଟନାୟକ ନାମକ ବ୍ୟକ୍ତି ନଦୀପଥରେ ଆସି ଗଡ଼କୁଜଙ୍ଗରେ ପହଞ୍ଚି ତତ୍କାଳୀନ କୁଜଙ୍ଗ ରାଜାଙ୍କୁ ଡକାଇ ଠାକୁରଙ୍କୁ ଫେରାଇନେବା ନେଇ ଆଲୋଚନା କରିଥିଲେ। ରାଜା କହିଥିଲେ, ଠାକୁର ନିଜ ଇଚ୍ଛାରେ ଆସିଛନ୍ତି। ତେଣୁ ଶ୍ରୀମନ୍ଦିରକୁ ଜଗନ୍ନାଥ, ବଳଭଦ୍ରଙ୍କ ବ୍ରହ୍ମମଣି ଫେରିଯାଆନ୍ତୁ। କିନ୍ତୁ ମା' ସୁଭଦ୍ରାଙ୍କ ବ୍ରହ୍ମମଣିକୁ ଏଠାରେ ରଖାଯିବା ସହ ପୁରୀ ରଥଯାତ୍ରା ପରଦିନ ଏଠାରେ ରଥଯାତ୍ରା କରିବାକୁ ଅନୁରୋଧ କରିଥିଲେ। ସେହିଦିନଠାରୁ ପୁରୀ ରଥଯାତ୍ରା ପରଦିନ ଗଡ଼କୁଜଙ୍ଗରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ପରଦିନ ହେବାର କାରଣ ହେଉଛି ଭଉଣୀ ରଥଯାତ୍ରାରେ ଜଗନ୍ନାଥ, ବଳଭଦ୍ର ଯୋଗ ଦେଇଥାନ୍ତି। ତେଣୁ ସୁଭଦ୍ରା କ୍ଷେତ୍ରର ରଥଯାତ୍ରାକୁ ବାସି ରଥ କୁହାଯାଏ। ଏଠାରେ ଗୋଟିଏ ରଥ ନିର୍ମାଣ କରାଯାଏ, ଯେଉଁଥିରେ ଦଧିବାମନ ରଥାରୂଢ଼ ହୁଅନ୍ତି। ଶ୍ରୀଗୁଣ୍ଡିଚା ଦିନ ସମସ୍ତ ରୀତିନୀତି, ନିୟମ ଅନୁସାରେ ସମ୍ପନ୍ନ କରାଯାଇ ରାତି ଦଶଟାରେ ଦଧିବାମନ ରଥାରୂଢ଼ ହୁଅନ୍ତି । ତା'ପରଦିନ ରଥ ଟଣା ହୁଏ।

**-ରିପୋର୍ଟ: ମନୋଜ ପ୍ରଧାନ, କୁଜଙ୍ଗ**

# ରୁପା ଖଡ଼ିକାରେ ଛେରା ପହଁରା କଲେ ମହାରାଜା

## ବାରିପଦା: ଆଜିଠୁ ଆରମ୍ଭ ରଥଟଣା

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉ ପହଣ୍ଡି ବିଜେ ହୋଇ ରଥାରୁଢ଼ ହୋଇଛନ୍ତି। ପରମ୍ପରା ଅନୁଯାୟୀ ପୁରୀ ରଥଯାତ୍ରାର ପରଦିନ ୨ ଦିନ ଧରି ବାରିପଦା ବଡ଼ଦାଣ୍ଡରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ତଦନୁଯାୟୀ ଶନିବାର ଓ ରବିବାର ରଥଟଣା ହେବ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ବଡ଼ଦାଣ୍ଡରେ ଭକ୍ତଙ୍କ ଗହଳି ଲାଗି ରହିଥିଲା।

ସକାଳ ୯ଟା ୩୦ରୁ ୧୧ ମଧ୍ୟରେ ଅବକାଶ ପରେ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ପୂଜାପଣ୍ଡାଙ୍କ ଦ୍ୱାରା ମଙ୍ଗଳ ଆଳତୀ, ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶଶେଷ, ଗୋପାଳ ବଲ୍ଲଭ ଓ ସକାଳ ଧୂପ ସରିଥିଲା। ଦିନ ୧୧ଟା ୩୦ରୁ ୧ଟା ୩୦ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନବ ଯୌବନ ବେଶ ଦର୍ଶନ ହୋଇଥିଲା। ପରେ ମା' ଅମ୍ବିକାଙ୍କ ମନ୍ଦିରରୁ ଦାସୀ ଆଜ୍ଞାମାଳ ନେଇ ଆସିବା ପରେ ପ୍ରଦକ୍ଷିଣ କରି କଳସ ଓ ରଥ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରାଯାଇଛି। ଚକାଛଡ଼ା ନୀତି ସମ୍ପନ୍ନ ହେବା ପରେ ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ୩ ରଥରେ ରୁପା ଖଡ଼ିକାରେ ଛେରା ପହଁରା କରିଥିଲେ। ଅପରାହ୍ନ ୫ଟାରେ ନାଗରା ବାଜିବା ପରେ ମନ୍ଦିର ପରିଛା ଆଜ୍ଞାମାଳ ଓ କୁଣ୍ଡରେ ସୁବାସିତ ଚନ୍ଦନ ଜଳ ସିଂଚନ କରିଥିଲେ। ତିନି ଦିଅଁଙ୍କୁ ଗୋଟି ପହଣ୍ଡି ହୋଇ ରଥାରୁଢ଼ ହୋଇଥିଲେ। ପ୍ରଥମେ ମହାବାହୁ ବଳଭଦ୍ରଙ୍କୁ ପହଣ୍ଡିଆମାନେ ପହଣ୍ଡି ବିଜେ କରିଥିଲେ। ପୂଜା ନୀତିରେ ଠାକୁରଙ୍କୁ ଛେନା ଓ ମିଠାଇ ଲାଗି କରିବା ପରେ କର୍ପୁର ଆରତୀ କରାଯାଇ ମହାପ୍ରଭୁଙ୍କୁ ରଥାରୁଢ଼ କରାଯାଇଥିଲା। ପରେ ଦେବୀ ସୁଭଦ୍ରା ଓ ସୁଦର୍ଶନ ଠାକୁରଙ୍କ ପହଣ୍ଡି ହୋଇଥିଲା। ଦେବୀ ସୁଭଦ୍ରାଙ୍କୁ ପହଣ୍ଡିଆମାନେ ଝୁଲାଇ ଝୁଲାଇ ପହଣ୍ଡି କରିଥିବା ବେଳେ ଜଣେ ପହଣ୍ଡିଆ ସୁଦର୍ଶନଙ୍କୁ କାନ୍ଧରେ ବସାଇ ପହଣ୍ଡି ସାଙ୍ଗରେ ଆସିଥିଲେ। ଶେଷରେ ମହାପ୍ରଭୁ ଜଗନ୍ନାଥ ପହଣ୍ଡି ବିଜେ କରି ରଥାରୁଢ଼ କରାଯାଇଥିଲା। ମହାପ୍ରଭୁଙ୍କୁ ସନ୍ଧ୍ୟା ଆରତୀ ଦର୍ଶନ ଓ ତୁଳସୀ ସେବନ ପରେ ସମସ୍ତ ରୀତିକାନ୍ତି ଶେଷ ହୋଇଥିଲା। ଶନିବାର ଅପରାହ୍ନ ୨ଟା ୩୦ମିନିଟରୁ ୫ଟା ୩୦ ପର୍ଯ୍ୟନ୍ତ ରଥଟଣା ହେବା ନେଇ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏସ୍‌ପି ଏସ.ସୁଶ୍ରୀ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲ। ଦେବୋତ୍ତର ବିଭାଗର ଅଧିକାରୀ ଡ.ଦୟାସିନ୍ଧୁ ପରିଡ଼ା ତଥା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରୁଛନ୍ତି।


ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ରୁପା ଖଡ଼ିକାରେ ଛେରା ପହଁରା କରୁଛନ୍ତି।

**-ରିପୋର୍ଟ: ନୀଳାଦ୍ରି ବିହାରୀ ଦଣ୍ଡପାଟ, ବାରିପଦା**

# ରଥାରୂଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି

## ନୀଳଗିରି ୨ ଦିନ ଘୋଷଯାତ୍ରା


ତିନି ଠାକୁରଙ୍କୁ ଧାଡ଼ି ପହଣ୍ଡିରେ ଅଣାଯାଉଛି।

ବାଲେଶ୍ୱର ଜିଲା ନୀଳଗିରିରେ ଶୁକ୍ରବାର ରଥଦାଣ୍ଡରେ ଭକ୍ତ ଭଗବାନଙ୍କ ମହାମିଳନ ପର୍ବ ଆରମ୍ଭ ହୋଇଛି। ପହଣ୍ଡି ପରେ ରଥାରୂଢ଼ ହୋଇଛନ୍ତି ଚତୁର୍ଦ୍ଧା ମୂର୍ତ୍ତି। ଅପରାହ୍ନ ୫ଟାରେ ସମସ୍ତ ନୀତିକ୍ରାନ୍ତି ପରେ ପଣ୍ଡା ପଡ଼ିଆରୀମାନେ ପ୍ରଥମେ ଚକ୍ରରାଜ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅଣସର ଚକାରୁ ପହଣ୍ଡିରେ ଆଣାଇ ରଥରେ ବିଜେ କରାଇଥିଲେ। ପରେ ରାମକୃଷ୍ଣ ମୋଦନ ମୋହନ ଆସିଥିଲେ। ଏହି ସମୟରେ ନାମ ସଂକୀର୍ତ୍ତନ, ଜୟ ଜଗନ୍ନାଥ ତାଳରେ ଘଣ୍ଟୁଆ ଘଣ୍ଟ ବଜାଇବା ସହିତ କାହାଳି, ଛତ୍ର, ଆଲଟ, ତ୍ରାସ ଓ ଆଗେ ଗୋଟିପୁଅ ନୃତ୍ୟ ତଥା ଉପସ୍ଥିତ ଜନତାଙ୍କ ହରିବୋଲ, ହୁଳହୁଳି ଶବ୍ଦରେ ପରିବେଶ ପ୍ରକମ୍ପିତ ହୋଇଥିଲା। ପରମ୍ପରା ଅନୁସାରେ ନୀଳଗିରି ଆଦିସେବକ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ଛେରାପହଁରା କରିଥିଲେ। ଏହି ପହଣ୍ଡି ଯାତ୍ରାରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଏସ୍‌ପି ରାଜ ପ୍ରସାଦ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ଏନ୍‌ଏସି ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ତହସିଲଦାର ସୋନମ୍ ଦାସ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ ମଲିକ, ବିଡିଓ ବିକ୍ରମ କେଶରୀ ପରିଡ଼ା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ନୀଳଗିରି ରଥଯାତ୍ରା ପୁରୀ ଶ୍ରୀମନ୍ଦିର ଭଳି ନୀତିକାନ୍ତି ଅନୁସାରେ ପାଳିତ ହୋଇଆସୁଛି। ମାତ୍ର ପୁରୀରେ ଗୋଟିଏ ଦିନରେ ମହାପ୍ରଭୁଙ୍କ ପହଣ୍ଡି ଓ ରଥଟଣା ହୋଇ ଗୁଣ୍ଡିଚା ମନ୍ଦିର ପହଞ୍ଚିଥିବା ବେଳେ ନୀଳଗିରିରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପାଇଁ ତିନି ଦିନ ଧରି ରଥଯାତ୍ରା ପାଳନ କରାଯିବାର ପରମ୍ପରା ରହିଛି।

**-ରିପୋର୍ଟ: ପ୍ରଶାନ୍ତ ବିଶ୍ୱାଳ, ନୀଳଗିରି**

# ରଙ୍ଗନାଥ ଦେବ, ଚରଣ ଚକାଦେବଙ୍କ ଘୋଷଯାତ୍ରା

ବାଣପୁରରେ ଶ୍ରୀରଙ୍ଗନାଥ ଦେବ ଏବଂ ଚରଣ ଚକାଦେବଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଙ୍ଗନାଥ ଦେବଙ୍କ ପୀଠରେ ଠାକୁରଙ୍କୁ ଗୋଟି ପହଣ୍ଡିରେ ଆଣି ରଥାରୂଢ଼ କରାଯାଇଥିଲା। ପାରିକୁଦ ରାଜା ସନ୍ତୋଷ କୁମାର ମର୍ଦ୍ଦରାଜ ମାନସିଂହ ଛେରାପହଁରା କରିଥିଲେ। ପରେ ରଥ ଟଣା ଆରମ୍ଭ ହୋଇଥିଲା। ମା' ସୁଭଦ୍ରାଙ୍କ ରଥକୁ ମହିଳା ଓ ଯୁବତୀମାନେ ଟାଣିଥିଲେ। ପଲଟଣ ପଡ଼ିଆ ନିକଟ ଶ୍ରୀଚରଣ ଚକାଦେବଙ୍କ ରଥଯାତ୍ରାରେ ଭାଟପଡ଼ା ଦଳବେହେରା ମାନବେନ୍ଦ୍ର ମହାରଥା ଛେରାପହଁରା କରିଥିଲେ। ରଙ୍ଗନାଥଙ୍କ ରଥଯାତ୍ରାରେ ତିନୋଟି ରଥ ହେଉଥିବା ବେଳେ ଚରଣ ଚକାଦେବଙ୍କ ଚତୁର୍ଦ୍ଧାମୂର୍ତ୍ତି ଗୋଟିଏ ରଥରେ ଯାତ୍ରା କରିଥିଲେ।

**-ରିପୋର୍ଟ:ଦିଲୀପ କୁମାର ସ୍ୱାଇଁ, ବାଣପୁର**






# ଚିଲିକାରେ ଘୋଷଯାତ୍ରା


ଲୀଳାକ୍ଷେତ୍ର ନଇରୀଠାରେ ଠାକୁରଙ୍କ ପହଣ୍ଡିବେଳେ ନୃତ୍ୟ ପ୍ରଦର୍ଶନ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନ୍ୟତମ ଲୀଳାକ୍ଷେତ୍ର ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ନଇରୀ ଗ୍ରାମଠାରୁ ଅନତିଦୂର ତଥା ଚିଲିକାରେ ଅବସ୍ଥିତ କାଙ୍କଣଶିଖରୀ ପୀଠରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି। ପରମ୍ପରା ଅନୁଯାୟୀ, ତିନି ଠାକୁରଙ୍କୁ ଚିଲିକା ହ୍ରଦରେ ସ୍ୱତନ୍ତ୍ର ଭାବେ ଡଙ୍ଗାରେ ପ୍ରସ୍ତୁତ ହୋଇଥିବା ସୁସଜ୍ଜିତ ରଥରେ ବିରାଜମାନ କରାଯାଇଥିଲା। ଏହା ପରେ କାଙ୍କଣଶିଖରୀ ଜଗନ୍ନାଥ ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଦସ୍ୟ ହାଡୁବନ୍ଧୁ ପଟ୍ଟନାୟକ ରଥରେ ଛେରାପହଁରା କରିଥିଲେ। ପରେ ଚିଲିକା ଜଳରାଶିରେ ଠାକୁରଙ୍କୁ ପରିକ୍ରମା କରାଯାଇ ରଥଯାତ୍ରା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଓ ଘଣ୍ଟ କାହାଳି ଶବ୍ଦରେ ଉତ୍ସବସ୍ଥଳ ପ୍ରକମ୍ପିତ ହୋଇଉଠିଥିଲା। ପୀଠକୁ ଯାତାୟାତ ପାଇଁ ଶ୍ରଦ୍ଧାଳୁଙ୍କ ନିମନ୍ତେ ବୋଟ୍ ଆସୋସିଏଶନ ଏବଂ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଡଙ୍ଗାର ବ୍ୟବସ୍ଥା କରାଯାଇଥିଲା। ଏସ୍‌ପି ସାଗରିକା ନାଥଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା। ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ଏବଂ ଅଞ୍ଚଳବାସୀ ପରିଚାଳନା କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ, ୧୭୩୧ ମସିହାରେ ମୋଗଲ ସାମ୍ରାଜ୍ୟ ରାଜୁତି କାଳରେ ପୁରୀ ଶ୍ରୀମନ୍ଦିର ଉପରେ ତକି ଖାଁଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ମହାପ୍ରଭୁଙ୍କୁ ଲୁକ୍କାୟିତଭାବେ ଦେଉଳରୁ ନେଇ ଚିଲିକା ହ୍ରଦ ମଧ୍ୟରେ ଥିବା ଏହି କାଙ୍କଣଶିଖରୀ ପୀଠରେ ରଖାଯାଇଥିଲା। ଠାକୁରଙ୍କ ରହଣିକାଳରେ ଉକ୍ତ ଟାପୁରେ ଫଳୁଥିବା କାଙ୍କଣ ମହାପ୍ରଭୁଙ୍କୁ ଲାଗି କରାଯାଉଥିଲା। ସେହିଦିନଠାରୁ ଏହି ସ୍ଥାନ କାଙ୍କଣଶିଖରୀ ଭାବେ ନାମିତ ହୋଇଛି ।

**-ରିପୋର୍ଟ: ସଂଗ୍ରାମ ପାଇକରାୟ,ବାଲୁଗାଁ**













# ପକ୍ଷପାତିତା ଅଭିଯୋଗ ଆଣିଲେ ୬ କାଉନସିଲର

## ଟେଣ୍ଡରକୁ ନେଇ ବିଜେଡିର ପୌର କାର୍ଯ୍ୟାଳୟ ଘେରାଉ ଘଟଣା


ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା କାଉନ୍‌ସିଲରମାନେ।

**ଯାଜପୁର ରୋଡ,୨୭।୬ (ପବିତ୍ର ରଂଜନ ମହାନ୍ତି):** ବ୍ୟାସନଗର ପୌର ପରିଷଦରେ ଦୀର୍ଘ ଦିନ ହେବ ରିଜୋଲ୍ୟୁସନ ପରେ ମଧ୍ୟ ସହରର ବିକାଶ ପାଇଁ ଅଣାଯାଇଥିବା ଅନେକ ଜନହିତକର କାର୍ଯ୍ୟର ଟେଣ୍ଡର ହେଉନାହିଁ। ଏଭଳି ଅଭିଯୋଗ କରି ବିଜୁ ଜନତା ଦଳର ୨୦ କାଉନସିଲର ପୌରନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢୀଙ୍କୁ ଗୁରୁବାର ରାତି ୯ଟା ପର୍ଯ୍ୟନ୍ତ ଘେରାଉ କରିବା ସହ ତାଙ୍କୁ ତୁରନ୍ତ ଟେଣ୍ଡର ପକ୍ରିୟା ନ କଲେ ଅଫିସରେ ଚାବି ପକାଇଦେବାକୁ ଧମକ ଦେଇଥିଲେ। ନିର୍ବାହୀ ଅଧିକାରୀ ଟେଣ୍ଡର ପକ୍ରିୟା ତୁରନ୍ତ କରିବାକୁ ରାଜି ହେବା ପରେ ଆନ୍ଦୋଳନ ଥମିଥିଲା। ଶୁକ୍ରବାର ଏହି ଘଟଣାକୁ ନେଇ ବିରୋଧୀ ୬ କାଉନସିଲର ଏକ ଖବରଦାତା ସମ୍ମିଳନୀ କରି ବଜେଟ ପୂର୍ବରୁ ଆକ୍ସନ ପ୍ଲାନ ଏବଂ ଟେଣ୍ଡର କିପରି ହେବ ସେ ନେଇ ଅଧ୍ୟକ୍ଷଙ୍କୁ ପ୍ରଶ୍ନ ପଚାରିଛନ୍ତି। ଏଥିସହିତ ଟେଣ୍ଡର ପକ୍ରିୟାରେ ପକ୍ଷପାତିତା ଏବଂ ଅନିୟମିତତା ହୋଇଥିବା କହିଛନ୍ତି। ପରିମଳ, ବାର୍ଷିକ କାର୍ଯ୍ୟରେ ପକ୍ଷପାତିତା ଏବଂ ରାଜନୀତିକରଣ ହୋଇଥିବା ନେଇ ଏହି ବିରୋଧୀ କାଉନସିଲର ଅଶୋକ ରାଉତ, ସରୋଜିନି ସେଠୀ, ରଶ୍ମିତା ରାଉତ, ଭରତ ଓଝା, ଚୁନିଆ ନାୟକ, ମଣିନ୍ଦ୍ର କୁମାର ସାହୁ ପ୍ରମୁଖ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ବୋଲି ଉକ୍ତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳଙ୍କୁ ପଚାରିବାରେ ସେ କହିଛନ୍ତି, ପୂର୍ବ ଅଧ୍ୟକ୍ଷାଙ୍କ ସମୟରେ ସବୁ ୱାର୍ଡକୁ କ'ଣ ସମାନ ଭାବରେ ଠିକା କାର୍ଯ୍ୟ ପାଇଁ ଅର୍ଥ ପ୍ରଦାନ କରାଯାଇଥିଲା କି। ତେଣୁ ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ।

## ନିଶାଠାରୁ ଦୂରେଇ ରହିବାକୁ ପରାମର୍ଶ

**କାଏମା,୨୭।୬(ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋଟପୁର ପଞ୍ଚାୟତର ବଜ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ୟୁଥ୍ ରେଡ୍‌କ୍ରସର ରେଡ ରିବନ କ୍ଲବ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରୋଗ୍ରାମ କୋର୍ଡିନେଟର ସନ୍ତୋଷ କୁମାର ଦାଶ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଶାନ୍ତ କୁମାର ପାତ୍ର ମାଦକ ଦ୍ରବ୍ୟର ଭୟାବହତା ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ରଣା ଓ ଅଧ୍ୟାପକ ପ୍ରେମ କାନ୍ତ ସେଠ ଛାତ୍ରୀଛାତ୍ରଙ୍କୁ ନିଶାଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଏକ ଶୋଭଯାତ୍ରା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବଜ୍ରଗିରି, ବୃନ୍ଦଲିଙ୍ଗ ଓ ନୂଆ ପାଟଣା ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସିପୁ


@ ଦୁର୍ଯ୍ୟୋଧନ


@ ପ୍ରଣତି


@ ବନ୍ଦନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧନା


କେନ୍ଦ୍ର ବାଲ୍ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଧର୍ମଶାଳା,୨୭।୬(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଅଧୀନ କୋଟପୁର ନିବାସୀ ଡ. ରାଜକିଶୋର ପାଢ଼ୀ କେନ୍ଦ୍ର ବାଲ୍ ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହି ଅବସରରେ ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜାରକା ହାଇସ୍କୁଲ ପରିସର ପାଠାଗାରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟ ସମାଜ ସଭାପତି କାହ୍ନୁଚରଣ ଦାଶ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଯାଜପୁର ଜିଲା ଲେଖକ ସମ୍ମେଳନର ରୁଦ୍ର ନାରାୟଣ ପୃଷ୍ଟି, ସାହିତ୍ୟିକ ରବୀନ୍ଦ୍ର ବିହାରୀ ଯୋଗଦେଇ ପାଢ଼ୀଙ୍କ ଶିକ୍ଷାଦାନ ଓ ସାହିତ୍ୟ କୃତୀ ଉପରେ ଆଲୋକପାତ କରିଥିଲେ। ପରେ ଅତିଥିମାନେ ଡ. ପାଢ଼ୀଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଦତ୍ତ ମାନପତ୍ରକୁ ପ୍ରଫୁଲ୍ଲ ସ୍ୱାଇଁ ପାଠ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ସାହୁ, ସାମାଜିକ କର୍ମୀ ମିନତି ସାହୁ, ସନ୍ତୋଷ ବେହେରା, କାମିନୀ ନାୟକ, ସୁନାକର ସାହୁ, ବିଜୟ ନାୟକ, ଅଧ୍ୟକ୍ଷ ବଳଭଦ୍ର ଦାଶ, ସାହିତ୍ୟିକ ଅଖିଳ ସ୍ୱାଇଁ, ଅର୍ଜ୍ଜୁନ ପୃଷ୍ଟି, ବ୍ରଜକିଶୋର ଦାଶ, ବିଭୁତି ଭୂଷଣ ପାଳ, ଧ୍ରୁବଚରଣ ବିଶ୍ୱାଳ, ବିଜୟ ଦେବତା, ଶିକ୍ଷାବିତ୍ ଯୁଧିଷ୍ଠିର ସ୍ୱାଇଁ, ଶୁଭକାନ୍ତ ନାୟକ, ଗଣେଶ୍ୱର ବେହେରା, ସବିତା ମିଶ୍ର, ଦିନବନ୍ଧୁ ତ୍ରିପାଠୀ, ପ୍ରହଲ୍ଲାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ସାଧାରଣ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ ସୂଚନା ପ୍ରଦାନ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ସମ୍ବର୍ଦ୍ଧନା ଉତ୍ତରରେ ଡ. ପାଢ଼ୀ କହିଥିଲେ, ସେ ଶିକ୍ଷାଦାନ ସମୟରେ ମୋଟ୍ ୭୨ଟି ପୁସ୍ତକ ରଚନା କରିଛନ୍ତି। ସେଥିମଧ୍ୟରୁ ୨୦୨୩ରେ ପ୍ରକାଶିତ ଶିଶୁ କବିତା ସଙ୍କଳନ 'କେତେ ଫୁଲ ଫୁଟିଛି' ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବାକୁ ମନୋନୀତ କରାଯାଇଛି। ଶେଷରେ ଯୁଗଳ କିଶୋର ଦାସ ଧନ୍ୟବାଦ ଦେଇଥିଲେ।

# ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ, ଚାକିରିରେ ରହିବେ ଅଧ୍ୟାପକ

## ଅଧ୍ୟାପକଙ୍କ ଜନ୍ମ ତାରିଖ ସଂଶୋଧନରେ ନିଷ୍କ୍ରିୟତା ମାମଲା

**କଟକ,୨୭।୬(କାର୍ତ୍ତିକ ସାହୁ)** ଜଣେ ଇଂଲିଶ ଅଧ୍ୟାପକଙ୍କ ଚାକିରି ସମ୍ପର୍କିତ ଫାଇଲରେ ଜନ୍ମ ତାରିଖ ସଂଶୋଧନ କରିବା କ୍ଷେତ୍ରରେ ଉଚ୍ଚଶିକ୍ଷା ବିଭାଗ ବିଳମ୍ୱ କରୁଥିବା ବେଳେ ସେ ଏହି ପଦରେ କାର୍ଯ୍ୟ କରିବେ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଚାକିରି ସଂକ୍ରାନ୍ତ ଫାଇଲରେ ଜନ୍ମ ତାରିଖ ସଂଶୋଧନ ହୋଇ ନ ଥିବାରୁ ଅଧ୍ୟାପକ ଜୁନ ୩୦ରେ ଅବସର ଗ୍ରହଣ କରିଥାନ୍ତେ। ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ଅଧ୍ୟାପକଙ୍କ ଜନ୍ମ ତାରିଖ ଯାଞ୍ଚ ସମ୍ପର୍କିତ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ରିପୋର୍ଟକୁ ବିଚାରକୁ ନିଆଯାଇ ୨ ସପ୍ତାହ ମଧ୍ୟରେ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନିଆଯିବ ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଏଭଳି ସ୍ଥିତିରେ ହାଇକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୧କୁ ଧାର୍ଯ୍ୟ କରିଛନ୍ତି। ଏଥି ସହିତ ଆଧାପକଙ୍କୁ ନିଜ ପଦରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଯାଜପୁର ଅଙ୍ଗାଲୋସ୍ଥିତ ଲଛମନଜୀଉ କଲେଜର ଅଧ୍ୟାପକ ଆଲୋକଚନ୍ଦ୍ର ବାରିକଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପାଇଁ ଅଧ୍ୟାପକ ଜୁନ ୩୦ରେ ଅବସର ନ ନେଇ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ନିଜ ପଦବୀରେ କାର୍ଯ୍ୟ କରିବେ।

ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ୧୯୮୩ରେ ମାଟ୍ରିକ୍ ପାସ କରିଥିବା ବେଳେ ତାଙ୍କ ଆଡମିଟ କାର୍ଡ ଓ ପ୍ରୋଭିଜନାଲ ସାର୍ଟିଫିକେଟରେ ଜନ୍ମ ତାରିଖ ୧୯୬୭, ଜୁନ ୬ ବୋଲି ଉଲ୍ଲେଖ କରାଯାଇଥିଲା। ପରବର୍ତ୍ତୀ ସମୟରେ ୧୯୮୪ରେ ସେ ପାଇଥିବା ଚୂଡାନ୍ତ ମାଟ୍ରିକ୍ ସାର୍ଟିଫିକେଟରେ ଜନ୍ମତାରିଖ ୧୯୬୫, ଜୁନ ୬ ବୋଲି ଉଲ୍ଲେଖ କରାଯାଇଥିଲା। ବାରମ୍ବାର ଅନୁରୋଧ ପରେ ବି ତାଙ୍କ ମାଟ୍ରିକ ସାର୍ଟିଫିକେଟରେ ଜନ୍ମ ତାରିଖ ସଂଶୋଧନ ହୋଇ ପାରି ନ ଥିଲା। ୨୦୨୫ ଏପ୍ରିଲରେ ବୋର୍ଡ ପକ୍ଷରୁ ଆବେଦନକାରୀଙ୍କ ଜନ୍ମ ତାରିଖ ସଂଶୋଧନ କରାଯାଇ ସାନି ମାଟ୍ରିକ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହାପରେ ଚାକିରି ସମ୍ପର୍କିତ ଫାଇଲରେ ଜନ୍ମତାରିଖ ସଂଶୋଧନ ପାଇଁ ସେ ଉଚ୍ଚଶିକ୍ଷା ବିଭାଗକୁ ଅନୁରୋଧ କରିଥିଲେ। ଆବେଦନକାରୀ ଇଂଲିଶ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିବା ଲଛମନଜୀଉ କଲେଜର ଅଧ୍ୟକ୍ଷଙ୍କ ପକ୍ଷରୁ ଏ ନେଇ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଥିଲା। ଏହାପରେ ମଧ ଆବେଦନକାରୀଙ୍କ ଚାକିରି ସମ୍ପର୍କିତ ଫାଇଲରେ ପ୍ରକୃତ ଜନ୍ମ ତାରିଖ ସଂଶୋଧନ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଡାକ୍ତର ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଛନ୍ତି।

# ବିଶ୍ୱ ମାଦକ ଦ୍ରବ୍ୟ ସେବନ ନିରୋଧୀ ଦିବସ

**ଯାଜପୁର ଟାଉନ,୨୭।୬ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):** ଯାଜପୁର ଜିଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ମାଦକ ଦ୍ରବ୍ୟ ସେବନ ନିରୋଧି ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ଲିପା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରଞ୍ଜନ ବେହେରା, ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ରୁଦ୍ରନାରାୟଣ ପୃଷ୍ଟି ଅତିଥି ଆଲୋଚକଭାବେ ଯୋଗଦେଇ ମାଦକ ଦ୍ରବ୍ୟ ସେବନ ଦ୍ୱାରା ହେଉଥିବା କ୍ଷତି ବିଷୟରେ ଆଲୋଚନା କରିଥିଲେ। ନାଲସା ଦ୍ୱାରା ପ୍ରସ୍ତୁତ ବିଷୟ ଭିତ୍ତିକ ବୃତଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଓ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ। ଅଧ୍ୟାପକ ବିନୋଦ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ମନ୍ମଥ କୁମାର ମାଝୀ ଧନ୍ୟବାଦ ଦେଇଥିଲେ।

# ମୁକୁନ୍ଦପୁର ପଞ୍ଚାୟତରେ ଷ୍ଟ୍ରିଟ୍ ଲାଇଟ ଦୁର୍ନୀତି

## ପିଇଓଙ୍କ ନାଁରେ ଅଗ୍ରିମ ଅର୍ଥ ହଡ଼ପ ଅଭିଯୋଗ



**କୋରେଇ,୨୭।୬(ଚନ୍ଦ୍ରକାନ୍ତ ପତି):** କୋରେଇ ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଷ୍ଟ୍ରିଟଲାଇଟ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତର ହିମାଂଶୁ ପାଢ଼ୀ, ନିରାକାର ସାହୁ, ରବୀନ୍ଦ୍ର ଜେନା, ଓମ୍‌ପ୍ରକାଶ ସାହୁ ପ୍ରମୁଖ ଏନେଇ ବିଧାୟକ ଆକାଶ ଦାସନାୟକଙ୍କ ନିକଟରେ ଲିଖିତ ଲିଖିତ ଭାବେ ଜଣାଇଛନ୍ତି। ବିଧାୟକ ଅଭିଯୋଗକୁ ଗ୍ରହଣ କରି ଜିଲାପାଳଙ୍କୁ ତଦନ୍ତ ପାଇଁ ସୁପାରିସ କରିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସୁଦର୍ଶନ ସାହୁ ଏବଂ ସରପଞ୍ଚ ଦୁହେଁ ମିଶି ଷ୍ଟ୍ରିଟଲାଇଟ ମରାମତି ପାଇଁ ମଞ୍ଜୁର ହୋଇଥିବା ଅର୍ଥକୁ ଆତ୍ମସାତ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

ବିଭିନ୍ନ ଗ୍ରାମରେ ଖରାପ ହୋଇପଡ଼ିଥିବା ଷ୍ଟ୍ରିଟ ଲାଇଟଗୁଡ଼ିକ ମରାମତି ପାଇଁ ମଞ୍ଜୁର ହୋଇଥିବା ଅର୍ଥକୁ ପିଇଓ ଉଠାଇ ନେଇଥିଲେ। ଏହା ଜାଣିପାରି ଗ୍ରାମବାସୀ ଅଭିଯୋଗ କରିଥିଲେ। ଫଳରେ ପିଇଓ କିଛି ନିମ୍ନମାନର ଲାଇଟ ଲଗାଇଥିଲେ। କୌଣସି ପଞ୍ଚାୟତରେ ନୂଆ ଷ୍ଟ୍ରିଟ ଲାଇଟ ନ ଲଗାଇ କେବଳ ପୁରୁଣା ଲାଇଟ ମରାମତି କରିବା ସହ ଆବଶ୍ୟକ ସ୍ଥାନରେ ସୋଲାର ଲାଇଟ ଲଗାଇବାକୁ ସରକାର ୨୦୨୦ରୁ ନିର୍ଦ୍ଦେଶ ଜାରି କରିଛନ୍ତି। ଅଥଚ ପିଇଓ ସାହୁ କାର୍ଯ୍ୟାନୁଷ୍ଠାନରୁ ବଞ୍ଚିବାକୁ କିଛି ନିମ୍ନମାନର ଷ୍ଟ୍ରିଟଲାଇଟ କିଣି ବିଭିନ୍ନ ଗ୍ରାମରେ ଲଗାଇ ଅବଶିଷ୍ଟ ଅର୍ଥ ଆତ୍ମସାତ କରିଛନ୍ତି। ଖାଲି ସେତିକି ନୁହେଁ, ଉଭୟ ସରପଞ୍ଚ ଓ ପିଇଓ ମିଶି ପଞ୍ଚାୟତରେ ହୋଇଥିବା ଏକାଧିକ କଂକ୍ରିଟ ରୋଡ୍ କାମ ଅତ୍ୟନ୍ତ ନିମ୍ନମାନର କାମ କରି ଅର୍ଥ ହଡ଼ପ କରିଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ଏନେଇ ପିଇଓ ସାହୁଙ୍କୁ ପଚାରିବାରେ ସେ ଏହାକୁ ଖଣ୍ଡନ କରିଛନ୍ତି। ଏନେଇ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଅନ୍ୟପକ୍ଷରେ ଘଟଣାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ଅବନୀକାନ୍ତ ସାହୁ ସୂଚନା ଦେଇଛନ୍ତି।

# ଭାଜପାରେ ମିଶିଲେ ୧୭୭ ବିଜେଡି କର୍ମୀ

**କଳିଙ୍ଗନଗର,୨୭।୬(ଶୁଭାଶିଷ ରାଉତ):** ସୁକିନ୍ଦା ନିର୍ବାଚନୀମଣ୍ଡଳୀ ଅଧୀନ ଦାନଗଦି ବ୍ଲକ ଦେଉଳକଣ ପଞ୍ଚାୟତର ୧୭୭ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଟମକା ଡାକବଙ୍ଗଳା ପରିସରରେ ଆୟୋଜିତ ମିଶ୍ରଣ ପର୍ବରେ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଭାଜପାର ଜିଲା କାର୍ଯ୍ୟକର୍ତ୍ତା ପ୍ରତାପ ଧୀର ସଭାପତିତ୍ୱ କରିଥିଲେ। ଭାଜପା ରାଜ୍ୟ ପରିଷଦ ସଭ୍ୟ ପ୍ରଶାନ୍ତ ରାୟ, ଜିଲା କାର୍ଯ୍ୟକର୍ତ୍ତା ସୁଧାଂଶୁ ଭଞ୍ଜ, ପବିତ୍ର ମୋହନ ମହାପାତ୍ର, ଜିଲା ଆଦିବାସୀ ସେଲ ଅଧ୍ୟକ୍ଷ ରାଜେନ୍ଦ୍ର କାଲୁଣ୍ଡିଆ, ଏମ୍‌ପିଙ୍କ ପ୍ରତିନିଧି ରବୀନ୍ଦ୍ର ମୋହନ ଜେନା, ବିଜୟ ଜେନା, ଶ୍ରମିକ ନେତା ଅମଳେନ୍ଦୁ ବେହୁରା ଓ ମଣ୍ଡଳ ସଭାପତି ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ସଂଗଠକ ହିମାଂଶୁ ମହାନ୍ତ, ଅନନ୍ତ ମହାନ୍ତ, ପ୍ରଶାନ୍ତ ମହାନ୍ତ ଓ ଚିତ୍ତରଞ୍ଜନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଭାଜପାରେ ସାମିଲ ହୋଇଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

# ଧାନ କିଣା ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି


ବିଞ୍ଝାରପୁରର ଭାଜପା ନେତ୍ରୀ ବିବିତା ମଲ୍ଲିକ ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି।

**ଦଶରଥପୁର,୨୭।୬ (ସୁଶାନ୍ତ କୁମାର ବେହୁରିଆ):** ଦଶରଥପୁର ବ୍ଲକ ଅନ୍ତର୍ଗତ କମାରଡ଼ିହି ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଚଳିତ ରବି ଋତୁରେ ଧାନ କିଣାକୁ ନେଇ ଉପୁଜୁଥିବା ସମସ୍ୟା ନେଇ ଚାଷୀଙ୍କ ସହ ଆଲୋଚନା କରିଛନ୍ତି ବିଞ୍ଝାରପୁରର ଭାଜପା ନେତ୍ରୀ ବିବିତା ମଲ୍ଲିକ। ସେ ଜିଲାପାଳଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନା ସମୟରେ କମାରଡ଼ିହି ପାକ୍ସ ସମ୍ପାଦକ ସୁବାସ ନାୟକ ଓ ଖାନନଗର ସରପଞ୍ଚଙ୍କ ପ୍ରତିନିଧି ବିରଜା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଚଳିତ ରବି ଋତୁରେ ଏହି ସମିତିକୁ ୨୭ ହଜାର ୪୦ କୁଇଣ୍ଟାଲ ଧାନ କିଣିବାକୁ ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଅବଧି ଜୁନ ୩୦ ମଧ୍ୟରେ ଶେଷ ହେଉଛି। ତେବେ ସମୟ ଶେଷ ହେବାକୁ ୩ ଦିନ ବାକିଥିବାବେଳେ ଅଦ୍ୟାବଧି ମାତ୍ର ୧୦ହଜାର ୬୨୫ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ପ୍ରାୟ ୧୬ ହଜାର କୁଇଣ୍ଟାଲ ଧାନ ଚାଷୀଙ୍କ ନିକଟରେ ଓ ମଣ୍ଡି ସମ୍ମୁଖରେ ପଡ଼ିରହିଛି। ସମିତି ଅଧୀନ ଶ୍ରୀଗଣେଶ ସ୍ୱୟଂସହାୟକ ଗୋଷ୍ଠୀକୁ ୧୫ ହଜାର କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ସେ ୭ ହଜାର କୁଇଣ୍ଟାଲ ଓ ଧବଳେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀକୁ ୨ ହଜାର ୩୧୦ କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ସେ ୧ହଜାର କୁଇଣ୍ଟାଲ କିଣିଛି। ଏ ସମ୍ପର୍କରେ ପାକ୍ସ ସମ୍ପାଦକ ସୁବାସ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ନିୟମିତଭାବେ ମିଲର ଧାନ ନେବା ପାଇଁ ଗାଡ଼ି ପଠାଉ ନ ଥିବାରୁ ସମସ୍ୟା ଉପୁଜୁଛି। ଆମେ ଜିଲା ଯୋଗାଣ ଅଧିକାରୀଙ୍କୁ ଅବଗତ କରିଛୁ। ସେ ଯାହା ପଦକ୍ଷେପ ନେବେ।

ସୂଚନାଯୋଗ୍ୟ, ଚାଷୀନେତା ଅଲେଖ ମଲ୍ଲିକ, ମନୋଜ ଦାସ, ଅଜୟ ନାୟକ, ଦେବେନ୍ଦ୍ର ପୃଷ୍ଟି, ଶଶଧର ବେହୁରିଆ, ରତିକାନ୍ତ ନାୟକ, ହର୍ଷ କୁମାର ବେହୁରିଆ ପ୍ରମୁଖ ଉକ୍ତ ସମିତିରେ ଚଳିତ ବର୍ଷ ଧାନ କିଣାକୁ ନେଇ ହେଉଥିବା ସମସ୍ୟା ସମ୍ପର୍କରେ ବିବିତାଙ୍କୁ ଅବଗତ କରିଥିଲେ।

# ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି ରାଷ୍ଟ୍ର ପାଇଁ ଅହିତକର

## ଅନ୍ତର୍ଜାତୀୟ ନିଶା ନିବାରଣ, ଅବୈଧ କାରବାର ନିଷେଧ ଦିବସ ପାଳିତ



ଅନ୍ତର୍ଜାତୀୟ ନିଶା ନିବାରଣ ଓ ଅବୈଧ କାରବାର ନିଷେଧ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

**ଯାଜପୁର ଟାଉନ,୨୭।୬ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):** ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜିଲା ସାମାଜିକ ସୁରକ୍ଷା ବିଭାଗ ଓ ଅବକାରୀ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ନିଶା ନିବାରଣ ଓ ଅବୈଧ କାରବାର ନିଷେଧ ଦିବସ ପାଳିତ ହୋଇଯାଇଅଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି, ପରିବାର, ସମାଜ ଓ ରାଷ୍ଟ୍ର ପାଇଁ ଅହିତକର ବୋଲି କହିଥିଲେ। ମଦ ଓ ମାଦକ ଦ୍ରବ୍ୟ ଯଥା: ଜର୍ଦା, ଗୁଟଖା, ଖଇନି, ଅଫିମ, ଗଞ୍ଜେଇ ଓ ବ୍ରାଉନସୁଗାର ଆଦି ମନୁଷ୍ୟର ଅମୂଲ୍ୟ ଜୀବନକୁ ଏବଂ ତାଙ୍କ ପରିବାରକୁ ଛାରଖାର କରିବା ସହ ରାଷ୍ଟ୍ରର ଅତୁଳନୀୟ କ୍ଷତି ଘଟାଇଥାଏ। ତେଣୁ ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ଆପଣେଇ ନିଶା ଦ୍ରବ୍ୟ ବ୍ୟବହାର ବର୍ଜନ କରି ପ୍ରଗତିଶୀଳ ସମାଜ ଗଠନରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ରମେଶ ମଲ୍ଲିକ ଯୋଗଦେଇ ନିଶା ଦ୍ରବ୍ୟର ଶିକାର ହେବାନାହିଁ ଏବଂ ପାରିପାର୍ଶ୍ୱିକ ଜନସାଧାରଣଙ୍କୁ ଏପରି କୁ ଅଭ୍ୟାସରେ ପଡ଼ିବାକୁ ଦେବାନାହିଁ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅବକାରୀ ଅଧୀକ୍ଷକ ଦିବ୍ୟ କିଶୋର ଟଣ୍ଡେଲ, ବ୍ରହ୍ମକୁମାରୀ ଅଧ୍ୟକ୍ଷା ବି.କେ. ଲକ୍ଷ୍ମୀ ଯୋଗଦେଇ ସମସ୍ତ ନିଶା ଦ୍ରବ୍ୟରୁ ବିରତ ରହି ଜୀବନରେକୁ ସଙ୍ଗରେ ନ ପଡ଼ି ସତ୍‌ସଙ୍ଗରେ ଯାଇ ଜୀବନକୁ ଗଢି ତୋଳିଲେ ଆନନ୍ଦମୟ ହେବ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର ଜିଲା ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ନିଶା ନିବାରଣ ଉପରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଆୟୋଜିତ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା।

ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା ଅଧ୍ୟକ୍ଷତା କରି ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳନର ଉଦ୍ଦେଶ୍ୟ, ନିଶା ଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ ଚାଲାଣର ପ୍ରତିରୋଧକ ପଦକ୍ଷେପ ଏବଂ ସମାଧାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ରାମମନ୍ଦିର ନିକଟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଗୌତମ ବୁଦ୍ଧ ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଅବକାରୀ ବିଭାଗ ଉପ ଅଧୀକ୍ଷକ ଅନିତା ଓଝା ଧନ୍ୟବାଦ ଦେଇଥିଲେ।

# ବିଲରେ ଭଙ୍ଗା ମଦ ବୋତଲ, ଚାଷୀ ଆହତ

■ଗ୍ରାମାଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି
■ଚାଷୀ ମହଲରେ ଉତ୍ତେଜନା

ପଟ୍ଟାମୁଣ୍ଡାଇ, ୨୭।୬(କଳ୍ପତରୁ ନାୟକ)


ବିଲରେ ଧାନ ତଳି ପଡୁଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ବନ୍ଦ ହେବାର ନାଁ ଧରୁନାହିଁ। ସନ୍ଧ୍ୟା ହେଲେ ଗ୍ରାମାଞ୍ଚଳର ବିଭିନ୍ନ ଛକ ସ୍ଥାନ ନିଶାଖୋରଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାବେଳେ ଅବକାରୀ ବିଭାଗର ନିଷ୍କ୍ରିୟତା ପାଇଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନିଶାଡିମାନେ ଖୋଲା ମେଲାରେ ମଦ ପିଇ ବୋତଲ ଭାଙ୍ଗି ବିଲବାଡିରେ ପକାଉଛନ୍ତି। କାଚ ଖଣ୍ଡ ପଡ଼ି ଜମିଗୁଡିକ ଚାଷ ଅନୁପଯୋଗୀ ହୋଇପଡ଼ିଛି। ଚାଷୀ ଚାଷ କରିବାକୁ ଯାଇ ବିପଦକୁ ଆମନ୍ତ୍ରଣ କରୁଛନ୍ତି। ଚାଷୀମାନେ ଏ ନେଇ ଦୀର୍ଘଦିନ ହେବ ଅଭିଯୋଗ କରିଆସୁଥିଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି ବୋଲି ସେମାନେ କହିଛନ୍ତି। ଯାହାକୁ ନେଇ ଧୀରେ ଧୀରେ ଚାଷୀ ମହଲରେ ଉତ୍ତେଜନା ସୃଷ୍ଟି ହୋଇଛି।

ଚାଷୀ ଦିଲୀପ ଜେନା କହିଛନ୍ତି, ବର୍ଷା ଆଗମନ ସହ ଚାଷକାର୍ଯ୍ୟ ପାଇଁ ପ୍ରସ୍ତୁତ ହେଇ ଗୁଣ୍ଡୁପୁର ଭେଡା ଜମିରେ ତଳିପକା ଯାଉଥିଲା। କାଦୁଅ ଜମି ସମତୁଲ କଲା ବେଳେ ପୋତି ହୋଇଥିବା ଭଙ୍ଗା ମଦ ବୋତଲରେ ପାଦ ପଡ଼ିଯିବାରୁ କଟି ଯାଇଥିଲା। ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ାରେ ଡାକ୍ତର ଚିକିତ୍ସା କଲା ପରେ ତାହା ଭଲ ହୋଇ ନ ଥିଲା। ବାଧ୍ୟ ହୋଇ କଟକ ବଡ ଡାକ୍ତରଖାନା ଯିବାରୁ ସେଠାରୁ କାଚ ଖଣ୍ଡ ପାଦରୁ ବାହାରି ଥିଲା। ଏବେ ଚିକିତ୍ସାଧୀନ ଅଛି। ଚଳିତ ବର୍ଷ ବିଲବାଡି ଚାଷ କିପରି ହେବ ଚିନ୍ତାରେ ପଡଛି। ଚାଷୀ ଦାଶରଥୀ ସାହୁ କହିଛନ୍ତି, ମୁଗ ବିଲରେ ମୁଗ ଅମଳ କରୁଥିବା ବେଳେ ହଠାତ ହାତରେ ଆଘାତ ଲଗିଲା। ଚାହୁଁ ଚାହୁଁ ରକ୍ତ ଜୁଡୁବୁଡୁ ହୋଇଗଲା। ଭଙ୍ଗା ମଦ ବୋତଲରେ ମୁଗ ବିଲରେ ପଡିଥିବାରୁ ହତ ବାଜି ପାପୁଲିରେ ଗହିରା ଆଘାତ ଲାଗିଥିଲା। ପ୍ରାୟ ଦେଢମାସ ଡାକ୍ତରୀ ଚିକିତ୍ସା ପରେ ଏବେ ସୁସ୍ଥ ଅଛି। କୃଷକ ନେତା ବିଜୟ ଦାସ କହିଛନ୍ତି, ଗାଁ ଗହଳିରେ ଚୋରା ମଦ କାରବାର ହେଉଥିବାବେଳେ ଖରାଦିନେ ମଦୁଆ ଫାଙ୍କା ସ୍ଥାନ ଭାବେ ବିଲରେ ବସି ମଦ ପିଅନ୍ତି। ଜମିରେ କୁଢ଼ କୁଢ଼ ମଦ ବୋତଲ ପଡିଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ କିପରି ଚାଷ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଏ ଦିଗରେ ପୂର୍ବରୁ ସ୍ଥାନୀୟ ଲୋକ ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା କୁହାଯାଉଛି। ଅବକାରୀ ବିଭାଗର ଅପାରଗତା ପାଇଁ ଚୋରା ମଦ ବିକ୍ରି ଦିଗରେ ଲଗାମ ଛଡ଼ା ନୀତି ଅବଲମ୍ବନ କରାଯାଉଛି। ଫଳରେ ଚୋରା ମଦ ବ୍ୟବସାୟୀମାନେ ବେଧଡ଼କ ମଦ ବିକ୍ରି କରୁଥିଲା ବେଳେ ପରିବେଶ ସୁରକ୍ଷା ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଉତିକଣ ଭେଡ଼ାରେ ବିଲ ବାଡିରେ ମଦ ବୋତଲ ପଡୁଛି । ଚାଷୀ ଚାଷ କରିବାରେ ବହୁ ଅସୁବିଧା ସୃଷ୍ଟି ହେଉଛି। ପ୍ରଶାସନ ଚାଷ ଜମିଗୁଡିକର ସୁରକ୍ଷା ଦିଗରେ ଦୃଷ୍ଟି ଦେବା ସହ ଅବକାରୀ ନିୟମ ମୁତାବକ ମଦ ବିକ୍ରି ଓ ମଦ୍ୟପାନ ଦିଗରେ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି।


@ ସିପୁ


@ ଦୁର୍ଯ୍ୟୋଧନ


@ ପ୍ରଣତି


@ ବନ୍ଦନା

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com
ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜିର ସଫଳତା ଭବିଷ୍ୟତ ପାଇଁ ପ୍ରେରଣା

ପାରାଦୀପ,୨୭।୬(ଶରତ ରାଉତ)

## ୮୮ କଳାକାର, କ୍ରୀଡ଼ାବିତ୍ ସମ୍ମାନିତ

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସମ୍ମାନିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୮୮ ଜଣ କଳାକାର ଓ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ଏବଂ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ପାରାଦୀପ ବନ୍ଦର କର୍ମଚାରୀ ଓ ବନ୍ଦର ବ୍ୟବହାରକାରୀ ସଂସ୍ଥାର କର୍ମଚାରୀ ଏବଂ ସେମାନଙ୍କ ପରିବାର ୨୦୨୪-୨୫ ବର୍ଷରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଅବସରରେ ସର୍ବଭାରତୀୟ ବୃହତ୍ ବନ୍ଦର ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆଞ୍ଚଳିକ ଭାଷା ସଂସ୍କୃତି ଉପରେ କାର୍ଯ୍ୟକ୍ରମ ହୋଇଥିଲା। ସେଥିରେ ୮୮ ଜଣ ଉତ୍କୃଷ୍ଟ ଖେଳ ଓ କଳା ପ୍ରଦର୍ଶନ କରିଥିଲେ। ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ଆୟୋଜିତ ହୋଇଥିବା ବିଭିନ୍ନ କୀଡ଼ାରେ ଉପରୋକ୍ତ ଖେଳାଳିମାନେ ସଫଳତା ପାଇଥିଲେ। ଏନେଇ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଯୋଗଦେଇ କହିଥିଲେ, ସମସ୍ତଙ୍କ ନିକଟରେ ସ୍ୱତନ୍ତ୍ର ପ୍ରତିଭା ଅଛି। ଆଜିର ଏହି ସଫଳ କ୍ରୀଡାବିତ୍‌ଙ୍କୁ ଦେଖି ପିଲାମାନେ ଅନୁପ୍ରାଣିତ ହେବେ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଫିକ୍ ପରାମର୍ଶଦାତା ଏ.କେ ବୋଷ୍ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିକେଏସ୍ ସଭାପତି ଡି.ଏନ୍. ସୋଦ୍ଧି, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗାପ୍ରସାଦ ସେଠୀ ଓ ଅନ୍ୟମାନେ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

# ନିଶାଦ୍ରବ୍ୟଠାରୁ ଦୂରରେ ଅର୍ଥ ସୁସ୍ଥ ସମାଜ ଗଠନ


ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ବାହାରିଥିବା ଶୋଭାଯାତ୍ରା।

କେନ୍ଦ୍ରାପଡା, ୨୭।୬ (ଜଗନ୍ନାଥ ଧଳ)

ନିଶା କାରବାର ସାରା ବିଶ୍ୱରେ ଅସ୍ୱସ୍ତି ପରିବେଶ ସୃଷ୍ଟି କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ୨୦୨୨ ତଥ୍ୟ ଅନୁଯାୟୀ ବିଶ୍ୱରେ ୧୫ରୁ ୬୪ ବର୍ଷ ମଧ୍ୟରେ ଥିବା ୫.୬ ପ୍ରତିଶତ ବ୍ୟକ୍ତି ଏବେ କେବଳ ଡ୍ରଗ୍‌ସ କବଳରେ ପଡ଼ିଛନ୍ତି। ଏହି ୨୯ କୋଟି ୨୦ ଲକ୍ଷ ମଧ୍ୟରୁ ୬ କୋଟି ୪୦ ଲକ୍ଷ ଲୋକ ଅତି ଗମ୍ଭୀର ରୋଗରେ ପଡ଼ି ହନ୍ତସନ୍ତ ହେଉଛନ୍ତି। ପ୍ରାୟ ୧କୋଟି ୪୮ ଲକ୍ଷ ଲୋକ ଡ୍ରଗସକୁ ଇଞ୍ଜେକସନ ଆକାରରେ ଗ୍ରହଣ କରୁଥିବାବେଳେ ୧୫.୨ ପ୍ରତିଶତ ଏଚଆଇଭି ୩୮.୮ ପ୍ରତିଶତ ହେପାଟାଇଟିସ ରୋଗରେ ପୀଡିତ ହେଉଛନ୍ତି। ଡ୍ରଗ୍‌ସ ସେବନ ଦ୍ୱାରା ଦେଶର ୨ ପ୍ରତିଶତ ଜିଡିପି ହ୍ରାସ ହେବା ସହିତ ସ୍ୱାସ୍ଥ୍ୟ, ଆଇନଶୃଙ୍ଖଳା ଓ ସାମାଜିକ ବ୍ୟବସ୍ଥା ବିଗିଡି ଯାଉଛି। ଡ୍ରଗ୍‌ସଠାରୁ ଦୂରେଇ ରହିଲେ ସୁସ୍ଥ ସମାଜ ଓ ଦେଶ ଗଠନ ହୋଇପାରିବ। ଏହାକୁ ଭିତ୍ତିକରି ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ବିଭାଗ ଓ ଅବକାରୀ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରା ଚାଲାଣ ନିରୋଧୀ ଦିବସ ପାଳନ କରାଯାଇଛି। ଏହାକୁ ନେଇ ଟାଉନ ହଲଠାରେ ଏକ ସଚେତନତା ସଭା ଗୁରୁବାର ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଉପଜିଲାପାଳ ଅରୁଣ କୁମାର ନାୟକ, ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ କୁମାର ପ୍ରହରାଜ, ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରିୟଦର୍ଶିନୀ, ଜିଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ପ୍ରଜାପିତା ବ୍ରହ୍ମାକୁମାରୀର ସଂଯୁକ୍ତା ରଥ ଆଲୋଚକ ଭାବେ ଯୋଗ ଦେଇଥିଲେ। ଚଳିତବର୍ଷ ଦିବସ ବିଷୟ ଗତାନୁଗତିକ ଧାରାକୁ ଭାଙ୍ଗିବା ଓ ସଂଯୋଜିତ ଅପରାଧୀଙ୍କୁ ରୋକିବା ସମ୍ପର୍କରେ ସେମାନେ ମତ ରଖିଥିଲେ। ଆଲୋଚକମାନେ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ, ଅପମିଶ୍ରିତ, ବିଷାକ୍ତ ଓ ଚୋରାରେ ମିଳୁଥିବା ନିଶାଦ୍ରବ୍ୟ ରୋକିବାକୁ ଗୁରୁତ୍ୱ ଦେଇଥିଲେ। ଏହି ସଭା ପୂର୍ବରୁ ଏକ ସଚେତନତା ରାଲି ସକାଳ ୮ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିଥିଲା। ଏହି ରାଲି ଓ ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ୨ଟି ବିଭାଗର କର୍ମଚାରୀମାନେ ପରିଚାଳନା କରିଥିଲେ।

# ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିକୁଦା,୨୭।୬(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଅନ୍ତର୍ଗତ ଅନନ୍ତପୁର ଫାଣ୍ଡି ଅଞ୍ଚଳର ଶାଶୁଘରୁ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଏନେଇ ବାଲିକୁଦା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୫) ରୁଜୁ କରାଯାଇଛି। ମୃତା ହେଉଛନ୍ତି ଅନନ୍ତପୁର ଫାଣ୍ଡି ଅନ୍ତର୍ଗତ ଅନନ୍ତପୁର ଗାଁର ରୁଷିନାଥ ହାତୀଙ୍କ ଝିଅ ବନିତା(୨୦)। ଗତ ୬ ମାସ ତଳେ ବନିତାଙ୍କ ବିବାହ ସ୍ଥାନୀୟ ମାଳଗଡ଼ ଗାଁର କୁଶଳ ସାହୁଙ୍କ ପୁଅ ସୁବୁନାଙ୍କ ସହ ହୋଇଥିଲା। ଶ୍ୱଶୁର ଓ ସ୍ୱାମୀ କଟକରେ ରହୁଥିବା ବେଳେ ମାଳଗଡ଼ସ୍ଥିତ ଶାଶୁଘରେ ବନିତା ରହୁଥିଲେ। ସ୍ୱାମୀ ରଜରେ ଗାଁକୁ ଆସି ଘରେ ରହୁଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ପଡ଼ୋଶୀଙ୍କ ଏକ ନୂଆ ଚାରିଚକିଆ ଗାଡ଼ି ପୂଜା ପାଇଁ ଯାଉଥିବା ବେଳେ ବନିତା ସେମାନଙ୍କ ସହ ଯିବାକୁ ମନ କରିଥିଲେ। ବୋଧହୁଏ ସ୍ୱାମୀ ଏହାକୁ ବିରୋଧ କରିଥିଲେ। ସେହି କାରଣରୁ ବନିତା ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି।

# ଟେଲିଫୋନ ଉପଦେଷ୍ଟା କମିଟି ସଦସ୍ୟ ହେଲେ ଅଭିମନ୍ୟୁ

କେନ୍ଦ୍ରାପଡ଼ା, ୨୭।୬ (ଜଗନ୍ନାଥ ଧଳ)



ଭାଜପାର କେନ୍ଦ୍ରାପଡ଼ା ଜିଲା ଉପସଭାପତି ଅଭିମନ୍ୟୁ ଗୋଛାୟତଙ୍କୁ କଟକ ଟେଲିଫୋନ ଉପଦେଷ୍ଟା କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଭାରତ ସରକାରଙ୍କ ସଞ୍ଚାର ମନ୍ତ୍ରାଳୟ ଅନ୍ତର୍ଗତ ଦୂରସଞ୍ଚାର ବିଭାଗ ପକ୍ଷରୁ ଗତ ୯ ତାରିଖରେ ପ୍ରକାଶିତ ଏକ ବିଜ୍ଞପ୍ତି ଆସନ୍ତା ୨୦୨୬ ଜୁଲାଇ ୧୩ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିବେ ବୋଲି ସୂଚନା ଦିଆଯାଇଛି। ଭାଜପା ନେତା ଗୋଛାୟତ ପୂର୍ବରୁ ଜିଲା ଆଇଟି ସଂଯୋଜକ, ଜିଲା ସାଧାରଣ ସମ୍ପାଦକ ଓ ଜିଲା ସହ ନିର୍ବାଚନ ଅଧିକାରୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ସହ ବର୍ତ୍ତମାନ ଜିଲା ଉପସଭାପତି ଭାବେ କାର୍ଯ୍ୟ ତୁଲାଉଛନ୍ତି। ତାଙ୍କର ଏହି ନିଯୁକ୍ତି ପାଇଁ ସାଧାରଣରେ ଖୁସି ପ୍ରକଟ ସହ ଶୁଭେଚ୍ଛା ମିଳିଛି।

# ରେଡୁଆ ବିସି କଲେଜରେ ଯୁକ୍ତ ୩ ବିଜ୍ଞାନ ଖୋଲିବା ପାଇଁ ବିଜ୍ଞପ୍ତି

ରଘୁନାଥପୁର,୨୭।୬(ରାଜେନ୍ଦ୍ର ନାରାୟଣ ସିଂହ)




ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଡୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଯୁକ୍ତ୩ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉଚ୍ଚଶିକ୍ଷା ବିଭାଗ ପତ୍ର (ସଂଖ୍ୟା ନଂ.୩୩୪୮୧/ ୨୫।୬।୨୦୨୫)ଅନୁଯାୟୀ, ଏ ସମ୍ପର୍କରେ ସମସ୍ତ ବିଭାଗକୁ ଅବଗତ କରାଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଖୁସିର ବାତାବରଣ ଖେଳିଯାଇଛି। ସୂଚନାଯୋଗ୍ୟ, ଦୀର୍ଘବର୍ଷ ଧରି ଆଞ୍ଚଳିକ ବିକାଶ ପରିଷଦ ରେଡୁଆ ଓ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ସାମାଜିକ କର୍ମୀଙ୍କ ପକ୍ଷରୁ କଲେଜରେ ଯୁକ୍ତ୩ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ଦାବି ହୋଇଆସୁଥିଲା। ଏନେଇ ବିଭିନ୍ନ ସମୟରେ ଆନ୍ଦୋଳନ ଓ ସତ୍ୟାଗ୍ରହ ମଧ୍ୟ କରାଯାଇଥିଲା। ଶେଷରେ ସରକାର ଜନତାଙ୍କ ଦାବି ଗ୍ରହଣ କରିଥିବାରୁ ବିକାଶ ପରିଷଦର କର୍ମକର୍ତ୍ତା, କଲେଜ ପ୍ରତିଷ୍ଠାତା ସଦସ୍ୟ ଓ କର୍ତ୍ତୃପକ୍ଷ ଏବଂ ଅଞ୍ଚଳବାସୀଙ୍କ ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡା କହିଛନ୍ତି, ଅନୁମୋଦନ ମିଳିଛି। ଏବେ ଯୁକ୍ତ୩ ବିଜ୍ଞାନ ଶ୍ରେଣୀ ଖୋଲାଯିବା ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଆଳି,୨୭।୬(ବନମାଳୀ ସେନାପତି)

ଚଳିତ ଥର ପ୍ରକାଶ ପାଇଥିବା ମିଟ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଅଟାଳ ପଞ୍ଚାୟତ ଧନେଶ୍ୱରପୁର ଗ୍ରାମର ଭ୍ରମରବର ନାୟକଙ୍କ ଝିଅ ସୁଧାଂଶୁବାଳା ନାୟକଙ୍କୁ ମା' ଚକ୍ରବାସୁଳି ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କମିଟିର ସଭାପତି ସୁବାସ ଚନ୍ଦ୍ର ବଳ ଓ ସମ୍ପାଦକ ଅମିୟ ରଞ୍ଜନ ଦାସ କୃତିତ୍ୱ ଅର୍ଜନ କରିଥିବା ସୁଧାଂଶୁବାଳାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଗ୍ରାମର ବିଶ୍ୱରଞ୍ଜନ ରାଉତ, ଭରତ ରାଉତ, ସଞ୍ଜୟ ପାତ୍ର, ପୀତାମ୍ବର ଦାସ, ଉମେଶ ଦାସ, ଚିନ୍ତାମଣି ଦାସ, ଘନଶ୍ୟାମ ରାଉତ ମହେଶ୍ୱର ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଡେରାବିଶ ସାଂସ୍କୃତିକ ସଙ୍ଗଠନର ପ୍ରତିଷ୍ଠା ଉତ୍ସବ


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଡେରାବିଶ, ୨୭।୬ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ସାଂସ୍କୃତିକ ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଡେରାବିଶ ମହୋତ୍ସବ ଦୀର୍ଘ ୧୩ ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି। ଅଞ୍ଚଳର ପ୍ରାଚୀନ ଐତିହ୍ୟ, ସଂସ୍କୃତି ଓ ବୈଭବକୁ ମହୋତ୍ସବ ସୁଦୃଢ଼ କରିଛି ବୋଲି ଶୁକ୍ରବାର ଡେରାବିଶ ସାଂସ୍କୃତିକ ସଙ୍ଗଠନର ପ୍ରତିଷ୍ଠା ଉତ୍ସବ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଙ୍ଗଠନ ଉପସଭାପତି ମହେନ୍ଦ୍ର କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ସାମଲ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଇଚାରା ଓ ଡେରାବିଶ ସମେତ ଜିଲାର ଲୋକକଳାକୁ ଏହି ମହୋତ୍ସବ ରଖିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡେରାବିଶ ପଂଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ମହୋତ୍ସବ ସମଗ୍ର ଜିଲାରେ ସାଧାରଣରେ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରଭାକର ସାମଲ ଓ ଗୋଲଖ ଚନ୍ଦ୍ର ମହାଭୋଇ ଯୋଗଦେଇଥିଲେ। ଏହି ଅବସରରେ ସିବିଏସସି ମାଟ୍ରିକ ପରିକ୍ଷାରେ ବ୍ଲକ ଟପ୍ପର ହୋଇଥିବା କୃତୀ ଛାତ୍ରୀ ଜିହାନ୍ ତନଜିମ୍ ଖାନ୍ ଏବଂ ମାଟ୍ରିକ ପରୀକ୍ଷାରେ ଡେରାବିଶ ହାଇସ୍କୁଲ ଟପ୍ପର ହୋଇଥିବା କୃତୀ ଛାତ୍ରୀ ମନିସା କରଙ୍କୁ ସଙ୍ଗଠନ ପକ୍ଷରୁ ମାନପତ୍ର ଓ ଉତ୍ତୋରୀୟ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ପ୍ରାରମ୍ଭରେ ସଙ୍ଗଠନ କର୍ମକର୍ତ୍ତା ଆଇନଜୀବୀ ଶାନ୍ତିସ୍ୱରୂପ ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଙ୍ଗଠନ ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସଙ୍ଗଠନ କର୍ମକର୍ତ୍ତା ତ୍ରିଲୋଚନା ରାଉତ ଧନ୍ୟବାଦ ଦେଇଥିଲେ। ଏଥିରେ ସଙ୍ଗଠନ କର୍ମକର୍ତ୍ତା ସଚ୍ଚିଦାନନ୍ଦ ରଥ, ଗୌରାଙ୍ଗ ସାହୁ, ରାମଚନ୍ଦ୍ର ରାଉତ, ସାହାଜାହାନ ଖାନ୍, ସରୋଜ କୁମାର ଦାଶ, ମଦନମୋହନ ମହାନ୍ତି, ପୂର୍ଣ୍ଣାନନ୍ଦ ବେହେରା, ନିତ୍ୟାନନ୍ଦ ଦ୍ୱିବେଦୀ, ଖୁର୍ସିଦ ଆଲମ ଖାଁ, ଅନୁପ କୁମାର ରାଉତ, ପ୍ରଭାକର ଲେଙ୍କା, ଧରଣୀଧର ପ୍ରଧାନ ଓ ମରୁତ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟ ସରକାର ନ ଶୁଣିଲେ ପାର୍ଲାମେଣ୍ଟରେ ଉଠିବ ଢିଙ୍କିଆ ପ୍ରସଙ୍ଗ

## ପିସିସିର ପରିବେଶ ପ୍ରଦୂଷଣ, ବିସ୍ଥାପନ, ଜୀବିକା ଅନୁଧ୍ୟାନ କମିଟିର ଢିଙ୍କିଆ ଗସ୍ତ

କୁଜଙ୍ଗ,୨୭।୬(ମନୋଜ ପ୍ରଧାନ)


ପିସିସିର ପରିବେଶ ପ୍ରଦୂଷଣ, ବିସ୍ଥାପନ, ଜୀବିକା ଅନୁଧ୍ୟାନ କମିଟିର ସଦସ୍ୟମାନେ ଢ଼ିଙ୍କିଆ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

କଂଗ୍ରେସର ପରିବେଶ ପ୍ରଦୂଷଣ, ବିସ୍ଥାପନ ଓ ଜୀବିକା ଅନୁଧ୍ୟାନ କମିଟି ଗୁରୁବାର ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ଓ ବାଲିତୁଠ ଅଞ୍ଚଳ ଗସ୍ତ କରିଛି। ଏହି କମିଟି ଶିଳ୍ପ ଯୋଗୁ କ୍ଷତିଗ୍ରସ୍ତ ହୋଇ ଜୀବିକା ହରାଇଥିବା, ଜଙ୍ଗଲ ଅଧିକାରରୁ ବଞ୍ଚିତ ଓ ପୋଲିସ ପ୍ରଶାସନର ନିର୍ଯାତନାର ଶିକାର ହୋଇଥିବା ଲୋକଙ୍କ ବିଷୟରେ ପଚାରି ବୁଝିଥିଲେ। ବହୁ ପୁରୁଷ ଧରି ଜଙ୍ଗଲ ଜମିରେ ବସବାସ କରି ଜୀବିକା ନିର୍ବାହ କରୁଥିବା ଲୋକଙ୍କୁ ସରକାର ଜବରଦସ୍ତ ଉଚ୍ଛେଦ କରି ବେସାହାରା କରିଦେଇଛି ବୋଲି ଜନସାଧାରଣ ଅଭିଯୋଗ କରିଥିଲେ।

ପ୍ରଦେଶ କଂଗ୍ରେସ ପକ୍ଷରୁ ବିଧାୟକ ଅଶୋକ ଦାସଙ୍କ ନେତୃତ୍ୱରେ ଆସିଥିବା କମିଟିର ସଦସ୍ୟମାନେ ପ୍ରଥମେ ଢ଼ିଙ୍କିଆର ଫୁଲଖାଇ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ସେଠାରେ ଉପସ୍ଥିତ ଜନସାଧାରଣଙ୍କ ନିକଟରୁ ଆପତ୍ତି ଅଭିଯୋଗ ଶୁଣିଥିଲେ। ଶିଳ୍ପ ବିରୋଧୀ ନେତା ଦେବେନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାବେଶରେ ପ୍ରଦୀପ ଶତପଥୀ, ଭ୍ରମରବର ଦାସ, ଶାନ୍ତି ଦାସ ପ୍ରମୁଖ ଯୋଗଦେଇଥିଲେ। ଏବିଷୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ଅବଗତ କରାଯିବା ସହ ବିଧାନସଭାରେ ଉଠାଯିବ ବୋଲି କମିଟି ସଦସ୍ୟ କହିଥିଲେ। ଯଦି ରାଜ୍ୟ ସରକାର କିଛି ପ୍ରତିକାର ନ କରନ୍ତି ତେବେ ପାର୍ଲାମେଣ୍ଟରେ ରାହୁଲ ଗାନ୍ଧୀ ଏବିଷୟ ଉଠାଇବେ ବୋଲି କମିଟିର ଅଧ୍ୟକ୍ଷ ତଥା ବିଧାୟକ ଅଶୋକ ପ୍ରତିଶ୍ରୁତି ଦେଇଥିଲେ। ସଭ୍ୟ ସୁଧାଂଶୁ ଶେଖର ଦେଓ ଜଙ୍ଗଲ ଆଇନ ବିଷୟରେ କହିବା ସହ କଂଗ୍ରେସ ଦଳ ଜନସାଧାରଣଙ୍କ ପାଇଁ ଲଢ଼େଇ କରିବ ବୋଲି କହିଥିଲେ। କମିଟିର ଏହି ଗସ୍ତ ସମୟରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ନେତା ନଳିନୀ ସ୍ୱାଇଁ, ସଦସ୍ୟ, ମାଗୁଣି ଜେନା, ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକ, ଜଗତ୍‌ସିଂହପୁର ପୂର୍ବତନ ପୌରପାଳ ବିପ୍ଳବ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମେଡିକାଲ କଲେଜ ତାଲିକାରେ ନୟାଗଡ଼ ନାଁ ନାହିଁ

**ନୟାଗଡ଼,୨୭।୬(ଲୋକନାଥ ମିଶ୍ର):**

ନୟାଗଡ଼ରେ ମେଡିକାଲ କଲେଜ ସ୍ଥାପନ ଦାବି ବହୁ ଦିନରୁ ହୋଇ ଆସୁଛି । ତେବେ ମେଡିକାଲ କଲେଜ କରିବାକୁ ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ରାଜ୍ୟରେ ଗୋଟିକ ପରେ ଗୋଟିଏ ଏପରି ୯ଟି ମେଡିକାଲ କଲେଜ କରିବା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ହେଲେ ସେହି ତାଲିକାରେ ନୟାଗଡ଼ର ନାଁ ନାହିଁ। ନୟାଗଡ଼ରେ କାହିଁକି ମେଡିକାଲ କଲେଜ କରିବାକୁ ସରକାର ପଦକ୍ଷେପ ନେଉ ନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାହାଡିଆ ଜିଲା ନୟାଗଡ଼ରେ ତିନି ଶିଳ୍ପରେ ତାଲା ଝୁଲିବା ପରେ ଶିଳ୍ପ ତାଲିକାରୁ ନୟାଗଡ଼ ବାଦ୍ ପଡିଛି । ଏଭଳି ସ୍ଥଳେ ଭୁବନେଶ୍ୱରରୁ ନୟାଗଡ଼ ଜିଲାର ବାଣିଗୋଛା ପର୍ଯ୍ୟନ୍ତ ପ୍ରାୟ ୧୭୦ କିମି ପରିସୀମା ମଧ୍ୟରେ ମେଡିକାଲ କଲେଜ ନାହିଁ। ଅଥଚ ସରକାର ନୟାଗଡ଼ରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲାରେ ୪ ବିଧାନସଭା ଓ ୩ ଲୋକସଭା ନିର୍ବାଚନ ମଣ୍ଡଳୀ ଅଛି । ୩ ଲୋକସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ପୁରୀ, କଟକ ଓ କନ୍ଧମାଳରେ ଶାସକ ଦଳର ଏମ୍‌ପି ଅଛନ୍ତି । ପୁଣି ପୁରୀ ଏମ୍‌ପି ଭାଜପା ଦଳର ରାଷ୍ଟ୍ରୀୟ ପ୍ରବକ୍ତା । ଅନ୍ୟପକ୍ଷେ ୪ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ରଣପୁର ଓ ଖଣ୍ଡପଡ଼ା ଶାସକ ଦଳ ଭାଜପା ଦଖଲରେ ଥିବାବେଳେ ନୟାଗଡ଼ ଓ ଦଶପଲ୍ଲା ବିଜେଡି ଦଖଲରେ ଅଛି । ନୟାଗଡ଼ ବିଧାୟକ ଅରୁଣ ସାହୁ ରାଜ୍ୟ ରାଜନୀତିରେ ଜଣେ ଆଗଧାଡିର ନେତା ଥିବାବେଳେ ରଣପୁର ବିଧାୟକ ବାଚସ୍ପତି ଅଛନ୍ତି । ପୁଣି ଖଣ୍ଡପଡ଼ା ବିଧାୟକଙ୍କ ଦବଦବା ବି ରହିଛି । ଦଶପଲ୍ଲା ବିଧାୟକ

- ଦାବି ତ୍ୱରାନ୍ୱିତ ହେଉ ନ ଥିବାରୁ ବଢ଼ୁଛି ଅସନ୍ତୋଷ
- ଭୁବନେଶ୍ୱରଠାରୁ ନୟାଗଡ଼ ମଧ୍ୟରେ ନାହିଁ ମେଡିକାଲ କଲେଜ

ବିରୋଧି ଦଳରେ ଥିଲେ ବି ତାଙ୍କ ସ୍ୱର ଶାଣିତ । ପୁଣି ମୁଖ୍ୟମନ୍ତ୍ରୀ ୩ ଥରରୁ ଊର୍ଦ୍ଧ୍ୱ ନୟାଗଡ଼ ଜିଲା ଗସ୍ତ କରି ଫେରିଛନ୍ତି। ଏହାପରେ ବି ଜିଲାବାସୀଙ୍କ ଦାବି ରାଜ୍ୟ ସରକାରଙ୍କ ନିକଟରେ ପହଞ୍ଚି ପାରୁନାହିଁ। ସରକାର ୩୦ଟି ଜିଲାରେ ଯଦିଓ ମେଡିକାଲ କଲେଜ କରିବୁ ବୋଲି ଘୋଷଣା କରିଛନ୍ତି ତେବେ ୯ ମେଡିକାଲ କଲେଜ ତାଲିକାରେ କାହିଁକି ନୟାଗଡ଼ ନାଁ ନାହିଁ ସେ ସଂକ୍ରାନ୍ତରେ ଚର୍ଚ୍ଚା ଜୋର ଧରିଛି।

ପୂର୍ବରୁ ଅନେକ ଥର ମେଡିକାଲ କଲେଜ ପାଇଁ ଦାବି ହୋଇ ଆସିଛି ଓ ଆନ୍ଦୋଳନ ହୋଇଛି । ଏପରି କି ବିଜେଡି ପକ୍ଷରୁ ମଧ୍ୟ ଆନ୍ଦୋଳନ କରାଯାଇଛି। ୨୦୨୪ ଜୁନ ୧୨ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଆବାହକତ୍ୱରେ ମେଡିକାଲ କଲେଜ ଦାବିରେ ଗଣଧାରଣା ଦିଆଯାଇଥିଲା । ଏଥିରେ ବିଭିନ୍ନ ଦଳର ରାଜନେତା ସାମିଲ ହୋଇଥିଲେ । ଅପରପକ୍ଷେ ନୟାଗଡ଼ ଜିଲା ଏକ ସଂକ୍ରାମକ ପ୍ରବଣ ଅଞ୍ଚଳ । ଆଖପାଖ ଅଞ୍ଚଳ ପାହାଡିଆ ହୋଇଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଛି । ବାଣିଗୋଛାଠାରୁ ଭୁବନେଶ୍ୱର ମଧ୍ୟରେ ମେଡିକାଲ କଲେଜ ନ ଥିବାରୁ ନୟାଗଡ଼ରେ ମେଡିକାଲ କଲେଜ ହେଲେ ଲକ୍ଷାଧିକ ଲୋକ ଉପକୃତ ହେବେ । ଏଣୁ ନୟାଗଡ଼ ଜିଲାର ଦାବିକୁ ଅଣଦେଖା କରା ନ ଯାଉ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି ।

ଏ ସଂକ୍ରାନ୍ତରେ ସିପିଏମ୍ ନେତା ବିଶ୍ୱନାଥ ମହାପାତ୍ର କୁହନ୍ତି, ମେଡିକାଲ କଲେଜ ପାଇଁ ନୟାଗଡ଼ ଉପଯୁକ୍ତ ସ୍ଥାନ। ହେଲେ ସରକାର ଏହାକୁ ଗୁରୁତ୍ୱ ଦେଉ ନ ଥିବାରୁ ଅସନ୍ତୋଷ, ଉଦ୍‌ବେଗ ବଢ଼ୁଛି। ଆଗାମୀ ଦିନରେ ଆମକୁ ଆନ୍ଦୋଳନ କରିବାକୁ ପଡିବ ବୋଲି ସେ କହିଛନ୍ତି । କଂଗ୍ରେସ ନେତା ରଣଜିତ ଦାଶ କୁହନ୍ତି, ଆମ ଜିଲାର ବିଧାୟକ ଓ ଏମ୍‌ପିମାନେ ମେଡିକାଲ କଲେଜ ଦାବିକୁ ତ୍ୱରାନ୍ୱିତ କରିବା ଦରକାର । ହେଲେ ସେମାନଙ୍କ ପକ୍ଷରୁ ଦାବି କରାଗଲା ପରି ମନେ ହେଉନି । ଜୟ ଫାଉଣ୍ଡେଶନ ପ୍ରତିଷ୍ଠାତା ଶେଖ୍ ଅବଦୁଲ୍ ଆହାଦ୍, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ, ସାମାଜିକ କର୍ମୀ ଶାନ୍ତନୁ ବିଶୋଇ କୁହନ୍ତି, ମେଡିକାଲ କଲେଜ ଦାବି ପୂରଣ ପାଇଁ ଅନ୍ଦୋଳନ କରିବା ଦରକାର । ଏଥିପାଇଁ ପ୍ରସ୍ତୁତି ଜାରି ରହିଛି । ଭାଜପା ଜିଲା ସଭାପତି ତାପସ ରଞ୍ଜନ ମାର୍ଥା କୁହନ୍ତି, ନୟାଗଡ଼ରେ ମେଡିକାଲ କଲେଜ ସ୍ଥାପନ ପାଇଁ ସରକାର ଘୋଷଣା କରି ସାରିଛନ୍ତି । ହେଲେ ଆମ ଜିଲାରେ ଏହା କିପରି ଶୀଘ୍ର ହେବ ସେଥିପାଇଁ ଆମେ ଉଦ୍ୟମ ଜାରି ରଖିଛୁ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସିପୁ



@ ଦୁର୍ଯ୍ୟୋଧନ



@ ପ୍ରଣତି



@ ବନ୍ଦନା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମ୍ବିଧାନ ହତ୍ୟା ଦିବସ ପାଳିତ




ସମ୍ବିଧାନ ହତ୍ୟା ଦିବସ ସଭାରେ ମଞ୍ଚାସୀନ ଅତିଥି ।

**ଖଣ୍ଡପଡ଼ା,୨୭।୬(ଅଜୟ କୁମାର ମହାରଣା):**

୨୫ ଜୁନ ୧୯୭୫ରେ ଭାରତରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଭାରତରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ । ଏହି ଦିବସକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋସ୍ଥିତ ନୀଳମାଧବ ମହାବିଦ୍ୟାଳୟରେ ବୁଧବାର ସମ୍ବିଧାନ ହତ୍ୟା ଦିବସ ଅନୁଷ୍ଠାନର ଅଧ୍ୟକ୍ଷା ଡ଼.ନନ୍ଦିତା ବାରିକଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଭାତ କୁମାର ବେହେରା, ହୃଷିକେଶ ମିଶ୍ର, ସୁମନ୍ତ କୁମାର ଜେନା, ଡ଼ ନିରୋଦ କୁମାର ମନ୍ତ୍ରୀ, ଅଧ୍ୟାପିକା ସରଳା ବେହେରା ପ୍ରମୁଖ ଯୋଗ ଦେଇ ୧୯୭୫ମସିହା ଜୁନ ୨୫ ତାରିଖରେ ନାଗରିକମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଡ଼ ନିରୋଦ କୁମାର ମନ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସରଳା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ଜାତୀୟ ସଙ୍ଗୀତ ଗାନ କରାଯାଇ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା ।

# ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ନୂଆଗାଁ,୨୭।୬(ଧନେଶ୍ୱର ସାହୁ):**

ନୟାଗଡ଼ ଜିଲା ଚାଇଲଡ ହେଲ୍ପଲାଇନ ପକ୍ଷରୁ ଶୁକ୍ରବାର ନୂଆଗାଁ ବ୍ଲକ ବାଲୁଗାଁ ଚଣ୍ଡି ହାଇସ୍କଲ ଓ ମାଳିସାହି ଗଡିଶ୍ୱର ବିଦ୍ୟାପୀଠରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ । ବିଶେଷ କରି ବାଲ୍ୟ ବିବାହ , ଶିଶୁ ଚାଲଣ, ଶିଶୁ ଶ୍ରମିକ , ଶିଶୁର ସହାୟତା , ଶିଶୁ ସୁରକ୍ଷା ଓ ଶିଶୁର ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା । ଶିଶୁମାନେ ନିଜ ମୌଳିକ ସୁବିଧାରୁ ବଞ୍ଚିତ ହେଲେ କିମ୍ବା କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଜିଲା ଚାଇଲ୍ଡ ହେଲ୍ପ ଲାଇନ ୧୦୯୮କୁ ଫୋନ କରିବା ପାଇଁ ସଚେତନ କରାଯାଇଥିଲା । ଜନ୍ମଠାରୁ ୧୮ ବର୍ଷ ଶିଶୁମାନଙ୍କ ପାଇଁ ସରକାର କେଉଁ ଯୋଜନାମାନ କରିଛନ୍ତି ସେ ବିଷୟରେ ଅବଗତ କରାଯାଇଥିଲା । ଜିଲାରେ ବାଲ୍ୟ ବିବାହ କିପରି ରୋକାଯାଇ ପାରିବ ସେନେଇ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ଶିଶୁମାନଙ୍କୁ ଅଣଦେଖା ନ କରି ସେମାନଙ୍କ ସମସ୍ୟା ଓ ମୌଳିକ ଅଧିକାର ପ୍ରତି ସଚେତନ ହେବା ପାଇଁ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ୟୁନିଟର ଆନୁଷ୍ଠାନିକ ଯତ୍ନ ଅଧିକାରୀ ସତ୍ୟ ରଞ୍ଜନ ଦାସ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ । ଜିଲା ଚାଇଲଡ ହେଲ୍ପ ଲାଇନ ସୁପରଭାଇଜର ବିଭୂତି ଭୂଷଣ ବେହେରା ଓ ଉତ୍ତମ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜଟଣୀ ଟିମ୍ ଫାଇନାଲରେ

## -ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

**ଓଡ଼ଗାଁ,୨୭।୬(ଆଦର୍ଶ କୁମାର ପଟ୍ଟନାୟକ):**

ନୟାଗଡ଼ ଜିଲା ଓଡ଼ଗାଁ ମିନି ଷ୍ଟାଡିୟମରେ ସ୍ଥାନୀୟ ରଘୁନାଥ ଆଥଲେଟିକ ଆସୋସିଏଶନ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ପ୍ରଥମ ଡେଭିଡ ପ୍ରତିହାରୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ୨୦୨୫ ଜଟଣୀ ଟିମ୍ ଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ୨ୟ ଦିନର ପ୍ରଥମ ପର୍ଯ୍ୟାୟ ଲିଗ ମ୍ୟାଚରେ ଭୁବନେଶ୍ୱର ଟିମ୍ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା। ଫୁଲବାଣୀ ଟିମ୍ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୧୮ ଓଭରରୁ ୧୦.୨ ଓଭରରେ ସମସ୍ତ ଉଇକେଟ ହରାଇ ୭୯ ରନ କରିଥିଲା ।ଏହାର ମୁକାବିଲା କରିବାକୁ ଯାଇ ଭୁବନେଶ୍ୱର ଦଳ ମାତ୍ର ୭.୩ ଓଭରରେ ୬ ଉଇକେଟ ବିନିମୟରେ ୮୦ ରନ କରି ମ୍ୟାଚ ବିଜୟ ହାସଲ କରିଥିଲେ। ବିଜୟୀ ଦଳର ନନ୍ଦି ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଭୁବନେଶ୍ୱର ଓ ଜଟଣୀ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଜଟଣୀ ଦଳ ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା ।ଫଳରେ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ ରନ କରିଥିଲା । ଏହାର ମୁକାବିଲା କରିବାକୁ ଯାଇ ଜଟଣୀ ଦଳ ନିର୍ଦ୍ଧାରିତ ୧୮ ଓଭରରେ ୮ ଉଇକେଟ ବିନିମୟରେ ୧୭୪ ରନ କରି ମ୍ୟାଚ ଜିତି ନେଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ଅମିତ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଜ୍ଞାନ ରଞ୍ଜନ ସ୍ୱାଇଁ ଏବଂ ଶ୍ରୀକାନ୍ତ କୁମାର ଆଜିର ଖେଳ ପରିଚାଳନା କରିଥିଲେ। ଓଡ଼ଗାଁ ଥାନା ସବଇନ୍ସପେକ୍ଟର ଚକ୍ରଧର ସିଂ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

# ପ୍ରତିଭା ସମ୍ମାନ ପ୍ରଦାନ, ସମ୍ବର୍ଦ୍ଧନା ଉତ୍ସବ



ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ରଙ୍କ ଗହଣରେ ଶିକ୍ଷୟିତ୍ରୀ ଶିକ୍ଷକବୃନ୍ଦ ।

**ଗଣିଆ,୨୭।୬(ସନ୍ତୋଷ କୁମାର ପ୍ରଧାନ):**

ଗଣିଆ ବ୍ଲକ ପିଏମ୍‌ଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ବୁଧବାର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପାଇଁ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧିତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିହାରବାଳା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେରେ ମୁଖ୍ୟଅତିଥି ଭାବେ ତହସିଲଦାର ପ୍ରୀତିବାଳା ରଣା, ସମ୍ମାନୀତ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ରାଉତରାୟ

ଏବିଇଓ ବିନୋଦିନୀ ପଣ୍ଡା, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ସମିତିସଭ୍ୟ ଫକୀର ମୋହନ ଡାକୁଆ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମୀର କୁମାର ସାହୁ , ଶିକ୍ଷକ ମହେଶ୍ୱର ମାଝୀ, ପବିତ୍ର କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ସନ୍ଦୀପ କୁମାର ସାହୁ, ସ୍ନେହା ଦାସ, ଦେବାଶିଷ ଦାସ, ଅଭିନାଶ ପ୍ରିୟ ରଞ୍ଜନ, ବୁଦ୍ଧାଦିତ୍ୟ ବାରିକ , ସୁଜିତ ସାହୁ, ପୂର୍ଣ୍ଣିତ ପଲଭନ, ସ୍ମୃତି ରଞ୍ଜନ ବେହେରା , ସୌମ୍ୟରଞ୍ଜନ ସାହୁ, ସୁଜିତ ସାହୁଙ୍କୁ ନଗଦ ଟଙ୍କା ସହିତ ମାନପତ୍ର ଓ ଶିକ୍ଷଣ ସାମଗ୍ରୀ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥିମାନେ ମେଧାବୀ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ମଣ୍ଡଳ ଓ ଶିକ୍ଷକ ପବିତ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ ।

# ନିଶାମୁକ୍ତ ଦିବସରେ ମହିଳାଙ୍କ ସଚେତନତା ଶୋଭାଯାତ୍ରା

**ଖଣ୍ଡପଡ଼ା,୨୭।୬ (ଅଜୟ କୁମାର ମହାରଣା)**

ଅନ୍ତର୍ଜାତୀୟ ନିଶାମୁକ୍ତ ଦିବସ ଅବସରରେ ଗୁରୁବାର କଣ୍ଟିଲୋ ପଞ୍ଚାୟତରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ବ୍ଲକ୍ କମିଟି ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ସହ ନିଶାମୁକ୍ତ ଦିବସ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ପରେ ସ୍ଥାନୀୟ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଜିଲା ସଭାପତି ସଂଯୁକ୍ତା ସେଠୀ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଆଜିର ଦିବସ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ନିଶାମୁକ୍ତ ସମାଜ ଗଠନ ଦିଗରେ ସମସ୍ତଙ୍କ ଆନ୍ତରିକ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ଉପସ୍ଥିତ ସମସ୍ତ ମହିଳାଙ୍କୁ ପରାମର୍ଶ ସେ ଦେଇଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠକ କାଳିନ୍ଦୀ ନାୟକ, ଚାପଧାରୀ ରାଉତ,ବୈକୁଣ୍ଠ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ। ଖଣ୍ଡପଡ଼ା ବ୍ଲକ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସଭାନେତ୍ରୀ ବାସନ୍ତୀ ବେହେରା, କୋଷାଧ୍ୟକ୍ଷ ସନ୍ତୋଷିନୀ ସାହୁଙ୍କ ତତ୍ତ୍ୱାବଧାନରେ ବ୍ଲକର ସମସ୍ତ ପଞ୍ଚାୟତରୁ ଶତାଧିକ ମହିଳା ଯୋଗ ଦେଇଥିଲେ।

# ଢୋଲମରା ବଡ଼ ପୋଖରୀ ପରିତ୍ୟକ୍ତ



ଦଳଭର୍ତ୍ତି ବଡ଼ ପୋଖରୀ ।

**ଖଣ୍ଡପଡ଼ା,୨୭।୬(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ ରୟତଢୋଲମରା ଗ୍ରାମର ବଡପୋଖରୀଟି ଦୀର୍ଘ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ଉକ୍ତ ପୋଖରୀରୁ ଦୀର୍ଘ ବର୍ଷ ହେଲା ପଙ୍କ ଉଦ୍ଧାର ହୋଇନାହିଁ । ପୋଖରୀରେ ଅନାବନା ଘାସ ଓ ପଦ୍ମବନ ଦଳ ଭର୍ତ୍ତି ହୋଇ ରହିଥିବାରୁ ଏହାର ପାଣି ବ୍ୟବହାର ଉପଯୋଗୀ ହୋଇପାରୁନି । ଦିନେ ଏହି ପୋଖରୀର ଜଳ ଅଞ୍ଚଳବାସୀଙ୍କ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର ହେଉଥିଲା । ଉକ୍ତ ପୋଖରୀରୁ ପଙ୍କ ଉଦ୍ଧାର ପାଇଁ ଦାବି ହୋଇ ଆସୁଛି । ହେଲେ ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ବଢ଼ିଛି । ଅପରପକ୍ଷେ ସେହି ପୋଖରୀରେ ବିଭିନ୍ନ ସରୀସୃପ ରହୁଛନ୍ତି । ଉକ୍ତ ପୋଖରୀ ଉପରେ ରୟତି ଢୋଲମରା ସମେତ ପାଇକ ଢୋଲମରା ଓ କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମର ବାସିନ୍ଦା ନିର୍ଭର କରୁଥିବାରୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଆବାସ ଯୋଜନା ପାଇଁ ୪୭୨ ଜଣଙ୍କ ଆବେଦନ

**ଓଡ଼ଗାଁ,୨୭।୬(ଆଦର୍ଶ ପଟ୍ଟନାୟକ):**

ନୟାଗଡ଼ ଜିଲା ଓଡ଼ଗାଁ ଏନଏସିର ୧୫ ୱାଡରୁ ବୁଧବାର ସୁଧା ୪୭୨ ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବା ନିମନ୍ତେ ଆବେଦନ କରିଥିବା ଜଣାପଡିଛି। ଏଥିମଧ୍ୟରୁ ଯୋଗ୍ୟ ହିତାଧିକାରୀ ଚୟନ ନିମନ୍ତେ ଓଡ଼ଗାଁ ଏନଏସି କାର୍ଯ୍ୟାଳୟ ତରଫରୁ ୨ ଦଳ ଗଠନ କରାଯାଇଛି । ସେମାନଙ୍କ ମଧ୍ୟରୁ ପ୍ରଥମ ଦଳ ୧ ରୁ ୮ ନମ୍ବର ୱାଡ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ଦଳ ୯ ରୁ ୧୫ ନମ୍ବର ୱାଡ ପର୍ଯ୍ୟନ୍ତ ଚୟନ ପ୍ରକ୍ରିୟା ଜାରି ରଖିଥିଲା ବେଳେ ଆବେଦନକାରୀମାନେ ଉପସ୍ଥିତ ରହି ସେମାନଙ୍କୁ ସହଯୋଗ କରିବା ପାଇଁ ଓଡ଼ଗାଁ ଏନଏସି ତରଫରୁ ଅନୁରୋଧ କରାଯାଇଛି । ଏହି ଚୟନ ପ୍ରକ୍ରିୟା ସରିବା ପରେ ପ୍ରତି ୱାଡରେ କମିଟି ଗଠନ କରାଯିବ । ଯୋଗ୍ୟ ଅଯୋଗ୍ୟ ହିତାଧୀକାରୀଙ୍କ ତାଲିକା ସର୍ବସାଧାରଣ ନିମନ୍ତେ ଜଣାଇଦିଆଯିବ । ଯଦି କୌଣସି ଯୋଗ୍ୟ ହିତାଧିକାରୀ ପାଇବା ନିମନ୍ତେ ଅଯୋଗ୍ୟ କିମ୍ବା କୌଣସି ଅଯୋଗ୍ୟ ହିତାଧୀକାରୀ ପାଇବା ନିମନ୍ତେ ଯୋଗ୍ୟ ତାହା ୱାଡ କମିଟି ଯାଞ୍ଚ କରିବେ । ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବାଦନ ପଡ଼ନ୍ତି ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଓଡ଼ଗାଁ ଏନଏସି ତରଫରୁ ସର୍ବସାଧାରଣଙ୍କ ସହଯୋଗ ନିମନ୍ତେ ଆହ୍ୱାନ କରାଯାଇଛି ।

# ଜବରଦଖଲରେ ଗାଁ ରାସ୍ତା



ଜବରଦଖଲ ହୋଇଥିବା ରାସ୍ତା ।




ତହସିଲଦାରଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

**ରଣପୁର,୨୭।୬(ସୁକାନ୍ତକିଶୋରଡାକୁଆ):**

ରଣପୁର ତହସିଲ ଅଧୀନ ରାଜଜଙ୍କିଆ ଗାଁରେ ଥିବା ମା'ମଙ୍ଗଳା ସାହି ମୁଖ୍ୟରାସ୍ତାକୁ ଗ୍ରାମର କେତେଜଣ ଲୋକ ଜବରଦଖଲ କରି ରଖିଛନ୍ତି । ଏନେଇ ଗ୍ରାମବାସୀ ସ୍ଥାନୀୟ ତହସିଲଦାରଠାରୁ ଆରମ୍ଭ କରି ଜିଲା ପ୍ରଶାସନଙ୍କୁ ଜଣାଇଲେ ମଧ୍ୟ ରାସ୍ତାରୁ ଜବରଦଖଲ ହଟୁନାହିଁ। ଫଳରେ ଗ୍ରାମବାସୀଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ବୁଧବାର ଗ୍ରାମବାସୀ ରଣପୁର ତହସିଲଦାରଙ୍କୁ ସାକ୍ଷାତ କରି ଲିଖିତ ଆକାରରେ ଜଣାଇବା ସହିତ ଆଗାମୀ ଦିନରେ ଗ୍ରାମବାସୀ ନିଜେ ଜବରଦଖଲ ହଟାଇବେ । ଏଥିରେ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜେ ତା'ହେଲେ ସ୍ଥାନୀୟ ପ୍ରଶାସନ ଦାୟି ରହିବ ବୋଲି ଲିଖିତ ଆକାରରେ ଜଣାଇଛନ୍ତି।

ସୂଚନା ଅନୁଯାୟୀ, ରାଜଜଙ୍କିଆ ଗ୍ରାମରେ ଥିବା ଖାତା ନଂ.୭୫୯ ଓ ପ୍ଲଟ ନଂ.୨୬୧୭ ସରକାରୀ ରାସ୍ତା ଯାତାୟତ ନିମନ୍ତେ ରହିଛି। ହେଲେ ଗ୍ରାମର କେତେଜଣ ଲୋକ ସେହି ରାସ୍ତାରେ ଘରମଡାଇ କରିବା ସହିତ ପାଚେରୀ ନିର୍ମାଣ କରିଛନ୍ତି। ଫଳରେ ଗ୍ରାମବାସୀ ସେହି ରାସ୍ତାରେ ଯାତାୟତ କରିପାରୁନାହାନ୍ତି। ଏପରି କି ଗ୍ରାମର ଲୋକମାନେ ନିଜ ବିଲକୁ ହଳ କିମ୍ବା ଶଗଡ଼ ନେଇ ଯାଇ ପାରୁନାହାନ୍ତି। ଗ୍ରାମକୁ କୁଣିଆ ଆସିଲେ ସେମାନେ ଆସିଥିବା କାର,ଜିପ୍‌କୁ ବାହାରେ ରଖି ଆସୁଛନ୍ତି । ଯେତେବେଳେ ରାସ୍ତା ଅବରୋଧ କରାଯାଇ ଘର ଓ ପାଚେରୀ ନିର୍ମାଣ କରାଯାଉ ଥିଲା ସେତେବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ । ହେଲେ ଜବରଦଖଲକାରୀମାନେ କିଛି ଶୁଣି ନ ଥିଲେ । ଏନେଇ ଗ୍ରାମବାସୀ ନିକଟସ୍ଥ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଚୁପ୍ ବସିଥିଲା। ଏନେଇ ରଣପୁର ତହସିଲଦାର ଆଯ୍ୟ କୁମାର ସର୍ବଦମନ କୁହନ୍ତି, ରଣପୁର ରଥଯାତ୍ରା ସରିବା ପରେ ଗ୍ରାମକୁ ଯାଇ ଜବରଦଖଲ ରାସ୍ତା ସଂକ୍ରାନ୍ତରେ ତଦନ୍ତ କରାଯିବ। ଏହାପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ।

# ବଡ଼ଦାଣ୍ଡରେ ବିଶ୍ୱନିୟନ୍ତା



▲ ଶୁକ୍ରବାର ରଥଯାତ୍ରା ଅବସରରେ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ।



▲ ପୁରୀ ଶ୍ରୀମନ୍ଦିର ସମ୍ମୁଖରୁ ଦାରୁଦିଅଁଙ୍କ ରଥକୁ ଶ୍ରଦ୍ଧାଳୁମାନେ ଟାଣିନେଉଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)







▲ ବଡ଼ଠାକୁର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ପହଣ୍ଡି ବିଜେ।



▲ ରଥରେ ଛେରାପହଁରା ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ



▲ ବଡ଼ଦାଣ୍ଡରେ ହନୁମାନ ବେଶଧାରୀ ଭକ୍ତ



▲ ଚକ୍ରବନାଟି ପ୍ରଦର୍ଶନ



▲ ପୁରୀରେ ରଥଯାତ୍ରା ଅବସରରେ ଶ୍ରୀଜଗନ୍ନାଥ ମନ୍ଦିର ସ୍ୱଦ୍ଧଲିପି ଉନ୍ମୋଚନ କରାଯାଉଛି।



▲ ରଥ ଟାଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ତାଙ୍କ ସହଧର୍ମିଣୀ ପ୍ରିୟଙ୍କା ମାରାଣ୍ଡି ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।


ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ରଣପୁର ଗ୍ରାମରେ ଶ୍ରଦ୍ଧାଳୁ ରଥ ଟାଣୁଛନ୍ତି ।


କୋରେଇ ବ୍ଲକର ଓଟିନ୍ଦାରେ ରଥାରୂଢ଼ ତିନି ଠାକୁର ।


ଦାନଗଦୀ ବ୍ଲକରେ ଅନୁଷ୍ଠିତ ରଥଯାତ୍ରା ।

**ଯାଜପୁର ଜିଲାରେ ରଥଯାତ୍ରା**

# ଭକ୍ତଙ୍କ ମେଳରେ ଭଗବାନ

**ବିଞ୍ଝାରପୁର,୨୭।୬(ରାମକୃଷ୍ଣ ଦାସ):**

ଯାଜପୁର ଜିଲାର ୧୦ ବ୍ଲକ୍ ଓ ୨ ପୌରାଞ୍ଚଳରେ ଶୁକ୍ରବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ୯ଦିନ ପାଇଁ ମାଉସୀ ମା' ଘରକୁ ଯାତ୍ରା କରିଛନ୍ତି। ଶ୍ରଦ୍ଧାଳୁ ୩ ରଥକୁ ଟାଣିନେଇ ମାଉସୀ ମା' ଘରେ ପହଞ୍ଚାଇଛନ୍ତି। ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଛି।

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ରଣପୁର ଗ୍ରାମରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗ୍ରହଣରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି। ସକାଳେ ଶ୍ରୀବିଗ୍ରହମାନଙ୍କ ନିତିକାନ୍ତି ପରେ ପହଣ୍ଡି ବିଜେ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ପହଣ୍ଡି ପରେ ପ୍ରଭାତ ମଲ୍ଲିକ ରଥରେ ଛେରାପହଁରା କରିଥିଲେ। ସେହିପରି ବ୍ଲକର ଫତେପୁର, କଲ୍ୟାଣପୁର, ମାଁସଡ଼ା, ଅଳକୁଣ୍ଡ, ବରିକୂଳ ଓ କଣ୍ଟିପୁର ଆଦି ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି।

## ୧୧ କି.ମି. ଗଡ଼ିଲା ୩ ରଥ

**ଚଣ୍ଡିଖୋଲ/ଛତିଆ,(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ):** ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ଛତିଆ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଛତିଆଠାରୁ ବଡ଼ ଘୁମୁରି ପର୍ଯ୍ୟନ୍ତ ୧୧ କି.ମି. ରଥ ଟଣାଯାଇ ବଡ଼ ଘୁମୁରୀସ୍ଥିତ ମାଉସୀମା ମନ୍ଦିର ନିକଟରେ ପହଞ୍ଚାଯାଇଛି। ପହଣ୍ଡି ବିଜେ କରି ସାରି ରଥାରୂଢ଼ ହୋଇଥିଲେ ଚତୁର୍ଦ୍ଧାମୂର୍ତ୍ତି। ମନ୍ଦିର ପରିଚାଳନା ମୁଖ୍ୟ ଉପେନ୍ଦ୍ର ଓଝା ଛେରା ପହଁରା କରିଥିଲେ। ଏହାପରେ ରଥ ଟଣା ଆରମ୍ଭ ହୋଇଥିଲା। ଅପରାହ୍ନ ୫ଟାରେ ରଥ ମାଉସୀ ମା'ମନ୍ଦିର ନିକଟରେ ପହଞ୍ଚିଥିଲା। ସେହିପରି ବାଲିଚନ୍ଦ୍ରପୁର ବଜାରରେ ଥିବା ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି।

**ଧର୍ମଶାଳା/ ଚଢ଼େଇଧରା, (ବଟକୃଷ୍ଣ ପରିଡ଼ା/ ଦିଲୀପ ପରିଡା):** ଧର୍ମଶାଳା ବ୍ଲକର ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ଧର୍ମଶାଳା ମୁନ୍‌ସୀମିଳନ କମିଟି ଓ ଜଗନ୍ନାଥ ମନ୍ଦିର କମିଟି ସଭାପତି ତଥା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଛେରାପହଁରା କରିବା ପରେ ଅପରାହ୍ନ ୩ଟା୩୦ରେ ରଥଟଣା ଆରମ୍ଭ ହୋଇଥିଲା। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଠାକୁରଙ୍କ ଆଶିଷ ଲାଭ କରିଥିଲେ। ୧୬ନଂ. ଜାତୀୟ ରାଜପଥର ଜାରକା ବଜାର, ବୁଦ୍ଧଛକ, ଶାନ୍ତିବଜାର, ଧର୍ମଶାଳା ବଜାର ଦେଇ ରଥ ଧର୍ମଶାଳା ଥାନା ସମ୍ମୁଖରେ ପହଞ୍ଚିଥିଲା। ଶନିବାର ଏଠାରୁ ରଥ ଟଣାଯାଇ ହାଟପଡ଼ିଆସ୍ଥିତ ମାଉସୀ ମା' ମନ୍ଦିରକୁ ନିଆଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ମଧୁପୁରଗଡ଼ଠାରେ ରାଜଜେମା ଅପର୍ଣ୍ଣା ଧିରସିଂ ଭରଦ୍ୱାଜ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ସେହିପରି ଚଉଷଠିପଡ଼ା, ବଳରାମପୁରଗଡ଼, କବାଟବନ୍ଧ, ତଳଗଡ଼, ନରସିଂହପୁର, ଭବାନୀପୁର, ଛେଳିଆପଦା, ଅଚ୍ୟୁତପୁର, ନାଉପାଳ, ସାଥୁଆପାଟଣା, ଦଣ୍ଡାଘାଟି, ରାମପୁର କଇଥା ଆଦି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ଓ ଜେନାପୁର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

**କାଳିଆପାଣି,(ଅସିତ ମହାନ୍ତ):** ସୁକିନ୍ଦା ବ୍ଲକ୍ ଅଧୀନ ଟାଟା କଲୋନୀ ପରିସର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୫ଟାରେ ପହଣ୍ଡି ହୋଇଥିଲା। ପରେ ଟମକା-ମଙ୍ଗଳପୁର ମୁଖ୍ୟ ରାସ୍ତା ଦେଇ ମାଉସୀ ମା'ମନ୍ଦିରକୁ ରଥା ଯାଇଥିଲା।

**ପାଣିକୋଇଲି,(ବିକାଶ ମଲ୍ଲିକ):** କୋରେଇ ବ୍ଲକ୍ ଅଧୀନ ପାଣିକୋଇଲି ମହାବୀର କଲୋନୀ, ମଣିପୁର, ସୋତି, ଚାନ୍ଦପୁର, ନୂଆପଦା, ଓଟିନ୍ଦା, କାଙ୍କଲା, ଧନପୁର ଆଦି ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶଙ୍ଖ, ହୁଳହୁଳି ଘଣ୍ଟ ନାଦ ଓ ନାମ ସଙ୍କୀର୍ତ୍ତନ କରି ସମସ୍ତେ ରଥକୁ ଟାଣିନେଇଥିଲେ ମାଉସୀ ମା' ମନ୍ଦିରକୁ।


କୋରେଇ ବ୍ଲକ ଅଧୀନ ଜହ୍ନା ଗ୍ରାମ ବଳଦେବଜୀଉ ମନ୍ଦିରରେ ଠାକୁରଙ୍କୁ ପହଣ୍ଡି କରାଯାଉଛି ।

**କୋରେଇ, (ଚନ୍ଦ୍ରକାନ୍ତ ପତି):** କୋରେଇ ବ୍ଲକ ଅଧୀନ ଜହ୍ନା ଗ୍ରାମ ବଳଦେବଜୀଉ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ନୀତିକାନ୍ତି ପରେ ରଥ ପ୍ରତିଷ୍ଠା କାର୍ଯ୍ୟ ସମାପନା କରାଯାଇଥିଲା। ଏହା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥକୁ ଅଣା ଯାଇଥିଲା। ସନ୍ଧ୍ୟାରେ ରଥ ଟଣାଯାଇ ମାଉସୀ ମନ୍ଦିର ନିକଟକୁ ନିଆଯାଇଥିଲା। ଟ୍ରଷ୍ଟ ବୋର୍ଡର ପ୍ରଧାନ ଟ୍ରଷ୍ଟି ଅଭିଳାଷ ବୋଇତାଇ ଛେରାପହଁରା କରିଥିଲେ। ଟ୍ରଷ୍ଟ ବୋର୍ଡର ସମସ୍ତ ସଭ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଶନିବାର ମହାପ୍ରଭୁଙ୍କୁ ପହଣ୍ଡି କରାଯାଇ ମାଉସୀ ମା' ମନ୍ଦିରରେ ବିଜେ କରାଯିବ।

**କଳିଙ୍ଗନଗର,(ଶୁଭାଶିଷ ରାଉତ):** ଦାନଗଦୀ ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗରର ମାନତିରା, ଦାନଗଦି, ବେଙ୍ଗପାଟିଆ, କଣ୍ଟିପୁର, ଟୋଲକାନି, ମଣ୍ଡପଡ଼ା, ଟମକା, ଶାଳିଜଙ୍ଗା, ନଛିପୁରା, ବାରଗାଡ଼ିଆ ଓ ଡୁବୁରୀ ଗ୍ରାମରେ ରଥ ଟଣାଯାଇଛି। ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଗଗନ ପବନ ପ୍ରକମ୍ପିତ ହୋଇଉଠିଛି।

**ଝୁମ୍ପୁରୀ(ସରୋଜ ନାୟକ):** ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ଅନ୍ତର୍ଗତ ନାରିଗାଁସ୍ଥିତ ଚନ୍ଦନ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୩ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ବିରିପଟାସ୍ଥିତ ମାଉସୀ ମା' ମନ୍ଦିରରେ ଯଥା ସମୟରେ ଜୀଉମାନେ ପହଞ୍ଚି ଥିଲେ। ସେହିପରି ଦାମୋଦରପୁର ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ଜଗଦୀଶ ଶଙ୍କର ସାହୁ ଛେରା ପହଁରା କରିଥିଲେ। ୩ ଠାକୁରଙ୍କୁ ରଥରେ ମାନସି ପାଟଣା ଗ୍ରାମର ଗୁଣ୍ଡିଚା ନଗର ଅଣାଯାଇଥିଲା। ସେହିପରି ବାବାଲପୁର, ନିଜାମପୁର ପଞ୍ଚାୟତର ପାରିପଦା ଗାଁ, ହଳଦୀପଦା, ଜାଫରପୁର, ମଙ୍ଗଳପୁର, କୁଟୁରିଆ, ଝୁମ୍ପୁରୀ, ବର ହଟା, ଥାଳକୁଡ଼ି, ଆଦି ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**ବ୍ରହ୍ମବରଦା,(ଯଯାତି କେଶରୀ ବେହେରା):** ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସୁଦର୍ଶନ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସବାଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି କରି ରଥାରୂଢ଼ ହୋଇଥିଲେ। ଅପରାହ୍ନ ୪ଟାରେ ରଥଯାତ୍ରା ପୂଜା କମିଟି ମୁଖ୍ୟ ସୁକାନ୍ତ ବିଶ୍ୱାଳ ଛେରା ପହଁରା କରିବା ପରେ ରଥଟଣା ହୋଇଥିଲା। ଭକ୍ତମାନେ ରଥକୁ ଟାଣି ଟାଣି ବ୍ରହ୍ମବରଦା ହାଟସ୍ଥିତ ମାଉସିମା ମନ୍ଦିର (ଦୁର୍ଗା ମଣ୍ଡପ) ନିକଟରେ ପହଞ୍ଚାଇଥିଲେ।


ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ରଥରେ ଛେରାପହଁରା କରୁଛନ୍ତି ।

## ଆଜି ହେବ ରଥ ଟଣା, ସୁଭଦ୍ରାଙ୍କ ରଥ ଟାଣିବେ ମହିଳା

**ଯାଜପୁର ଟାଉନ,୨୭।୬ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ସହର ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ଥିବା ଜଗନ୍ନାଥ ମନ୍ଦିରର ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଶୁକ୍ରବାର ଅପରାହ୍ନରେ ରଥାରୁଢ଼ କରାଯାଇଛି। ଶନିବାର ଅପରାହ୍ନରେ ତିନି ରଥକୁ ମାଉସୀ ମା' ମନ୍ଦିରକୁ ନିଆଯିବ। ସୁଭଦ୍ରା ରଥଙ୍କୁ ମହିଳାମାନେ ରଥ ଟାଣି ନେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମେ ନେତ୍ରୋତ୍ସବ କରାଯାଇ ପହଣ୍ଡି କାର୍ଯ୍ୟକ୍ରମ କରାଯାଇଥିଲା। ସଦାବ୍ରତ ମଠ ମହନ୍ତ ପ୍ରଶାନ୍ତ କୁମାର ଦାଶ ଛେରା ପହଁରା କରିଥିଲେ। ସନ୍ଧ୍ୟାରେ ଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା।


ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ରଥ ଟାଣୁଛନ୍ତି ।


ଧର୍ମଶାଳା ବ୍ଲକର ମଧୁପୁରଗଡ଼ଠାରେ ରଥାରୂଢ଼ ୩ ଠାକୁର ।


ସୁକିନ୍ଦା ବ୍ଲକ୍ ଅଧୀନ ଟାଟା କଲୋନି ପରିସର ଜଗନ୍ନାଥଙ୍କୁ ମାଉସୀ ଘରକୁ ନିଆଯାଉଛି ।


ବାଲିଚନ୍ଦ୍ରପୁର ବଜାରରେ ଥିବା ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା ।


ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ଛତିଆର ତିନି ରଥ ।

## କେରେଡାଗଡ଼ରେ ରଥଯାତ୍ରା

ରାଜନଗର,(ଭାସ୍କର ରାଉତରାୟ): କେରେଡାଗଡ ଶ୍ରୀଜଗନ୍ନାଥ ଜୀଉଙ୍କ ପବିତ୍ର ରଥଯାତ୍ରା ଶେଷ ହୋଇଛି। ବିଭିନ୍ନ ନୀତିକାନ୍ତି ପରେ ଶ୍ରୀଜୀଉଙ୍କ ବିଗ୍ରହଙ୍କୁ ପହଣ୍ଡିରେ ରଥରେ ବିଜେ କରାଯାଇଥିଲା। ରଥରେ କନିକା ଯୁବରାଜ ଧାନେନ୍ଦ୍ର ନାରାୟଣ ଭଞ୍ଜଦେଓ ଛେରା ପହଁରା ନୀତି ଶେଷ କରିଥିଲେ। ଅପରାହ୍ନ ୫ଟାରେ ରଥଟଣା ହୋଇ ସନ୍ଧ୍ୟା ୭ଟାରେ ମହାପ୍ରଭୁ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚି ଥିଲେ। ଦୀର୍ଘ ୧୯ ବର୍ଷ ହେଲା କେରେଡାଗଡ଼ ଶ୍ରୀଜଗନ୍ନାଥ ମନ୍ଦିର ମଧକୁ ଭକ୍ତଙ୍କ ପ୍ରବେଶ ଉପରେ ବାରଣ ରହିଛି। ଫାଟକ ନିକଟରେ ରହି ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି। ତେଣୁ ରଥଯାତ୍ରାରେ ମହାପ୍ରଭୁଙ୍କୁ ପାଖରୁ ଦେଖିବାକୁ ଭକ୍ତଙ୍କ ଭିଡ ଜମିଥାଏ। ସେହିପରି ରାଜନଗରସ୍ଥିତ ଶ୍ରୀଶ୍ରୀଦଧିବାମନ ଜୀଉ, ପେଣ୍ଡସ୍ଥିତ ଶ୍ରୀବନବିହାରୀଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ତୁଳସୀକ୍ଷେତ୍ର: ହରିବୋଲ, ହୁଳହୁଳି ଧ୍ୱନିରେ ରଥଦାଣ୍ଡ ପ୍ରକମ୍ପିତ

## ଦେବୋତ୍ତର କାର୍ଯ୍ୟାଳୟଠାରେ ଅଟକିଲା ବ୍ରହ୍ମ ତାଳଧ୍ୱଜ

**କେନ୍ଦ୍ରାପଡ଼ା, ୨୭।୬ (ଜଗନ୍ନାଥ ଧଳ)**





ପ୍ରଭୁ ଶ୍ରୀବଳଦେବଜୀଉ, ମା'ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥ ଜୀଉଙ୍କ ପହଣ୍ଡି ବିଜେ କରାଯାଉଛି।

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କର ମାଉସୀ ମା' ମନ୍ଦିରକୁ ଦୁଇଦିନିଆ ରଥଯାତ୍ରା ଶୁକ୍ରବାର ଆରମ୍ଭ ହୋଇଛି। ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହୋଇ ଦେବୋତ୍ତର କାର୍ଯ୍ୟାଳୟ ନିକଟରେ ଶ୍ରୀଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଅଟକିଛି। ଶନିବାର ଅପରାହ୍ନ ୨ଟାରେ ଶ୍ରୀଜୀଉଙ୍କ ରଥଯାତ୍ରା ପୁନର୍ବାର ଟଣା ଆରମ୍ଭ ହେବ। ଭକ୍ତ ଓ ଭଗବାନ ଏକାଠି ହେବା ଯୋଗୁ ସହରର ଇଚ୍ଛାପୁରସ୍ଥିତ ରଥଦାଣ୍ଡରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ଚଳିତବର୍ଷର ରଥଯାତ୍ରାର କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ଗୁରୁବାର ସନ୍ଧ୍ୟାରେ ରଥ ପ୍ରତିଷ୍ଠା ସହ ନେତ ବନ୍ଧା ହୋଇଥିଲା। ଶୁକ୍ରବାର ପ୍ରାତଃରୁ ଶ୍ରୀଜୀଉଙ୍କ ଜୟ ମଙ୍ଗଳା ଆରତି ଅନୁଷ୍ଠିତ ହୋଇଥିଲା। ୫ଟାରେ ନୀତିସ୍ନାନ ଓ ବଲ୍ଲଭ ପରେ ଖେଚୁଡି ଧୂପ ଲାଗିଥିଲା। ଅପରାହ୍ନ ୧ଟାରେ ସେନାପଟା ଲାଗି ଆରମ୍ଭ ହୋଇଥିଲା। ଅପରାହ୍ନ ୩ଟାରେ ମଣିବିଗ୍ରହ ଶ୍ରୀବଳଦେବଜୀଉ, ଅନୁଜ ଶ୍ରୀଜଗନ୍ନାଥ, ଭଉଣୀ ସୁଭଦ୍ରା ସହିତ ସୁଦର୍ଶନଙ୍କୁ ଧରି ବ୍ରହ୍ମ ତାଳଧ୍ୱଜ ରଥକୁ ପହଣ୍ଡି ବିଜେ କରିଥିଲେ। ହରିବୋଲ, ହୁଳହୁଳି ଧ୍ୱନୀରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ବଡ଼ଛତା ମଠରେ ଥିବା ଶ୍ରୀଜଗନ୍ନାଥଙ୍କ ବିଜେ ପ୍ରତିମାଙ୍କୁ ସେବାୟତମାନେ ଶ୍ରୀଜୀଉଙ୍କୁ ଦର୍ଶନ କରାଇଥିଲେ। ପରେ ଶ୍ରୀଜୀଉମାନେ ବ୍ରହ୍ମ ତାଳଧ୍ୱଜ ରଥ ପ୍ରଦକ୍ଷିଣ ସହ ରଥ ଚକାସନରେ ବସିଥିଲେ। ରାଜ ପୁରୋହିତ ମୃତ୍ୟୁଞ୍ଜୟ ପତ୍ରୀ ଛେରାପହଁରା କରିଥିଲେ। ପରେ ରଥ ଟଣା ଆରମ୍ଭ ହୋଇଥିଲା। ଉପଜିଲାପାଳ ଅରୁଣ କୁମାର ନାୟକ, ଏସ୍‌ପି ସିଦ୍ଧାର୍ଥ କାଟାରିଆ, ବିଧାୟକ ଗଣେଶ୍ୱର ବେହେରା, ବରିଷ୍ଠ ଭାଜପା ନେତା ଭୁବନମୋହନ ଜେନା ପ୍ରମୁଖ ଏହି ରଥଯାତ୍ରାରେ ସାମିଲ ହୋଇଥିଲେ।

## ଲୁହା ଶିକୁଳିରେ ବନ୍ଧା କାକଟପୁର ଜଗନ୍ନାଥ

**ମହାକାଳପଡ଼ା,୨୭।୬(ପ୍ରତାପ ଚନ୍ଦ୍ର ସ୍ୱାଇଁ)**



ମହାକାଳପଡ଼ାରେ ବିଭିନ୍ନ ସ୍ଥାନରେ ରଥଯାତ୍ରା ହୋଇଯାଇଛି। ଏହି ଅବସରରେ କାକଟପୁରସ୍ଥିତ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାରେ ହୋଇଥିଲା। ଏଠାରେ ପ୍ରଭୁ ଜଗନ୍ନାଥ ଲୁହା ଶିକୁଳିରେ ବନ୍ଧା। କିମ୍ବଦନ୍ତୀ ଅନୁସାରେ ୭ ଶହ ବର୍ଷ ପୂର୍ବେ ବଙ୍ଗୋପସାଗର କୂଳରେ ଚମ୍ପାଗଡ଼ ରାଜ୍ୟର ରାଜାଙ୍କ ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥ ପୂଜା ପାଉଥିଲେ। କାଳକ୍ରମେ ସମୁଦ୍ରରେ ରାଜ୍ୟଟି ଗର୍ଭରେ ଲୀନ ହେବାକୁ ଯାଉଥିଲା। ଏହି ସମୟରେ ପ୍ରଭୁ ଜଗନ୍ନାଥ ରଥରେ ଅଧିଷ୍ଠିତ ହୋଇ ଆସୁଛନ୍ତି। ଚକଡା ନିକଟରେ ମଇଁଷି ପାଳକ ଦେଖି ବିମୋହିତ ହୋଇଥିଲେ। ପରେ ପ୍ରଭୁ ଆମକୁ ଛାଡ଼ି ପଳେଇବେ ସେଥିପାଇଁ ମଇଁଷି ପାଳକମାନେ କାକଟପୁର-ଚକଡାକୁ ସଂଯୋଗ କରିଥିବା ଏକ ନଦୀ ଘାଟ ଡଙ୍ଗାରେ ବ୍ୟବହାର ହେଉଥିବା ଲୁହା ଶିକୁଳିରେ ଠାକୁରଙ୍କୁ ବାନ୍ଧି ଦେଇଥିଲେ। ସବେଠାରୁ ପ୍ରଭୁ ଜଗନ୍ନାଥଙ୍କ ସହିତ ଭାଇ ବଳଭଦ୍ର ଓ ବାସୁଦେବ ଅଧିଷ୍ଠିତ ହୋଇଛନ୍ତି। ଲୁହା ଶିକୁଳିରେ ରଥ ଟାଣିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି। ସେହିପରି ରାମନଗର, ଜମ୍ଭୁ, ବଡିଘର, ଖରିନାସି, ରାଜଗଡ଼, ବେଣାକନ୍ଧା, ସୁନିତି, ତଣ୍ଡିଆପାଳ, ଦେଉଳପଡ଼ା, ବିବି କଲୋନୀ ସମେତ ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ମୁରୁଜ ରଥରେ ବିରାଜିଲେ ରିଘାଗଡ଼ର ଶ୍ରୀବଳଦେବ ଜୀଉ



**ରାଜନଗର, ୨୭।୬(ଭାସ୍କର ରାଉତରାୟ)**

ଭିତର କନିକା ଜାତୀୟ ଉଦ୍ୟାନ ସଂଲଗ୍ନ ରିଘାଗଡ଼ସ୍ଥିତ ବହୁ ପ୍ରାଚୀନ ଶ୍ରୀବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ନିଆରା ଢଙ୍ଗରେ ବଡ଼ପଣ୍ଡା ଓ ସେବାୟତମାନେ ପାଳନ କରିଛନ୍ତି। ଏଠାରେ ଶ୍ରୀବଳଦେବଜୀଉ, ସାନଭାଇ ଶ୍ରୀଜଗନ୍ନାଥ ଓ ଭଉଣୀ ସୁଭଦ୍ରାଙ୍କ ସହ ରଥରେ ବିରାଜମାନ ନ କରି ମୁରୁଜ ରଥରେ ବିଜେ କରିଥାନ୍ତି। ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏଠାରେ ରଥଯାତ୍ରା ବନ୍ଦ ହୋଇରହିଛି। ବଡପଣ୍ଡା ଓ ସେବାୟତମାନେ ରଥଯାତ୍ରାର ପରମ୍ପରା ଅନୁଯାୟୀ ପହଣ୍ଡି ବିଜେ ସହିତ ବିଭିନ୍ନ ନୀତି ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମୁରୁଜ ରଥରେ ସ୍ଥାପନ କରିଛନ୍ତି। ଏହି ବିରଳ ଓ ସ୍ୱତନ୍ତ୍ର ରଥଯାତ୍ରା ପାଇଁ ରିଘାଗଡ଼ର ଶ୍ରୀବଳଦେବଜୀଉ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେଇ ଆସୁଛନ୍ତି।

## ପଞ୍ଚାମୁଣ୍ଡାଇରେ ଭକ୍ତ-ଭଗବାନଙ୍କ ଅପୂର୍ବ ମିଳନ

**ପଞ୍ଚାମୁଣ୍ଡାଇ,୨୭।୬ (କଳ୍ପତରୁ ନାୟକ)** : ପଞ୍ଚାମୁଣ୍ଡାଇ ଅଞ୍ଚଳର ଶୁକ୍ରବାର ଘୋଷଯାତ୍ରାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାମୁଣ୍ଡାଇ ମୁଖ୍ୟ ରଥଯାତ୍ରା ପୋଖରୀଆପଡ଼ା ପତିତପାବନ ମନ୍ଦିରରେ ପ୍ରତ୍ୟୁଷରୁ ପୂଜକମାନେ ପହଡ ଖୋଲିଥିଲେ। ପରେ ସମସ୍ତ ନୀତିକାନ୍ତି କରାଯାଇ ଅପରାହ୍ନ ସାଢ଼େ ୩ଟାରେ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ ରଥରେ ଛେରା ପହଁରା କରିଥିଲେ। ଅପରାହ୍ନ ୪ଟାରେ ବହୁ ଶ୍ରଦ୍ଧାଳୁ ରଥ ଟାଣିଥିଲେ। ସନ୍ଧ୍ୟା ସାଢ଼େ ୭ଟା ବେଳେ ବକ୍ତାରପୁରସ୍ଥିତ ମାଉସୀ ମା' ମନ୍ଦିର ଚକଡ଼ାରେ ରଥ ପହଞ୍ଚି ଥିଲା। ମାଉସୀ ମା' ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୂଜକମାନେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଗୋଟି ପହଣ୍ଡି କରିଥିଲେ। ସେହିପରି ବେଲତଳ, ତନୁପୁର, ଅଳପୁଆ, ଅଣ୍ଡରା, ଅମୃତମଣୋହି, ମାଳିପୁର, ବଡ଼ପଡା, ନୀଳକଣ୍ଠପୁର ଜଗନ୍ନାଥପୁର, କଖାରୁଣୀ, ବାଲିପାଟଣା ଗ୍ରାମରେ ରଥଯାତ୍ରା ସମ୍ପୂର୍ଣ୍ଣ ହୋଇଛି।



## ୨୯୫ ବର୍ଷରେ ଗରଦପୁର ରଥଯାତ୍ରା

ପାଟକୁରା ୨୭।୬(ରବୀନ୍ଦ୍ର ନାଥ ବାରିକ): ଗରଦପୁରରେ ଶ୍ରୀବଳଦେବଜୀଉ ମନ୍ଦିରରେ ରଥଯାତ୍ରା ୨୯୫ ବର୍ଷରେ ପହଞ୍ଚିଛି। ଅପରାହ୍ନ ସାଢେ ୪ଟାରେ ଶ୍ରୀବଳଦେବଜୀଉ ନୀତିକାନ୍ତି ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସେବାୟତମାନେ ଧାଡିପହଣ୍ଡିରେ ରଥାରୂଢ଼ କରିଥିଲେ। ପରେ ଠାକୁର ରାଜା ଶୁଭମ ପାଣି ଓ ପ୍ରସନ୍ନ ପଣ୍ଡା ମିଳିତ ଭାବେ ରଥରେ ଛେରାପହରା କରିଥିଲେ। ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କ ରଥକୁ ଟାଣି ସନ୍ଧ୍ୟା ୭ଟା ରେ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚାଇଥିଲେ। ସେହିପରି ହରିହର କ୍ଷେତ୍ର ମାହାଳ ଶ୍ରୀଜଗନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କୁ ୩ ରଥରେ ପହଣ୍ଡି ବିଜେକରାଇରଥରୂଢ଼କରାଯାଇଥିଲା।ଠାକୁରରାଜାପ୍ରଶାନ୍ତ ନାୟକ ଛେରାପହଁରା କଲା ପରେ ରଥ ଟଣା ଯାଇଥିଲା। ମା' ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ।

## ରାଜକନିକାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା

ରାଜକନିକା, ୨୭।୬(ସଞ୍ଜୟ କୁମାର ଦାଶ) ରାଜକନିକାର ବିଭିନ୍ନସ୍ଥାନରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବ୍ଲକ ଦେଉଳସାହି, ପେଗରପଡା, ନରହରିପୁରଶାସନ, ବ୍ରାହ୍ମଣସାହି, ଜାଏମାଲବ, ବଡାଗର, ଡାଳିକାଏନ୍ଦା ଓ ନୂଆସାହି ଆଦି ଗ୍ରାମରେ ରଥଟଣା ଯାଇଛି। ଓଲାଭର ପଞ୍ଚାୟତର ଦେଉଳସାହି ଗାଁରେ ମହାପ୍ରଭୁଙ୍କ ପହଣ୍ଡି ବିଜେ ପରେ ଅପରାହ୍ନ ୪ଟାରେ ବହୁ ଶ୍ରଦ୍ଧାଳୁ ରଥ ରଥ ଟାଣି ଥିଲେ।

## ଓଁକାର କ୍ଷେତ୍ର ଓଳକଣା, ଶ୍ରୀଦଧିବାନ ଜୀଉଙ୍କ ରଥଯାତ୍ରା



**ଡେରାବିଶ ୨୭।୬ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳରେ ଅବସ୍ଥିତ ଓଁକାର କ୍ଷେତ୍ର ଭାବେ ପରିଚିତ ଓଳକଣା ମେଳଣ ପଡ଼ିଆରେ ରଥଯାତ୍ରା ହୋଇଯାଇଛି। ରଥ ଉପରେ ସମସ୍ତ ନୀତିକାନ୍ତି ସରିବା ପରେ ନୃସିଂହ ପୃଷ୍ଟି ଛେରାପହଁରା କରିଥିଲେ। ପରେ ରଥଟଣା ଯାଇଥିଲା। ସନ୍ଧ୍ୟାରେ ମାଉସୀ ମା' ମନ୍ଦିର ନିକଟରେ ରଥକୁ ପହଞ୍ଚି ଥିଲା। ଏହି ପୀଠର ପରମ୍ପରା ଅନୁଯାୟୀ ଗୋଟିଏ ଦଉଡ଼ିକୁ ପୁରୁଷ ଟାଣିଥିବାବେଳେ ଅନ୍ୟ ଏକ ରଥ ଦଉଡ଼ିକୁ କେବଳ ମହିଳାମାନେ ଟାଣୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସେହିପରି ଡେରାବିଶର ଶ୍ରୀ ଶ୍ରୀଦଧିବାବନଜୀଉଙ୍କ ମନ୍ଦିରରେ ରଥଯାତ୍ରା ହୋଇଛି। ଗୋଟି ପହଣ୍ଡିରେ ଶ୍ରୀଜୀଉଙ୍କୁ ଅପରାହ୍ନରେ ଅଣାଯାଇ ରଥାରୁଢ଼ କରାଯାଇଥିଲା। ମନ୍ଦିରର ମୁଖ୍ୟ ପୁଜକ ସମିତ କୁମାର ମହାପାତ୍ର ଏଥିରେ ଛେରା ପହଁରା କରିଥିଲେ। ବହୁ ଭକ୍ତ ରଥାରୁଢ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ରଥକୁ କିଛି ବାଟ ଟାଣି ଥିଲେ। ଶନିବାର ଅପରାହ୍ନରେ ପୁଣି ଏହି ରଥକୁ ଟଣାଯିବା ନେଇ ମନ୍ଦିର ଟ୍ରଷ୍ଟିଙ୍କ ସୁଚନାରୁ ଜଣାଯାଇଛି।

## ଭକ୍ତଙ୍କ ମେଳରେ ଶ୍ରୀଦଧିବାମନ ଜୀଉ

**କେନ୍ଦ୍ରାପଡ଼ା, ୨୭।୬ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ବ୍ଲକ ଚନ୍ଦନପୁର ପଞ୍ଚାୟତ ଚଉଦକୁଳାଟର ତମାଳଶାସନ କ୍ଷେତ୍ରାଧିପତି ଶ୍ରୀଦଧିବାମନଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୩ଟାରେ ଶ୍ରୀଜୀଉଙ୍କ ଗୋଟି ପହଣ୍ଡି ପରେ ଶ୍ରୀଜୀଉ ରଥାରୁଢ଼ ହୋଇଥିଲେ। ବାଡଗ୍ରାହୀ କିଶୋର ଚନ୍ଦ୍ର ମିଶ୍ର, ରମାକାନ୍ତ ମିଶ୍ର, ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ରଥ ଉପରେ ଶ୍ରୀଜୀଉଙ୍କ ନୀତିକାନ୍ତି ସମାପନ କରିଥିଲେ। ପଣ୍ଡିତ ତ୍ରିଲୋଚନ ମିଶ୍ର ଛେରା ପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଦଧିବାମନ ଚେତନା ପରିଷଦ ପକ୍ଷରୁ ଦଧିବାମନ ହିଁ ଶ୍ରୀଜଗନ୍ନାଥ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପରିଷଦର ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବହୁ ବୁଦ୍ଧିଜୀବୀ ଭାଗ ନେଇଥିଲେ।

# ଭକ୍ତ ମେଳରେ ଭଗବାନ

**ଜଗତ୍‌ସିଂହପୁର, ୨୭।୬ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଗାଁ ଓ ସହରରେ ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିଦ୍ଧଳସ୍ଥିତ ବଳଦେବଜୀଉ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ରୀତିନୀତି ଅନୁଯାୟୀ ରଥଯାତ୍ରା କରାଯାଇଥିଲା। ଏଥିରେ ଠାକୁର ରାଜା ଭାବେ ଜିଲାପାଳ ଜେ. ସୋନାଲ ଯୋଗଦେଇ ରଥ ମାର୍ଜନା ଓ ଛେରାପହଁରା ସହ ସମସ୍ତ କାର୍ଯ୍ୟ କରିଥିଲେ। ପରେ ସର୍ବସାଧାରଣଙ୍କ ଭୋଗଲାଗି ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ରଥଯାତ୍ରା ଦେଖିବା ପାଇଁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଏଥିରେ ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟି ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ସେହିପରି ସରାପ୍ପୋ, ଜଗତ୍‌ସିଂହପୁର ସହରର ପାଣିଶାଳିଆ, ଜଗତ୍‌ସିଂହପୁର ବ୍ଲକର ବାରଙ୍ଗ, ପୋକପୁର, ଖଇରଙ୍ଗ, ବଟଶ୍ରୀକ୍ଷେତ୍ର ଆଦି ସ୍ଥାନରେ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।

**ଏରସମା, ( ଦୀପ୍ତି ଖଣ୍ଡୁଆଳ )**

ଏରସମା ବ୍ଲକ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର (ବ୍ରଜକିଶୋରଦେବ)ଙ୍କ ପୀଠରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜୀଉଙ୍କୁ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯାଇ ରଥାରୂଢ଼ କରାଯାଇଥିଲା ଠାକୁର ରାଜାଭାବେ ନିରଞ୍ଜନ ପ୍ରସାଦ ଦାସ ସୁସଜ୍ଜିତ ପାଲିଙ୍କିରେ ଆସି ଛେରା ପହଁରା କରିଥିଲେ। ଏହାପରେ ଭକ୍ତମାନେ ରଥ ଟାଣିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ବିଧାୟକ ସାରଦା ପ୍ରସନ୍ନ ଜେନା, ଏମ୍‌ପି ବିଷ୍ଣୁପ୍ରସାଦ ତରାଇ, ବାଲିକୁଦାର ପୂର୍ବତନ ବିଧାୟକ ଡ.ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି ସରବନ୍ତ ରଥଯାତ୍ରାରେ ନିମାଇଁ ଚରଣ ମଲ୍ଲିକ ଠାକୁର ରାଜା ଭାବେ ଛେରା ପହଁରା କରିଥିଲେ। ଏହାଛଡ଼ା କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର ଭିରଙ୍ଗ, କୋଠି ନିମୋଳ, ଭିତର ଅନ୍ଧାରି ପଞ୍ଚାୟତର ପୋତକରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।



ରଘୁନାଥପୁରସ୍ଥିତ ଗୋପାଳପୁର।

**ରଘୁନାଥପୁର,(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ କାଳିଆ ଠାକୁରଙ୍କ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରଘୁନାଥପୁର ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥ ତୋଳା ବଡଦାଣ୍ଡରେ ୨୩୬ ବର୍ଷ ପ୍ରାଚୀନ ଜଗନ୍ନାଥଙ୍କ ଘୋଷଯାତ୍ରାରେ ପ୍ରଭୁଙ୍କୁ ରଥାରୂଢ଼ କରାଯାଇଥିଲା।ଏହାପରେ ଶିବନ ମିତ୍ର ଛେରାପହଁରା କରିଥିଲେ। ଶ୍ରୀଦେବ ସରକାର, ସୂର୍ଯ୍ୟକାନ୍ତ ସାହୁ, ସୁବ୍ରତଜ୍ୟୋତି ମହାପାତ୍ର ଓ ଗ୍ରାମବାସୀଙ୍କ ସହଯୋଗରେ ରଥଟଣା ଆରମ୍ଭ ହୋଇଥିଲା। ଜଗନ୍ନାଥପୁର ବଜାରରେ ଥିବା ମଦନମୋହନଙ୍କ ରଥଯାତ୍ରାରେ ମଦନମୋହନ ଜେନା, ଶ୍ରୀଜଗନ୍ନାଥଙ୍କ ଦାରୁସ୍ଥଳ ଖରିପଡିଆରେ ଆଇନଜୀବୀ ଗଗନ ଦାସ ଓ ସାନପାଟଣାରେ ରଞ୍ଜନ କୁମାର ସାହୁ ଛେରାପହଁରା କାର୍ଯ୍ୟ ସମାପନ କରିବା ପରେ ରଥଟଣା ହୋଇଥିଲା। ସେହିପରି କୋଟକଣା, ନାରାୟଣୀ ଛକ, ଗୋପାଳପୁର(ଚନ୍ଦନ ପୋଖରୀ), ଭାଷିଲିପୁର, ଶିର୍ଲୋ ଗୋମତୀ ଆଶ୍ରମ, ଓଡ଼ପଡ଼ା(ସାନଦେବୀମେଳା), ଅରଙ୍ଗ, ତାରପୁର, ଗୋକୁଳପୁର, ଖଣ୍ଡତରି, ଜଇପୁର ହାଟ,ନାଳିବର, ରେଢୁଆ ହାଟ,ଟିକିଣିଆ, ମାହାଳହାଟ ମୁଗୁରିଆ, ତରିକୁନ୍ଦ, ଗୋଠିଣା, ବାରାଗୋଳ ଆଦି ସ୍ଥାନରେ ଶ୍ରୀଜୀଉଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**ନାଉଗାଁ, (ସୁଧା ବେହୁରା)**

ନାଉଗାଁ ବ୍ଲକର ଅଲଣା, ତିହୁଡା ବାଲିସାହିସ୍ଥିତ ଶ୍ରୀ ଶ୍ରୀ ପତିତପାବନ ଜୀଉ ମନ୍ଦିର, ଚାନ୍ଦଖାଁପାଟଣାସ୍ଥିତ ବଳଦେବଜୀଉ ମନ୍ଦିର ଆଦିରେ ପବିତ୍ର ଘୋଷଯାତ୍ରା ଉପଲକ୍ଷେ ଯଥାରୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାରୋଇ ଗୋବର୍ଦ୍ଧନ ପୀଠରେ ରୀତିନୀତି ଅନୁଯାୟୀ ରଥ ଟଣାଯାଇଥଲା। ୩ ଠାକୁର ରଥାରୂଢ ହେବା ପରେ ଠାକୁର ରାଜା ଭାବେ ଜ୍ଞାନରଞ୍ଜନ ବିଶ୍ୱାଳ ଛେରା ପହଁରା କରିଥିଲେ। ଏହାପରେ ଭକ୍ତମାନେ ରଥକୁ ତେଲସରାସ୍ଥିତ ମାଉସୀ ମା'ମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ମା'ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ। ଘୋଷଯାତ୍ରା ଦେଖିବା ପାଇଁ ବ୍ଲକ ତଥା ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



ସିଦ୍ଧଳସ୍ଥିତ ରଥଯାତ୍ରାରେ ରଥାରୂଢ଼ ତିନିଠାକୁର।



ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ ରଥାରୂଢ଼ ଠାକୁରଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।



ଏରସମା ସଦର ମହକୁମାର ରଥଯାତ୍ରା।



ପାରାଦୀପ ତୈଳ ବିଶୋଧନାଗାର ପରିଷଦରେ ଘୋଷଯାତ୍ରା।



ନାଉଗାଁସ୍ଥିତ ଗାରୋଇ ଗୋବର୍ଦ୍ଧନ ପୀଠ।





ରଣପୁରରେ ତିନି ଠାକୁରଙ୍କ ପହଣ୍ଡି ବିଜେ।

# ୨ ଘଣ୍ଟା ବିଳମ୍ବରେ ଆରମ୍ଭହେଲା ରଥଟଣା

ରଣପୁର,୨୭।୬(ସୁକାନ୍ତ କିଶୋର ଡାକୁଆ)

- ମାଉସୀମା ମନ୍ଦିର ପାଖରେ ତାଳଧ୍ୱଜ ରଥ
- ଆଜି ଦେବଦଳନ,ନନ୍ଦିଘୋଷ ରଥ ରଣା ହେବ

ଶୁକ୍ରବାର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଶ୍ରୀଜୀଉଙ୍କ ରଥଯାତ୍ରା ସବୁଠି ଅନୁଷ୍ଠିତ ହୋଇଛି । ନୟାଗଡ଼ ଜିଲା ରଣପୁର ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା । ଏହାପରେ ଶ୍ରୀଜୀଉ ଜନ୍ମବେଦୀ ମୁଖେ ଯାତ୍ରା କରିଛନ୍ତି । ଏଥିପାଇଁ ସକାଳୁ ରଣପୁର ଲୋକାରଣ୍ୟ ହୋଇଉଠିଥିଲା । ପାରମ୍ପରିକ ରୀତିନୀତି ଅନୁସାରେ ରଥଯାତ୍ରା ବିଧି ଶେଷ ପରେ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୨ଟା ୩୦ରେ ଆରମ୍ଭ ହୋଇଥିଲା ଠାକୁରମାନଙ୍କ ପହଣ୍ଡି ବିଜେ । ଠାକୁରଙ୍କ ସମସ୍ତ ନୀତିକାନ୍ତି ପରେ ଠାକୁରମାନେ ସିଂହଦ୍ୱାର ଛାଡିଥିଲେ । ପ୍ରଥମେ ଶ୍ରୀସୁଦର୍ଶନ ଦେବଦଳନ ରଥରେ ବିଜେ ପରେ ବଡ଼ଠାକୁର ଆସିଥିଲେ । ଦେବୀ ସୁଭଦ୍ରା ପହଣ୍ଡି ହୋଇ ରଥରେ ବିଜେ ହେବା ପରେ ଜଗତରନାଥ ଶ୍ରୀଜଗନ୍ନାଥ ରଥାରୁଢ଼ ହୋଇଥିଲେ । ପହଣ୍ଡି ଶେଷ ପରେ ରଣପୁର ରାଜା ଦିଲୀପ ଚନ୍ଦ୍ର ସିଂଦେଓ ପାଲିଙ୍କି ଶୋଭାଯାତ୍ରାରେ ମନ୍ତ୍ରୀ ସେନାପତିଙ୍କ ସହିତ ରାଜଉଆସରୁ ଆସି ୩ ରଥରେ ଛେରାପହଁରା କରିଥିଲେ । ଛେରାପହଁରା ସରିଲା ପରେ ରଥରେ ଘୋଡା ଜୋଚା ଯାଇଥିଲା । ଶେଷରେ ୨ ଘଣ୍ଟା ବିଳମ୍ବରେ ରଥ ଟଣା ଆରମ୍ଭ ହୋଇଥିଲା । ଶ୍ରଦ୍ଧାଳୁମାନେ ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଟାଣି ନେଇ ମାଉସୀ ମା'ଙ୍କ ମନ୍ଦିର ପାଖରେ ଲଗାଇଥିଲେ । ରାତି ହୋଇଯିବାରୁ ପ୍ରଶାସନ ତରଫରୁ ରଥ ଟଣାକୁ ବନ୍ଦ କରାଯାଇଥିଲା। ଶନିବାର ଜଗନ୍ନାଥ ମନ୍ଦିର ପାଖରେ ଥିବା ଦେବଦଳନ ରଥକୁ ମହିଳାମାନେ ଟାଣିବେ। ଏହାପରେ ନନ୍ଦିଘୋଷ ରଥକୁ ଟଣା ଯିବ ବୋଲି ସୂଚନା ମିଳିଛି । ଏହି ରଥଯାତ୍ରାରେ ପୂର୍ବତନ ରାଜ୍ୟସଭା ସଦସ୍ୟ ରବି ନାରାୟଣ ମହାପାତ୍ର ସହିତ ବାଚସ୍ପତି ସୁରମା ପାଢ଼ୀ ପ୍ରମୂଖ ଉପସ୍ଥିତ ରହି ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ ।

# ସନ୍ଧ୍ୟା ପୂର୍ବରୁ ମାଉସୀମା ମନ୍ଦିରରେ ପହଞ୍ଚିଲା ନାହିଁ ରଥ

## ଖଣ୍ଡପଡ଼ାରେ ଘୋଷଯାତ୍ରା

ଖଣ୍ଡପଡ଼ା,୨୭।୬(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରରେ ଶ୍ରୀଜଗନ୍ନାଥଜୀଉ ଓ ପ୍ରଭୁ ପତିତପାବନଙ୍କୁ ମନ୍ଦିରରୁ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯିବା ପରେ ପାରମ୍ପରିକ ପ୍ରଥାନୁଯାୟୀ ରଥ ଚାରିପାଖରେ ଛେରାପହଁରା ଶେଷ ହୋଇଥିଲା । ରାଜ ପରିବାରର ସଦସ୍ୟ ସିଦ୍ଧାର୍ଥ ଶେଖର ସିଂହ ୨ ରଥ ଚାରିପାଖରେ ଛେରାପହଁରା କରିବା ପରେ ବିଳମ୍ବରେ ରଥଟଣା ହୋଇଥିଲା । ସନ୍ଧ୍ୟା ପୂର୍ବରୁ ୨ ରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚି ନ ପାରିବାରୁ ଭକ୍ତ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି, କୁମ୍ଭାରପଡ଼ା, ବାଣପୁର ଓ ମର୍ଦ୍ଦରାଜପୁର ଠାରେ ଶ୍ରୀଜୀଉଙ୍କ ଘୋଷଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ଯାତ୍ରାରେ ମା'ଉମାଦେବୀ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଜନସାଧାରଣଙ୍କ ନିମନ୍ତେ ଟଙ୍କ ତୋରାଣି ଓ ଥଣ୍ଡା ପାନୀୟଜଳର ବ୍ୟବସ୍ଥା କରାଯାଇଥିଲା। ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ସ୍କାଉଟ ଓ ଗାଇଡ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଜନସାଧାରଣଙ୍କୁ ଦହିପଣା ବଣ୍ଟନର ବ୍ୟବସ୍ଥା କରାଯାଇଥିଲା ।ଚଳିତ ବର୍ଷ ଖଣ୍ଡପଡ଼ା ବ୍ଲକ ସିଧାମୂଳ ପଞ୍ଚାୟତ ଅଧୀନ ବଳରାମ ପ୍ରସାଦ ଗ୍ରାମରେ ପ୍ରଥମକରି ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ବରିଷ୍ଠ ନାଗରିକ ସନାତନ ଲେଙ୍କା ରଥରେ ଛେରାପହଁରା କରିଥିଲେ । ରଥାରୂଢ଼ ଜଗନ୍ନାଥଙ୍କୁ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ ପୀତବଳି ମନ୍ଦିରରେ ଅବସ୍ଥାପିତ କରାଯାଇଥିଲା ।



ଖଣ୍ଡପଡ଼ାରେ ରଥ ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ମହିଳା ଟାଣିଲେ ସୁଭଦ୍ରାଙ୍କ ରଥ

ନୟାଗଡ଼,୨୭।୬(ଲୋକନାଥ ମିଶ୍ର)

ରଥଯାତ୍ରାରେ ସାମିଲ ହୋଇ ରଥ ଟାଣିବାର ସୁଯୋଗ ପାଇ ଆତ୍ମହରା ହୋଇ ଉଠିଛନ୍ତି ଭକ୍ତ । ଭକ୍ତଙ୍କ ହୁଳହୁଳି ଓ ହରିବୋଲରେ ନୟାଗଡ଼ର ବଡଦାଣ୍ଡରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନୟାଗଡ ପୁରୁଣାସହରଠାରେ ବିଜେ ଜଗନ୍ନାଥଙ୍କ ଘୋଷଯାତ୍ରା ଅବସରରେ ଶୁକ୍ରବାର ସକାଳୁ ଠାକୁରଙ୍କ ମଙ୍ଗଳ ଆଳତି, ନୀତି ସ୍ନାନ, ବଲ୍ଲଭ, ସୂର୍ଯ୍ୟପୂଜା, ରୋଷଭୋଗ କରାଯିବା ପରେ ପୂର୍ବାହ୍ନ ୯ଟାରେ ରଥ ପ୍ରତିଷ୍ଠା କରାଯାଇଥିଲା । ମଧ୍ୟାହ୍ନ ୧୨ଟାରେ ଶ୍ରୀଜୀଉମାନଙ୍କ ପହଣ୍ଡିବିଜେ ହୋଇଥିଲା । ହଜାର ହଜାର ଭକ୍ତଙ୍କ ଗହଣରେ ରାଜା ରାମେଶ୍ୱର ପ୍ରସାଦ ସିଂମାନ୍ଧତାଙ୍କ ଦ୍ୱାରା ଅପରାହ୍ନ ସାଢ଼େ୨ ଟାରେ ଛେରାପହଁରା କାର୍ଯ୍ୟ ସମାପନ ହୋଇ ଅପରାହ୍ନ ୪ ରଥଟଣା ନୀତି



ନୟାଗଡ଼ରେ ମହିଳାମାନେ ସୁଭଦ୍ରାଙ୍କ ରଥ ଟାଣୁଛନ୍ତି।

ସମ୍ପନ୍ନ ହୋଇଥିଲା । ଭକ୍ତମାନେ ବଳଦେବଜୀଉଙ୍କ ତାଳଧ୍ୱଜ ରଥକୁ ଜିଲା ପାଠାଗାର ନିକଟରେ ଲଗାଇଥିଲେ । ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥକୁ ମହିଳାମାନେ ହନୁମାନ ମନ୍ଦିର ଓ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ନବନାଲ ମଠ ପୂର୍ବରୁ ଟାଣି ରଖିଛନ୍ତି । ସୁଭଦ୍ରା ରଥକୁ ଏସପି ଏସ୍. ସୁଶ୍ରୀ ଟାଣିଥିଲେ । ଡାହୁକର ଅଶ୍ଳୀଳ ଗୀତ ଚଳିତ ବର୍ଷ ବନ୍ଦ ରହିଛି ।

ଉପଜିଲାପାଳ କର୍ଣ୍ଣଦେବ ସମାଦାର, ନୟାଗଡ ତହସିଲଦାର ରାକେଶ କିଶୋର ସ୍ୱାଇଁଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା । ଆଇନଶୃଙ୍ଖଳା ପାଇଁ ୩ପ୍ଲାଟୁନ ଫୋର୍ସ ,୧ପ୍ଲାଟୁନ ସ୍ପେଶାଲ ପୋଲିସ ଅଫିସର ଓ ରିଜ୍ୟୁଡ କନଷ୍ଟେବଲ, ଜଣେ ଡିଏସପି ,୪ଜଣ ଇନ୍ସପେକ୍ଟର, ଏସ୍ଆଇ, ହୋମଗାର୍ଡ ଓ ଏଏସ୍ଆଇ ନିୟୋଜିତ ହୋଇଥିଲେ । ଏ ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲାଯାଇଥିଲା । ଉଦୟ ସଙ୍ଗୀତାୟନ ପକ୍ଷରୁ ରାତିରେ ଭଜନ ସମାରୋହ ଅନୁଷ୍ଠିତ ହୋଇଛି ।

# ମାଉସୀମା ମନ୍ଦିରରେ ପହଞ୍ଚିଲେ ଶ୍ରୀଜୀଉ



ଦଶପଲ୍ଲା,୨୭।୬(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଟାଉନସ୍ଥିତ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ପୂଜାବିଧି ସମ୍ପୂର୍ଣ୍ଣ ହେବା ପରେ ଅପରାହ୍ନ ସାଢ଼େ ୧ଟା ସମୟରେ ପହଣ୍ଡି କରାଯାଇ ଶ୍ରୀଜୀଉମାନଙ୍କୁ ରଥାରୂଢ଼ କରାଯାଇଥିଲା। ଅପରାହ୍ନ ୩ଟା ସମୟରେ ଦଶପଲ୍ଲା ରାଜା ଦିଗବିଜୟ ଚନ୍ଦ୍ର ଦେଓଭଞ୍ଜ ଛେରାପହଁରା କରିବା ପରେ ରଥ ଟଣା ହୋଇଥିଲା। ସନ୍ଧ୍ୟା ପୂର୍ବରୁ ରଥ ମାଉସୀ ମା' ମନ୍ଦିର ସମ୍ମୁଖରେ ଲାଗିଥିଲା । ସେହିପରି ସାତ ପାଟଣାଠାରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ପହଣ୍ଡି କରାଯାଇ ରଥ ଉପରକୁ ଅଣାଯାଇଥିଲା। ପରେ ରଥ ଟଣା ହୋଇଥିଲା। ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ। ସନ୍ଧ୍ୟା ପୂର୍ବରୁ ରଥ ପଣସ ପାଟଣାସ୍ଥିତ ମାଉସୀମା'ଙ୍କ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା । ଉଭୟ ସ୍ଥାନରେ ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ଏବଂ ଥାନା ଆଇଆଇସି ଅନୀତା ସାହୁ ଉପସ୍ଥିତି ରହି ଆଇନଶୃଙ୍ଖଳା ଉପରେ ନଜର ରଖିଥିଲେ ।

# ଜଗନ୍ନାଥ ଭଜନ ଲୋକାର୍ପିତ

ଶରଣକୁଳ,୨୭।୬(ଦୀପକ କର)

ପବିତ୍ର ଘୋଷଯାତ୍ରା ଅବସରରେ 'ଦେଖ ଗୁଣ୍ଡିଚାଯାତ' ଜଗନ୍ନାଥ ଭଜନ କୁନିକୁନି କଳାକାରମାନଙ୍କ ଦ୍ୱାରା ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। ଏଥିରେ ବେତାର ଓ ଦୂରଦର୍ଶନ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ କଣ୍ଠଦାନ କରିଥିବା ବେଳେ ହିମାଂଶୁ ବିଧାର ଗୀତ ରଚନା କରିଛନ୍ତି। ସେହିପରି ପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକ ଦୀପକ ପଟ୍ଟନାୟକ ସ୍ୱର ସଂଯୋଜନା କରିଥିବା ବେଳେ ଅଶୋକ କୁମାର ସାହୁ ସଙ୍ଗୀତ ପରିଚାଳନା କରିଛନ୍ତି। ଗୀତଟି ଅତି ଉଚ୍ଚ କୋଟିର ଓ ମନଛୁଆଁ ହୋଇଥିବା ଉପସ୍ଥିତ ଶ୍ରୋତାମାନେ ମତ ଦେଇଛନ୍ତି।

# ଶରଣକୁଳ,ଗୋଡ଼ିପଡ଼ା,ଓଡ଼ଗାଁରେ ରଥଯାତ୍ରା




ଶରଣକୂଳ ଓ ଗୋଡ଼ିପଡ଼ାରେ ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।

ନୟାଗଡ଼/ଶରଣକୁଳ/ ଓଡ଼ଗାଁ, ୨୭।୬
(ଲୋକନାଥ ମିଶ୍ର/ ଦୀପକ କର/ ଆଦର୍ଶ କୁମାର ପଟ୍ଟନାୟକ)

ଓଡିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱଦେବତା ଜଗନ୍ନାଥଙ୍କ ରଥଯାତ୍ରା ପାଳିତ ହୋଇଛି । ଅପରାହ୍ନ ୩ଟାରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ କରାଯାଇ ରଥାରୁଢ଼ କରାଯାଇଥିଲା । ଅପରାହ୍ନ ସାଢ଼େ ୩ଟାରେ ମନ୍ଦିରପରିଛା ତୋଷବନ୍ତ କର ତିନି ରଥରେ ଛେରାପହଁରା କରିଥିଲେ । ଅପରାହ୍ନ ସାଢ଼େ ୪ଟାରେ ରଥଟଣା ହୋଇଥିଲା । ବଳଦେବ ଜୀଉ, ସୁଭଦ୍ରା ଓ ଜଗନ୍ନାଥଙ୍କ ରଥ ମାଉସିମା ମନ୍ଦିରରେ ପହଞ୍ଚିବା ପରେ ଶ୍ରୀଜୀଉଙ୍କୁ ପହଣ୍ଡି ବିଜେ କରି ଗୁଣ୍ଡିଚା ମନ୍ଦିରକୁ ନିଆଯାଇଛି । ରଥ ପାଳିଆସେବକ ସୁନିଲ ବଡପଣ୍ଡା, ଓଡଗାଁ ଅତିରିକ୍ତ ତହସିଲଦାର ପବିତ୍ର ସେଠୀ, ମନ୍ଦିର ଭାରପ୍ରାପ୍ତ ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର ସହଯୋଗ କରିଥିବାବେଳେ ଶରଣକୁଳ ଥାନା ଆଇଆଇସି ପରମାନନ୍ଦ ଦଳେଇ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲେ ।

ସେହିପରି ଶରଣକୁଳ ଭିକାରୀପଡା ବ୍ରାହ୍ମଣ ଶାସନରେ ଶିଶୁମାନଙ୍କ ଦ୍ୱାରା କୁନି ରଥରେ ରଥଯାତ୍ରା ଅନୁଷ୍ଠିତ ହୋଇଛି । ଅନ୍ୟପକ୍ଷେ ଗୋଡିପଡାରେ ପୂଜା ପାଉଥିବା ଜଗନ୍ନାଥ ,ବଳଭଦ୍ର ଓ ସୁଭଦ୍ରାଙ୍କ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଛି । ଅପରାହ୍ନ ୫ଟାରେ ରଥଟଣା ହୋଇଥିଲା । ଅପରାହ୍ନ ୨ଟାରେ ଶ୍ରୀଜୀଉ ମାନଙ୍କର ସେନାପଟା କରାଯିବାସହ ଟାହିଆ ବନ୍ଧା ଯାଇଥିଲା । ସାଢ଼େ ୨ଟାରେ ମଙ୍ଗଳାପଣ ଓ ରାଜଭେଟି କରାଯିବାପରେ



ଓଡ଼ଗାଁ କୁରାଳ ଗ୍ରାମ ରଥରେ ଛେରାପହଁରା କରାଯାଉଛି।

ଘଣ୍ଟ, କାହାଳୀ ,ବାଜା ଧ୍ୱନୀରେ ଜୀଉମାନଙ୍କର ବିଜେ କରାଯାଇଥିଲା । କ୍ଷେତ୍ରବାସୀସାହୁ ଛେରାପହଁରା କରିବାପରେ ଅପରାହ୍ନ ୫ଟାରେ ରଥ ଟଣା ହୋଇଥିଲା । ପୂଜକ ଗଣେଶ୍ୱର ମିଶ୍ର ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ ।

ଓଡ଼ଗାଁ ରାଧାକାନ୍ତ ମଠରେ ବିଜେ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଓଡ଼ଗାଁ ବ୍ଲକର କୁରାଳ ଦଧିବାମନ ଜୀଉଙ୍କ ରଥ ପ୍ରତିଷ୍ଠା ପରେ ରଥାରୂଢ଼ ହୋଇଥିଲେ। ଭୁବନେଶ୍ୱରରେ ରହୁଥିବା କୁରାଳ ଗ୍ରାମର ବିଶିଷ୍ଟ ଶିଳ୍ପପତି ପଦ୍ମ ଚରଣ ପାତ୍ର ଛେରାପହଁରା କରିବା ପରେ ରଥ ଚାମର ଖୋଲି ଅଶ୍ୱ ବନ୍ଧା ଯାଇଥିଲା। ଆଖ ପାଖ ପଞ୍ଚାୟତ ଓ ଗଞ୍ଜାମ ଜିଲାର ଭକ୍ତ ରଥ ଟାଣିଥିଲେ। ସେହିପରି କୋମଣ୍ଡ ଡଙ୍କନାଶନ (ଦଧିବାମନ), ରଙ୍ଗଣୀପାଟଣା, କୋରପିଠା, ଗୌଡ଼ପୁଟ, ନନ୍ଦିଘୋର, ପଞ୍ଚରିଡା ଓ ସାକେରି ବଡଗୋରଡା, ଭାଲିଆଡିହି, ବାଉଁଶିଆ, ହରିହରପୁର, କୋତରଙ୍ଗ, ନୟାଗଡ ବ୍ଲକର ବଉଳସାହି ,ରଣପୁର ବ୍ଲକର ତଳାରୀବନ୍ଧରେ ଏହି ଯାତ୍ରା ଅନୁଷ୍ଠିତ ହୋଇଛି । ନୟାଗଡ଼ ସହରର ୪ ନଂ ୱାର୍ଡର ଆଖଣ୍ଡଳମଣି ସାହିରେ ବସ୍ତିପିଲାମାନେ ରଥ ଟାଣିଥିଲେ ।

# ବିଗ୍ରହଙ୍କ ନୀତିକାନ୍ତି ହୁଏ, ହୁଏନି ଘୋଷଯାତ୍ରା



ଖଣ୍ଡପଡ଼ା,୨୭।୬(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀନୀଳମାଧବ କ୍ଷେତ୍ର ସର୍ବବିଦିତ । ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ପାହାଡ଼ ଉପରେ ବିରାଜିତ ପ୍ରଭୁ ଶ୍ରୀ ନୀଳମାଧବଙ୍କ ପାର୍ଶ୍ୱ ଦେବତା ଭାବେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା'ସୁଭଦ୍ରା ପୂଜା ପାଉଛନ୍ତି । ପୁରୀ ଶ୍ରୀମନ୍ଦିର ପୂଜାନୀତି ପରି ନୀଳମାଧବଙ୍କ ୧୨ ମାସରେ ତେରଯାତ୍ରା ପାଳିତ ହୋଇଥାଏ । ପ୍ରତିବର୍ଷ ଆଷାଢ଼ମାସରେ ବିଗ୍ରହମାନଙ୍କର ଦେବସ୍ନାନ ପୂର୍ଣ୍ଣିମା, ଅନବସର ନୀତି, ନବଯୌବନ ଦର୍ଶନ ଓ ସୁନାବେଶ ପରି ସମସ୍ତ ରୀତିନୀତି ଅନୁଷ୍ଠିତ ହୋଇଥାଏ । ହେଲେ ପୁରୀରେ ପାଳିତ ହେଉଥିବା ମହାପ୍ରଭୁଙ୍କ ଘୋଷଯାତ୍ରା ପରି କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ ପୀଠରେ ରଥଯାତ୍ରା ଅନୁଷ୍ଠିତ ହୋଇ ନ ଥାଏ । ପୁରୀ ଜଗନ୍ନାଥ ମନ୍ଦିର ପରି ସମସ୍ତ ନୀତିକାନ୍ତି ପାଳନ କରାଯାଉଥିଲେ ମଧ୍ୟ କଣ୍ଟିଲୋରେ ଭିନ୍ନ ଏକ ପରମ୍ପରା ସ୍ୱରୁପ ବିଗ୍ରହମାନଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେଉ ନ ଥିବାରୁ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡ଼ା ଅଞ୍ଚଳବାସୀ ଓ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଆଗାମୀ ବର୍ଷରେ କଣ୍ଟିଲୋରେ ପ୍ରଭୁଙ୍କ ଘୋଷଯାତ୍ରାର ଶୁଭାରମ୍ଭ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।



▲ କେନ୍ଦୁଝର: ସର୍ବୋଚ୍ଚ ରଥରେ ଶ୍ରୀବଳଦେବଜୀଉ



▲ କୋରାପୁଟ: ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ



▲ ନୟାଗଡ଼: ରଣପୁରରେ ତିନିଠାକୁରଙ୍କ ରଥଟଣା



▲ କଟକ: ଚାନ୍ଦିନୀଚୌକ ରଥଯାତ୍ରାରେ ନୃତ୍ୟ ପ୍ରଦର୍ଶନ



▲ ବାରିପଦା: ଶ୍ରୀଜଗନ୍ନାଥଙ୍କ ପହଣ୍ଡି



▲ କେନ୍ଦ୍ରାପଡ଼ା: ଶ୍ରୀବଳଦେବଜୀଉଙ୍କ ପହଣ୍ଡି ବିଜେ



▲ ସୁବର୍ଣ୍ଣପୁର: କୋଟସମଲେଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ଧାଡ଼ି ପହଣ୍ଡି



▲ ଢେଙ୍କାନାଳ: ସହରସ୍ଥିତ ବଳରାମ ମନ୍ଦିରରେ ଅନୁଷ୍ଠିତ ରଥଯାତ୍ରା



▲ ଖୋର୍ଦ୍ଧା: ମହାପ୍ରଭୁଙ୍କ ଅନ୍ୟତମ ଲୀଳାକ୍ଷେତ୍ର କାଙ୍କଣଶିଖରୀସ୍ଥିତ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ଚିଲିକାରେ ଡଙ୍ଗାରେ ଅନୁଷ୍ଠିତ ରଥଯାତ୍ରା

# ହାଇଦ୍ରାବାଦ-ଦିଲ୍ଲୀ, ଚେନ୍ନାଇ-ବେଙ୍ଗାଲୁରୁ ସେମିଫାଇନାଲ

## ରଗ୍‌ବୀ ପ୍ରିମିୟର ଲିଗ୍

**ମୁମ୍ବାଇ, ୨୭।୬:** ମୁମ୍ବାଇର ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଜିଏମ୍ଆର ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ୍)ର ଲିଗ୍ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ପ୍ରଥମ ଓ ୪ର୍ଥ ଦଳଭାବେ ହାଇଦ୍ରାବାଦ ହିରୋଜ ଓ ଦିଲ୍ଲୀ ରେଜ୍ ଶନିବାର ପ୍ରଥମ ସେମିଫାଇନାଲ ଖେଳିବ। ଚେନ୍ନାଇ ବୁଲ୍ସ ଓ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ। ୨୯ ତାରିଖରେ ତୃତୀୟ ସ୍ଥାନ ଓ ଫାଇନାଲ ସହ ପ୍ରତିଯୋଗିତା ଶେଷ ହେବ।

ହାଇଦ୍ରାବାଦ ହିରୋଜ ଏକ ଲିଗ୍ ମ୍ୟାଚରେ ୩୧-୭ରେ ଦିଲ୍ଲୀ ରେଜ୍‌କୁ ପରାସ୍ତ କରିଛି। ଏଥିସହିତ ହାଇଦ୍ରାବାଦ ଦଳ ପଏଣ୍ଟ ଟେବୁଲର ଶୀର୍ଷରେ ରହି ଲିଗ୍ ପର୍ଯ୍ୟାୟ ଶେଷ କରିଛି। ମ୍ୟାଚର ପ୍ରଥମ ମିନିଟରୁ ହାଇଦ୍ରାବାଦ ପଏଣ୍ଟ ଅର୍ଜନ କରିଥିଲା। ସୁକୁମାର ହେମ୍ବ୍ରମ ଏକ ଟ୍ରାଇରୁ ଏବଂ ପରେ ଟେରିଓ ଟାମାନି ସହଜରେ ପଏଣ୍ଟ ହାସଲ କରିଥିଲେ। ଦିଲ୍ଲୀ ରେଜ୍ ଯଦିଓ ପେନାଲ୍ଟି ଟ୍ରାଇରୁ ପ୍ରତ୍ୟାବର୍ତ୍ତନ କରିଥିଲା ତେବେ ହାଇଦ୍ରାବାଦ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ପ୍ରଥମାର୍ଦ୍ଧ ବେଳକୁ ହିରୋଜର ଅଗ୍ରଣୀ ବ୍ୟବଧାନ ୨୧-୭ରେ ପହଞ୍ଚି ଯାଇଥିଲା। ହିରୋଜ ୧୦ ମ୍ୟାଚରୁ ୯ ବିଜୟ ଓ ୧ ପରାଜୟ ସହ ୩୪ ପଏଣ୍ଟ ହାସଲ କରି ଶୀର୍ଷସ୍ଥାନ ଅଧିକାର କରିଛି। ଦିଲ୍ଲୀ ରେଜ୍ ୧୦ ମ୍ୟାଚରୁ ୩ ବିଜୟ, ୨ ଡ୍ର ଓ ୫ ପରାଜୟ ସହିତ ୧୨ ପଏଣ୍ଟ ପାଇଛି। ଫଳରେ ହାଇଦ୍ରାବାଦ ପ୍ରଥମ ଏବଂ ଦିଲ୍ଲୀ ଦଳ ୪ର୍ଥ ସ୍ଥାନରେ ରହି ସେମିଫାଇନାଲ ଖେଳିବା ସ୍ପଷ୍ଟ ହୋଇଛି।

ପ୍ରତିଯୋଗିତାର ଶେଷ ଲିଗ୍ ମ୍ୟାଚରେ ମୁମ୍ବାଇ ଡ୍ରିମର୍ସ ୨୬-୧୪ରେ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସକୁ ହରାଇ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ୧୦ ମ୍ୟାଚ ଖେଳି ସାରିଥିବା ଚେନ୍ନାଇ ବୁଲ୍ସ ୬ ବିଜୟ, ୧ ଡ୍ର ଓ ୩ ପରାଜୟ ସହିତ ୨୫ ପଏଣ୍ଟରେ ରହିଥିବାରୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ ୧୦ ମ୍ୟାଚରୁ ୫ ବିଜୟ, ୧ ଡ୍ର ଓ ୪ ପରାଜୟ ସହିତ ୨୧ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ମୁମ୍ବାଇ ଡ୍ରିମର୍ସ ୧୦ ମ୍ୟାଚରୁ ୧ ବିଜୟ, ୨ ଡ୍ର ଓ ୭ ପରାଜୟ ସହିତ ୬ ପଏଣ୍ଟ ସହ ଟେବୁଲର ନିମ୍ନ ସ୍ଥାନରେ ରହିଛି। ଲିଗ୍‌ର ଅନ୍ୟ ଦୁଇ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଓ ମୁମ୍ବାଇ ଡ୍ରିମର୍ସର ଅଭିଯାନ ପୂର୍ବରୁ ଶେଷ ହୋଇଯାଇଛି। ଭୁବନେଶ୍ୱର ଭିତ୍ତିକ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୧୦ ମ୍ୟାଚରୁ ୨ ବିଜୟ, ୨ ଡ୍ର ଓ ୬ ପରାଜୟ ସହିତ ୧୧ ପଏଣ୍ଟ ସହ ୫ମ ସ୍ଥାନରେ ରହିଛି। ଅର୍ଥାତ୍ ୪ର୍ଥ ଦଳଭାବେ ସେମିଫାଇନାଲ ଯୋଗ୍ୟତା ପାଇଥିବା ଦିଲ୍ଲୀ ରେଜ୍‌ଠାରୁ ଦଳ ମାତ୍ର ୧ ପଏଣ୍ଟରେ ପଛରେ ପଡ଼ି ଯାଇଛି।




ଦିଲ୍ଲୀ ରେଜ୍ ବିପକ୍ଷ ମ୍ୟାଚ ଅବସରରେ ହାଇଦ୍ରାବାଦ ହିରୋଜର ସୁକୁମାର ହେମ୍ବ୍ରମ ଓ ଟେରିଓ ଟାମାନି।

# ୱେଷ୍ଟଇଣ୍ଡିଜ ପେସର ସିଲ୍ସଙ୍କୁ ଜରିମାନା

**ବ୍ରିଜଟାଉନ୍ (ବାର୍ବାଡୋସ), ୨୭।୬ (ପି.ଟି.)**

ୱେଷ୍ଟଇଣ୍ଡିଜ ଫାଷ୍ଟ ବୋଲର ଜେଡେନ ସିଲ୍ସଙ୍କୁ ତାଙ୍କ ମ୍ୟାଚ୍ ଫି'ର ୧୫ ପ୍ରତିଶତ ଜରିମାନା ହୋଇଥିବା ବେଳେ ତାଙ୍କୁ ୧ ଡିମେରିଟ୍ ପଏଣ୍ଟ ପ୍ରଦାନ କରାଯାଇଛି। ଏଠାରେ ଅଷ୍ଟ୍ରେଲିଆ ବିପକ୍ଷ ଓପନିଂ ଟେଷ୍ଟର ପ୍ରଥମ ଦିବସରେ ପ୍ୟାଟ କମିନ୍ସଙ୍କ ଆଉଟ୍ ପରେ ଏହି ବ୍ୟାଟରଙ୍କ ପ୍ରତି ଯେଉଁଭଳି ଆଚରଣ ଦେଖାଇଲେ ତାହା ଦୋଷାବହ। ଏହାଦ୍ୱାରା ସେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଧାରା-୧ର ଉଲ୍ଲଂଘନ କରିଥିଲେ। ୨୪ ମାସ ମଧ୍ୟରେ ସିଲ୍ସଙ୍କର ଏହା ଦ୍ୱିତୀୟ ଅପରାଧ। ସେ ତାଙ୍କ ଦୋଷ ମାନିନେବା ସହ ଦଣ୍ଡକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ବୁଧବାର ମ୍ୟାଚର ପ୍ରଥମ ଦିବସରେ ଘଟଣାଟି ଉଠିଥିଲା। ଅଷ୍ଟ୍ରେଲୀୟ ଅଧିନାୟକ କମିନ୍ସ ଆଉଟ ହେବା ପରେ ସିଲ୍ସ ତାଙ୍କୁ ଡ୍ରେସିଂରୁମ୍ ଫେରିଯିବା ଲାଗି ଯେପରି ଇଙ୍ଗିତ କଲେ ତାହା ଆପତ୍ତିଜନକ ଥିଲା। ସିଲ୍ସ ୬୦ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ଭ୍ରମଣକାରୀ ଦଳ ପ୍ରଥମ ଇନିଂସରେ ୧୮୦ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ପୂର୍ବରୁ ଗତ ଡିସେମ୍ବରରେ ଜାମାଇକାର କିଙ୍ଗ୍‌ସଟନଠାରେ ବାଂଲାଦେଶ ବିପକ୍ଷ ଏକ ଟେଷ୍ଟ ମ୍ୟାଚରେ ସିଲ୍ସଙ୍କୁ ଗୋଟିଏ ଡିମେରିଟ୍ ପଏଣ୍ଟରେ ଦଣ୍ଡିତ କରାଯାଇଥିଲା।

# ଜୁଲାଇ ୧୦ରୁ ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍

**ଭୁବନେଶ୍ୱର, ୨୭।୬ (ତପନ ସ୍ୱାଇଁ)**

ଢେଙ୍କାନାଳରେ ଆସନ୍ତା ଜୁଲାଇ ୧୦ରୁ ୧୩ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍ ଉଭୟ ବାଳିକା ଓ ବାଳକ ବର୍ଗରେ ଅନୁଷ୍ଠିତ ହେବ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଓ ଢେଙ୍କାନାଳ ଜିଲା ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଢେଙ୍କାନାଳ ଟାଉନ୍ ହଲରେ ଆୟୋଜନ ହେବ। ପ୍ରତ୍ୟେକ ବର୍ଗର ଶ୍ରେଷ୍ଠ ୧୦ ଖେଳାଳିଙ୍କୁ ଆକର୍ଷଣୀୟ ଟ୍ରଫି ସହ ମୋଟ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିପରି ୬, ୭, ୮ ଏବଂ ୯ ବର୍ଷରୁ କମ୍ ବୟସର ଶ୍ରେଷ୍ଠ ୩ ବାଳକ ଓ ବାଳିକା ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯିବ। ଆଗ୍ରହୀ ଖେଳାଳିମାନେ ପଞ୍ଜୀକରଣ ପାଇଁ ସନ୍ତୋଷ କୁମାର ମହାପାତ୍ରଙ୍କ ସହ ଯୋଗାଯୋଗ କରିପାରିବେ। ପ୍ରତିଯୋଗିତା ପାଇଁ ଏଣ୍ଟ୍ରି ଫି' ୭୦୦ଟଙ୍କା ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଜୁଲାଇ ୯କୁ ଶେଷ ତାରିଖ ରଖାଯାଇଛି। ଢେଙ୍କାନାଳ ଜିଲା ଚେସ୍ ଆସୋସିଏଶନ ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ସମ୍ପାଦକ ଦେବବ୍ରତ ଭଞ୍ଜଙ୍କ ସହିତ ସନ୍ତୋଷ ମହାପାତ୍ର, ଆଶିଷ ମିଶ୍ର, ଅଶୋକ ମିଶ୍ର, ସାଗରିକା ମିଶ୍ର, ରାଜେନ୍ଦ୍ର ସାମଲ ଏବଂ ସୁଶାନ୍ତ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ଓପନ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ଦୁଇ ଖେଳାଳି ଆଗାମୀ ଜାତୀୟ ୧୧ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ। ଏହା ଅଗଷ୍ଟ ୨ରୁ ୮ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଜଳଗାଓଁରେ ଅନୁଷ୍ଠିତ ହେବ।

# ସତ୍ୟନାରାୟଣ ଚାମ୍ପିୟନ




ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

## ରାଜ୍ୟ ୯ ବର୍ଷରୁ କମ୍ ଚେସ୍

**ଭୁବନେଶ୍ୱର, ୨୭।୬ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୯ ବର୍ଷରୁ କମ୍ ଓପନ ଚେସ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସତ୍ୟ ନାରାୟଣ ସ୍ୱାଇଁ ପୂରା ୫ ପଏଣ୍ଟ ସହ ଚାମ୍ପିୟନ ହୋଇଛନ୍ତି। ଦିବ୍ୟ ଦୃଷ୍ଟି ଶତପଥୀ ରନରଅପ୍ ହୋଇଥିବାବେଳେ ଆର୍ଯ୍ୟମ ପ୍ରଧାନ, ମୟଙ୍କ ବରାଳ ଓ ରେୟାଂଶ ମହାନ୍ତି ପରବର୍ତ୍ତୀ ୩ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଜଣେ ଲେଖାଏ ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ ଏବଂ ୧୦ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ।

# ଶ୍ରୀଲଙ୍କାକୁ ଆଉ ୪ ଉଇକେଟ ଆବଶ୍ୟକ

**କଲମ୍ବୋ (ଶ୍ରୀଲଙ୍କା), ୨୭।୬ (ଏପି)**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଆୟୋଜକ ଶ୍ରୀଲଙ୍କା ଇନିଂସ ବିଜୟ ପାଇଁ ଆହୁରି ୪ ଉଇକେଟ ଆବଶ୍ୟକ କରୁଛି। ଶୁକ୍ରବାର ଥିଲା ମ୍ୟାଚର ତୃତୀୟ ଦିବସ। ବାଂଲାଦେଶ ଷ୍ଟମ୍ପ ଅପସାରଣ ବେଳକୁ ଏହାର ଦ୍ୱିତୀୟ ଇନିଂସରେ ୬ଉଇକେଟ ବିନିମୟରେ ୧୧୫ ରନ କରିଛି। ଏହା ସତ୍ତ୍ୱେ ଦଳ ଶ୍ରୀଲଙ୍କାର ପ୍ରଥମ ଇନିଂସ ସ୍କୋର ୪୫୮ରନଠାରୁ ଆହୁରି ୯୬ରନ ପଛରେ ରହିଛି। ବାଂଲାଦେଶ ପ୍ରଥମ ଇନିଂସରେ ୨୧୧ରନରେ ଅଲଆଉଟ ହୋଇଯାଇଥିଲା। ବାଂଲାଦେଶ ଦ୍ୱିତୀୟ ଇନିଂସରେ ଏନାମୁଲ ହକ୍ (୧୯), ଶଦମନ ଇସ୍‌ଲାମ (୧୨), ମୋମିନୁଲ ହକ୍ (୧୫), ଅଧିନାୟକ ନାଜମୁଲ ହୋସେନ ଶାନ୍ତୋ(୨୬), ମୁସ୍‌ଫିକର ରହିମ (୨୬) ଓ ମେହେଦି ହସନ ମିରାଜ (୧୧) ଶୀଘ୍ର ପ୍ୟାଭିଲିଅନ ଫେରିଥିଲେ। ତେଣୁ ଦଳ ଭଲ ଆରମ୍ଭ କରିପାରି ନ ଥିଲା। ଲିଟନ ଦାସ ୧୩ ରନ କରି ଅପରାଜିତ ରହିଛନ୍ତି। ଶ୍ରୀଲଙ୍କା ଅଧିନାୟକ ଧନଞ୍ଜୟ ଡି' ସିଲ୍‌ଭା (୨/୧୩) ଓ ହାମହାତି ସ୍ପିନର ପ୍ରବାଥ ଜୟସୁରିୟା (୨/୪୭) ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ସକାଳେ ଶ୍ରୀଲଙ୍କା ତୃତୀୟ ଦିବସ ଖେଳ ୨୯୦/୨ରେ ଏହାର ଖେଳ ଆରମ୍ଭ କରିଥିଲା। ୧୪୬ ରନ କରି ଅପରାଜିତ ରହିଥିବା ନାଶାଙ୍କା ନାଇଟ ୱାଚମ୍ୟାନ ଜୟସୁରିୟାଙ୍କ ସହ ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟେ ମଧ୍ୟାହ୍ନଭୋଜନ ସୁଦ୍ଧା ଦଳର ସ୍କୋରକୁ ୪୦୧/୬ରେ ପହଞ୍ଚାଇଥିଲେ। ଗାଲେଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୧୮୭ ରନ କରିଥିବା ନିଶାଙ୍କା ଦ୍ୱିତୀୟ ଇନିଂସରେ ଆଉଟ ହେବା ପୂର୍ବରୁ ୨୫୪ ବଲ୍‌ରୁ ୧୯ ଚୌକା ସହ ଚମତ୍କାର ୧୫୮ରନ କରିଥିଲେ। ସେ କ୍ରିଜ୍‌ରେ ୬ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅବସ୍ଥାନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୨୪୭

ଶ୍ରୀଲଙ୍କା ପ୍ରଥମ ଇନିଂସ: ୪୫୮ (ପାଥୁମ ନିଶାଙ୍କା-୧୫୮, ଦୀନେଶ ଚାଣ୍ଡିମଲ-୯୩, କୁସାଲ ମେଣ୍ଡିସ-୮୪, ଲାହିରୁ ଉଦାରା-୪୦ ; ତାଇଜୁଲ ଇସ୍‌ଲାମ-୫/୧୩୧, ନଇମ ହସନ-୩/୮୭)।

ବାଂଲାଦେଶ ଦ୍ୱିତୀୟ ଇନିଂସ (ଅସମାପ୍ତ): ୧୧୫/୬ (ମୁସ୍‌ଫିକର ରହିମ-୨୬ ; ଧନଞ୍ଜୟ ଡି' ସିଲ୍‌ଭା-୨/୧୩, ପ୍ରବାଥ ଜୟସୁରିୟା-୨/୪୭)।



ଧନଞ୍ଜୟ ଡି' ସିଲ୍‌ଭାଙ୍କ ଉଇକେଟ ହାସଲ ପରେ ଖୁସି ମୁହୂର୍ତ୍ତରେ ତାଇଜୁଲ ଇସ୍‌ଲାମ।

# ହକି ଇଣ୍ଡିଆ ମାଷ୍ଟର୍ସ କପ୍: ଓଡ଼ିଶା ମହିଳା ଦଳ ଚାମ୍ପିୟନ

**ଭୁବନେଶ୍ୱର, ୨୭।୬ (ତପନ ସ୍ୱାଇଁ)**

ଚେନ୍ନାଇରେ ଅନୁଷ୍ଠିତ ହକି ଇଣ୍ଡିଆ ମାଷ୍ଟର୍ସ କପ୍ ହକି ଟୁର୍ନାମେଣ୍ଟରେ ଓଡ଼ିଶା ମହିଳା ଦଳ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ୧-୦ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ତୃତୀୟ କ୍ୱାର୍ଟର ଅର୍ଥାତ୍ ୩୪ତମ ମିନିଟରେ ରଞ୍ଜିତା ବେକ୍ ସ୍କୋର କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ପର୍ଯ୍ୟାପ୍ତ ସମୟ ପାଇଥିଲେ ମଧ୍ୟ ପଞ୍ଜାବ ଦଳ ଗୋଲଟି ପରିଶୋଧ କରିପାରି ନ ଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ତାମିଲନାଡୁକୁ ୪-୩ ଗୋଲରେ ହରାଇ ହରିୟାଣା ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ପୁରୁଷ ହକି ଦଳ କିନ୍ତୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ବ୍ରୋଞ୍ଜ ପଦକ ମ୍ୟାଚରେ ଓଡ଼ିଶା ୧-୨ ଗୋଲରେ ଚଣ୍ଡିଗଡ଼ଠାରୁ ହାରି ଯାଇଛି।

**ତାମିଲନାଡୁ ପୁରୁଷ ବିଭାଗ ଚାମ୍ପିୟନ**

ପୁରୁଷ ବିଭାଗରେ ତାମିଲନାଡୁ ଟାଇଟଲ ହାସଲ କରିଛି। ସମ୍ପୂର୍ଣ୍ଣ ଏକପାଖିଆ ଫାଇନାଲରେ ତାମିଲନାଡୁ ୫-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ମୁଥୁସେଲଭାନ ଡି. ୩୦, ସୁଦର୍ଶନ ଏସ୍. ୩୪, ଗଭଥାମାନ ୩୬, ଥାମାରାଇକାନନ ୪୦ ଓ ରାମଦୋସ ଭି. ୫୨ତମ ମିନିଟରେ ଗୋଲ ଦେଇଥିଲେ।

# ଗୁଜରାଟରେ ୱାର୍ଲ୍ଡ ପୋଲିସ ଓ ଫାୟାର ଗେମ୍ସ

ଅହମଦାବାଦ, ୨୭।୬ (ପି.ଟି.): ଭାରତ ୨୦୨୯ ୱାର୍ଲ୍ଡ ପୋଲିସ ଓ ଫାୟାର ଗେମ୍ସର ଆୟୋଜନ ଅଧିକାର ହାସଲ କରିଛି। ଏହା ଗୁଜରାଟର ତିନୋଟି ଭେନ୍ୟୁ ଅହମଦାବାଦ, ଗାନ୍ଧୀନଗର ଓ ଏକ୍‌ତା ନଗର (କେଭାଡିଆ)ରେ ଅନୁଷ୍ଠିତ ହେବ। ଏଥିରେ ୧୦,୦୦୦ରୁ ଅଧିକ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ଏଥିରେ ୭୦ଟି ଦେଶର ପୋଲିସ, ଫାୟାର, କଷ୍ଟମ୍ସ ଓ କରେକ୍‌ଶନାଲ ସର୍ଭିସେସ ଡିପାର୍ଟମେଣ୍ଟରୁ ଆଥ୍‌ଲେଟମାନେ ପ୍ରତିନିଧିତ୍ୱ କରିବେ। ୱାର୍ଲ୍ଡ ପୋଲିସ ଓ ଫାୟାର ଗେମ୍ସ ୧୯୮୫ ମସିହାରୁ ଆୟୋଜିତ ହୋଇ ଆସୁଛି। ଦକ୍ଷିଣ ଏସିଆର ପ୍ରଥମ ଦେଶ ଭାବେ ଭାରତ ଏହି ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି। ପୂର୍ବରୁ ଏହି ସମ୍ମାନଜନକ ଇଭେଣ୍ଟର ଆୟୋଜନ କରିଥିବା ଦେଶଗୁଡ଼ିକ ମଧ୍ୟରେ କାନାଡା, ଅଷ୍ଟ୍ରେଲିଆ, ନେଦରଲାଣ୍ଡ, ଚାଇନା ଓ ଯୁକ୍ତରାଷ୍ଟ୍ର ଆମେରିକା ଅନ୍ୟତମ। ଭାରତ ଆହୁରି ମଧ୍ୟ ଇତିମଧ୍ୟରେ ୨୦୩୬ରେ ପ୍ରଥମ ଥର ଅଲିମ୍ପିକ ଗେମ୍ସର ଆୟୋଜନ ଲାଗି ବିଡ୍ ଦାଖଲ କରିଛି।




ଚେନ୍ନାଇରେ ଶୁକ୍ରବାର ଉଦ୍‌ଯାପିତ ହକି ଇଣ୍ଡିଆ ମାଷ୍ଟର୍ସ କପ୍ ହକି ଟୁର୍ନାମେଣ୍ଟରେ ମହିଳା ବିଭାଗ ଚାମ୍ପିୟନ ଓଡ଼ିଶା ଏବଂ ପୁରୁଷ ବର୍ଗ ଚାମ୍ପିୟନ ତାମିଲନାଡୁ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ